# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୩/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, October 13/2022 | Page 16 ₹ 7.00 | ★★★★★★

୪୮ଶ ଭାଗ ୩୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 317 | ମୂଲ୍ୟ ₹୭/-




## କମଳପ୍ରୀତ ବାସନ୍ଦ

ନିଷିଦ୍ଧ ଶକ୍ତିବର୍ଦ୍ଧକ ପଦାର୍ଥ ସେବନ ଅଭିଯୋଗରେ ଭାରତର ତାରକା ମହିଳା ଡିସ୍କସ୍ ଥ୍ରୋୟର କମଳପ୍ରୀତ କୌର ୩ ବର୍ଷ ବାସନ୍ଦ ହୋଇଛନ୍ତି।

୧୬

୧୨

## ଲୋକେ ମୋତେ ବିଶ୍ୱାସ କରୁନାହାନ୍ତି

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଡିପ୍ରେଶନ୍‌ରେ ଆକ୍ରାନ୍ତ ହେବା କଥାକୁ ଲୋକେ ବିଶ୍ୱାସ କରୁ ନ ଥିବା ସେ କହିଛନ୍ତି।






ଏନ୍ଇଟି ପରୀକ୍ଷା ପରିଚାଳନାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ଙ୍କ ଦାୟିତ୍ୱହୀନତା ପ୍ରତିବାଦରେ ବୁଧବାର ଛାତ୍ରୀଛାତ୍ରମାନେ ଏହାର ଦିଲ୍ଲୀ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବିମୁଦ୍ରୀକରଣ ନିଷ୍ପତ୍ତିର ତଦନ୍ତ ହେବ

**ନୂଆଦିଲ୍ଲୀ,୧୨।୧୦**

୨୦୧୬ ନଭେମ୍ବର ୮ ତାରିଖ ରାତି ୮ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣା କରିଥିଲେ। ଦେଶରୁ କଳାଧନ ହଟିବ, ନକଲି ନୋଟ୍ କାରବାର ବନ୍ଦ ହେବ, ଆତଙ୍କବାଦ ହ୍ରାସପାଇବ ଆଦି ବଡ଼ ବଡ଼ କଥା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମଧ୍ୟ ଏସବୁକୁ ଗୁରୁତ୍ୱ ଦେଇ ଚାଲିଥିଲା। ଦେଖିବାକୁ ଗଲେ ନକଲି ଔଷଧ, କୋଚିଂ ସେଣ୍ଟର ଭଳି ନକଲି ଟଙ୍କା ଦେଶର ସବୁ ସମୟରେ ଏବଂ ସ୍ଥାନରେ ଦେଖିବାକୁ ମିଳୁଛି। ଆର୍‌ବିଆଇ ବିମୁଦ୍ରୀକରଣ ଜରିଆରେ ଏଯାବତ୍ କୌଣସି ବେହିସାବ ଅର୍ଥର ପର୍ଦ୍ଦାଫାଶ କରିପାରି ନାହିଁ। ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଅନେକ ଅନ୍ତର୍ଜାତୀୟ ଫୋରମ୍‌ରେ ଆତଙ୍କବାଦ ରୋକିବାକୁ ଦାବି କରି ଆସୁଛନ୍ତି। ଏହାର ଅର୍ଥ ବିମୁଦ୍ରୀକରଣ ମାଧ୍ୟମରେ ଆତଙ୍କବାଦକୁ ରୋକାଯାଇପାରି ନାହିଁ। ବିମୁଦ୍ରୀକରଣ, ଜିଏସ୍‌ଟି ପରେ କୋଭିଡ୍ ସ୍ଥିତି ଦେଶର ଅର୍ଥନୀତିକୁ ଧୂଳିସାତ୍ କରିଦେଇଛି। ଏହିସବୁ ମନୁଷ୍ୟକୃତ ଏବଂ ଅର୍ଥନୈତିକ ଅନଭିଜ୍ଞତାର ପରିପ୍ରକାଶ ବୋଲି ବୁଦ୍ଧିଜୀବୀମାନେ କହିଆସୁଛନ୍ତି। ଏକଥାକୁ ସୁପ୍ରିମକୋର୍ଟ ମଧ୍ୟ ହୃଦୟଙ୍ଗମ କରିଛନ୍ତି। ବିମୁଦ୍ରୀକରଣ ନିଷ୍ପତ୍ତି ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ସୁପ୍ରିମକୋର୍ଟ ବୁଧବାର କହିବା ସହ କେନ୍ଦ୍ର ସରକାର



- **ଲକ୍ଷ୍ମଣରେଖା ପ୍ରତି ସଚେତନ ଅଛୁ: ସୁପ୍ରିମକୋର୍ଟ**
- **ସତ୍ୟପାଠ ଦାଖଲ ଲାଗି କେନ୍ଦ୍ର, ଆର୍‌ବିଆଇକୁ ନିର୍ଦ୍ଦେଶ**

ଏବଂ ଆର୍‌ବିଆଇଠାରୁ ବିସ୍ତୃତ ସତ୍ୟପାଠ ଲୋଡ଼ିଛନ୍ତି।

ସରକାରଙ୍କ ନୀତିଗତ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷାକୁ ନେଇ ରହିଥିବା 'ଲକ୍ଷ୍ମଣରେଖା' ପ୍ରତି ଆମେ ସଚେତନ ରହିଛୁ। ତେବେ ୨୦୧୬ ବିମୁଦ୍ରୀକରଣ ନିଷ୍ପତ୍ତିରେ ପହଞ୍ଚିବା କେବଳ ଏକ ଶୈକ୍ଷିକ ଅଭ୍ୟାସ ଥିଲା କି ନାହିଁ, ତାହାର ଅନୁଧ୍ୟାନ କରାଯିବ ବୋଲି ବୁଧବାର ସୁପ୍ରିମକୋର୍ଟ କହିଛନ୍ତି। ଏହି ପ୍ରସଙ୍ଗ ସାମ୍ବିଧାନିକ ଖଣ୍ଡପୀଠ ନିକଟରେ ଉଠିଛି। ଏହାର ଜବାବ ଦେବାଖଣ୍ଡପୀଠର ☞ପୃଷ୍ଠା-୪

# ଶିଳ୍ପ ଥାଇ ନିଯୁକ୍ତି ଆଶାୟୀ ନିରାଶ

**ଯାଜପୁର ଅଫିସ/ଅନୁଗୋଳ ଅଫିସ୍/ରାୟଗଡ଼ା ଅଫିସ୍,୧୨।୧୦**

ଖଣିଜ ସମ୍ପଦରେ ଭରପୂର ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପପତିମାନେ ଆଗ୍ରହ ଦେଖାଇ ଆସୁଛନ୍ତି। ସରକାର ସେମାନଙ୍କୁ ଜମି, ପାଣି, ଖଣି ସମେତ ସମସ୍ତ ସୁବିଧା ସୁଯୋଗ ଅତି ସହଜରେ ଉପଲବ୍ଧ କରାଉଛନ୍ତି। ସରକାରଙ୍କ ବଡ଼ ଆଶା ଓଡ଼ିଶାର ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବ, ଅର୍ଥନୈତିକ ବିକାଶ ଘଟିବ। ହେଲେ ଶିଳ୍ପ ସଂଖ୍ୟା ବୃଦ୍ଧି ପାଉଥିଲେ ବି ନିଯୁକ୍ତି ତଦନୁଯାୟୀ ହୋଇପାରୁନାହିଁ। ଶିକ୍ଷିତ ଯୁବତୀଯୁବକମାନେ ମଧ୍ୟ ନିଯୁକ୍ତି ଆଶା ବି ହରାଇ ଦେଉଛନ୍ତି, ଯାହାକି ବିଭିନ୍ନ ଜିଲାର କର୍ମ ନିୟୋଜନ ସଂସ୍ଥାର ତଥ୍ୟରୁ ସ୍ପଷ୍ଟ ହେଉଛି। ଯାଜପୁର ଜିଲାର ତଥ୍ୟ ଅନୁଯାୟୀ, ୨୦୧୪ରେ ୪୦,୨୭୨ ଶିକ୍ଷିତ ଯୁବତୀଯୁବକ ନିଯୁକ୍ତି ନିମନ୍ତେ ସେମାନଙ୍କ ନାମ ପଞ୍ଜୀକରଣକୁ ନବୀକରଣ କରିଥିଲେ। ୨୦୨୧ରେ

- **ପଞ୍ଜୀକରଣରେ ସୀମିତ ଜିଲା କର୍ମ ନିୟୋଜନ ସଂସ୍ଥା**
- **ହ୍ରାସ ପାଉଛି ନବୀକରଣ**

ଉକ୍ତ ସଂଖ୍ୟା ୨୦,୪୪୧ରେ ପହଞ୍ଚିଛି। ଅର୍ଥାତ୍ ଏହି ୮ ବର୍ଷ ମଧ୍ୟରେ ନବୀକରଣ ପ୍ରାୟ ୫୦%କୁ ହ୍ରାସ ହୋଇଛି। ଅନ୍ୟପକ୍ଷରେ ୨୦୧୪ ସୁଦ୍ଧା ଯାଜପୁର ଜିଲାରେ ୧୨ ବୃହତ୍ ଷ୍ଟିଲ ଏବଂ କ୍ରୋମ୍ ଶିଳ୍ପ ପ୍ରତିଷ୍ଠା ହୋଇଥିଲା। ଇତିମଧ୍ୟରେ ଆଉ ୬ଟି ସିମେଣ୍ଟ କାରଖାନା, ଗୋଟିଏ ଟ୍ୟୁବ୍ କାରଖାନା ପ୍ରତିଷ୍ଠା ହୋଇଛି। ଜିଲାର କଳିଙ୍ଗନଗର ଏବଂ ଜାରକା ଶିଳ୍ପାଞ୍ଚଳରେ ପ୍ରାୟ ୧୦ଟି ଲୁହାପଥର ପ୍ୟୁରିଫିକେଶନ, ପିଚୁ ଆଦି ଛୋଟ ଶିଳ୍ପ ଗଢ଼ିଉଠିଛି। କିନ୍ତୁ କର୍ମ ନିୟୋଜନ ସଂସ୍ଥା ଜରିଆରେ ଜିଲାର କୌଣସି କାରଖାନାରେ ଏଯାଏ ଜଣଙ୍କୁ ବି ନିଯୁକ୍ତି ମିଳିପାରିନାହିଁ। ଅନ୍ୟତମ ଶିଳ୍ପବହୁଳ ଜିଲା ଅନୁଗୋଳରେ କର୍ମ ନିୟୋଜନ ସଂସ୍ଥା ଜରିଆରେ ଶିଳ୍ପରେ ନିଯୁକ୍ତି ମିଳିପାରିନାହିଁ। ଏ କ୍ଷେତ୍ରରେ ରାୟଗଡ଼ା ଜିଲାରେ ସାମାନ୍ୟ ଭିନ୍ନ ସ୍ଥିତି ରହିଛି। ସେଠାକାର କର୍ମ ନିୟୋଜନ ସଂସ୍ଥା ଦ୍ୱାରା ଆୟୋଜିତ ନିଯୁକ୍ତି ମେଳା ଜରିଆରେ ଚଳିତବର୍ଷ ୫୦ଜଣଙ୍କୁ କେତେକ ଶିଳ୍ପରେ ନିଯୁକ୍ତି ମିଳିଥିବା ଜଣାପଡ଼ିଛି।

ଜିଲା କର୍ମ ନିୟୋଜନ ସଂସ୍ଥା ମାଧ୍ୟମରେ କମ୍ପଲସରି ନୋଟିଫିକେଶନ ଅଫ୍ ଭାକାନ୍ସି ଆକ୍ଟ ୧୯୫୯ ଅନୁଯାୟୀ ଖାଲି ପଦବୀରେ ନିଯୁକ୍ତି ବ୍ୟବସ୍ଥାକୁ ଉଦ୍ଦେଶ୍ୟମୂଳକ ଭାବେ ଶିଳ୍ପ ସଂସ୍ଥାଗୁଡ଼ିକ ଉଲ୍ଲଂଘନ କରି ଚାଲିଛନ୍ତି। ଏହାପଛରେ ରାଜନୀତି ଏବଂ ରାଜ୍ୟ ପ୍ରଶାସନରେ ଶିଳ୍ପପତିମାନଙ୍କ ଅଖଣ୍ଡ ପ୍ରଭାବ ରହିଛି ବୋଲି ଯାଜପୁରର ବୈଷୟିକ ଡିଗ୍ରୀଧାରୀ ଦେବାଶିଷ ରାଉତ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଡିଗ୍ରୀଧାରୀ ଆଲୋକ ରାଉତ, ଦେବେନ୍ଦ୍ର ବିଶ୍ୱାଳ ପ୍ରମୁଖ କୁହନ୍ତି, ଜିଲାର କାରଖାନାଗୁଡ଼ିକରେ ନିଯୁକ୍ତି ଆଶା ରଖି ବୈଷୟିକ ଶିକ୍ଷା ଗ୍ରହଣ କରିଛୁ। କିନ୍ତୁ ନିଯୁକ୍ତି ମିଳୁ ନ ଥିବାରୁ ବେକାର ଜୀବନ କାଟୁଛୁ। ଜଣେ ଓଡ଼ିଆ ପିଲା ରାଜ୍ୟ ବାହାରର ପରିଚୟ ଏବଂ ଅନୁଭୂତି ହାତେଇଲା ପରେ ଏଠାରେ ନିଯୁକ୍ତି ମିଳୁଛି ବୋଲି ସେମାନେ କହିଛନ୍ତି। ତଥ୍ୟ ଅନୁଯାୟୀ ବର୍ତ୍ତମାନ ଯାଜପୁରରେ ୧୬,୦୪୦ ଯୁବକ ଏବଂ ୩,୨୨୫ ଯୁବତୀଙ୍କୁ ମିଶାଇ ସମୁଦାୟ ୧୯,୨୬୫ ଜଣଙ୍କ ପଞ୍ଜୀକରଣ ବୈଧ ରହିଛି। ଏମାନଙ୍କୁ ଶିଳ୍ପସଂସ୍ଥାଗୁଡ଼ିକ ଉପେକ୍ଷା କରି ଚାଲିଛନ୍ତି। ଯେଉଁ କେତେଜଣ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବା କୁହାଯାଉଛି, ସେଥିରୁ ପ୍ରାୟ ଅସ୍ଥାୟୀ ଓ ଠିକା ନିଯୁକ୍ତି, ଦିନମଜୁରିଆ ବର୍ଗର। ଜିଲା ପ୍ରଶାସନରୁ ମିଳିଥିବା ରିପୋର୍ଟ ଅନୁସାରେ ୨୦୨୦ ମେ ସୁଦ୍ଧା କଳିଙ୍ଗନଗର ଶିଳ୍ପାଞ୍ଚଳର ୧୪ କାରଖାନାରେ ଅଦ୍ୟାବଧି ୮,୭୩୩ ଜଣ ନିୟମିତ ନିଯୁକ୍ତି ପାଇଛନ୍ତି। ସେଥିରୁ ଓଡ଼ିଶାର ୬,୦୭୧ ଜଣ ରହିଥିବାବେଳେ ରାଜ୍ୟ ବାହାରର ୨,୬୬୨ ଜଣ ରହିଛନ୍ତି। ସେଥିମଧ୍ୟରେ ବଡ଼ ପଦବୀରେ ପ୍ରାୟତଃ ରାଜ୍ୟ ବାହାରର ଲୋକଙ୍କୁ ନିଯୁକ୍ତି ମିଳୁଛି। ଅନ୍ୟପକ୍ଷରେ ୨୩,୭୮୭ ଜଣ ଠିକା ଶ୍ରମିକଙ୍କୁ ନିଯୁକ୍ତି ମିଳିଥିବାବେଳେ ସେଥିରୁ ଓଡ଼ିଶାର ୨୦,୫୯୪ ଏବଂ ରାଜ୍ୟ ବାହାରର ୩,୧୯୩ ଜଣ ରହିଛନ୍ତି। ଏହି ସବୁ ନିଯୁକ୍ତି କର୍ମ ନିୟୋଜନ ସଂସ୍ଥା ଦ୍ୱାରା ହେଉ ☞ପୃଷ୍ଠା-୪

# ମୂଲ୍ୟବୃଦ୍ଧି କମାଇବାରେ ଆର୍‌ବିଆଇ ବିଫଳ

**ନୂଆଦିଲ୍ଲୀ,୧୨।୧୦**

ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାରେ ବିଫଳ ହୋଇଛି। ସେପ୍ଟେମ୍ବରରେ ଖାଉଟି ମୂଲ୍ୟସୂଚୀ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ୭.୪୧ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ଗତ ୫ ମାସ ମଧ୍ୟରେ ସର୍ବାଧିକ। କ୍ରମାଗତ ତୃତୀୟ ତ୍ରୈମାସିକରେ ମୁଦ୍ରାସ୍ଫୀତି ସହ୍ୟ ସ୍ତର ୨-୬%ରୁ ଅଧିକ ରହିଛି। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ

## ମୁଦ୍ରାସ୍ଫୀତି ୭.୧୫%କୁ ବୃଦ୍ଧି

ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ତଥ୍ୟ ଅନୁଯାୟୀ ସେପ୍ଟେମ୍ବରରେ ମୁଦ୍ରାସ୍ଫୀତି ୭.୪୧%କୁ ବୃଦ୍ଧି ପାଇଛି। ଖାଦ୍ୟ ସାମଗ୍ରୀଗୁଡ଼ିକର ଦରଦାମ୍ ବୃଦ୍ଧି ଯୋଗୁ ଅଗଷ୍ଟରେ ମୁଦ୍ରାସ୍ଫୀତି ୭ ପ୍ରତିଶତକୁ ବଢ଼ିଥିଲା। ମୁଦ୍ରାସ୍ଫୀତିକୁ ୨ରୁ ୪ ପ୍ରତିଶତ ମଧ୍ୟରେ ସୀମିତ ରଖିବା ଲାଗି ସରକାର ଆର୍‌ବିଆଇ ଉପରେ ☞ପୃଷ୍ଠା-୪

# ଶ୍ରୀମନ୍ଦିରରେ ହବିଷିଆଳିଙ୍କୁ ମାଡ଼

**ପୁରୀ ଅଫିସ,୧୨।୧୦**

ଧର୍ମମାସ କାର୍ତ୍ତିକରେ ବ୍ରତ ପାଳିବା ସହ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଦର୍ଶନ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ହବିଷିଆଳିମାନେ ଶ୍ରୀକ୍ଷେତ୍ରକୁ ଧାଇଁ ଆସିଛନ୍ତି। ଏଠାରେ ୩ହଜାରରୁ ଊର୍ଦ୍ଧ୍ୱ ହବିଷିଆଳି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ବୃନ୍ଦାବତୀ ନିବାସ ସମେତ ୫ଟି କେନ୍ଦ୍ରରେ ରହିଛନ୍ତି। ହବିଷିଆଳିଙ୍କ ସୁରକ୍ଷିତ ରହଣି ଓ ମହାପ୍ରଭୁଙ୍କ ଦର୍ଶନ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେବେ ବୁଧବାର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବୃନ୍ଦାବତୀ ନିବାସରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ହବିଷିଆଳିଙ୍କୁ ଶ୍ରୀମନ୍ଦିରରେ ମାଡ଼ ମରାଯିବା ସହ ଦୁର୍ବ୍ୟବହାର କରାଯାଇଥିବା



କୁମାରୀ ନାୟକ

- **ଅଭିଯୋଗକୁ ଚପାଇ ଦେଉଛି ପ୍ରଶାସନ**
- **ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ଅଭିଯୋଗ ସାମ୍ନାକୁ ଆସିଛି। ବ୍ରହ୍ମଗିରି ବ୍ଲକ ଅଧୀନ ସାମପୁରର ୭୨ବର୍ଷୀୟା କୁମାରୀ ନାୟକ ଗଣମାଧ୍ୟମ ଆଗରେ ଏଭଳି ଅଭିଯୋଗ ଆଣି ସମ୍ପୃକ୍ତ ☞ପୃଷ୍ଠା-୪






# ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

ରେଳ କର୍ମଚାରୀମାନଙ୍କୁ ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ଉତ୍ପାଦନ ଭିତ୍ତିକ ବୋନସ (ପିଏଲ୍‌ବି) ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଯୋଗ୍ୟ ରେଳ କର୍ମଚାରୀମାନଙ୍କୁ ୭୮ଦିନର ପାରିଶ୍ରମିକ ବୋନସ୍ ଭାବେ ପ୍ରଦାନ କରାଯିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଧନର ସ୍ୱରୂପ ଓ ଲକ୍ଷ୍ମୀ**

# ଯନ୍ତ୍ରଣା ନିବାରକ 'ରୋବୋଟିକ୍ ପିଲ୍'

**ୱାଶିଂଟନ,୧୨।୧୦**

ମଧୁମେହ, କ୍ୟାନ୍ସର ଭଳି ଦୁରାରୋଗ୍ୟ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ପ୍ରତିଦିନ ଇଞ୍ଜେକ୍ସନ ନେବାକୁ ପଡ଼ିଥାଏ। ଅନେକ ଲୋକଙ୍କ ପକ୍ଷେ ନିୟମିତ ଇଞ୍ଜେକ୍ସନ୍ ନେବା ସହଜ କଥା ନ ହେଲେ ମଧ୍ୟ ଜୀବନ ରକ୍ଷା ପାଇଁ ସେମାନେ ଡରରେ ଏହା କରିଥାନ୍ତି। ତେବେ ଏ ପ୍ରକାର ଯନ୍ତ୍ରଣାକୁ ଲାଘବ କରିବା ପାଇଁ ଆମେରିକାର ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି) ପକ୍ଷରୁ ରୋବୋଟିକ୍ ପିଲ୍ ତିଆରି କରାଯାଇଛି। ଏହା ଜରିଆରେ ରୋଗୀଙ୍କୁ ଇନ୍‌ସୁଲିନ୍ ଏବଂ

- **ଇନ୍‌ସୁଲିନ୍ ସଟ୍‌ରୁ ମିଳିବ ନିସ୍ତାର**
- **ଶରୀରରେ ୨୦ରୁ ୪୦ ଗୁଣା ବଢ଼ିବ ମେଡିସିନ୍ ଆବ୍‌ଜର୍ଭ କାପାସିଟି**

ଆଣ୍ଟିବାୟୋଟିକ୍ ନେବା ଅଧିକ ସହଜ ହେବ। ଶରୀରରେ ଥିବା ମ୍ୟୁକସ୍ ବ୍ୟାରିୟରକୁ ଇନ୍‌ସୁଲିନ୍ ଓ ଆଣ୍ଟିବାୟୋଟିକ୍ ସହଜରେ ଭେଦ କରିପାରେ ନାହିଁ। ଫଳରେ ଇଞ୍ଜେକ୍ସନ ଦ୍ୱାରା ନିଆଯାଉଥିବା ଇନ୍‌ସୁଲିନ୍‌ର ମାତ୍ର ୧% ଶରୀର ମଧ୍ୟରେ ପ୍ରବେଶ କରିବାକୁ ସକ୍ଷମ ହେଉଥିବାବେଳେ ଏ ପ୍ରକାର ପ୍ରତିବନ୍ଧକକୁ ରୋବୋଟିକ୍ ପିଲ ଦୂର କରିବ ବୋଲି ଏମ୍‌ଆଇଟି ପକ୍ଷରୁ କୁହାଯାଇଛି। ରୋବୋଟିକ୍ ପିଲ୍ ମ୍ୟୁକସ୍ ବ୍ୟାରିୟରକୁ ଡ୍ରିଲ୍ କରି ଶରୀର ମଧ୍ୟକୁ ପ୍ରବେଶ କରିବ।



ରୋବୋଟିକ୍ ପିଲ୍ ବା ରୋବୋକ୍ୟାପ୍‌ର ଆକାର ମଲ୍ଟିଭିଟାମିନ୍ ଟାବ୍‌ଲେଟ୍ ଭଳି। ଏହା ଭିତରେ ଥିବା ତିନି କମ୍ପାର୍ଟମେଣ୍ଟରେ ଔଷଧ (ଇନ୍‌ସୁଲିନ୍, ଆଣ୍ଟିବାୟୋଟିକ୍) ରଖାଯିବାର ସୁବିଧା ରହିଛି। ଅଣ୍ଡାକାର ରୋବୋକ୍ୟାପ୍‌ର ବହିଃପାର୍ଶ୍ୱ ଜିଲେଟିନ୍‌ରେ ତିଆରି ହୋଇଥିବାବେଳେ ଏହା ନିର୍ଦ୍ଦିଷ୍ଟ ପିଏଚ୍ (ପୋଟେନ୍‌ସିଆଲ ଅଫ୍ ହାଇଡ୍ରୋଜେନ୍)ରେ ଶରୀର ମଧ୍ୟରେ ମିଳେଇଯିବ। ପିଲ୍‌କୁ ଗିଳିବା ପରେ ଯେତେବେଳେ ଏହା ପାକସ୍ଥଳୀରେ ପହଞ୍ଚେ ଧୀରେ ଧୀରେ ବାହାରର ଆବରଣ ମିଳେଇଯାଏ। ପିଲ୍‌ରେ ଖଞ୍ଜା ଯାଇଥିବା ମୋଟର ଆକ୍ଟିଭ୍ ହୋଇଯାଏ ଓ ରୋବୋକ୍ୟାପ୍ ପାକସ୍ଥଳୀରେ ଘୂରିବା ଆରମ୍ଭ କରିଦିଏ। ମ୍ୟୁକସ୍ ବ୍ୟାରିୟର୍‌କୁ ଭେଦ କରିବା ପରେ ଔଷଧ ଥିବା କମ୍ପାର୍ଟମେଣ୍ଟ କ୍ଷୀଣ ହୋଇଯାଏ, ଯାହାଫଳରେ ☞ପୃଷ୍ଠା-୪


# S.B.R. GOVT. (AUTO.) WOMEN'S COLLEGE, BERHAMPUR

## ADMISSION NOTICE: 2022-23

Offers Following Self Financing Courses for the Academic Session: 2022-23

| Courses | Duration | Eligibility |
|---|---|---|
| **BBA** (Bachelor of Business Administration in Banking & Finance) | 3 Yrs. | +2 in any discipline or equivalent. |
| **BCA** (Bachelor of Computer Application | 3 Yrs. | +2 in any stream with Mathematics/Business Mathematics/Statistics or equivalent |
| **MPMIR** (Master of Personnel Management and Industrial Relations) | 2 Yrs. | Any Graduate |

Forms and Information Bulletins are available at College Counter for Rs.150/- or you may download the form from the College website: **"www.sbrgautowomenscollege.ac.in"** on all working days.

**Last date of apply - 31.10.2022**

**Sd./- PRINCIPAL**

**FOR DETAILS CALL: 9776459935, 9861344648**

**ମିଗ୍ ୨୯ ଦୁର୍ଘଟଣାଗ୍ରସ୍ତ**

ଗୋଆ ସମୁଦ୍ର ତଟରେ ବୁଧବାର ବାୟୁସେନାର ମିଗ୍ ୨୯କେ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ହୋଇଥିବା କୁହାଯାଉଥିବାବେଳେ ପାଇଲଟ ସୁରକ୍ଷିତ ଅଛନ୍ତି। ସ୍ୱତନ୍ତ୍ର ବୋର୍ଡ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜେଟ୍ ନିଜର ନିୟମିତ ଉଡ଼ାଣ ଅଭ୍ୟାସରୁ ବେସ୍‌କୁ ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ୧୦ ବର୍ଷ ପୂର୍ବେ ୧୦୦ କୋଟି ଟଙ୍କା ବିନିମୟରେ ଭାରତ ସରକାର ରୁଷିଆଠାରୁ ୪୫ଟି ମିଗ୍ ୨୯ କେ କିଣିଥିଲେ।

# ବଳି ଦେଇ ଖାଇଥିଲେ ନରମାଂସ

**କୋଚି, ୧୨।୧୦**

କେରଳର କୋଚିରେ ଦୁଇ ମହିଳାଙ୍କୁ ବଳି ଦେବା ଘଟଣାରେ ଚାଞ୍ଚଲ୍ୟକର କଥା ସାମ୍ନାକୁ ଆସିଛି। ଅଭିଯୁକ୍ତମାନେ ଧନୀ ହେବା ଅନ୍ଧବିଶ୍ୱାସରେ ରୋଜେଲିନ୍(୫୦) ଏବଂ ପଦ୍ମମ(୫୨) ନାମ୍ନୀ ଦୁଇ ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରିବା ପରେ ସେମାନଙ୍କ ରକ୍ତ, ମାଂସ ମଧ୍ୟ ଖାଇଥିଲେ। ଏପରିକି ଜଣଙ୍କ ଶରୀରକୁ କାଟି ୫୬ ଖଣ୍ଡ କରିଥିଲେ ଏବଂ ସେମାନଙ୍କ ସ୍ତନ କାଟି ରକ୍ତ ବୋହିବା ପାଇଁ ଛାଡ଼ି ଦେଇଥିଲେ। ୩ ଟି ଖାଲରୁ ମୃତାଙ୍କ ଶରୀରର ବିଭିନ୍ନ ଅଙ୍ଗ ମିଳିଥିବା ପୋଲିସ ବୁଧବାର ସୂଚନା ଦେଇଛି। ଅଭିଯୁକ୍ତ ଭଗୱାଲ ସିଂ, ତାଙ୍କ ସ୍ତ୍ରୀ ଲୈଲା ଏବଂ ସହଯୋଗୀ ମହମ୍ମଦ ସାଫିଙ୍କୁ ପୋଲିସ କୋର୍ଟରେ ହାଜର କରାଇ ୧୪ ଦିନିଆ ରିମାଣ୍ଡରେ ନେଇଛି।

ପୋଲିସ ସୂଚନା ଅନୁସାରେ, ମୁଖ୍ୟ ଅଭିଯୁକ୍ତ ମହମ୍ମଦ ସାଫି ଜଣେ ଯୌନ ବିକୃତ। ଅନ୍ୟକୁ ହତ୍ୟା କରି ମଜା ପାଇବା ଭଳି ମାନସିକ ବିକୃତି ଥିବା ମହମ୍ମଦ ପର୍ନୋଗ୍ରାଫି ଫିଲ୍ମରେ ଅଭିନୟ ସୁଯୋଗ ଦେବା ପାଇଁ ରୋଜେଲିନ୍ ଏବଂ ପଦ୍ମମଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ଧନୀ ହେବା ପାଇଁ ମଣିଷ ବଳି ଦେବାକୁ ପଡ଼ିବ ବୋଲି ସେ ଭଗୱାଲ ଏବଂ ଲୈଲାଙ୍କୁ କହିଥିଲେ। ଏଲାନ୍ଥୁରରେ ଭଗୱାଲ ଏବଂ ସ୍ତ୍ରୀ ଲୈଲାଙ୍କ ଏକ ମସାଜ୍ ସେଣ୍ଟର ରହିଛି। ସାଫି ଗତ ଜୁନ୍‌ରେ ରୋଜେଲିନ୍ ଏବଂ ସେପ୍ଟେମ୍ବରରେ ପଦ୍ମମ୍‌ଙ୍କୁ ଭଗୱାଲଙ୍କ ଘରକୁ ଆଣିଥିଲେ। ଜୁନ୍ ୬ରେ ପ୍ରଥମେ ରୋଜେଲିନ୍ ଏବଂ ସେପ୍ଟେମ୍ବର ୨୬ରେ ପଦ୍ମମଙ୍କୁ ହତ୍ୟା ସେମାନେ ହତ୍ୟା କରିଥିଲେ। ସେମାନେ ମହିଳାଙ୍କ ଶରୀରର ବିଭିନ୍ନ ଅଙ୍ଗ କାଟି ତାହାକୁ ରାନ୍ଧି ଖାଇବା ସହ ରକ୍ତ ପିଇଥିବା ମଧ୍ୟ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହତ୍ୟାର ଶିକାର ହୋଇଥିବା ଦୁଇ ମହିଳାଙ୍କ ଯୌନାଙ୍ଗରେ ଗଭୀର କ୍ଷତ ରହିଥିବା ପୋଲିସ କହିଛି। ଯୌନ ବିକୃତ ସାଫି ୨୦୨୦ରେ ଜଣେ ୭୫ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର ସହ ତାଙ୍କ ଯୌନାଙ୍ଗକୁ ଆଘାତ କରିବା ଭଳି ସଙ୍ଗିନ ଅପରାଧରେ ଗିରଫ ହୋଇ ଜେଲ ଯାଇଥିଲେ। ପରେ ସେ ଜାମିନରେ ମୁକୁଳିଥିଲେ। ସ୍ଥାନୀୟ ବାସିନ୍ଦା ହୋଇଥିବାରୁ ସାଫି ପୂର୍ବରୁ ନିଜ ଟାର୍ଗେଟ ବାଛିଥିଲେ। ଘଟଣାରେ ଆଉ ଜଣଙ୍କ ସମ୍ପୃକ୍ତି ଥିଲେ ହେଁ ତାଙ୍କ ପରିଚୟ ଜଣାପଡ଼ିନାହିଁ ବୋଲି ପୋଲିସ କମିଶନର ସି.ଏଚ୍. ନାଗାରାଜୁ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସୋସିଆଲ ମିଡିଆରେ ଟ୍ରେସିଂ ଏବଂ ଅନ୍ୟ ତଥ୍ୟ ଆଧାରରେ ତାଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି।


ରୋଜେଲିନ୍


ପଦ୍ମମ

- କେରଳରେ ଦୁଇ ମହିଳାଙ୍କୁ ହତ୍ୟା ଘଟଣା
- ପର୍ନ ଫିଲ୍ମରେ ଅଭିନୟ କରିବାକୁ କହି ଡାକିଥିଲେ


ମହମ୍ମଦ ସାଫି


ଭଗୱାଲ ସିଂ


ଲୈଲା

## କେମିତି ପର୍ଦ୍ଦାଫାଶ କଲା ପୋଲିସ

ପେରୁମ୍ବାବେଲ୍ଲୁରର ବାସିନ୍ଦା ସାଫି(୫୨) କୋଚିରେ ରହୁଥିଲେ। ତାମିଲନାଡୁ ନିବାସୀ ପଦ୍ମମ ଏଲାମ୍‌କୁଲମ୍‌ରେ ଏକ ଭଡ଼ା ଘରେ ରହୁଥିବାବେଳେ ସେ ଲଟେରି ଟିକେଟ ବିକ୍ରି କରିଥାନ୍ତି। ଥ୍ରିଶୂର ବାସିନ୍ଦା ରୋଜେଲିନ୍ ଭାର୍ଗିଜ୍ କାଲାଡିରେ ରହୁଥିଲେ। ପଦ୍ମମ ସେପ୍ଟେମ୍ବର ୨୬ ପୂର୍ବାହ୍ନ ପ୍ରାୟ ୧୦ଟା ୧୫ରେ କୋଚିର ଚିତ୍ତୋର ରୋଡ୍‌ରୁ ଲଟେରି ଟିକେଟ କିଣିଥିଲେ। ପୋଲିସ ସେଠାରୁ ସିସିଟିଭି ଫୁଟେଜ୍ ସଂଗ୍ରହ କରିଥିଲା। ପଦ୍ମମ୍ ସାଫିଙ୍କ କାର୍‌ରେ ବସିବା ଏବଂ ସାଫି ତାଙ୍କୁ ଟଙ୍କା ଅଫର୍ କରିଥିବା ସିସିଟିଭି ଫୁଟେଜ୍‌ରୁ ପୋଲିସ ଦେଖିବାକୁ ପାଇଥିଲା। ଉଭୟେ ଅପରାହ୍ନ ପ୍ରାୟ ୪ଟାରେ ଭଗୱାଲ ସିଂଙ୍କ ଘରେ ପହଞ୍ଚିଥିଲେ। ସେପ୍ଟେମ୍ବର ୨୭ରେ ପଦ୍ମମଙ୍କ ଭଉଣୀ ଥାନାରେ ନିଖୋଜ ଏତଲା ଦେଇଥିଲେ। ରିମାଣ୍ଡ ରିପୋର୍ଟ ଅନୁସାରେ, ପଦ୍ମମ ସେଠାରେ ସାଫିଙ୍କୁ ଟଙ୍କା ମାଗିଥିଲେ। ପରେ ଅଭିଯୁକ୍ତମାନେ ପଦ୍ମମଙ୍କୁ ଦଉଡ଼ିରେ ବାନ୍ଧି ମାଡ଼ ମାରିଥିଲେ। ପଦ୍ମମ ଅଚେତ ହେବା ପରେ ସାଫି ଏକ ଛୁରିରେ ପ୍ରଥମେ ତାଙ୍କ ଗୁପ୍ତାଙ୍ଗ ଓ ପରେ ତଣ୍ଟି କାଟି ଦେଇଥିଲେ। ଅଭିଯୁକ୍ତମାନେ ପଦ୍ମମଙ୍କ ଶରୀରକୁ ୫୬ ଖଣ୍ଡ କରି ଏକ ବାଲ୍‌ଟିରେ ଭର୍ତ୍ତି କରିଥିଲେ। ନିକଟରେ ଥିବା ଖାଲରେ ସେଗୁଡ଼ିକୁ ଫୋପାଡ଼ି ଦେଇଥିଲେ। ସେହିପରି ପର୍ନ ମୁଭିରେ ଆକ୍ଟିଂ ସୁଯୋଗ ଓ ୧୦ ଲକ୍ଷ ଟଙ୍କା ଦେବାକୁ କହି ରୋଜେଲିନ୍‌ଙ୍କୁ ଡାକି ଅନୁରୂପ ଭାବେ ହତ୍ୟା କରିଥିଲେ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

## ଭାରତ ଆସିବେ ଆମେରିକା ଅର୍ଥ ସଚିବ


ଜାନେଟ୍ ୟେଲେନ୍

**ୱାଶିଂଟନ, ୧୨।୧୦:** ଆମେରିକା ଅର୍ଥ ସଚିବ ଜାନେଟ୍ ୟେଲେନ୍ ନଭେମ୍ବର ମାସରେ ଭାରତ ଗସ୍ତରେ ଆସିବେ। ସେ ଆମେରିକା-ଭାରତ ଅର୍ଥନୀତି ଓ ଫାଇନାନ୍ସିଆଲ ସହଭାଗିତା ବୈଠକର ନବମ ସଂସ୍କରଣରେ ଯୋଗଦେବେ। ବିଶ୍ୱ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ହେଲେ ଦୁଇ ରାଷ୍ଟ୍ର ମଧ୍ୟରେ ଦୃଢ଼ ସମ୍ପର୍କ ରକ୍ଷା ଉପରେ ଜାନେଟ୍ ଜୋର୍ ଦେଇଆସୁଛନ୍ତି। ସେ ତାଙ୍କର ଭାରତ ପ୍ରତିପକ୍ଷ ନିର୍ମଳା ସୀତାରାମନ୍‌ଙ୍କୁ ଭେଟିବା ପରେ ନୂଆଦିଲ୍ଲୀ ଗସ୍ତ ସମ୍ପର୍କରେ ଘୋଷଣା କରିଛନ୍ତି। ଜି୨୦ ବୈଠକ ପୂର୍ବରୁ ସେ ଅର୍ଥ ସଚିବ ଭାବେ ଭାରତକୁ ପ୍ରଥମ ଗସ୍ତ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଭାରତର ଅର୍ଥମନ୍ତ୍ରୀ ସୀତାରାମନ୍ ନିକଟରେ ୱାଶିଂଟନ ଡିସି ଗସ୍ତରେ ଯାଇ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଏବଂ ବିଶ୍ୱବ୍ୟାଙ୍କର ବାର୍ଷିକ ବୈଠକରେ ଯୋଗଦେଇଥିଲେ। ଏଥିସହିତ ସେ ଏକାଧିକ ନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ।

## କଫ୍ ସିରପ୍ ଉତ୍ପାଦନ ବନ୍ଦ ଲାଗି ହରିୟାଣା କମ୍ପାନୀକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ/ଚଣ୍ଡିଗଡ଼, ୧୨।୧୦(ପି.ଟି.)**

ହରିୟାଣାର ସୋନିପତ୍‌ରେ ଥିବା ମେଡେନ୍ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀକୁ କଫ୍ ସିରପ୍ ଉତ୍ପାଦନ ବନ୍ଦ କରିବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ବେଳେ ଉକ୍ତ କମ୍ପାନୀରେ ଏକାଧିକ ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି। ଏହା ଉପରେ ସପ୍ତାହେ ମଧ୍ୟରେ ସ୍ପଷ୍ଟୀକରଣ ନ ଦେଲେ କମ୍ପାନୀର ଲାଇସେନ୍ସ ସସ୍‌ପେଣ୍ଡ କରାଯିବ ବୋଲି ସରକାର କହିଛନ୍ତି। ଆଫ୍ରିକୀୟ ଦେଶ ଗାମ୍ବିଆରେ ମେଡେନ୍ ଫାର୍ମାସ୍ୟୁଟିକାଲ ପ୍ରସ୍ତୁତ କଫ୍ ସିରପ୍ ପିଇ ୬୬ ଶିଶୁଙ୍କ ଜୀବନ ଯାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସତର୍କ କରାଇବା ପରେ ସରକାରଙ୍କ ପକ୍ଷରୁ ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ୟୁନିଟ୍‌ର ସମସ୍ତ ଔଷଧ ଉତ୍ପାଦନ ତତ୍କାଳ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ହରିୟାଣା ସ୍ୱାସ୍ଥ୍ୟମନ୍ତ୍ରୀ ଅନିଲ ଭିଜ୍ କହିଛନ୍ତି। ଡବ୍ଲ୍ୟୁଏଚ୍‌ଓ ସତର୍କ କରାଇବା ପରେ ଗତ ୬ ତାରିଖରେ କମ୍ପାନୀର ୪ଟି କଫ୍ ସିରପ୍‌ର ନମୁନା ପରୀକ୍ଷା ଲାଗି କୋଲକାତାସ୍ଥିତ ସେଣ୍ଟ୍ରାଲ ଡ୍ରଗ୍ସ ଲାବରେଟୋରିକୁ ପଠାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ମିଳିତ ଟିମ୍ ଉକ୍ତ କମ୍ପାନୀକୁ ପରିଦର୍ଶନରେ ଯାଇ ୧୨ଟି ନିୟମର ଉଲ୍ଲଂଘନ ହୋଇଥିବା ଜାଣିବାକୁ ପାଇଥିଲେ। ତେଣୁ ଔଷଧ ଉତ୍ପାଦନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଭିଜ୍ କହିଛନ୍ତି। ଲାବରେଟୋରି ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଫେସ୍‌ବୁକ୍‌ରେ ଅଚାନକ କମିଗଲା ଫଲୋଅର୍ସଙ୍କ ସଂଖ୍ୟା

**ନୂଆଦିଲ୍ଲୀ, ୧୨।୧୦**

- ଜୁକରବର୍ଗଙ୍କ ଫଲୋଅର୍ସ ୧୧ କୋଟିରୁ ୯ ହଜାରକୁ ଖସିଲା
- ଫେସ୍‌ବୁକ୍‌ରେ ସୁନାମି ଆସିଛି: ତସ୍‌ଲିମା



ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍ ୟୁଜର୍ସଙ୍କ ଫଲୋଅର୍ସଙ୍କ ସଂଖ୍ୟା ଅଚାନକ କମିଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏପରିକି ଖୋଦ୍ ଫେସ୍‌ବୁକ୍‌ର ମୂଳ କମ୍ପାନୀ ମେଟାର ପ୍ରତିଷ୍ଠାତା ମାର୍କ ଜୁକରବର୍ଗଙ୍କ ଫଲୋଅର୍ସଙ୍କ ସଂଖ୍ୟା ବୁଧବାର ୩ଟା ସୁଦ୍ଧା ୧୧୯ ନିୟୁତ ବା ୧୧.୯ କୋଟିରୁ ଖସି ୯,୯୯୨ ହୋଇଯାଇଥିଲା। ଅନେକ ୟୁଜର୍ସ ସେମାନଙ୍କ ଫଲୋଅର୍ସ ସଂଖ୍ୟା କମିଯାଇଥିବା ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ନିର୍ବାସିତ ବାଂଲାଦେଶୀ ଲେଖିକା ତସ୍‌ଲିମା ନସ୍‌ରିନ୍ ଟୁଇଟ କରି କହିଛନ୍ତି, 'ଫେସ୍‌ବୁକ୍ ସୁନାମି କରି ମୋର ପ୍ରାୟ ୯ ଲକ୍ଷ ଫଲୋଅର୍ସଙ୍କୁ ଧୋଇନେଇଛି। ଏହି ସଂଖ୍ୟା ଆଉ ମାତ୍ର ୯ ହଜାର ରହିଛି। ଫେସ୍‌ବୁକ୍‌ର ଏଭଳି କମେଡି ଭଲ ଲାଗେ'। ଏ ନେଇ ମେଟାର ଜଣେ ମୁଖପାତ୍ର କହିଛନ୍ତି, ଅନେକ ଫେସ୍‌ବୁକ୍ ୟୁଜର୍ସଙ୍କ ଫଲୋଅର୍ସ ସଂଖ୍ୟା କମିଥିବା ଖବର ବାବଦରେ ଅବଗତ ଅଛୁ। ଏଥିପାଇଁ ଆମେ ଦୁଃଖିତ। କୌଣସି କାରଣରୁ ଏପରି ହୋଇଛି। ଯଥାସମ୍ଭବ ଶୀଘ୍ର ଏହି ଅସୁବିଧା ଦୂର କରିବା ପାଇଁ ଉଦ୍ୟମ କରାଯାଉଛି।

## ୧,୩୦୦ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଚାଇନା ଭିଜା

**ନୂଆଦିଲ୍ଲୀ, ୧୨।୧୦**

ଦୁଇବର୍ଷରୁ ଊର୍ଦ୍ଧ୍ୱ କୋଭିଡ୍ କଟକଣା ପରେ ଭାରତୀୟ ଛାତ୍ରୀଛାତ୍ର ଚାଇନାରେ ପୁଣିଥରେ ପାଠ ପଢ଼ିବାର ସୁଯୋଗ ପାଇଛନ୍ତି। ୧,୩୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଚାଇନା ଫେରିବା ଲାଗି ଭିଜା ମିଳିଛି। ୨୦୨୦ ଆରମ୍ଭରେ ବେଜିଂ ବିମାନ ଚଳାଚଳ ଉପରେ କଟକଣା ଲଗାଇବାରୁ ପିଲାମାନେ ଭାରତରେ ଅଟକି ରହିଥିଲେ। ଚାଇନାର ଏସିଆ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଲିଉ ଜିନ୍‌ସଙ୍ଗ ଭାରତୀୟ ରାଷ୍ଟ୍ରଦୂତ ପ୍ରଦୀପ ରାଓ୍ୱତଙ୍କୁ ଭେଟି ଏହା ଜଣାଇଛନ୍ତି। ୧,୩୦୦ରୁ ଅଧିକ ଭାରତୀୟ ଛାତ୍ରୀଛାତ୍ର ଏବଂ ୩୦୦ ବ୍ୟବସାୟୀଙ୍କୁ ବେଜିଂ ଯିବା ଲାଗି ଭିଜା ମିଳିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

## ସାଉଦି ସହ ସମ୍ପର୍କର ପୁନର୍ବିଚାର କରିବେ ବାଇଡେନ୍



**ୱାଶିଂଟନ୍, ୧୨।୧୦:** ସାଉଦି ଆରବ ସହ ଆମେରିକାର ସମ୍ପର୍କ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏ ନେଇ ବାଇଡେନ୍ ସରକାର ଦୁଇ ଦେଶର ସମ୍ପର୍କକୁ ନେଇ ପୁନଃ ବିଚାର କରିବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ରୁଷିଆ ଅଧ୍ୟକ୍ଷତାରେ ୧୩ ଦେଶକୁ ନେଇ ଗଠିତ ଓପେକ୍ ସଂଘ ଓ ୧୦ ସହଯୋଗୀ ରାଷ୍ଟ୍ର ଗତ ସପ୍ତାହରେ ତୈଳ ଉତ୍ପାଦନ ହ୍ରାସ ନିଷ୍ପତ୍ତି ନେଇଛନ୍ତି। ଓପେକ୍ ସଂଘର ନିଷ୍ପତ୍ତିକୁ ନେଇ ଆମେରିକା ଓ ସାଉଦି ସମ୍ପର୍କ ଉପରେ ବାଇଡେନ୍ ପୁନର୍ବିଚାର କରିପାରନ୍ତି।


ଚାଇନାର ବୈଦ୍ୟୁତିକ ଯାନ ନିର୍ମାଣକାରୀ କମ୍ପାନୀ ଏକ୍ସପେଙ୍ଗ୍‌ର ଉଡ଼ନ୍ତା କାର୍ ଇଭିଟିଓଏଲ୍ ଏକ୍ସ୨ ମଙ୍ଗଳବାର ପ୍ରଥମ କରି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ସାର୍ବଜନୀନ ଉଡ଼ାଣ ଭରିଛି।

## ଆଜି ଆସିପାରେ 'ହିଜାବ' ରାୟ

**ନୂଆଦିଲ୍ଲୀ, ୧୨।୧୦**

ବହୁପ୍ରତୀକ୍ଷିତ କର୍ନାଟକ ହିଜାବ ବିବାଦ ମାମଲାରେ ସୁପ୍ରିମକୋର୍ଟର ଦୁଇଜଣିଆ ଖଣ୍ଡପୀଠ ଗୁରୁବାର ରାୟ ଶୁଣାଇପାରନ୍ତି ବୋଲି ଜଣାପଡ଼ିଛି। ଶିକ୍ଷାନୁଷ୍ଠାନରେ ମୁସଲମାନ ଛାତ୍ରୀଙ୍କ ହିଜାବପିନ୍ଧା ଉପରେ କର୍ନାଟକ ସରକାର ନିଷିଦ୍ଧାଦେଶ ଲଗାଇଥିବାବେଳେ ଏହାକୁ କର୍ନାଟକ ହାଇକୋର୍ଟ କାଏମ ରଖିଥିଲେ। ହାଇକୋର୍ଟଙ୍କ ରାୟକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା। ୧୦ଦିନର ଶୁଣାଣି ପରେ ଜଷ୍ଟିସ ହେମନ୍ତ ଗୁପ୍ତା ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଥିଲେ।

## ଉଦୟପୁର ଘୋଷଣାନାମା କାର୍ଯ୍ୟକାରୀ କରିବି: ଖାର୍ଗେ

**ନୂଆଦିଲ୍ଲୀ/ଭୋପାଳ, ୧୨।୧୦**

### ଦଳର ସଂସଦୀୟ ବୋର୍ଡରେ ପରିବର୍ତ୍ତନ ଆଣିବି: ଥରୁର


ମଲ୍ଲିକାର୍ଜୁନ ଖାର୍ଗେ

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ଦଳରେ ଉଦୟପୁର ବୈଠକର ଘୋଷଣାନାମା କାର୍ଯ୍ୟକାରୀ କରାଇବା ତାଙ୍କର ପ୍ରାଥମିକ ଦାୟିତ୍ୱ ହେବ ବୋଲି ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ସେହିପରି ଅନ୍ୟତମ ପ୍ରାର୍ଥୀ ଶଶୀ ଥରୁର କହିଛନ୍ତି, ସେ ଏଆଇସିସି ଅଧ୍ୟକ୍ଷ ହେଲେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ଏବଂ ସଂସଦୀୟ ବୋର୍ଡରେ ପରିବର୍ତ୍ତନ ଆଣିବେ।

ଖାର୍ଗେ ନିଜ ସପକ୍ଷରେ ପ୍ରଚାର ଲାଗି ଭୋପାଳରେ ପହଞ୍ଚି ସମର୍ଥନ ଯୋଗାଡ଼ରେ ଲାଗିଛନ୍ତି। ସେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜସ୍ଥାନ ଉଦୟପୁରରେ ହୋଇଥିବା କଂଗ୍ରେସ ସମ୍ମିଳନୀରେ ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ଯେଉଁ ଘୋଷଣା କରାଯାଇଥିଲା, ତାହା ଚୂଡ଼ାନ୍ତ ଏବଂ ସମୟର ଆବଶ୍ୟକତା। ଦଳର ନେତାମାନେ ତାଙ୍କୁ ସାମୂହିକ ଭାବେ ପ୍ରାର୍ଥୀ କରିଥିବା ଖାର୍ଗେ କହିଛନ୍ତି। ଏହି ଅବସରରେ ସେ ଭାଜପାକୁ ସମାଲୋଚନା କରି କହିଥିଲେ, ଗତ କିଛିବର୍ଷ ମଧ୍ୟରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସମସ୍ତ ସଂସ୍ଥାକୁ ଧ୍ୱଂସ କରିସାରିଲାଣି। ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ବିପଦରେ ପଡ଼ିଥିବା ସେ କହିଛନ୍ତି। ଗାନ୍ଧୀ ପରିବାରରୁ କେହି ଦଳର ମଙ୍ଗ ଧରିବାକୁ ରାଜି ନ ହେବାରୁ ସେ ପ୍ରାର୍ଥୀ ହୋଇଛନ୍ତି। ତେବେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଦଳର ପ୍ରମୁଖ ନେତା ହୋଇ ରହିବେ ବୋଲି ଖାର୍ଗେ କହିଛନ୍ତି।

ଅନ୍ୟତମ କଂଗ୍ରେସ ଅଧ୍ୟକ୍ଷ ପ୍ରାର୍ଥୀ ଥରୁର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କହିଛନ୍ତି, ସେ ଦଳୀୟ ସମ୍ବିଧାନକୁ ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ କରାଇବେ। ଫଳରେ ୨୫ ବର୍ଷ ହେଲା ନିଷ୍କ୍ରିୟ ରହିଥିବା ଦଳର ସଂସଦୀୟ ବୋର୍ଡକୁ ପୁନର୍ଜୀବିତ କରିବା ସହ ସିଡବ୍ଲ୍ୟୁସି ନିର୍ବାଚନ କରାଇବେ ବୋଲି ଥରୁର କହିଛନ୍ତି। ଦଳରେ କ୍ଷମତା ବିକେନ୍ଦ୍ରୀକରଣ ହେବା ସହ ତୃଣମୂଳ ସ୍ତରର ନେତାଙ୍କୁ ପ୍ରକୃତ କ୍ଷମତା ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଉଦୟପୁର ଚିନ୍ତନ ବୈଠକର ଘୋଷଣାନାମା କାର୍ଯ୍ୟକାରୀ କରିବେ ବୋଲି ସେ କହିଛନ୍ତି।



### କଂଗ୍ରେସ ସାମାଜିକ ଗଣମାଧ୍ୟମ ବିଭାଗରେ ୭ ଜଣଙ୍କୁ ଦାୟିତ୍ୱ

ଭୁବନେଶ୍ୱର,(ବ୍ୟୁରୋ): ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ୭ ଜଣ ଉପସଭାପତିଙ୍କ ନାମ ବୁଧବାର ଘୋଷଣା କରିଛନ୍ତି। ସେମାନେ ସମସ୍ତେ ପିସିସିର ସାମାଜିକ ଗଣମାଧ୍ୟମ ବିଭାଗରେ ଦାୟିତ୍ୱ ପାଇଛନ୍ତି। ସେମାନଙ୍କ ମଧ୍ୟରେ ବିନୋଦ ବିହାରୀ ନାୟକ, ସଂଗ୍ରାମ କେଶରୀ ମହାନ୍ତି, ପୀତବାସ ପଣ୍ଡା, ସୀମାଞ୍ଚଳ ଉଲାକା, ଚନ୍ଦନ ରଏ, ପ୍ରମୋଦ ସାହୁ ଏବଂ କୈଳାଶ ସାହୁ ପ୍ରମୁଖ ଅଛନ୍ତି।

# କଂଗ୍ରେସରୁ ହରେକୃଷ୍ଣ, ବିଜେଡିରୁ ଅବନ୍ତୀ

**ଧାମନଗର ଉପନିର୍ବାଚନ**



## ଆଜି ନାମାଙ୍କନ ଦାଖଲ କରିବେ କଂଗ୍ରେସ ପ୍ରାର୍ଥୀ

ଭୁବନେଶ୍ୱର(ବ୍ୟୁରୋ)/ ଭଦ୍ରକ ଅଫିସ, ୧୨।୧୦

ଧାମନଗର ଉପନିର୍ବାଚନ ପାଇଁ ବୁଧବାର କଂଗ୍ରେସ ଓ ବିଜେଡି ନିଜର ପ୍ରାର୍ଥୀ ଘୋଷଣା କରିଛନ୍ତି। ଏହି ଉପନିର୍ବାଚନ ପାଇଁ କଂଗ୍ରେସ ହରେକୃଷ୍ଣ ସେଠୀ(ବାବା)ଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡି ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିଛି।

ହରେକୃଷ୍ଣଙ୍କ ପ୍ରାର୍ଥିତ୍ୱକୁ ଏଆଇସିସି ମୋହର ମାରିବା ପରେ ବୁଧବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ତାଙ୍କ ନାମ ଘୋଷଣା କରାଯାଇଛି। ହରେକୃଷ୍ଣ ପେସାରେ ଜଣେ ଓକିଲ। ଛାତ୍ର ଜୀବନରୁ ରାଜନୀତିରେ ପାଦ ଦେଇ କଂଗ୍ରେସର ଜଣେ ସକ୍ରିୟ କର୍ମୀ ଭାବେ ଧାମନଗର ଅଞ୍ଚଳରେ ସେ ଜଣାଶୁଣା। ଧାମନଗର ଏନ୍ଏସିର ୫ ନଂ. ୱାର୍ଡ ଶ୍ୟାମପୁରରେ ତାଙ୍କ ଘର। ଗତ ଏନ୍ଏସି ନିର୍ବାଚନରେ ଅଧ୍ୟକ୍ଷା ପଦ ପାଇଁ ତାଙ୍କ ସ୍ତ୍ରୀ ପ୍ରମିଳା ସେଠୀ ପ୍ରତିଦ୍ୱନ୍ଦ୍ୱିତା କରି ୩ୟ ସ୍ଥାନରେ ରହିଥିଲେ। ପ୍ରକାଶଥାଉ କି ଗତ ସାଧାରଣ ନିର୍ବାଚନରେ ବିଦ୍ୟାଧର ଜେନା କଂଗ୍ରେସରୁ ପ୍ରାର୍ଥୀ ହୋଇ ୭,୩୦୩ ଭୋଟ ପାଇ ୩ୟ ସ୍ଥାନରେ ଥିଲେ। ଉପନିର୍ବାଚନ ପାଇଁ ବିଦ୍ୟାଧରଙ୍କ ସମେତ ନୂଆ ମୁହଁ ଭାବେ ୩ ଜଣ ଆଶାୟୀ ଥିବାବେଳେ ଶେଷରେ ହରେକୃଷ୍ଣଙ୍କ ଉପରେ ଦଳ ଭରସା କରି ତାଙ୍କ ନାମରେ ମୋହର ମାରିଛି। ଗୁରୁବାର ହରେକୃଷ୍ଣ ନାମାଙ୍କନ ଦାଖଲ କରିବେ ବୋଲି କଂଗ୍ରେସର ଜିଲା ସଭାପତି ସୁବ୍ରତ ଦାସ କହିଛନ୍ତି।

ଧାମନଗର ଉପନିର୍ବାଚନ ପାଇଁ ବିଜେଡି ମହିଳା ପ୍ରାର୍ଥୀଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅପରାହ୍ନରେ ଅବନ୍ତୀଙ୍କ ନାମ ଘୋଷଣା କରିଛନ୍ତି। ଅବନ୍ତୀ ଏବେ ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅଛନ୍ତି। ମିଶନଶକ୍ତି ଓ ଏସ୍ଏଚ୍ଜିରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ରହିଛି ବୋଲି ବିଜେଡି ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ୨୦୧୯ରେ ରାଜେନ୍ଦ୍ର ଦାସ ବିଜେଡି ପ୍ରାର୍ଥୀ ହୋଇ ଭାଜପା ପ୍ରାର୍ଥୀ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କଠାରୁ ପରାସ୍ତ ହୋଇଥିଲେ। ଚଳିତ ଉପନିର୍ବାଚନରେ ସେ ପ୍ରାର୍ଥୀ ହେବା ନେଇ ଆଶାୟୀ ଥିଲେ। ଶେଷରେ ବିଜେଡି ମହିଳାଙ୍କୁ ଗୁରୁତ୍ୱ ଦେଇଛି। ମହିଳାଙ୍କ ଭୋଟ ହାତେଇବା ପାଇଁ ଅବନ୍ତୀଙ୍କୁ ପ୍ରାର୍ଥୀ କରାଯାଇଥିବା ନେଇ ଚର୍ଚ୍ଚା ହେଉଛି।



ହରେକୃଷ୍ଣ ସେଠୀ



ଅବନ୍ତୀ ଦାସ

ଅବନ୍ତୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀରେ ସକ୍ରିୟ ଭାବେ କାମ କରିବା ସହ ପଞ୍ଚାୟତ ମହିଳା ମହାସଂଘରେ ସିଆର୍‌ପି ଭାବେ କାର୍ଯ୍ୟ ତୁଲାଇଥିଲେ। ଗତ ପଞ୍ଚାୟତ ନିର୍ବାଚନରେ କାଁପଡ଼ା ପଞ୍ଚାୟତ ସମିତିସଭ୍ୟା ଭାବେ ବିଜୟୀ ହେବା ପରେ ତିହିଡ଼ି ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ଦାସ ବିଜେଡିର ଜଣେ ଆଗଧାଡ଼ିର ନେତା ଭାବେ ଜଣାଶୁଣା। ଆସନ୍ତା ଶୁକ୍ରବାର ଅବନ୍ତୀ ନାମାଙ୍କନ ଦାଖଲ କରିବେ ବୋଲି ଜଣାଯାଇଛି।

ଉପନିର୍ବାଚନ ପାଇଁ ତାରିଖ ଘୋଷଣା ପରଠାରୁ ତିନି ପ୍ରମୁଖ ଦଳ ପ୍ରଚାରକୁ ଜୋରଦାର କରିଛନ୍ତି। ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତାମାନେ ଘରକୁ ଘର ଯାଇ ଲୋକଙ୍କୁ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବୁଝାଉଛନ୍ତି। ଏହି ଉପନିର୍ବାଚନକୁ ହାତେଇବା ପାଇଁ ବିଜେଡି ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ପୂର୍ବରୁ ଭାଜପା ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରାର୍ଥୀ କରିଛି। ମଙ୍ଗଳବାର ସେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭାଜପା ମଧ୍ୟ ନିଜ ସିଟ୍‌କୁ ପୁଣି ଫେରି ପାଇବା ପାଇଁ ପ୍ରଚାର ଅଭିଯାନକୁ ଜୋରଦାର କରିଛି। ଘରକୁ ଘର ବୁଲି ସୂରଜ ଅନୁକମ୍ପା ଭୋଟ ହାତେଇବାକୁ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷରେ ପ୍ରଚାର କ୍ଷେତ୍ରରେ କଂଗ୍ରେସ ଉଭୟ ଦଳଠାରୁ ପଛରେ ରହିଛି। ପ୍ରାର୍ଥୀ ଘୋଷଣା ପରେ ଗୁରୁବାରଠାରୁ ପ୍ରଚାରକୁ ଜୋରଦାର କରାଯିବା ନେଇ ପିସିସି ପକ୍ଷରୁ ସୂଚନା ଦିଆଯାଇଛି। ବ୍ରଜରାଜନଗର ଭଳି ଧାମନଗରରେ ଭାଜପାକୁ ତୃତୀୟ ସ୍ଥାନକୁ ଠେଲିବାକୁ କଂଗ୍ରେସ ବଳ ଖଟାଇବାକୁ ସଜବାଜ ହେଉଥିବା ଦଳୀୟ ମହଲରେ ଆଲୋଚନା ହେଉଛି।

# ଉପନିର୍ବାଚନରେ ଶିବପାଲଙ୍କୁ ପ୍ରାର୍ଥୀ କରିପାରେ ଭାଜପା

**ମୈନପୁରୀ ଆସନ ବଜାୟ ରଖିବା ଅଖିଳେଶଙ୍କ ପାଇଁ ଚ୍ୟାଲେଞ୍ଜ ହେବ**

ଲକ୍ଷ୍ନୌ,୧୨।୧୦

ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ତଥା ମୈନପୁରୀ ଏମ୍‌ପି ମୁଲାୟମ ସିଂ ଯାଦବଙ୍କ ପରଲୋକ ପରେ ଉକ୍ତ ଆସନକୁ ବଜାୟ ରଖିବା ଏବେ ଦଳ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ୬ ମାସ ମଧ୍ୟରେ ଉକ୍ତ ଲୋକ ସଭା ଆସନରେ ଉପନିର୍ବାଚନ ହେବ। ତେବେ ନେତାଜୀଙ୍କ ପରଲୋକ ଜନିତ ଅନୁକମ୍ପା ସତ୍ତ୍ୱେ ଉକ୍ତ ଆସନକୁ ବଜାୟ ରଖିବା ସମାଜବାଦୀ ପାର୍ଟି ପାଇଁ କଷ୍ଟକର ହୋଇପଡ଼ିବ ବୋଲି କୁହାଯାଉଛି। ଆଜମଗଡ଼ ଏବଂ ରାମପୁର ଦଖଲ କରିବା ପରେ ଭାଜପା ଏବେ ଏସ୍‌ପିର ଶେଷ ଦୁର୍ଗ ଦଖଲ କରିବା ଯୋଜନାରେ ରହିଛି। ଅଖିଳେଶଙ୍କ ଦାଦା ତଥା ପ୍ରଗତିଶୀଳ ସମାଜବାଦୀ ପାର୍ଟି ନେତା ଶିବପାଲ ଯାଦବ ଯଦି ଉକ୍ତ ଆସନରୁ ଉପନିର୍ବାଚନ ଲଢ଼ିବାକୁ ଚାହାନ୍ତି, ତେବେ ତାଙ୍କୁ ଭାଜପା ସମର୍ଥନ ଦେଇପାରେ ବୋଲି କୁହାଯାଉଛି। ୨୦୨୪ରେ ମୁଲାୟମ ଯଦି ମୈନପୁରୀରୁ ନିର୍ବାଚନ ନ ଲଢ଼ନ୍ତି, ତେବେ ଶିବପାଲ ସେଠାରୁ ପ୍ରାର୍ଥୀ ହେବେ ବୋଲି ପୂର୍ବରୁ କହିଥିଲେ। ତେବେ ମୁଲାୟମଙ୍କ ପରଲୋକ ଘଟିଥିବାରୁ ଶିବପାଲ ଉପନିର୍ବାଚନରେ ନିଜ ଭାଗ୍ୟ ପରୀକ୍ଷା କରାଇପାରନ୍ତି ବୋଲି ଜଣେ ବରିଷ୍ଠ ଭାଜପା ନେତା କହିଛନ୍ତି।



ଶିବପାଲ ଯାଦବ




# ପ୍ରଣବଙ୍କୁ ଭେଟିଲେ ଦଳୀୟ ପ୍ରାର୍ଥୀନୀ



ଧାମନଗର ଉପନିର୍ବାଚନ ପାଇଁ ବିଜେଡିର ପ୍ରାର୍ଥୀ ଘୋଷଣା ପରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପ୍ରାର୍ଥୀ ଅବନ୍ତୀ ଦାସଙ୍କ ସମେତ ଦଳର ଅନ୍ୟ ନେତୃବୃନ୍ଦ।

**ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ ଭୋଟରଙ୍କ ଆଶୀର୍ବାଦ ଲୋଡିଲେ ବବି**

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଧାମନଗର ବିଧାନସଭା ଉପନିର୍ବାଚନ ଲାଗି ବିଜେଡି ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିଛି। ବିଜେଡିର ପ୍ରାର୍ଥୀ ଘୋଷଣା ପରେ ଧାମନଗର ନିର୍ବାଚନମଣ୍ଡଳୀର ବହୁ ନେତାଙ୍କ ସମେତ ଦଳର ଅନ୍ୟ କେତେଜଣ ଆଗ ଧାଡିର ନେତା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କୁ ଭେଟିଛନ୍ତି। ପ୍ରଣବଙ୍କ ସରକାରୀ ବାସଭବନରେ ସମସ୍ତ ନେତା ବସି ଏକାଠି ଆଲୋଚନା କରିବା ସହ ତାଙ୍କ ସାଙ୍ଗରେ ଫଟୋ ଉଠାଇଛନ୍ତି। ଏହି ଅବସରରେ ପ୍ରଣବ କହିଛନ୍ତି ଯେ, ସାମୂହିକ ନିଷ୍ପତ୍ତି ହିଁ ବିଜେଡିର ଶକ୍ତି। ଧାମନଗର ଉପନିର୍ବାଚନ ପାଇଁ ଜଣେ ମହିଳାଙ୍କୁ ସୁଯୋଗ ଦେଇ ନାରୀ ସଶକ୍ତିକରଣର ନାରାକୁ ଆହୁରି ସୁଦୃଢ଼ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଏହାସହ ନିର୍ବାଚନମଣ୍ଡଳୀ ବାସୀଙ୍କ ଅଶୀର୍ବାଦ ଦଳୀୟ ପ୍ରାର୍ଥୀ ଅବନ୍ତୀଙ୍କ ସହ ଯିବ ବୋଲି ତାଙ୍କ ଦୃଢ଼ ବିଶ୍ୱାସ ଥିବା ପ୍ରଣବ କହିଛନ୍ତି।

# ପରିବାରକୁ ୨୦ ଲକ୍ଷ, ଜଣକୁ ଚାକିରି ଦିଅ

**କନ୍ଧମାଳ ୭ମଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣାରେ ଭାଜପାର ଦାବି**

ଭୁବନେଶ୍ୱର,୧୨।୧୦(ବ୍ୟୁରୋ): ବିଜେଡି ସରକାରରେ ମା'କୁ ସମ୍ମାନ କେବଳ ପ୍ରଚାର ସର୍ବସ୍ୱ। ଓଡ଼ିଶାରେ ଦିନକୁ ଦିନ ନାବାଳିକା, ମହିଳା ଓ ଶିଶୁ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ସରକାର ସବୁ ଜାଣିବି ଚୁପ୍ ରହୁଛନ୍ତି। ଗତ ୫ ତାରିଖରେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅନ୍ତର୍ଗତ ଗୁମା ପଞ୍ଚାୟତର ୭ମଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା,ମୃତ ଶିଶୁ ପ୍ରସବ ପରେ ତାଙ୍କର ମୃତ୍ୟୁ ହେବା ଅତ୍ୟନ୍ତ ଦୁଃଖର ବିଷୟ। ନାବାଳିକାର ପରିବାରକୁ କ୍ଷତିପୂରଣ ବାବଦରେ ତୁରନ୍ତ ୨୦ ଲକ୍ଷ ଟଙ୍କା ଏବଂ ପରିବାରର ଜଣେ ସଦସ୍ୟକୁ ଚାକିରି ଯୋଗାଇଦେବା ପାଇଁ ବୁଧବାର ଖବରଦାତା ସମ୍ମିଳନୀରେ ଭାଜପା ମହିଳା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଦାବି କରିଛନ୍ତି।

# ଏସ୍ଆଇଟି ତଦନ୍ତ ଦାବି କଲେ କଂଗ୍ରେସ ବିଧାୟକ

**ଅର୍ଚ୍ଚନା ନାଗ ହନିଟ୍ରାପ୍ ଘଟଣା**

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଅର୍ଚ୍ଚନା ନାଗ୍ ହନିଟ୍ରାପ୍ ଘଟଣାକୁ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ଏକାଧିକ ନେତା ଓ ମନ୍ତ୍ରୀଙ୍କ ସହିତ ଅର୍ଚ୍ଚନାଙ୍କ ଫଟୋଚିତ୍ର ବାହାରକୁ ପ୍ରଘଟ ହେବା ଏବଂ ତାଙ୍କ ସମ୍ପତ୍ତି ବିଷୟରେ ଜଣାପଡ଼ିବା ପରେ ରାଜନୀତି ନୂଆ ମୋଡ଼ ନେବାରେ ଲାଗିଛି। ବିରୋଧୀ ଏହି ଘଟଣାରେ ସିଧାସଳଖ ଶାସକ ଦଳ ନେତାଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଅର୍ଚ୍ଚନା ଚଳାଇଥିବା ସେକ୍ସ ର୍ୟାକେଟ ଓ ବ୍ଲାକ୍‌ମେଲ୍ ମାମଲାରେ ଅନେକ ବିଜେଡି ନେତା, ମନ୍ତ୍ରୀ, ଅଫିସରଙ୍କ ସମ୍ପୃକ୍ତି ରହିଛି। ଭାଜପାର ମଧ୍ୟ କିଛି ପୂର୍ବତନ ମନ୍ତ୍ରୀ ଓ ସଦସ୍ୟଙ୍କର ଏଥିରେ ସମ୍ପୃକ୍ତି ଅଛି। ସତ ପଦାକୁ ଆସିଲେ ସରକାର ଭାଙ୍ଗିଯିବ। ତେଣୁ ବିଜେଡି ସରକାର ଚାପରେ ପଡ଼ି ଜବତ ହୋଇଥିବା ଲାପଟପ୍, ମୋବାଇଲ୍‌ରେ ଥିବା ଭିଡିଓ, ଫଟୋ, ନାମ ବିଷୟରେ ପୋଲିସ ତଥ୍ୟ ଲୁଚାଉଛି। ମମିତା ମେହେର ହତ୍ୟାକାଣ୍ଡରେ ଜବତ ଲାପଟପ୍ ଭିତରେ ଥିବା ରହସ୍ୟକୁ ପୋଲିସ ସମସ୍ତଙ୍କ ସାମ୍ନାକୁ ନ ଆଣିବା ଭଳି ଅର୍ଚ୍ଚନା ମାମଲାରେ ମଧ୍ୟ ତଥ୍ୟ ନଷ୍ଟ କରାଯିବା କିଛି ଅସମ୍ଭବ ନୁହେଁ। ତେଣୁ ଏହି ଘଟଣାର ଏସ୍ଆଇଟି ସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।




Honda Motorcycle & Scooter India Pvt. Ltd., Registered Office: Plot No. 1, Sector - 03, IMT Manesar, Distt. Gurugram, (Haryana) – 122050, India; Website: www.honda2wheelersindia.com; Customer Care: customercare@honda2wheelersindia.com

#ଦର୍ଶାଯାଇଥିବା କ୍ୟାସ ବ୍ୟାକ ଅଫର ସର୍ବନିମ୍ନ କାରବାର ଟ.30,000 (IDFC ଫାଷ୍ଟ ବ୍ୟାଙ୍କ କ୍ରେଡିଟ କାର୍ଡ ପାଇଁ 40,000 ଟଙ୍କା), ଉପରେ 5% କ୍ୟାସବ୍ୟାକ ଟ.5000 ପର୍ଯ୍ୟନ୍ତ, କେବଳ ବଛା ବଛା କ୍ରେଡିଟ କାର୍ଡ ମାଧ୍ୟମରେ EMI କାରବାର ଉପରେ ପ୍ରଯୁଜ୍ୟ, କାର୍ଡ ଜାରିକର୍ତ୍ତା/ବ୍ୟାଙ୍କ ନୀତି ଅନୁଯାୟୀ, ଅଫର ଅବଧିରେ ଗୋଟିଏ କାର୍ଡ ପିଛା ଥରେ, ଅଫରର ବୈଧତା ଜୁଲାଇ 1 ତାରିଖରୁ ଅକ୍ଟୋବର 31 ତାରିଖ' 22 ପର୍ଯ୍ୟନ୍ତ କେବଳ। *ଆର୍ଥିକ ସ୍କିମ ଅଫରଗୁଡ଼ିକ ବଛା ବଛା ପ୍ରାଥମିକତା ଦିଆଯାଉଥିବା ଆର୍ଥିକ ସହାୟତା ପ୍ରଦାନକାରୀ ଅଂଶୀଦାରମାନଙ୍କ ମାଧ୍ୟମରେ ବଛା ବଛା ମଡେଲ ଉପରେ ବଛା ବଛା ଗ୍ରାହକ ପ୍ରୋଫାଇଲ ପାଇଁ ସେମାନଙ୍କର ନିଜସ୍ୱ ବିଚାର ଅନୁଯାୟୀ ପ୍ରଯୁଜ୍ୟ ରହିଛି ଏବଂ ପ୍ରକୃତ ଡାଉନପେମେଣ୍ଟ ଆର୍ଥିକ ସହାୟତା କମ୍ପାନି ନୀତି ଅନୁଯାୟୀ ଭିନ୍ନ ଭିନ୍ନ ହେବା ଉପଲବ୍ଧ ଆର୍ଥିକ ସହାୟତା ଯୋଜନା ବା ଫାଇନାନ୍ସ ସ୍କିମଗୁଡ଼ିକ କେବଳ ବଛା ବଛା ଡିଲରସିପ୍‌ରେ 31 ଅକ୍ଟୋବର' 22 ପର୍ଯ୍ୟନ୍ତ ଉପଲବ୍ଧ ରହିଛି ଏବଂ ଆଗୁଆ ସୂଚନା ବ୍ୟତୀତ ଯେକୌଣସି ସମୟରେ ପ୍ରତ୍ୟାହାର କରାଯାଇପାରେ। କୌଣସି ଦୁଇଟି ଅଫର୍ ଏକାଠି ବ୍ୟବହାର କରାଯାଇପାରିବ ନାହିଁ। ଚିତ୍ରରେ ଦର୍ଶାଯାଇଥିବା ଉତ୍ପାଦ ବଜାରରେ ଉପଲବ୍ଧ ପ୍ରକୃତ ଉତ୍ପାଦଠାରୁ ଭିନ୍ନ ହୋଇପାରେ। ଏହି ଉତ୍ପାଦରେ ଦର୍ଶାଯାଇଥିବା ଆସେସୋରିଜ ମାନକ ଉପକରଣର ଅଂଶ ହୋଇନଥାଏ।

**Honda Exclusive Authorized Dealerships:** **ATHAGARH:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7077726329; **BANKI:** Shree Honda - 9658201234; **BIDHARPUR:** Saivinayak Honda - 9937060477, 7894446899; **BHUBANESWAR:** Shivam Honda - 7873024400, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 7735012345; Khimji Honda - 7735734888, 9090067366; MO Honda - 0674-2964289, 7008990541; **CUTTACK:** Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; **JAJPUR ROAD:** TEZ Honda - 7504991301 7504994444; **JAJPUR TOWN:** Agasti Honda - 9437518600; **KUAKHIA:** Sai Honda - 9938906077; **SINGHPUR:** Ramachandi Honda - 7377688445; **CHANDIKHOL:** Basanti Honda - 06725-227011, 9853066000; **JAGATSINGHPUR:** Kanchan Murali Honda - 06724-222122, 223112, 7809568988, 9090876483; **JAGATPUR:** Durga Honda - 9337301440; **JATNI:** PGL Honda - 0674-2492419, 7788001033; **KEONJHAR:** Pritam Honda - 06766-254138, 8908881717; Barbil: Royal Motors- 7008712784; **NAYAGRAH:** Pattnaik Honda - 7008812540, 6370422120; Nayagarh Honda - 06753-296355, 7437000507; **NARSINGH PUR:** Baba Honda - 9438057701; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 7735743520, 9040088747; **KUJANG:** Kanchan Murali Honda - 9937786824; **RAHAMA:** Navjyoti Honda - 9938339189, 7809568988; **PATTAMUNDAI:** Satya Honda - 9439375055; **SALEPUR:** S.N.Honda - 9437439076; **KENDRAPARA:** Saisudha Honda - 9178455081/2/3/4; **KANDARPUR:** Jay Pee Honda - 9861007679; **KAKATPUR:** Shree Ganesh Honda - 9937842437; **RAJSUNAKHALA:** NC Honda - 9078583100; **PARADEEP:** Kanchan Murali Honda - 9040650040.

**For Bulk/Institutional enquiries, please write us at: institutionalsales@honda2wheelersindia.com**

**ଆଜିର ମନ୍ତବ୍ୟ**

କଶ୍ମୀର ପ୍ରସଙ୍ଗରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନିର୍ବୋଧତା ଯୋଗୁ ଦେଶକୁ ଏପର୍ଯ୍ୟନ୍ତ ମୂଲ୍ୟ ଦେବାକୁ ପଡୁଛି।-**କିରେନ୍ ରିଜିଜୁ, କେନ୍ଦ୍ର ଆଇନମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କି ପେଟ ତଳେ ଗାତ,**
**ଧରିଥିଲି ସୁନା ଫୁଲିଆ ହାତ**
**ଟେକା ପାଣି ଟେକା ଭାତ ।**

ବାହାସାହା ହୋଇ ଘରକୁ ଆଣିଥିବା ଘରଣୀ ଆଦୌ କର୍ମ କୁଶଳତା ନୁହେଁ। ଭଲକୁ ଆଶ୍ରା କରି ଭେଲ। ଘରକୁ ଘରଣୀ ଆସିଲେ ମନ ଜାଣି ରାନ୍ଧି ବାଢି ପରଷି ଦେବ ବୋଲି ଆଶା ରଖିଥିବା ସ୍ୱାମୀ ନିଜର ଆଶା ଆଶାରେ ରହିଯାଉଥିବା ଦେଖି ମନ ଊଣା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁମ ପସରାକୁ ପୁଆଁ ଜାଉ,**
**ବିଲେଇ ଦି'ହଳ ଦୁହାଁ ହେଉ ।**

ମିଛରେ ବାହାଦୁରୀ କରିବା ବା ବଡ଼ପଣିଆ ଦେଖେଇ ହେବା କେତେକଙ୍କର ମନ୍ଦଭ୍ୟାସ ହୋଇଥାଏ। ନିଜକୁ ବଡ଼େଇ କରି କଥା କହୁଥିବା ବ୍ୟକ୍ତିର ନିତିଦିନିଆ ଚଳଣି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୭ ଦିନ ଯାଏ ବାତ୍ୟା ସୂଚନା ନାହିଁ: ଆଇଏମ୍‌ଡି

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଆସନ୍ତା ୨୨ରୁ ୨୪ ମଧ୍ୟରେ ଓଡ଼ିଶା ପ୍ରତି ବାତ୍ୟା ବିପଦ ରହିଥିବା ବିଭିନ୍ନ ଅନ୍ତର୍ଜାତୀୟ ପାଣିପାଗ ମଡେଲ କହୁଥିବାବେଳେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏହାକୁ ଖଣ୍ଡନ କରିଛି। ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ୭ ଦିନ ପର୍ଯ୍ୟନ୍ତ ପାଣିପାଗ ବିଭାଗ ପୂର୍ବାନୁମାନ କରିପାରିବ। ଏହି ସମୟ ପର୍ଯ୍ୟନ୍ତ ବାତ୍ୟାର କୌଣସି ସୂଚନା ନାହିଁ। ପାଣିପାଗ ସହ ଜଡ଼ିତ ଠିକ୍ ସୂଚନା ଦେବା ପାଇଁ ଆଇଏମ୍‌ଡି ୨୪ ଘଣ୍ଟା କାର୍ଯ୍ୟରତ ରହିଛି । ତେଣୁ କୌଣସି ଗୁଜବଠାରୁ ଦୂରେଇ ରହିବାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

## ୧୭ ଜିଲାରେ ବର୍ଷା ସମ୍ଭାବନା

ଅନ୍ୟପକ୍ଷରେ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ବଙ୍ଗୋପସାଗରରୁ ଜଳୀୟବାଷ୍ପ ଓଡ଼ିଶା ମଧ୍ୟକୁ ଆସୁଥିବାରୁ ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଉଛି। ଦିନ ସମୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହୁଛି। ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ଜଗତ୍‌ସିଂହପୁରରେ ୫୫.୬ ମିଲିମିଟର ବର୍ଷା ହୋଇଥିବା ବେଳେ ବୌଦ୍ଧ ୭୬, କୋରାପୁଟ ୪୮, ଝାରସୁଗୁଡ଼ା ୨୨.୮, କେନ୍ଦୁଝର ୨୩.୨, ଭବାନୀପାଟଣା ୧୮.୨, ବଲାଙ୍ଗୀର ୨୮.୨, ସୋନପୁର ୧୩, ଯାଜପୁର ୨୪ ଏବଂ ଦାରିଙ୍ଗବାଡ଼ିରେ ୩୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୧୪ ତାରିଖରେ ମଧ୍ୟ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

# ରାସ୍ତା ପାର୍ଶ୍ୱ ସୁବିଧା କେନ୍ଦ୍ରଗୁଡ଼ିକ ଉପରେ ଗୁରୁତ୍ୱ ଦିଅ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

- **୩୫ କେନ୍ଦ୍ର ପର୍ଯ୍ୟଟନ ବିଭାଗ, ୪୯ ପୂର୍ତ୍ତ ବିଭାଗ ନିର୍ମାଣ କରିଛି**
- **ଜଙ୍ଗଲ ଓ ପରିବେଶ ବିଭାଗ ନିର୍ମାଣ କରିଛି ପର୍ଯ୍ୟଟନ ସୁବିଧା କେନ୍ଦ୍ର**

ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି କ୍ଷେତ୍ରରେ ଅନ୍ୟ ଏକ ପଦକ୍ଷେପ ଭାବେ ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ରଗୁଡ଼ିକର ଉତ୍ତମ ପରିଚାଳନା ଓ ରକ୍ଷଣାବେକ୍ଷଣ ନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଲୋକସେବା ଭବନ ସଭାଗୃହରେ ଏ ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ରାଜପଥ ଏବଂ ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ପାର୍ଶ୍ୱରେ ବର୍ତ୍ତମାନ ସୁଦ୍ଧା ୮୪ ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ର ସ୍ଥାପନ କରାଯାଇଛି। ଏସବୁ କେନ୍ଦ୍ରରେ ଗାଡ଼ି ପାର୍କିଂ, ମହିଳା ଓ ପୁରୁଷ ଶୌଚାଳୟ, ପ୍ରସାଧନ ସ୍ଥାନ, ବସିବା ସ୍ଥାନ, ଚା କଫି ଓ ଜଳଖିଆ ଆଦି ସ୍ଥାନ ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ୩୫ କେନ୍ଦ୍ର ପର୍ଯ୍ୟଟନ ବିଭାଗ ଏବଂ ୪୯କେନ୍ଦ୍ର ପୂର୍ତ୍ତ ବିଭାଗ ମାଧ୍ୟମରେ ନିର୍ମାଣ କରାଯାଇଛି। ଏହାଛଡ଼ା ପ୍ରକୃତି ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଜଙ୍ଗଲ ଓ ପରିବେଶ ବିଭାଗ ମାଧ୍ୟମରେ ମଧ୍ୟ ପର୍ଯ୍ୟଟନ-ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି। ନିରନ୍ତର ପରିଚାଳନା ଏବଂ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଆଦିକୁ ବିଚାରକରି ସମ୍ପୃକ୍ତ ବ୍ଲକ୍ ଓ ଗ୍ରାମପଞ୍ଚାୟତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଫେଡେରେଶନ ମାଧ୍ୟମରେ ଏହିସବୁ କେନ୍ଦ୍ରର ପରିଚାଳନା ନିମନ୍ତେ ନୀତିଗତ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରଗୁଡ଼ିକର ମରାମତି ଏବଂ ରକ୍ଷଣାବେକ୍ଷଣ ବିଭାଗ ଦ୍ୱାରା ସମ୍ପୃକ୍ତ ପରିଚାଳକ ସଂଘର ସକ୍ରିୟ ସହଯୋଗରେ କରାଯିବ। କେନ୍ଦ୍ରଗୁଡ଼ିକୁ ପର୍ଯ୍ୟଟକମାନଙ୍କ ନିମନ୍ତେ ଅଧିକ ସହଜ, ଆତିଥ୍ୟପୂର୍ଣ୍ଣ ଏବଂ ନିରାପଦ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମିଶନ ଶକ୍ତି ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ଶିଳ୍ପ ଥାଇ ନିଯୁକ୍ତି ...

ନ ଥିବାରୁ ଶ୍ରମ ଏବଂ ଦରମାରେ ବ୍ୟାପକ ଶୋଷଣ କରାଯାଉଛି। ପ୍ରତିବାଦ କଲେ ଚାକିରିରୁ ବିଦା କରିଦିଆଯାଉଛି। ଏଭଳି ପ୍ରସଙ୍ଗରେ ନେତା, ସାମାଜିକ ସଂଗଠନ, ପ୍ରଶାସନ ନୀରବ ରହିବା ଅର୍ଥ ଶିଳ୍ପପତିଙ୍କ ଦ୍ୱାରା ସେମାନେ ପରିଚାଳିତ ହେଉଥିବା ସ୍ପଷ୍ଟ ହେଉଛି ବୋଲି ଉପରୋକ୍ତ ଡିଗ୍ରୀଧାରୀମାନେ କହିଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, କଳିଙ୍ଗନଗର ଶିଳ୍ପାଞ୍ଚଳରେ ଓଡ଼ିଆ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି। ତେବେ କେଉଁ କାରଣରୁ କର୍ମ ନିୟୋଜନ ସଂସ୍ଥା ଜରିଆରେ ଶିଳ୍ପ କାରଖାନାରେ ନିଯୁକ୍ତି ମିଳୁନାହିଁ ଏବଂ ପଞ୍ଜୀକରଣଗୁଡ଼ିକର ନବୀକରଣ ହ୍ରାସ ପାଇଛି ତାହାର ତଦନ୍ତ କରି ମତ ଦେଇପାରିବେ ବୋଲି ସେ କହିଛନ୍ତି। ଅନୁଗୋଳ ଜିଲାରେ ୨୦୧୪ରେ ୪୧୨ଟି ଶିଳ୍ପ ରହିଥିଲା। ଅଦ୍ୟାବଧି ଏହି ସଂଖ୍ୟା ୫୫୬କୁ ବୃଦ୍ଧିପାଇଛି। ଜିଲା କର୍ମ ନିୟୋଜନ ସଂସ୍ଥାରେ ୨୦୧୪ରେ ୯୧୯ଜଣ ନାମ ପଞ୍ଜୀକରଣକୁ ନବୀକରଣ କରିଥିବାବେଳେ ୨୦୨୨ ବର୍ଷର ଏବେ ଯାଏ ୩୧୫ଜଣ ନବୀକରଣ କରିଛନ୍ତି। ଜିଲା କର୍ମ ନିୟୋଜନ ଅଧିକାରୀ ମାନସ ରଞ୍ଜନ ମହାନ୍ତି କହିଛନ୍ତି, ଯୁବତୀ ଓ ଯୁବକମାନେ ନାମ ପଞ୍ଜୀକରଣ କରିବା ସହ ବିଭିନ୍ନ ମାଧ୍ୟମରେ ଚାକିରି ପାଉଛନ୍ତି। କିନ୍ତୁ କେତେ ନିଯୁକ୍ତି ପାଇଛନ୍ତି ସେନେଇ ତଥ୍ୟ ନ ଥିବା ମହାନ୍ତି କହିଛନ୍ତି।

ରାୟଗଡ଼ା ଜିଲାରେ ୨୦୧୪ ସୁଦ୍ଧା ୧୫୦୯ ଶିଳ୍ପ ସଂସ୍ଥା ଥିବାବେଳେ ୨୦୨୨ ସୁଦ୍ଧା ଏହି ସଂଖ୍ୟା ଦୁଇଗୁଣରୁ ଅଧିକ ହୋଇଛି। ଅର୍ଥାତ୍ ଅଦ୍ୟାବଧି ବିଭିନ୍ନ ସ୍ଥାନରେ ୩୫୯୨ ଛୋଟ, ବଡ଼ ଶିଳ୍ପ କାର୍ଯ୍ୟକ୍ଷମ ଥିବା ରାୟଗଡ଼ା ଜିଲା ଆଞ୍ଚଳିକ ଶିଳ୍ପକେନ୍ଦ୍ରର ଇଣ୍ଡଷ୍ଟ୍ରି ପ୍ରମୋଶନ ଅଫିସର ସବ୍ୟସାଚୀ ସାହୁ କହିଛନ୍ତି। କିନ୍ତୁ କର୍ମ ନିୟୋଜନ ସଂସ୍ଥାରେ ଶିକ୍ଷିତ ଯୁବତୀଯୁବକମାନଙ୍କ ନାମ ପଞ୍ଜୀକରଣର ନବୀକରଣ ଉତ୍ସାହଜନକ ନୁହେଁ। କାରଣ ୨୦୧୬ରେ ୫୫୫ଜଣ ନବୀକରଣ କରିଥିବାବେଳେ ୨୦୨୧ରେ ୩୨୬ ଏବଂ ୨୦୨୨ରେ ଅଦ୍ୟାବଧି ୧୩୮ଜଣ ନବୀକରଣ କରିଛନ୍ତି। ଏଭଳିସ୍ଥଳେ ଚଳିତବର୍ଷ ମାତ୍ର ୫୦ଜଣଙ୍କୁ ଶିଳ୍ପରେ ନିଯୁକ୍ତି ମିଳିବା ନେଇ ଜିଲା କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର କହିଛନ୍ତି, ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ମିଳୁଛି। ଜିଲାରେ ନିଯୁକ୍ତି ଦେବା ପାଇଁ ସୁଯୋଗ ସୃଷ୍ଟି କରାଯାଉଛି।

### ରେଳ କର୍ମଚାରୀଙ୍କୁ ୭୮ ...

ଠାକୁର କହିଛନ୍ତି। ଏହାଦ୍ୱାରା ୧୧.୨୭ ଲକ୍ଷ ଅଣଗେଜେଟେଡ୍ ରେଳ କର୍ମଚାରୀ ଉପକୃତ ହେବେ। ଜଣେ ଯୋଗ୍ୟ ରେଳ କର୍ମଚାରୀଙ୍କୁ ୭୮ ଦିନ ପାଇଁ ସର୍ବାଧିକ ୧୭,୯୫୧ ଟଙ୍କା ପୈଠ କରାଯିବ। ଟ୍ରାକ୍ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀ, ଡ୍ରାଇଭର, ଗାର୍ଡ, ଷ୍ଟେଶନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ, ଟେକ୍ନିସିଆନ ହେଲପର, କଣ୍ଟ୍ରୋଲର, ପଏଣ୍ଟସ୍‌ମ୍ୟାନ, ମିନିଷ୍ଟ୍ରିଆଲ ଷ୍ଟାଫ୍ ଏବଂ ଅନ୍ୟ ଗ୍ରୁପ୍ 'ସି' କର୍ମଚାରୀ ଏହି ବୋନସ ପାଇବେ।

### ଯନ୍ତ୍ରଣା ନିବାରକ ...

ଇନ୍‌ସୁଲିନ୍ ଅତି ସହଜରେ ଡାଇଜେଷ୍ଟିଭ୍ ଟ୍ରାକ୍‌ରେ ପହଞ୍ଚିଯାଏ। ପୂରା ପ୍ରକ୍ରିୟା ଶେଷ ହେବା ପରେ ରୋବୋକ୍ୟାପ୍ ଅନ୍ତନାଡ଼ି ଦେଇ ମଳଦ୍ୱାର ବାଟେ ବାହାରିଯାଏ। ଏମ୍‌ଆଇଟିର ବୈଜ୍ଞାନିକମାନେ ୭ ଘୁଷୁରିଙ୍କଠାରେ ରୋବୋକ୍ୟାପ୍‌ର ପରୀକ୍ଷାମୂଳକ ପ୍ରୟୋଗ କରିଛନ୍ତି। ଏହା ଜରିଆରେ ଶରୀରରେ ଔଷଧ ଆବ୍‌ଜର୍ଭ କରିବାର କ୍ଷମତା ୨୦ରୁ ୪୦ ଗୁଣା ବଢ଼ିଥିବା ଜଣାପଡ଼ିଛି। ଗୋଟିଏ ଘଣ୍ଟା ମଧ୍ୟରେ ରୋବୋକ୍ୟାପ୍ ଶରୀରରେ କାର୍ଯ୍ୟ କରିବା ଆରମ୍ଭ କରିଥାଏ। କମ୍ ରୋଗ ପ୍ରତିରୋଧକ ଶକ୍ତି ଥିବା ଲୋକଙ୍କ ପକ୍ଷେ ଏହା କିପରି କାର୍ଯ୍ୟ କରିବ, ସେନେଇ ଗବେଷଣା କରାଯିବା ଆବଶ୍ୟକ ବୋଲି ୟୁନିଭର୍ସିଟି କଲେଜ, ଲଣ୍ଡନର ଗବେଷକ ଅବଦୁଲ ବସିତ କହିଛନ୍ତି।

### ବିମୁଦ୍ରୀକରଣ ନିଷ୍ପତ୍ତିର ...

ଦାୟିତ୍ୱ ବୋଲି ଜଷ୍ଟିସ ଏସ୍.ଏ. ନାଜିରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ କହିଛନ୍ତି। ବିମୁଦ୍ରୀକରଣକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନ ଉପରେ ବିସ୍ତୃତ ସତ୍ୟପାଠ ଦାଖଲ ଲାଗି ସାମ୍ବିଧାନିକ ପୀଠ କେନ୍ଦ୍ର ସରକାର ଏବଂ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ବିମୁଦ୍ରୀକରଣ ଅଧିନିୟମକୁ ଯଦି ଉପଯୁକ୍ତ ଦୃଷ୍ଟିକୋଣରୁ ଚ୍ୟାଲେଞ୍ଜ କରା ନ ଯାଏ, ତେବେ ଏହି ପ୍ରସଙ୍ଗ ଜରୁରୀ ଭାବେ ଶୈକ୍ଷିକ ହୋଇ ରହିଯିବ ବୋଲି ଆଟର୍ନି ଜେନେରାଲ ଆର୍. ଭେଙ୍କଟରମନି କହିଛନ୍ତି। ବ୍ୟାଙ୍କ ନୋଟ୍ (ବିମୁଦ୍ରୀକରଣ) ଅଧିନିୟମ ୧୯୭୮ରେ ଗୃହୀତ ହୋଇଥିଲା। ଅର୍ଥନୀତିକୁ କ୍ଷତି ପହଞ୍ଚାଉଥିବା ବେଆଇନ ଅର୍ଥ କାରବାରକୁ ରୋକିବା ଲାଗି ସାଧାରଣ ସ୍ୱାର୍ଥ ଦୃଷ୍ଟିରୁ କେତେକ ବଡ଼ ବ୍ୟାଙ୍କନୋଟ୍‌କୁ ରଦ୍ଦ କରିବା ନିମନ୍ତେ ଏହି ଆଇନ ଅଣାଯାଇଥିଲା। ତେବେ ୨୦୧୬ର ବିମୁଦ୍ରୀକରଣ କେବଳ ଶୈକ୍ଷିକ ଥିଲା ନା ଏହା ଅନାବଶ୍ୟକ ହୋଇଥିଲା, ତାହା ଘୋଷଣା କରିବାକୁ ହେଲେ ଉଭୟ ଦିଗରୁ ଏହାକୁ ଭଲଭାବେ ଅନୁଧ୍ୟାନ କରାଯିବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ ତାଙ୍କ ନିର୍ଦ୍ଦେଶନାମାରେ କହିଛନ୍ତି। ଏହି ପ୍ରସଙ୍ଗର ଉତ୍ତର ପାଇବାକୁ ହେଲେ, ତାହା ଶୈକ୍ଷିକ ଥିଲା କି ନାହିଁ କିମ୍ବା ନ୍ୟାୟିକ ସମୀକ୍ଷା ପରିସର ବାହାରେ କି ନୁହେଁ, ତାହା ଶୁଣିବାକୁ ଓ ଜବାବ ଦେବାକୁ ହେବ। ଲକ୍ଷ୍ମଣରେଖା କେଉଁଠି, ତାହା ଆମେ ସବୁବେଳେ ଜାଣିଛୁ, ତେବେ ବିମୁଦ୍ରୀକରଣ ଯେଉଁ ଢଙ୍ଗରେ ହୋଇଥିଲା, ତାହାର ଯାଞ୍ଚ କରିବାକୁ ପଡ଼ିବ। ଏହା ଉପରେ ନିଷ୍ପତ୍ତି ନେବା ଲାଗି ପ୍ରତିପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବାକୁ ହେବ ବୋଲି ଜଷ୍ଟିସ ନାଜିରଙ୍କ ଅଧ୍ୟକ୍ଷତାରେ ବି.ଆର୍. ଗଭାଇ, ଏ.ଏସ୍. ବୋପନ୍ନା, ଭି. ରାମସୁବ୍ରମଣ୍ୟନ ଏବଂ ବି.ଭି. ନାଗରତ୍ନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଅନ୍ୟପକ୍ଷରେ ଶୈକ୍ଷିକ ପ୍ରସଙ୍ଗ ଉଠାଇ ଅଦାଲତଙ୍କ ମୂଲ୍ୟବାନ ସମୟର ଅପଚୟ କରାଯିବା ଉଚିତ ନୁହେଁ ବୋଲି ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ତେବେ ଆବେଦନକାରୀ ବିବେକ ନାରାୟଣ ଶର୍ମାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶ୍ୟାମ ଦିବାନ ଏହାକୁ ଖଣ୍ଡନ କରିଥିଲେ। କାରଣ ଏଭଳି ମାମଲା ସାମ୍ବିଧାନିକ ପୀଠରେ ଉପସ୍ଥାପନ କରାଇବାକୁ ପୂର୍ବ ଖଣ୍ଡପୀଠ କହିସାରିଛନ୍ତି। ସେହିପରି ଅନ୍ୟ ଏକ ପକ୍ଷର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ କହିଥିଲେ, ଏହା ଶୈକ୍ଷିକ ପ୍ରସଙ୍ଗ ହୋଇନାହିଁ ଏବଂ ଶୀର୍ଷ ଅଦାଲତ ଏହା ଉପରେ ନିଷ୍ପତ୍ତି ନେବାକୁ ହେବ। ଏଭଳି ବିମୁଦ୍ରୀକରଣ ଲାଗି ପାର୍ଲାମେଣ୍ଟରେ ସ୍ୱତନ୍ତ୍ର ଅଧିନିୟମ ଆଣିବାର ଥିଲା ବୋଲି ସେ କହିଥିଲେ। ସବୁ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ସୁପ୍ରିମକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୯କୁ ଧାର୍ଯ୍ୟ କରିଛନ୍ତି।

### ମୂଲ୍ୟବୃଦ୍ଧି କମାଇବାରେ ...

ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏଥିରେ ୨ ପ୍ରତିଶତ ବେଶି କିମ୍ବା କମ୍ ହୋଇପାରେ। ତେବେ ଗତ ଏପ୍ରିଲରୁ ମୁଦ୍ରାସ୍ଫୀତି ଏହାଠାରୁ ଅଧିକ ରହିଆସିଛି। ଏହାକୁ ହ୍ରାସ କରିବାକୁ ଯାଇ ରିଜର୍ଭ ବ୍ୟାଙ୍କ କ୍ରମାଗତ ଭାବେ ରେପୋ ରେଟ୍ ବଢ଼ାଇ ଚାଲିଛନ୍ତି। ଏହାସତ୍ତ୍ୱେ ମୁଦ୍ରାସ୍ଫୀତି କମୁ ନ ଥିବାରୁ ଆଗାମୀ ଦିନରେ ସୁଧହାର ପୁଣି ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି। ସୁଧହାର ବଢ଼ିଲେ ସାଧାରଣ ଲୋକଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡ଼ିବ। ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି (ଏମ୍‌ପିସି) ପ୍ରତି ଦୁଇ ମାସରେ ମୁଦ୍ରାନୀତିର ସମୀକ୍ଷା କରିଥାନ୍ତି। ମୁଦ୍ରାନୀତି ନିର୍ଦ୍ଧାରଣ ବେଳେ ଖୁଚୁରା ମୁଦ୍ରାସ୍ଫୀତି ସଂଖ୍ୟାକୁ ବିଚାରକୁ ନିଆଯାଇଥାଏ। ମୁଖ୍ୟତଃ ଇନ୍ଧନ ଓ ଖାଦ୍ୟସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବଢ଼ୁଛି। ଗତ ଫେବୃୟାରୀ ୨୪ରୁ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ଏହାର ପ୍ରଭାବ ବଜାର ଦର ଉପରେ ପଡ଼ିଛି। ଏହାକୁ ନିୟନ୍ତ୍ରଣକୁ ଆଣିବା ଲାଗି ଦୀର୍ଘ ସମୟ ଲାଗିବ ବୋଲି କୁହାଯାଉଛି। ଖୁଚୁରା ମୁଦ୍ରାସ୍ଫୀତି ବଢ଼ିବାରେ ଖାଦ୍ୟସାମଗ୍ରୀ ଦରବୃଦ୍ଧି ୪୦ ପ୍ରତିଶତ ଦାୟୀ। ସେପ୍ଟେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ୮.୬ ପ୍ରତିଶତରେ ପହଞ୍ଚିଛି, ଯାହାକି ପୂର୍ବ ମାସରେ ୭.୬୨ ପ୍ରତିଶତ ରହିଥିଲା। ସେହିପରି ଗତବର୍ଷ ସେପ୍ଟେମ୍ବରରୁ ଚଳିତ ବର୍ଷ ସେପ୍ଟେମ୍ବର ମଧ୍ୟରେ ଇନ୍ଧନ ଓ ବିଦ୍ୟୁତ୍ ଦର ୧୧.୪୪ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବାରେ ଲାଗିଛି। ଗତ ସପ୍ତାହରେ ଏକ ଡଲାରର ବିନିମୟ ମୂଲ୍ୟ ୮୨ ଟଙ୍କା ୩୨ ପଇସାରେ ପହଞ୍ଚିଛି। ଆଗାମୀ ୬ ମାସ ଯାଏ ଏହି ଚାପ ରହିବ ବୋଲି ଆଶଙ୍କା କରାଯାଉଛି।

### ଶ୍ରୀମନ୍ଦିରରେ ହବିଷିଆଳିଙ୍କୁ ...

ସେବାୟତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରିଛନ୍ତି। ଏପରିକି ତାଙ୍କ ଅଭିଯୋଗକୁ ପ୍ରଶାସନ ଚପାଇ ଦେବାକୁ ଉଦ୍ୟମ କରୁଛି ବୋଲି ସେ କହିଛନ୍ତି। ଅଭିଯୋଗ ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ଜିଲା ପ୍ରଶାସନ ଦ୍ୱାରା ବସ୍ ଯୋଗେ ହବିଷିଆଳିମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବା ଉଦ୍ଦେଶ୍ୟରେ ଶ୍ରୀମନ୍ଦିରକୁ ଅଣାଯାଇଥିଲା। ହବିଷିଆଳିଙ୍କ ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ବାଇଶି ପାହାଚ ପାଖରେ ଅଟକି ଯାଇଥିଲେ। ସେଠାରୁ ହବିଷିଆଳିମାନେ ସାତପାହାଚ ପର୍ଯ୍ୟନ୍ତ ଯାଇଥିଲେ। ସାତପାହାଚ ପାଖରେ ଗହଳି ମଧ୍ୟରେ ଜଣେ ସେବାୟତ କୁମାରୀଙ୍କୁ ଦୁର୍ବ୍ୟବହାର କରିଥିଲେ ଓ ଦୂରେଇ ଠିଆ ହେବାକୁ କହିଥିଲେ। କୁମାରୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାଗଣାଖିଆ ବୋଲି କହି ସେବାୟତ ଜଣକ ଧକ୍କା ମାରି ତାଙ୍କ ପ୍ରମାଣପତ୍ରକୁ ଭିଡ଼ିଥିଲେ। ଫଳରେ କୁମାରୀ ତଳେ ପଡ଼ିଯାଇଥିଲେ। ଏହି ସମୟରେ ତାଙ୍କ ବେକ ଉପରେ ସେବାୟତ ଜଣକ ଚଢ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଭକ୍ତମାନେ ଏହା ଦେଖି କୁମାରୀଙ୍କୁ କୌଣସି ପ୍ରକାରେ ଉଦ୍ଧାର କରିଥିଲେ। ଏହାର ସୁଯୋଗ ନେଇ ସମ୍ପୃକ୍ତ ସେବାୟତ ଖସି ପଳାଇଥିଲେ। କୁମାରୀ ଏ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ଜଣାଇଥିଲେ ମଧ୍ୟ ସେ ସିଂହଦ୍ୱାର ଥାନାରେ ଅଭିଯୋଗ କରି ନ ଥିଲେ। ଆକ୍ରମଣରେ କୁମାରୀଙ୍କ ବାମ ଗୋଡ଼ରେ ଆଘାତ ଲାଗି ଫୁଲି ଯାଇଥିବାବେଳେ ବେକରେ ମଧ୍ୟ ଆଘାତ ଲାଗିଛି। ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇ ନ ଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ କୁମାରୀ ସମ୍ପୃକ୍ତ ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହିଁ, ବରଂ ଅଭିଯୋଗକୁ ଚପାଇ ଦେବାକୁ ବସିଛି। ନିୟମ ଅନୁଯାୟୀ, ଅଭିଯୋଗ ଆଧାରରେ ଏତଲା ହୋଇ ତଦନ୍ତ କରାଯିବା କଥା, ମାତ୍ର ସ୍ୱେଚ୍ଛାସେବୀ ଓ ପ୍ରଶାସନ କାହିଁକି ଏହାକୁ ଅଣଦେଖା କଲେ ତାହାକୁ ନେଇ କୁମାରୀ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ମୋତେ ଚୁପ୍ କରାଇ ଦିଆଗଲା। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମୋ' କଥା କେହି ଶୁଣିଲେ ନାହିଁ। ମୋତେ ବିନା କାରଣରେ ଗାଳିଗୁଲଜ କରାଯିବା ସହ ମାଡ଼ ମରାଗଲା। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ଶ୍ରଦ୍ଧାଳୁ ଓ ହବିଷିଆଳିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

କେତେଜଣ ସେବାୟତଙ୍କ ଏଭଳି ଆଚରଣ ପାଇଁ ଶ୍ରୀମନ୍ଦିର ବଦ୍‌ନାମ ହେଉଥିବା ସେମାନେ କହିଛନ୍ତି। ସମ୍ପୃକ୍ତ ସେବାୟତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି। ବୁଦ୍ଧିଜୀବୀ ଚିନ୍ମୟ ଦାଶ କହିଛନ୍ତି, ହବିଷିଆଳିଙ୍କୁ ପ୍ରାଥମିକତା ଦେଇ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ଏହି ନିର୍ଦ୍ଦେଶକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଦରକାର। ବିଶେଷ କରି ପୋଲିସ ପ୍ରଶାସନ ଏମାନଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଉଚିତ। କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଗହଳି ରହୁଥିବାରୁ ଏଭଳି ଘଟଣା ଘଟିବାର ଆଶଙ୍କା ରହିଛି। ତେଣୁ ସେବାୟତମାନଙ୍କୁ ପୋଲିସ ଓ ପ୍ରଶାସନ ସଚେତନ କରାଇବା ଉଚିତ, ଯାହାଫଳରେ ସେମାନେ ହବିଷିଆଳିଙ୍କୁ ଉତ୍ତମ ବ୍ୟବହାର କରିବେ। ଅନ୍ୟପକ୍ଷରେ ଏନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସମ୍ପୃକ୍ତା ମହିଳାଙ୍କ ସହ ଶ୍ରୀମନ୍ଦିର ଭିତରେ କ'ଣ ଘଟିଛି ତାହାର ଯାଞ୍ଚ କରାଯାଉଛି। ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ମହିଳାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି ଏବଂ ସେ ସୁସ୍ଥ ଅଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଭିନ୍ନ ସମସ୍ୟା ସାଙ୍ଗକୁ ଅର୍ଥ ବ୍ୟୟ ମାନସିକ ସ୍ଥିତିକୁ କଳୁଷିତ କରିଦେବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ । ରଚନାତ୍ମକ କାମ, ଆନୁଷ୍ଠାନିକ କ୍ଷେତ୍ର, ସଭାସମିତିରେ ବନ୍ଧୁଙ୍କ ସହ ଆଲୋଚନାରୁ ଆଶ୍ୱସ୍ତି ଲାଭ କରିବେ।

**ବୃଷ** ଶାରୀରିକ ଅସୁସ୍ଥତା ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତିକୁ ସାମନା କରିବାକୁ ପଡ଼ିପାରେ। ବନ୍ଧୁମାନେ ସୁଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି । ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ତିକ୍ତ ହେବାର ସମ୍ଭାବନା ରହିଛି। ଆଜିର ଯାତ୍ରା, ପ୍ରକାଶନ, ବ୍ୟବସାୟ, କଳା କ୍ଷେତ୍ର ମନ୍ଦ ହେବନି।

**ମିଥୁନ** ପ୍ରତ୍ୟେକ ସ୍ତରରେ ଭାବିଚିନ୍ତି କାମ କରିବା ଭଲ। କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ, ଅଟଳ ରହିବା କାରଣରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ, କିନ୍ତୁ ଫେରିବା ସମୟରେ ପୂର୍ବର ଆନନ୍ଦ ଆଉ ନ ଥିବ ।

**କର୍କଟ** ବନ୍ଧୁ ଅର୍ଥଲାଭର ସୁବିଧା କରାଇଲେ ମଧ୍ୟ ପାରିବାରକ କ୍ଷେତ୍ରକୁ ବିପଦସଙ୍କୁଳ କରିପାରନ୍ତି। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରକାଶନ, ପ୍ରଶାସନ, ସାମ୍ବାଦିକତା ଓ ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି ପାଣିଫୋଟକା ପରି ମିଳାଇଯିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିବ। ବ୍ୟବସାୟିକ କ୍ଷେତ୍ର ଓ ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହି ନ ପାରେ । ଆକସ୍ମିକ ଭାବରେ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ହାସଲ କରିବେ। ଗଠନମୂଳକ କିମ୍ବା ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ । ଆପଣଙ୍କ କାର୍ଯ୍ୟଦକ୍ଷତା ଓ କଥନଶୈଳୀରୁ ପ୍ରଶଂସିତ ହେବେ। ସଭାସମିତିରେ ତଥା ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ତୁଳା** ଆତ୍ମୀୟଙ୍କ ସହଯୋଗରୁ ସମାଧାନର ସୂତ୍ର ବାହାର କରିବାରେ ସମର୍ଥ ହେବେ । ଦୀର୍ଘଦିନର ଅଭିଳାଷ ପୂରଣ ହେବ ଓ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ । ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ମାଲିମକଦ୍ଦମା, ଜମିଜମା ସମସ୍ୟା ସମାଧାନ ଦିଗକୁ ମୁହାଁଇବ।

**ବିଛା** ସତର୍କତା ଅଭାବରୁ ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଠିକ୍ ଓଲଟା ହୋଇଯିବ। ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବିଭିନ୍ନ ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ । ଦୀର୍ଘଦିନ ପରେ ଆଜି ଶାରୀରିକ ସୁସ୍ଥତା ଫେରିପାଇବେ। କୌଣସି ସତ୍ୟତା ନ ଥାଇ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିପାରନ୍ତି। ମହିଳାମାନଙ୍କ କ୍ଷେତ୍ରରେ ଅର୍ଥ ସଙ୍କଟ ଲାଗିରହିବ ।

**ମକର** ବିଭିନ୍ନ ଦିଗରୁ ମାନସିକ ଚାପ ଓ ପ୍ରତିବନ୍ଧକର ସାମନା କରି କାମ ହାସଲ କରିବାକୁ ପଡ଼ିବ। ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। ଆପଣ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଅନ୍ୟମନସ୍କ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ସୃଷ୍ଟି ହେବ। ଅଭିମାନ କରି ରହିଥିବା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ କାଗଜପତ୍ର ସମ୍ପର୍କିତ ଶୁଭ ସୂଚନା ପାଇ ଖୁସି ହେବେ। ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହୋଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ଢଳିପାରେ । ଆର୍ଥିକ ସ୍ୱଚ୍ଛଳତା ବଢିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ । ସାମାଜିକ ସ୍ତରରେ ଉନ୍ନତିମୂଳକ କାମ ସକାଶେ ଦିନଟି ବହୁତ ଭଲ।

ଆଜି ଅକ୍ଟୋବର ୧୩ ତାରିଖ, ଅନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ, କାର୍ତ୍ତିକ କୃଷ୍ଣ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର - କୃତ୍ତିକା/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୪ ମି. ଗତେ ଘ.୦୮।୩୮ମି. ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ.୦୨।୨୮ମି. ଗତେ ଘ.୦୩।୫୫ମି. ମଧ୍ୟେ ରାହୁକାଳ।


# classifieds

**Everyday**
**0674-2580101, 2549302**




**SALE**

**Simplex, Duplex and Triplex available for sale within gated community and facilities like Childrens Play Area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1680

Khurdha Collector Office ରୁ 2 k.m. distanceରେ ଘରବାରି boundary plot ମିଳୁଅଛି। Contact: 7750068828, 9439101373. D-1749

**30ft. gharabari plot sale Gangapada near Maharaja College sqft.-850/- (Bank loan available). 9439364818, 9337766961.** D-1716

**Sum Hospital ପାଖରେ (60x40) BDA plotରେ ୩ ମହଲା ଘର ଓ ଏକ 3BHK Apartment ବିକ୍ରିହେବ। 7978124465, 7991006699.** D-1702

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

Gharabadi plot 1750 sqft. near SVNIRTAR HOSPITAL with road, electricity etc. to be sold. Call- 7978168941. No middleman call please. D-1756




Fullbody relax massage refresh your body with trend therapist. 7008773793. D-73650

Herbal full body massage by smart/expert therapist. Contact: 9040171280. D-73984

Newly open full body massage ladies and gents. 8327740003, 8093860513. D-73985

Herbal full body massage by smart / expert therapist. Contact: 8455985899. D-73986

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

Newly opened full body massage center by expert therapist. 7381172169. D-73651

**AFFIDAVIT**

By virtue of an affidavit sworn in before the Executive Magistrate, Athgarh, I, Budhimanta Khan, S/o Satar Khan, Vill.- Matikot, P.O.- Arakhapatana, P.S.- Athgarh, Dist.-Cuttack affirm that as per my Aadhaar Card No.- am so. But in my SBI passbook bearing Account Number- 31101090116 my name has been wrongly described as Alimulla Khan, S/o Sattar Khan which needs to be corrected as per my Aadhaar Card. D-1758

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୭୯,୦୩,୪୦୧ | ୬୫,୬୪,୪୨୨ | ୬୦,୭୪,୧୬,୦୨୦ |
| ଭାରତ | ୪,୪୬,୧୮,୫୩୩ | ୫,୨୮,୮୩୫ | ୪,୪୦,୬୩,୪୦୬ |
| ଓଡ଼ିଶା | ୧୩,୩୫,୧୫୩ | ୯୧୯୯(+୫୩) | ୧୩,୨୫,୩୧୮ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆର୍.କେ. ଶର୍ମା ଗୋପବନ୍ଧୁ ଏକାଡେମୀ ଡିଜି

ଭୁବନେଶ୍ୱର,୧୨।୧୦(ବ୍ୟୁରୋ): ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଫିସର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମାଙ୍କୁ ଗୋପବନ୍ଧୁ ଏକାଡେମୀର ଡାଇରେକ୍ଟର ଜେନେରାଲ(ଡିଜି) ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥିବା ସମୟରେ ଶର୍ମା ଛୁଟିରେ ଯାଇଥିଲେ। ବିଭାଗର ଦାୟିତ୍ୱ ଅସ୍ଥାୟୀ ଭାବେ ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଦିଆଯାଇଥିଲା। ପରେ ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତଙ୍କୁ ସ୍ୱାସ୍ଥ୍ୟ ବିଭାଗ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଛୁଟିରୁ ଫେରିବା ପରେ ଶର୍ମାଙ୍କୁ ଗୋପବନ୍ଧୁ ଏକାଡେମୀର ଡିଜି ଭାବେ ନିଯୁକ୍ତି ଦିଆଯାଇଛି।

### ୮୦୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୩ ଗିରଫ



ଜଳେଶ୍ୱର/ଭୋଗରାଇ, ୧୨।୧୦(ଡି.ଏନ.ଏ.): ପଶ୍ଚିମବଙ୍ଗରୁ ଜଳେଶ୍ୱର ଅଭିମୁଖେ ଆସୁଥିବା ୨ଟି ବାଇକ୍‌ରେ ପ୍ରାୟ ୮୦୦ ଗ୍ରାମର ବ୍ରାଉନସୁଗାରକୁ ଅବକାରୀ ବିଭାଗ ବୁଧବାର ଜବତ କରିଛି। ଏଥିରେ ୨ଟି ବାଇକ୍ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ପଶ୍ଚିମବଙ୍ଗରୁ ଓଡିଶାକୁ ବିଭିନ୍ନ ରାସ୍ତାରେ ବ୍ରାଉନ୍‌ସୁଗାର ଆସୁଥିବା ଖବରପାଇ ଅବକାରୀ ବିଭାଗ ପକ୍ଷରୁ କେତେକ ସ୍ଥାନରେ ଜାଲ ବିଛାଇଥିଲା। କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ଓ ଅବକାରୀ ବିଭାଗର କର୍ମଚାରୀମାନେ ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ଥାନା ଅଧୀନ ରାଜପଥ ହେଟେଲ ନିକଟରେ ଜଗିଥିବା ବେଳେ ଏକ ବାଇକରେ ଥିବା ପଥରପୁରା ଅଞ୍ଚଳର ଅନିତା ବାରିକ (୨୨) ଓ ଶୁଭାରୁଦ୍ଦିନ (୨୮)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୮୦ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ସେହିପରି ୫୭ ରାଜ୍ୟ ରାଜପଥର କମର୍ଦ୍ଦା ଥାନା ବାରମାଇଲ ନିକଟରୁ କଣ୍ଟାବଣିଆ ଗ୍ରାମର ଦିବାକର ନାୟକ (୨୩) ଏକ ବାଇକ୍‌ରେ ଗଲାବେଳେ ୩୨୦ ଗ୍ରାମ୍ ବ୍ରାଉନସୁଗାର ସହିତ ଏକ ବାଇକ୍‌କୁ ଜବତ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଅଭିରାମ ସାହୁ ସୂଚନା ଦେଇଛନ୍ତି।

## ଏସ୍‌ଏଏସିଏଆର୍ ୱେବ୍ ପୋର୍ଟାଲ ଉଦ୍‌ଘାଟିତ | ଶୀଘ୍ର ମିଳିବ କ୍ଷତିପୂରଣ

- ତଦନ୍ତ ପ୍ରକ୍ରିୟା ଦ୍ରୁତ ହେବ: ମୁଖ୍ୟମନ୍ତ୍ରୀ
- ଆକାଉଣ୍ଟକୁ ସିଧାସଳଖ ଯିବ କ୍ଷତିପୂରଣ ରାଶି

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସିଙ୍ଗଲ୍‌ୱିଣ୍ଡୋ ଆପ୍ଲିକେଶନ ଆଟ୍ରୋସିଟି କମ୍ପେନସେସନ ଆସିଷ୍ଟାନ୍ସ ଫର୍ ରିଲିଫ୍ (ଏସ୍‌ଏଏସିଏଆର୍) ୱେବ୍ ପୋର୍ଟାଲକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏହି ପୋର୍ଟାଲ ଏସ୍‌ସି, ଏସ୍‌ଟି ପୀଡ଼ିତ ମାମଲାକୁ ୨୧ ଦିନରେ ତଦନ୍ତ କରି କ୍ଷତିପୂରଣ ଦେବାରେ ସହାୟତା କରିବ। ବର୍ତ୍ତମାନ ମାନୁଆଲ ଭାବେ ଚାଲୁଥିବା ତଦନ୍ତ ଓ କ୍ଷତିପୂରଣ ଯୋଗୁ ହେଉଥିବା ବିଳମ୍ବକୁ ଏସ୍‌ଏଏସିଏଆର୍ ଦୂର କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପୋର୍ଟାଲର ବିକାଶ କରିଥିବାରୁ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ, ଏସ୍‌ସି ଓ ଏସ୍‌ଟି କଲ୍ୟାଣ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଧନ୍ୟବାଦ ଦେଇଛନ୍ତି। ଏହି ପୋର୍ଟାଲ ୫-ଟି ପ୍ରକ୍ରିୟାରେ ସେବା ଯୋଗାଇବାରେ ଏକ ବଳଶାଳୀ ମାଧ୍ୟମ ଭାବେ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଏସ୍‌ସି, ଏସ୍‌ଟି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା ଏସ୍‌ସି, ଏସ୍‌ଟିମାନଙ୍କର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଡିଜିପି ସୁନୀଲ ବଂଶଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ସ୍ୱାଗତ ଭାଷଣ ଦେଇଥିଲେ। କ୍ରାଇମ୍ ରେକର୍ଡ ବ୍ୟୁରୋ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। କ୍ଷତିପୂରଣ ରାଶି ସିଧାସଳଖ ପୀଡ଼ିତଙ୍କ ଆକାଉଣ୍ଟରେ ଜମା କରିବାକୁ ନିଷ୍ପତ୍ତି ନିଆଯାଇଛି।

## ତଦନ୍ତ ରିପୋର୍ଟ ମାଗିଲା ଉଚ୍ଚଶିକ୍ଷା ବିଭାଗ

**ବିଜେବି ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣା**

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ତୁରନ୍ତ ତଦନ୍ତ ରିପୋର୍ଟ ଦେବାକୁ ଉଚ୍ଚଶିକ୍ଷା ବିଭାଗ କମିଶନରେଟ ପୋଲିସକୁ ନିର୍ଦ୍ଦେଶ ଦେଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଭୁବନେଶ୍ୱର ଡିସିପିଙ୍କୁ ଚିଠି ଲେଖିଛନ୍ତି। ତଦନ୍ତ କେତେବାଟରେ ପହଞ୍ଚିଛି ତାହାର ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ଚିଠିରେ କୁହାଯାଇଛି। ବିଭାଗ ପକ୍ଷରୁ ଏହି ଚିଠି ହେବା ପରେ ରୁଚିକା ଆତ୍ମହତ୍ୟା ମାମଲା ପୁଣି ଚର୍ଚ୍ଚାକୁ ଫେରିଛି।

ସୂଚନାଯୋଗ୍ୟ, ଗତ ଜୁଲାଇରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ପ୍ରଥମ ବର୍ଷ କଳା ଛାତ୍ରୀ ରୁଚିକା ମହାନ୍ତି କାରୁବାକୀ ଛାତ୍ରୀନିବାସରେ ଆତ୍ମହତ୍ୟା କରିଥିଲେ। ରୁଚିକାଙ୍କ ରୁମ୍‌ରୁ ମିଳିଥିବା ହାତଲେଖା ନୋଟ୍ ଏବଂ ପରିବାର ଲୋକଙ୍କ ଅଭିଯୋଗରୁ ଜଣାପଡ଼ିଥିଲା ଯେ, କେତେଜଣ ସିନିୟର ଛାତ୍ରୀଙ୍କ ରାଗିଂ ଓ ନିର୍ଯାତନା ସହି ନ ପାରି ରୁଚିକା ଆତ୍ମହତ୍ୟା କରିଥିଲେ। ଘଟଣା ପୂର୍ବରୁ ଏ ନେଇ ରୁଚିକା ଫୋନ୍‌ରେ ଜଣାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ତେଣୁ ସମ୍ପୃକ୍ତ ସିନିୟରଙ୍କୁ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ପାଇଁ ରୁଚିକାଙ୍କ ପରିବାର ଲୋକେ ଦାବି କରିଥିଲେ। ଏଥିସହ ବହୁ ଛାତ୍ର ସଙ୍ଗଠନ ମଧ୍ୟ ରାସ୍ତାକୁ ଓହ୍ଲାଇଥିଲା। ବିଭିନ୍ନ ସଙ୍ଗଠନ ସହିତ ରୁଚିକାଙ୍କ ମା' ଦୀର୍ଘଦିନ ଧରି କଲେଜ ସମ୍ମୁଖର ଧାରଣାରେ ବସି ନ୍ୟାୟ ମାଗିଥିଲେ। ହେଲେ ପୋଲିସ ସେମାନଙ୍କୁ ଜବରଦସ୍ତ ଉଠାଇ ଦେଇଥିଲା। ପରେ ନବନିର୍ମାଣ ଯୁବଛାତ୍ର ସଙ୍ଗଠନ ଓଡ଼ିଶା ବନ୍ଦ ଡାକରା ଦେଇ ମୃତ ଛାତ୍ରୀଙ୍କ ପରିବାରକୁ ତୁରନ୍ତ ନ୍ୟାୟ ଦେବାକୁ ଦାବି ଦାବି କରିଥିଲେ। ସେତେବେଳେ ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖାଯାଇ ନ ଥିଲା। ସେପଟେ ପୋଲିସ ବି ଏହି ମାମଲାରେ ପ୍ରକୃତ ସତ୍ୟାସତ୍ୟ ଉପସ୍ଥାପିତ କରିବାରେ ବିଫଳ ହୋଇଥିବାବେଳେ ଏହି ମାମଲାରେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ହସ୍ତକ୍ଷେପ କରିଥିଲେ। ତେବେ ୪ମାସ ବିତିଯାଇଥିଲେ ମଧ୍ୟ ଏଯାଏ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏବେ ବିଭାଗ ପକ୍ଷରୁ ତଦନ୍ତ ରିପୋର୍ଟ ମଗାଯାଇଥିବାରୁ ପରିବାର ଲୋକଙ୍କ ମନରେ ନ୍ୟାୟ ପାଇବା ଆଶା ଉଜ୍ଜୀବିତ ହୋଇଛି।

## ଆଜିଠୁ ଯୁକ୍ତ୩ ପାଠପଢ଼ା

- ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ ଆରମ୍ଭ
- ୨୭ରେ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଗୁରୁବାରଠାରୁ ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ। ଯେଉଁ ଛାତ୍ରୀଛାତ୍ର ହଷ୍ଟେଲରେ ରହିବା ପାଇଁ ନାମ ଲେଖାଇଛନ୍ତି, ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ରଖିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଚେୟାରମ୍ୟାନ, ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି।

ସେପଟେ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମଧ୍ୟ ଗୁରୁବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଯୁକ୍ତ୨ ଭଳି ଉଚ୍ଚଶିକ୍ଷା ବିଭାଗ ଯୁକ୍ତ୩ ବଳକା ସିଟ୍‌ରେ ନାମଲେଖା ଲାଗି ଛାତ୍ରୀଛାତ୍ରଙ୍କୁ ଆଉଥରେ ଆବେଦନ କରିବାକୁ ଏହି ସୁଯୋଗ ଦେଇଛି। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିଲେ, ମନୋନୀତ ହୋଇ ନାମ ଲେଖାଇ ନ ଥିଲେ, ଆଦୌ ମନୋନୀତ ହୋଇ ନ ଥିବା ଓ ଆବେଦନ କରି ନ ଥିବା ଛାତ୍ରୀଛାତ୍ର ଏଥିପାଇଁ ଆବେଦନ କରିପାରିବେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ସାମ୍ସ ପୋର୍ଟାଲରେ ଫର୍ମ ଉପଲବ୍ଧ ହେବ। ୧୯ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ୨୭ ତାରିଖ ଅପରାହ୍ନ ୨ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ୨୮, ୨୯ ଏବଂ ୩୧ ତାରିଖ ଅପରାହ୍ନ ୫ଟାରେ ଭିତରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ନଭେମ୍ବର ୭ ଅପରାହ୍ନ ୨ଟାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ୯ ରୁ ୧୧ ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମଲେଖା ହେବ।

ରାଜ୍ୟରେ ୧,୦୨୩ ଡିଗ୍ରୀ କଲେଜରେ ମୋଟ ୨,୫୨,୧୬୫ ସିଟ୍ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧,୬୦,୮୨୭ଜଣ ନାମଲେଖାଇଛନ୍ତି। ଏବେ ୯୧,୩୩୮ ସିଟ୍ ବଳକା ପଡ଼ିଛି। କଳାରେ ୪୦,୨୧୩, ଫିଜିକାଲ ସାଇନ୍ସରେ ୨୦,୯୯୯, ବାୟୋଲୋଜିକାଲ ସାଇନ୍ସରେ ୧୦,୯୬୩, ବାଣିଜ୍ୟରେ ୧୩,୭୩୮, ସେଲ୍ଫ ଫାଇନାନ୍ସିଂରେ ୭୦୬ ଏବଂ ସଂସ୍କୃତରେ ୪,୭୧୯ ସିଟ୍ ଖାଲି ପଡ଼ିଛି। ଏସବୁ ସିଟ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ତେବେ ୬୩ପ୍ରତିଶତରୁ ଅଧିକ ସିଟ୍ ପୂରଣ ହୋଇଥିବାରୁ ପାଠପଢ଼ା ଆରମ୍ଭ କରିବାକୁ ବିଭାଗ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଥିଲା।

## ଜୁଡିସିଆଲ ଇନ୍‌ଫ୍ରାଷ୍ଟ୍ରକଚର ମ୍ୟାନେଜମେଣ୍ଟ ଏଜେନ୍ସି ଆରମ୍ଭ

**ସମଗ୍ର ଦେଶରେ ପ୍ରଥମ**

କଟକ ଅଫିସ,୧୨।୧୦




ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର 'ଜୀମା'କୁ ଉଦ୍‌ଘାଟନ କରୁଛନ୍ତି।

ନ୍ୟାୟିକ ବ୍ୟବସ୍ଥାରେ ହେଉଥିବା ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ହାଇକୋର୍ଟଙ୍କ ସହଯୋଗରେ ଏକ ସ୍ୱତନ୍ତ୍ର ସଂସ୍ଥା ପ୍ରତିଷ୍ଠା କରିଛନ୍ତି। ଏହି ସଂସ୍ଥା କଟକସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ସର୍କଲ କାର୍ଯ୍ୟାଳୟ ପରିସରରେ ବୁଧବାରଠାରୁ କାର୍ଯ୍ୟାରମ୍ଭ କରିଛି। ଜୁଡିସିଆଲ ଇନ୍‌ଫ୍ରାଷ୍ଟ୍ରକଚର ମ୍ୟାନେଜମେଣ୍ଟ ଏଜେନ୍ସି (ଜିମା) ନାମକ ଏହି ସଂସ୍ଥା ସମଗ୍ର ରାଜ୍ୟର ବିଚାର ବ୍ୟବସ୍ଥାରେ ନିର୍ମାଣ କାର୍ଯ୍ୟକୁ ପରିଚାଳନା କରିବ। ଏଭଳି ଏକ ବ୍ୟବସ୍ଥା ସମଗ୍ର ଦେଶରେ ପ୍ରଥମ ବୋଲି ହାଇକୋର୍ଟ ପକ୍ଷରୁ କୁହାଯାଇଛି।

ସୂଚନା ମୁତାବକ, ୨୦୨୨ ଏପ୍ରିଲରେ ଦିଲ୍ଲୀଠାରେ ଅନୁଷ୍ଠିତ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କ ସମ୍ମିଳନୀରେ ନ୍ୟାୟିକ ବ୍ୟବସ୍ଥାରେ ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ତଦାରଖ ତଥା ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ସଂସ୍ଥାର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ନ୍ୟାୟିକ ବ୍ୟବସ୍ଥାରେ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଅଦାଲତ କୋଠା, ବିଚାରପତି, ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ନିମନ୍ତେ ଆବଶ୍ୟକ ଆବାସିକ ଗୃହ ନିର୍ମାଣ ଆଦି ବେଳେ ଗୁଣବତ୍ତା ପରଖିବା ଏକ ବହୁତ ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେଣୁ ସ୍ୱତନ୍ତ୍ର ସଂସ୍ଥା ଜିମା ନିର୍ମାଣ କାର୍ଯ୍ୟ ପରିଚାଳନା କରିବା ସହ ସାରା ରାଜ୍ୟରେ ଥିବା ଅଦାଲତଗୁଡ଼ିକରେ ଭିତ୍ତିଭୂମିର ରକ୍ଷଣାବେକ୍ଷଣ, ମରାମତି ଆଦି କାର୍ଯ୍ୟ କରିବ। ଏହା ଏକ ନୋଡାଲ ଏଜେନ୍ସି ଭାବେ ନିର୍ମାଣ କାର୍ଯ୍ୟର ତଦାରଖ, ନିର୍ମାଣ ପ୍ରକଳ୍ପଗୁଡ଼ିକର ବାସ୍ତବ ଓ ଆର୍ଥିକ ସ୍ଥିତି ଉପରେ ନଜର ରଖିବ। ଜିମାରେ ନିଯୁକ୍ତ ଇଞ୍ଜିନିୟର ଓ ଆର୍କିଟେକ୍ଟମାନେ ନିର୍ମାଣ ପ୍ରକଳ୍ପଗୁଡ଼ିକର ଡ୍ରଇଂ, ଡିଜାଇନ ପ୍ରସ୍ତୁତ କରିବା, ଠିକାଦାରଙ୍କ ପ୍ରାପ୍ୟ ପ୍ରଦାନ, ବାର୍ଷିକ ରକ୍ଷଣାବେକ୍ଷଣ, ତଦାରଖ ଆଦି କାର୍ଯ୍ୟ କରିବେ।

ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏହି ସରକାରୀ ସଂସ୍ଥା ଜିମାକୁ ଆନୁଷ୍ଠାନିକ ଭାବେ କଟକସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ସର୍କଲ କାର୍ଯ୍ୟାଳୟ ପରିସରରେ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟନ କରିଛନ୍ତି। ହାଇକୋର୍ଟ ବିଲ୍‌ଡିଂ କମିଟି ଫର ହାଇକୋର୍ଟ ପ୍ରୋଜେକ୍ଟସ୍‌ର ଚେୟାରମ୍ୟାନ ବିଚାରପତି ଯଶୱନ୍ତ ସିଂହ, ହାଇକୋର୍ଟ ବିଲ୍‌ଡିଂ କମିଟି ଫର ସବ୍‌ଅର୍ଡିନେଟ କୋର୍ଟସ୍ ବିଚାରପତି ବି. ଆର୍. ଷଡ଼ଙ୍ଗୀ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ବିଚାରପତି ଆର୍. ବାଲକ୍ରିଷ୍ଣ, ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବଙ୍କ ସମେତ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ, ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ରାଜଧାନୀରେ ସାଇବର ଠକେଇ | ସେପ୍ଟେମ୍ବରରେ ଲୁଟିନେଲେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ବାରମ୍ବାର ସଚେତନତା ସତ୍ତ୍ୱେ ରାଜଧାନୀବାସୀ ଚେତୁ ହେଉନାହାନ୍ତି। ଦିନକୁ ଦିନ ସାଇବର ଠକଙ୍କ ଜାଲରେ ପଡି ଟଙ୍କା ହରାଉଛନ୍ତି। ଗତ ୬ ମାସ ତଥ୍ୟକୁ ଦେଖିଲେ ଏହା ଜଳଜଳ ଦିଶୁଛି। ଏହି ସମୟ ମଧ୍ୟରେ ୧୫ ଶହରୁ ଅଧିକ ସାଇବର ଠକେଇ ମାମଲା ରୁଜୁ ହୋଇଥିବାବେଳେ ୬ କୋଟିରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି ଠକ। ଏପ୍ରିଲରେ ୭୬ଲକ୍ଷ ଟଙ୍କା, ମେ'ରେ ୭୫ ଲକ୍ଷ ୭୫ ହଜାର, ଜୁନ୍‌ରେ ୧.୬ କୋଟି, ଜୁଲାଇରେ ୧.୩୮ କୋଟି, ଅଗଷ୍ଟରେ ୮୦ ଲକ୍ଷ ଠକେଇ ହୋଇଥିବାବେଳେ ସେପ୍ଟେମ୍ବରରେ ୧ କୋଟି ୭ଲକ୍ଷ ୭୧ ହଜାର ୩୪୮ ଟଙ୍କା ହରାଇଛନ୍ତି ରାଜଧାନୀବାସୀ। ଏହି ମାସରେ ସାରା ରାଜ୍ୟରୁ ୩୭୯ଟି ଅଭିଯୋଗ ଆସିଥିଲା। ୩୨୬ଟି ଭୁବନେଶ୍ୱରରୁ ଆସିଥିବାବେଳେ ଅନ୍ୟାନ୍ୟ ଜିଲାରୁ ମାତ୍ର ୫୩ଟି ରହିଛି। ସର୍ବାଧିକ ୧୪୨ ଅଭିଯୋଗ ୟୁପିଆଇଜନିତ, ୭୨ଟି କ୍ରେଡିଟ ଓ ଡେବିଟ କାର୍ଡ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ୩୭ଟି ଅଭିଯୋଗ ରହିଛି। ଅପରପକ୍ଷରେ ଠକେଇ ହୋଇଥିବା କୋଟିଏରୁ ଅଧିକ ଟଙ୍କାରୁ ମାତ୍ର ୧୯ ଲକ୍ଷ ୮୧ ହଜାର ୧୨୯ ଟଙ୍କା ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଥିବାବେଳେ ୨୦ ଲକ୍ଷ ୫୪ ହଜରା ୯୬୪ ଟଙ୍କା ଫ୍ରିଜ୍ କରାଯାଇଛି। ତେଣୁ ଗତ ୬ ମାସର ଏହି ରିପୋର୍ଟକୁ ଦେଖିଲେ ପୁଳା ପୁଳା ଅଭିଯୋଗ ଆସୁଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିପାରୁନାହିଁ। ଫଳରେ ଠକେଇ ଟଙ୍କା ଫେରି ପାଉନାହାନ୍ତି ଅଭିଯୋଗକାରୀ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେବଳ ଅପାଠୁଆ ନୁହେଁ, ବରଂ ଶିକ୍ଷିତ ବର୍ଗର ଲୋକେ ସାଇବର ଜାଲରେ ଶିକାର ହେଉଛନ୍ତି। ସୂଚନାଯୋଗ୍ୟ, ସାଇବର ଠକମାନେ ବିଭିନ୍ନ ପ୍ରଲୋଭନ ଆଳରେ ଠକେଇ କରିଚାଲିଛନ୍ତି। ବିଦ୍ୟୁତ ବକେୟା ବିଲ୍, ଚାକିରି ଲୋଭ, ସେୟାର ମାର୍କେଟ, ଲୋନ କରାଇଦେବା, ପ୍ରେମ ଓ ସହଯୋଗ କରିବା ବାହାନା ଆଦି ମାଧ୍ୟମରେ କୋଟି କୋଟି ଟଙ୍କା ଆଖିପିଛୁଳାକେ ଆକାଉଣ୍ଟରୁ ଗାଏବ କରିଦେଉଛନ୍ତି।

## କାଏମ ରହିଲା ଆସୋସିଏଶନ ପଞ୍ଜୀକରଣ ସ୍ଥଗିତାଦେଶ

**ଆପାର୍ଟମେଣ୍ଟ ଆସୋସିଏଶନ ମାଲିକାନା ମାମଲା**

**ନଭେମ୍ବର ୨୪ରେ ପରବର୍ତ୍ତୀ ଶୁଣାଣି**

କଟକ ଅଫିସ,୧୨।୧୦



ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ପକ୍ଷରୁ ଆପାର୍ଟମେଣ୍ଟ ମାଲିକଙ୍କ ଆସୋସିଏଶନ ପଞ୍ଜିକରଣ ସ୍ଥଗିତାଦେଶ ହଟାଇବା ପାଇଁ ଆଗତ ମାମଲାକୁ ବୁଧବାର ହାଇକୋର୍ଟ ଖାରଜ କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ବିନା ଅନୁମତିରେ ସ୍ଥଗିତାଦେଶ ହଟାଇବା ନେଇ ଆବେଦନ ଉପରେ ଓରେରାକୁ ଭର୍ତ୍ସନା କରିଛନ୍ତି। ତେବେ ସରକାର ଆପାର୍ଟମେଣ୍ଟ ମାଲିକଙ୍କ ଆସୋସିଏଶନ ପଞ୍ଜୀକରଣ ନିମନ୍ତେ ନୂତନ ସଂଶୋଧିତ ଆଇନ ଆଣିବା ପର୍ଯ୍ୟନ୍ତ ସ୍ଥଗିତାଦେଶ କାଏମ ରହିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

ପ୍ରକାଶ ଯେ, ଆପାର୍ଟମେଣ୍ଟ ମାଲିକମାନଙ୍କ ଆସୋସିଏଶନ ପଞ୍ଜୀକରଣ ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ ଆଧାରରେ କରାଇବା ନିମନ୍ତେ ଓରେରା ବିଜ୍ଞପ୍ତି ଜାରି କରିଥିଲା। ଏହା ବିରୋଧରେ ହାଇକୋର୍ଟରେ ଆଗତ ଆବେଦନର ଶୁଣାଣି କରି ଗତ ୩୦ ତାରିଖରେ ଉଚ୍ଚ ଅଦାଲତ ଏହି ପଞ୍ଜିକରଣ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ତେବେ ସ୍ଥଗିତାଦେଶକୁ ହଟାଇବା ନିମନ୍ତେ ପୁଣି ଓରେରା ପକ୍ଷରୁ ବୁଧବାର ହାଇକୋର୍ଟରେ ଆବେଦନ କରାଯାଇଥିଲା। ନୂଆ ଆପାର୍ଟମେଣ୍ଟ ମାଲିକାନା ଆଇନ ଆଣିବା ନିମନ୍ତେ ଏକାଧିକ ଥର ହାଇକୋର୍ଟରେ ସତ୍ୟପାଠ ଦାଖଲ କରୁଥିଲେ ବି ଏଯାଏ ଅଣାଯାଇ ପାରୁନାହିଁ। ଫଳରେ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ସହ ନୂତନ ଆଇନ ଆସିବା ପର୍ଯ୍ୟନ୍ତ ସ୍ଥଗିତାଦେଶ ବଜାୟ ରହିବ ବୋଲି ସ୍ପଷ୍ଟ କରିଥିଲେ। ମାମଲାର ପରବର୍ତ୍ତୀ ତାରିଖ ନଭେମ୍ବର ୨୪କୁ ଧାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ଶୁଣାଣି ତାରିଖ ପୂର୍ବରୁ ନୂତନ ଆଇନ ଆଣିବା ନିମନ୍ତେ ଓରେରା ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଆପାର୍ଟମେଣ୍ଟ ଆସୋସିଏଶନ ଅଫ୍ ଆଲଟିଜ୍ ଗଠନ ଓ କମନ୍ ଏରିଆ ଅଫ ଲ୍ୟାଣ୍ଡକୁ ଆସୋସିଏଶନ ଅଫ ଆଲଟିଜ୍‌ଙ୍କ ନାମରେ ପଞ୍ଜୀକରଣ ପାଇଁ ଅନୁମତି ଦେବାକୁ ନେଇ ୨୦୧୯ରେ ବିମଳେନ୍ଦୁ ପ୍ରଧାନଙ୍କ ଦ୍ୱାରା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ରାଜ୍ୟରେ ରିୟଲ ଇଷ୍ଟେଟ ଓ ପ୍ରମୋଟରଙ୍କ ଦ୍ୱାରା ବ୍ୟବସାୟିକ ଉଦ୍ଦେଶ୍ୟରେ ଆପାର୍ଟମେଣ୍ଟ ନିର୍ମାଣ କରାଯାଉଛି। ହେଲେ ଆପାର୍ଟମେଣ୍ଟର ଫ୍ଲାଟ୍‌କୁ ଛାଡ଼ି ରହୁଥିବା କମନ୍ ଏରିଆ ବିଲ୍‌ଡରଙ୍କ ହାତରେ ରହୁଛି। ଫଳରେ ଆପାର୍ଟମେଣ୍ଟ ମାଲିକମାନେ ଉକ୍ତ ସ୍ଥାନକୁ ବିନିଯୋଗ କରିପାରୁନାହାନ୍ତି। ଆପାର୍ଟମେଣ୍ଟ ମାଲିକାନା ଆଇନ-୧୯୮୨କୁ କାର୍ଯ୍ୟକାରୀ କରି ମାଲିକ ଆସୋସିଏଶନ ପଞ୍ଜୀକରଣ ମଧ୍ୟ ହୋଇପାରୁ ନାହିଁ। ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରଣୟନ ହୋଇଥିବା ଓରେରା ଆଇନ ଏଥିପାଇଁ ବାଧକ ହୋଇଛି। ଉକ୍ତ ଆଇନ ପରିସରରେ ଆସୋସିଏଶନ ଗଠନ କରିବାକୁ ନିର୍ଦ୍ଦେଶ ଥିବାରୁ ତାହା ସମ୍ଭବ ହୋଇପାରୁନାହିଁ। ମାମଲାର ପରିଚାଳନା ପାଇଁ ସରକାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସଚିବଙ୍କୁ କମ୍ପିଟେଣ୍ଟ ଅଥରିଟି ଭାବେ ନିଯୁକ୍ତ କରିଥିଲେ। ଗତ ଅଗଷ୍ଟ ୨୪ ତାରିଖ ହାଇକୋର୍ଟରେ ମାମଲାର ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ନୂଆ ନିୟମ ଆସିବାକୁ ପ୍ରକ୍ରିୟା ଚାଲୁ ରହିଥିବାରୁ ମାଲିକମାନେ ସଂଘ ଗଠନ କରିବା ନିମନ୍ତେ ସରକାର ୪ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।




ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ। ଏଇ ପୁଣ୍ୟବୋଧ ମଧ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ



# ଧନର ସ୍ୱରୂପ ଓ ଲକ୍ଷ୍ମୀ



ଦେବଦତ୍ତ ପଟ୍ଟନାୟକ

ପୁରାଣରେ ବରୁଣ, ପୁଲୋମନ ଓ ଭୃଗୁଙ୍କୁ ଲକ୍ଷ୍ମୀଙ୍କ ତିନି ପିତା ଭାବେ ବର୍ଣ୍ଣନା କରାଯାଇଛି। ବେଦରେ ବରୁଣ ହେଉଛନ୍ତି ଅସୁର, କିନ୍ତୁ ପୁରାଣରେ ସମୁଦ୍ରର ଦେବତା। ପୁରାଣ ପୁଲୋମନଙ୍କୁ ଅସୁର ରାଜା ଭାବେ ଓ ଭୃଗୁଙ୍କୁ ଅସୁର ଗୁରୁ ଭାବେ ବର୍ଣ୍ଣନା କରିଛି। ଏଥିପାଇଁ ଲକ୍ଷ୍ମୀ ହେଉଛନ୍ତି ଅସୁରଙ୍କ କନ୍ୟା। ପୁରାଣରେ ଦେବତା ଅସୁର ଉଭୟେ ବ୍ରହ୍ମାଙ୍କ ସନ୍ତାନ। ଦେବତା ସ୍ୱର୍ଗରେ ଏବଂ ଅସୁର ପାତାଳରେ ରହନ୍ତି। ସବୁ ଧନ ରହିଛି ପୃଥିବୀ ତଳେ ପାତାଳରେ। ଏଥିପାଇଁ ମାଟିତଳୁ ମଞ୍ଜିରୁ ଗଛ ବାହାରେ, ମାଟିତଳେ ଧାତୁ ସୃଷ୍ଟି ହୋଇଥାଏ ଏବଂ ପାଣି ବି ରହିଛି। ଏହିସବୁ ଧନକୁ ବାହାରକୁ ଆଣିବା ଲାଗି ଆମେ ସୂର୍ଯ୍ୟ, ବାୟୁ ,ଅଗ୍ନି ଓ ବର୍ଷା ଦରକାର କରୁ। ଅର୍ଥାତ୍ ଆମେ ଦେବତାଙ୍କୁ ଆବଶ୍ୟକ କରୁ, ଯେଉଁମାନେ ମଣିଷଙ୍କ ମଙ୍ଗଳରେ କାମ କରୁଥିବାରୁ ସେମାନେ ଭଗବାନ୍ ପାଲଟିଛନ୍ତି। ଅସୁରମାନେ ମାନବଙ୍କୁ ଲକ୍ଷ୍ମୀ (ଧନ)ଦେବା ଲାଗି ଦେବତାଙ୍କୁ ପ୍ରତିରୋଧ କରୁଥିବାରୁ ସେମାନେ ରାକ୍ଷସ ହୋଇଛନ୍ତି।

ସମୁଦ୍ରର ଦେବତା ବରୁଣ। ସେ ଲୁଣ, ମାଛ ଓ ମୁକ୍ତାକୁ ଧନ ଆକାରରେ ମୁକ୍ତରେ ପ୍ରଦାନ କରିଥାନ୍ତି ଓ ତା' ପ୍ରତିବଦଳରେ କିଛି ମାଗି ନ ଥାନ୍ତି। ଏଥିପାଇଁ ସମ୍ଭବତଃ ବରୁଣଙ୍କୁ ଅସୁର ନୁହେଁ ଦେବତା ଭାବେ ଗ୍ରହଣ କରାଯାଏ। ବରୁଣ ମଧ ଉଦାରତାର ପ୍ରତୀକ ଓ ବାସ୍ତବରେ ଧନୀ। ପୁଲୋମନ ପାତାଳର ଶାସକ। ସେ ସହଜରେ ଲକ୍ଷ୍ମୀଙ୍କୁ ଛାଡ଼ନ୍ତି ନାହିଁ। ସେଥିପାଇଁ ପୃଥିବୀରୁ ଧନ ପାଇବା ଲାଗି ମାନବ ଜାତିକୁ ଜଟିଳ କୃଷି ଓ ଖଣି ଉତ୍ତୋଳନ ପଦ୍ଧତି ଆବିଷ୍କାର କରିବାକୁ ପଡ଼ିଛି। ଯେଉଁ ଧନ ମିଳିଛି ତାହାକୁ ପୁଲୋମି(ପୁଲୋମନଙ୍କ କନ୍ୟା) କୁହାଯାଉଛି, ଯାହା ଲକ୍ଷ୍ମୀଙ୍କର ଅନ୍ୟନାମ।

ଭୃଗୁ ଅସୁରମାନଙ୍କ ଗୁରୁ। ସେ ଆଗତ ଭବିଷ୍ୟତ ଗଣନକାର। ତାଙ୍କ ପୁତ୍ର ଶୁକ୍ର ସୃଜନ ସହ ଜଡ଼ିତ। ଯେଉଁ ଲୋକ ଭବିଷ୍ୟତ ଗଣନା କରିପାରେ ଓ ଯାହାଙ୍କର ଦୂରଦୃଷ୍ଟି ଏବଂ ସୃଜନଶୀଳତା ରହିଛି ସେ ଧନ ସୃଷ୍ଟି କରିବାର ବହୁ ସମ୍ଭାବନା ରହିଛି। ଏଥିପାଇଁ ଲକ୍ଷ୍ମୀଙ୍କୁ ଭାର୍ଗବୀ (ଭୃଗୁଙ୍କ କନ୍ୟା)କୁହାଯାଏ। ସେଥିପାଇଁ ସେ ଶୁକ୍ରଙ୍କ ଭଉଣୀ। ଲକ୍ଷ୍ମୀ ଯେତେବେଳେ ପିତାଙ୍କ ସାମ୍ରାଜ୍ୟ ପରିତ୍ୟାଗ କରି ବାହାରକୁ ପ୍ରକଟିତ ହୁଅନ୍ତି ସେତେବେଳେ ତାଙ୍କ ମୂଲ୍ୟ ଆସିଥାଏ। ତେବେ ପୃଥିବୀ ପୃଷ୍ଠରୁ ଧନ ଉତ୍ପାଦନ କରିବା ଏକ ହିଂସୁକ ପଦ୍ଧତି। ଜମି ଏବଂ ମାନବ ବସତି ପାଇଁ ଜଙ୍ଗଲ ଧ୍ୱଂସ କରିବାକୁ ପଡ଼ିବ। ଶିଳ୍ପ ପାଇଁ ଭୂଗର୍ଭରୁ କଞ୍ଚାମାଲ ଉତ୍ତୋଳନ କରିବାକୁ ହେବ। ଅନ୍ୟ ଅର୍ଥରେ, ଲକ୍ଷ୍ମୀଙ୍କୁ ପାଇବାକୁ ହେଲେ ଅସୁରଙ୍କୁ ମାରିବାକୁ ପଡ଼ିବ। ଅନ୍ୟପକ୍ଷରେ ଲକ୍ଷ୍ମୀ ତାଙ୍କ ପିତାଙ୍କ ରାଜ୍ୟ ଛାଡ଼ିଲେ ହିଁ ଚମକିବେ। ପ୍ରକୃତିରୁ ପ୍ରାପ୍ତ ଧନକୁ କଳସୀ ମାଧ୍ୟମରେ ପ୍ରତିପାଦିତ କରାଯାଏ। କଳସୀ ହେଉଛି ଶିଳ୍ପ ଏବଂ ବାଣିଜ୍ୟ କାରବାରର ପ୍ରତୀକ। କଳସୀ ଯିଏ କି ସ୍ୱୟଂ ଲକ୍ଷ୍ମୀ ତାହା ଇନ୍ଦ୍ରଙ୍କ ଅଧୀନରେ ରହିଛି, ଯାହା ଅସୁରମାନଙ୍କଠାରୁ ଛଡ଼ାଇ ଅଣାଯାଇଛି।



ଦେବତାମାନଙ୍କ ଦ୍ୱାରା ନିହତ ଅସୁରମାନଙ୍କୁ ଶୁକ୍ର ବାରମ୍ବାର ପୁନର୍ଜୀବନ ଦେଇଛନ୍ତି , ଯାହା ସଞ୍ଜୀବନୀ ବିଦ୍ୟା ଭାବେ ଜଣାଶୁଣା। ଏହି ବିଦ୍ୟା ମୃତକଙ୍କୁ ପୁନର୍ଜୀବନ ପ୍ରଦାନ କରେ। ଏହା ପୃଥିବୀର ଉର୍ବରତାର ସଙ୍କେତ, ଯାହା ବର୍ଷ ପରେ ବର୍ଷ ଶସ୍ୟ ଫେରାଇ ଆଣିପାରିଥାଏ। ଶସ୍ୟ ଉତ୍ପାଦନକୁ ଦେବତାଙ୍କ ଦ୍ୱାରା ଅସୁରମାନଙ୍କ ବଧ ସହ ସମାନ ବୋଲି ବିଚାର କରାଯାଏ। ଏହି ହିଂସକ କାର୍ଯ୍ୟ ଲକ୍ଷ୍ମୀଙ୍କୁ କୃଷକଙ୍କ ଘରକୁ ଆଣିବାରେ ସହାୟକ ହୋଇଥାଏ। ଭାରତର ଶସ୍ୟ ଅମଳର ପର୍ବ ବସନ୍ତ ନବରାତ୍ରି (ବସନ୍ତରେ ପୂଜିତା ଦେବୀ) କିମ୍ବା ଶରଦ ନବରାତ୍ରି (ଶରତରେ ପୂଜିତା ଦେବୀ) ଭାରତର ଶୀତ ଓ ଗ୍ରୀଷ୍ମ କାଳର କୃଷି ଚକ୍ରକୁ ସୂଚିତ କରେ। ଏହା ଅସୁରମାନଙ୍କ ବଧ ସହ ଜଡ଼ିତ। ଉଦାହରଣ ସ୍ୱରୂପ, ଦଶହରାରେ ଦୁର୍ଗା ମହିଷାସୁରକୁ ଏବଂ ଦୀପାବଳିରେ କୃଷ୍ଣ ନରକାସୁରକୁ ବଧ କରିଥାନ୍ତି। ଦେବତା ଓ ଅସୁରଙ୍କ ଯୁଦ୍ଧ ସବୁବେଳେ ଲାଗି ରହିଛି। ଯେ ପର୍ଯ୍ୟନ୍ତ ମଣିଷ ଫସଲ ପାଇଁ ପ୍ରକୃତି ଉପରେ ନିର୍ଭର କରୁଥିବା ଏବଂ ପ୍ରକୃତିର ଉର୍ବରତା ପୁନଃ ସୃଷ୍ଟି ହେବା ଲାଗି ଚାହୁଁଥିବ ସେ ପର୍ଯ୍ୟନ୍ତ ଏଭଳି ଯୁଦ୍ଧ ଲାଗି ରହିବ। ଏହା କେବେ ବି ଶେଷ ହେବ ନାହିଁ।

ଇନ୍ଦ୍ରଙ୍କ ସ୍ତ୍ରୀ ଭାବେ ଲକ୍ଷ୍ମୀ ସଚୀ ଏବଂ ଇନ୍ଦ୍ର ସଚିନ ଭାବେ ଜଣାଶୁଣା। ଅମରାବତୀରେ ଲକ୍ଷ୍ମୀଙ୍କ ପାଦ ପଡିବା ପରେ ତାହା ସ୍ୱର୍ଗ ପାଲଟିଯାଇଛି। ସେ ସାଥିରେ ଇଚ୍ଛା ପୂରଣ କରୁଥିବା କଳ୍ପତରୁ, ମନୋବାଞ୍ଛା ପୂରଣ କରୁଥିବା ଗାଈ କାମଧେନୁ, ରତ୍ନ ପାଇବା ଆଶା ପୂରଣ କରୁଥିବା ଚିନ୍ତାମଣି , ଅହର୍ନିଶ ଶସ୍ୟ ଓ ସୁନା ବାହାରୁଥିବା ଅଳଙ୍କାରର ପାତ୍ର ଅକ୍ଷୟପାତ୍ର ଆଣିବାରୁ ଅମରାବତୀ ସ୍ୱର୍ଗ ହୋଇଯାଇଛି। ଏହିସବୁ ଧନ ଭଣ୍ଡାର ଯୋଗୁ ଦେବତାମାନେ ଆରାମଦାୟକ ଜୀବନ ଜିଉଛନ୍ତି। ତେବେ ଲକ୍ଷ୍ମୀ ଦେଇଥିବା ସବୁ ସୁଖ ପାଇବାକୁ ଇନ୍ଦ୍ର କାହିଁକି ଯୋଗ୍ୟ ତାହା ପୁରାଣ ସ୍ପଷ୍ଟ କରିନାହିଁ।

ଆଧୁନିକ ଯୁଗ କାହାଣୀର ନୂଆ ସଂସ୍କରଣ ବହୁ ସମୟରେ ଅସୁରଙ୍କୁ ମୂଳ ଜଙ୍ଗଲୀ ନିବାସୀ ଭାବେ ବିଚାର କରେ। ଦେବତାଙ୍କୁ ପ୍ରବାସୀ ଭାବେ ବର୍ଣ୍ଣନା କରିଛି, ଯେଉଁମାନେ ଉନ୍ନତ କୃଷି ଓ ଗାଈଁଲି ଜ୍ଞାନକୌଶଳ ନେଇ ଆସିଥିଲେ। ଏହି କାରଣରୁ ସାମାଜିକ ବିଜ୍ଞାନ ଦୃଷ୍ଟିକୋଣରୁ ବିଚାର କରାଯାଏ ଯେ, ଅସୁର ଓ ଦେବତାଙ୍କ ମଧ୍ୟରେ ସୀମାହୀନ ଯୁଦ୍ଧ ଲାଗିଛି। ଦେବତାଙ୍କୁ ଅତି ଧନୀ ଓ ଅସୁରଙ୍କୁ ନିର୍ଦ୍ଧନ ଭାବେ ବିବେଚନା କରାଯାଏ। ପରମ୍ପରାବାଦୀମାନେ ଦେବତାଙ୍କୁ ସମର୍ଥ ଭାବେ ପ୍ରତିପାଦିତ କରି ସେମାନେ ଲକ୍ଷ୍ମୀଙ୍କୁ ପାଇବା ପାଇଁ ହକଦାର ବୋଲି କହିଥାନ୍ତି। କିନ୍ତୁ ପୁରାଣ ବର୍ଣ୍ଣିତ ଇନ୍ଦ୍ରୀୟ ସୁଖରେ ମଜ୍ଜିଥିବା ଇନ୍ଦ୍ରଙ୍କୁ ଦେଖିଲେ ଏହାର ମାନେ କିଛି ନାହିଁ।

ଯଦି ଦେବତାମାନେ ଲକ୍ଷ୍ମୀଙ୍କୁ ପାତାଳରୁ ଚୋରି କରି ନେଇ ନ ଥାନ୍ତେ, ତେବେ ଲକ୍ଷ୍ମୀଙ୍କର ମୂଲ୍ୟ କିଛି ରହି ନ ଥାନ୍ତା। କିନ୍ତୁ ଅସୁରମାନଙ୍କୁ ଚୋର ଦୃଷ୍ଟିରେ ଦେଖାଯାଏ ନାହିଁ। ସେମାନେ କେବଳ ସେମାନଙ୍କ ଭଉଣୀଙ୍କୁ ଫେରିପାଇବା ପାଇଁ ଚାହାନ୍ତି। ଏଣୁ ସେମାନେ ଅମରାବତୀକୁ ଘେରାବନ୍ଦୀ କରି ସବୁବେଳେ ଦେବତାଙ୍କ ସହ ଯୁଦ୍ଧ କରିଥାନ୍ତି। ଏହା ସ୍ୱର୍ଗକୁ ଏକ ସୀମାହୀନ ଯୁଦ୍ଧର କ୍ଷେତ୍ର କରିଛି। ଆଧୁନିକ ଦୃଷ୍ଟିକୋଣରୁ ଧନର ଜନକ ସହିତ ଇନ୍ଦ୍ର ଏବଂ ଦେବତାଙ୍କୁ ଆମେ ସମାନ ବୋଲି ବିଚାର କରିପାରିବା। କିନ୍ତୁ ଧନ ଉତ୍ପାଦକ ବହୁସମୟରେ ସମାଲୋଚନାର ଶିକାର ହୋଇଥାନ୍ତି କାରଣ ଧନ ଉତ୍ପାଦନ ସବୁବେଳେ ହିଂସକ ହୋଇଥାଏ। ଧନ ଉତ୍ପାଦନ ଲାଗି ପରିସଂସ୍ଥା ନଷ୍ଟ ହେଉଛି। ଶିଳ୍ପ ଓ ବାଣିଜ୍ୟିକ କାରବାର ବଞ୍ଚାଇ ରଖିବାକୁ ଲୋକେ କାମ କରିବାକୁ ବାଧ ହେଉଛନ୍ତି। ଧନ ଉତ୍ପାଦନ ପଦ୍ଧତି ଆର୍ଥିକ ଦୃଷ୍ଟିରୁ ସାମାଜିକ ସ୍ତରରେ ବିଭେଦ ସୃଷ୍ଟି କରେ। ଯେଉଁମାନେ ଶିଳ୍ପ ଓ ମାର୍କେଟ ପ୍ରତିଷ୍ଠା କରନ୍ତି(ଦେବତା ?) ସେମାନଙ୍କ ଶିଳ୍ପ ଓ ମାର୍କେଟରେ କାର୍ଯ୍ୟରତ ଲୋକ ( ଅସୁରମାନେ ?) ଶେଷରେ ବଞ୍ଚିତ ଏବଂ ବହୁ ସମୟରେ ଶୋଷିତ ହୋଇଥାନ୍ତି । ହେଲେ ସେମାନଙ୍କ ଠାରୁ ଉତ୍ପାଦିତ ଧନର ସିଂହଭାଗ ଦାବି କରିବାକୁ ଶିଳ୍ପ ଓ ମାର୍କେଟ ପ୍ରତିଷ୍ଠାତାମାନେ ଯୋଗ୍ୟ ବୋଲି ଅନୁଭବ କରନ୍ତି।

ଦେବତାମାନେ କିଛି ଉତ୍ପାଦନ ନ କରି ବିଶାଳ ଧନ ସାମ୍ରାଜ୍ୟ ଉପଭୋଗ କରୁଛନ୍ତି, କାରଣ ସେମାନେ ଏକ ନିର୍ଦ୍ଦିଷ୍ଟ ପରିବାରରେ ଜନ୍ମ ହୋଇଛନ୍ତି। ଇନ୍ଦ୍ର ବିଶେଷ ଅଧିକାର ସହ ଜନ୍ମ ହୋଇଥିବାରୁ ଏହି ଅନ୍ୟାୟ ସ୍ଥିତିକୁ ଦେଖିବାକୁ ସକ୍ଷମ ନୁହନ୍ତି । ସେ ମଧ ଅସୁରମାନଙ୍କ କ୍ରୋଧକୁ ବୁଝିବାକୁ ଅକ୍ଷମ। ପ୍ରତ୍ୟେକ ଗୋଷ୍ଠୀ ପରସ୍ପରକୁ ଦୁଷ୍ଟ କହୁଥିବାବେଳେ ଧମକ ଦେଉଛନ୍ତି, କେହି କାହାକୁ ବୁଝିପାରୁନାହାନ୍ତି। ଦେବ ଓ ଅସୁରଙ୍କ ମଧ୍ୟରେ ସଂଘର୍ଷ ଠିକ୍ ପୁଞ୍ଜୀବାଦୀ ଓ ସମାଜବାଦୀଙ୍କ ଲଢ଼େଇ ସଦୃଶ। କିଏ ଉତ୍ପାଦିତ ଧନର ସିଂହଭାଗ ପାଇବା ଉଚିତ ସେଥିରେ କୌଣସି ଗୋଷ୍ଠୀ ଏକମତ ହୋଇପାରୁ ନାହାନ୍ତି। ଏଣୁ ଜଣେ ଅନ୍ୟକୁ ଭୁଲ୍ ବୁଝୁଛନ୍ତି ଓ ଏକ ନିରବଚ୍ଛିନ୍ନ ନ୍ୟାୟିକ ଯୁଦ୍ଧରେ ମାତିଛନ୍ତି।

devduttofficial@gmail.com

# ଶିଶୁ ପୁଷ୍ଟିହୀନତା



ଡା. ଶୁଭଶ୍ରୀ ମିଶ୍ର

ଭାରତରେ ଏକତୃତୀୟାଂଶ ଶିଶୁଙ୍କର ପୁଷ୍ଟିହୀନତା ସମସ୍ୟା ଥିବାବେଳେ ରାଜ୍ୟ ସଭା ମାତୃତ୍ୱ ବିଲ୍‌ରେ ସଂଶୋଧନକୁ ଅନୁମୋଦନ କରିଥିବାରୁ ସନ୍ତାନ ଜନ୍ମ ପାଇଁ ମହିଳାମାନଙ୍କୁ ଚାକିରି କ୍ଷେତ୍ରରେ ପୂର୍ବର ୧୨ ସପ୍ତାହ ବଦଳରେ ୨୬ ସପ୍ତାହ ଛୁଟି ମିଳିବା ଖୁସିର କଥା। ଏହି ପଦକ୍ଷେପର ଲକ୍ଷ୍ୟ ହେଲା ଶିଶୁମାନଙ୍କୁ ଅଧିକ ଦିନ ମା' କ୍ଷୀର ଦେବା ଓ ସେମାନଙ୍କର ପୁଷ୍ଟିହୀନତା ଦୂର କରିବା। ପ୍ରକୃତି ଦେଇଥିବା ସୁବିଧା ଅନୁସାରେ ଜନ୍ମ ପରେ ୬ ମାସ ଯାଏ ଶିଶୁ ଯଦି ମା' କ୍ଷୀର ପାଇଲା ତେବେ ତାହା ତା'ର ଅନେକ ମୌଳିକ ଆବଶ୍ୟକତା ପୂରଣ କରିବ। ତାହା ମଧ ସବୁଠାରୁ ସହଜ ଓ ଖର୍ଚ୍ଚବିହୀନ ପଦକ୍ଷେପ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦର୍ଶାଇଛି ଯେ, ଯଦି ଦେଶରେ ପିଲାଙ୍କୁ ମା' କ୍ଷୀର ଦେବାର ବ୍ୟବସ୍ଥା ହୋଇପାରିବ ତେବେ ଶିଶୁ ମୃତ୍ୟୁକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିବ। ଏହାଦ୍ୱାରା ୫ ବର୍ଷରୁ କମ୍ ବୟସର ୮ ଲକ୍ଷ ଶିଶୁଙ୍କୁ ବଞ୍ଚାଯାଇପାରିବ। ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ସଂକ୍ରମିତ ସମସ୍ୟା ଯୋଗୁ ଶିଶୁ ମୃତ୍ୟୁର ଯେଉଁ ଆଶଙ୍କା ରହୁଛି ତାହା ମୁଖ୍ୟତଃ ମୋଟେ ମା' କ୍ଷୀର ପାଉ ନ ଥିବା ବା ଆଂଶିକ ଭାବେ ପାଉଥିବା ଶିଶୁଙ୍କ କ୍ଷେତ୍ରରେ ଘଟୁଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର କର୍ମଜୀବୀ ମହିଳାଙ୍କୁ ସନ୍ତାନ ଜନ୍ମ ସମୟରେ ଅଧିକ ଦିନ ଛୁଟି ଦେବା ଲାଗି ନେଇଥିବା ପଦକ୍ଷେପ ଆବଶ୍ୟକ ଥିଲା ବୋଲି କୁହାଯାଇପାରେ। ଅବଶ୍ୟ ତା' ସାଙ୍ଗକୁ ଆଧୁନିକ ସମାଜରେ ମା' କ୍ଷୀର ଦେବା ପରମ୍ପରାକୁ ଅନେକ କ୍ଷେତ୍ରରେ ଯେପରି ନିରୁତ୍ସାହିତ କରାଯାଉଛି ତାହା ମଧ ବଦଳିବା ଦରକାର। ମା'ମାନେ ସ୍ୱତପ୍ରବୃତ ଭାବେ ନିଜ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ସ୍ତନ୍ୟପାନର ଆବଶ୍ୟକତାକୁ ଉପଲବ୍ଧି କରିବା ଉଚିତ। କେନ୍ଦ୍ର ସରକାର ମା'ମାନଙ୍କ ପାଇଁ ଅଧିକ ଦିନ ଛୁଟିର ବ୍ୟବସ୍ଥା କରିବା ଶିଶୁ କଲ୍ୟାଣ ଦୃଷ୍ଟିରୁ ଯେପରି ସ୍ୱାଗତଯୋଗ୍ୟ ସେହି ବିଚାର ପିତୃତ୍ୱ ଲାଭ କରୁଥିବା ପୁରୁଷଙ୍କ ପାଇଁ ବି ଆବଶ୍ୟକ ହେଲାଣି।

ଆଧୁନିକ ସମାଜରେ ଏହାର ଯଥାର୍ଥତା ବେଶି। କିନ୍ତୁ କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ପିତୃତ୍ୱ ଛୁଟିର ସମୟ ମାତ୍ର ୨ ସପ୍ତାହ। ଘରୋଇ ଉଦ୍ୟୋଗ ପାଇଁ ଏପରି ବ୍ୟବସ୍ଥା ନାହିଁ। ଅବଶ୍ୟ ଭାରତରେ ଅନେକ କମ୍ପାନୀ ପିତୃତ୍ୱ ଛୁଟି ଓ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଛୁଟିର ବ୍ୟବସ୍ଥା କଲେଣି। ମର୍କର ବିଶ୍ୱ ପିତୃତ୍ୱ ଛୁଟି ରିପୋର୍ଟ ୨୦୧୬ ଅନୁସାରେ, ପୃଥିବୀରେ ୩୮ ପ୍ରତିଶତ କମ୍ପାନୀ ସର୍ବନିମ୍ନ ପିତୃତ୍ୱ ଛୁଟିସୀମାଠାରୁ ଅଧିକ ଛୁଟି ପିତାଙ୍କୁ ଦେଉଛନ୍ତି। ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏପରି ଛୁଟି ୪୧ ପ୍ରତିଶତ କମ୍ପାନୀ ଦେଉଛନ୍ତି। ପିତୃତ୍ୱ ଛୁଟିକୁ ଗୁରୁତ୍ୱ ଦେଉଥିବା ପ୍ରଥମ ଦେଶଗୁଡ଼ିକ ମଧ୍ୟରେ ଭାରତ, ଯେଉଁଠାରେ ଗତ କିଛିବର୍ଷରେ କମ୍ପାନୀଗୁଡ଼ିକରେ ଏହି ଛୁଟିର ଗୁରୁତ୍ୱ ବଢ଼ିଛି। ଅବଶ୍ୟ ଏଥିପାଇଁ ବେଶିଦିନ ଛୁଟି ମିଳୁନାହିଁ। ଯୁକ୍ତି ହେଉଛି, ମାତୃତ୍ୱ ଛୁଟି ସାଙ୍ଗକୁ ପିଲାର ବାପାଙ୍କୁ ମା' ପରି ନ ହେଲେ ବି ଅଧିକ ଦିନ ଛୁଟି ଦିଆଯିବା ଉଚିତ। ଭାରତୀୟ ସମାଜ ବ୍ୟବସ୍ଥାରେ ବେଶ୍ ପରିବର୍ତ୍ତନ ହେଲାଣି। ଯୌଥ ପରିବାର ବଦଳରେ ଏକକ ପରିବାରର ବ୍ୟବସ୍ଥା ବଢ଼ିଲାଣି। ସହରାଞ୍ଚଳ ଅର୍ଥ ସ୍ୱାମୀ, ସ୍ତ୍ରୀ ଓ ପିଲା। ସହରାଞ୍ଚଳରେ ଆର୍ଥିକ ଆବଶ୍ୟକତା ଦୃଷ୍ଟିରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ରୋଜଗାର କରିବା ଆବଶ୍ୟକ ହେଉଛି। ତାହା ମଧ ଯଥାର୍ଥ। ଏପରି ପରିବାରଗୁଡ଼ିକରେ ପୁରୁଷମାନେ ବି ଘରର ଅନେକ ଦାୟିତ୍ୱ ତୁଲାଉଛନ୍ତି। ଯେଉଁ ଏକକ ପରିବାରଗୁଡ଼ିକରେ ସନ୍ତାନ ଜନ୍ମ କରିଥିବା ମହିଳାଙ୍କୁ ସାହାଯ୍ୟ କରିବା ଲାଗି କେହି ନାହାନ୍ତି ସେଠାରେ ପିତୃତ୍ୱ ଛୁଟିର ଆବଶ୍ୟକତା ଅଧିକ। ମା' ପାଇଁ ୬ ମାସ ଛୁଟିର ବ୍ୟବସ୍ଥା ଯଦି କରାଯାଉଛି ତେବେ ତା' ସାଙ୍ଗକୁ ପିତୃତ୍ୱ ଛୁଟି ବି ୩ ମାସ ପାଇଁ ଦିଆଯାଇପାରେ। ଏବେ କେନ୍ଦ୍ର ସରକାର ଯେଉଁ ନିୟମ କଲେ ତାହାଦ୍ୱାରା ମା' ତା'ର ପିଲାକୁ ଅଧିକ ଦିନ ନିଜ କ୍ଷୀର ଦେବାର ଆବଶ୍ୟକତାକୁ ପୂରଣ କରିବ। କିନ୍ତୁ ଶିଶୁ ଜନ୍ମ ପରେ ଉଭୟ ମା' ଓ ପିଲା ପାଇଁ ବେଳେ ବେଳେ ଯେଉଁ ସମସ୍ୟା ଉପୁଜେ ସେଥିଲାଗି ଅଧିକ ଦିନ ପିତୃତ୍ୱ ଛୁଟିର ଆବଶ୍ୟକତା ରହିଛି। ପିତୃତ୍ୱ ଛୁଟି ଦିଆଗଲେ ନିଯୁକ୍ତି କ୍ଷେତ୍ରରେ ଲିଙ୍ଗଗତ ଅସମାନତା ବି ହ୍ରାସ ପାଇବ। ପିତୃତ୍ୱ ଛୁଟି ରହିଲେ ପୁରୁଷ ଓ ମହିଳା କର୍ମଚାରୀଙ୍କ ମଧ୍ୟରେ ତାରତମ୍ୟ କମିବ। ସନ୍ତାନ ଉଭୟ ମାତାପିତାଙ୍କର ଜୈବିକ ପ୍ରତିନିଧିତ୍ୱ କରୁଥିବାବେଳେ ଦୁହେଁ ତା'ର ଲାଳନପାଳନରେ ମୂଳରୁ ଭାଗୀଦାର ହେବା ଉଚିତ ନୁହେଁ କି?

**ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ,**
**ମୋ:୯୮୬୧୪୬୩୪୦୬**

## ଏଇ ଭାରତରେ

ଭୋକିଲାଙ୍କ ପେଟ ଭରୁଛନ୍ତି ମୁମ୍ବାଇର ଟ୍ରାନ୍ସଜେଣ୍ଡରମାନେ। ଏହି ସମୁଦାୟର ୫,୦୦୦ ଜଣ ଏକାଠିଏକ କମ୍ୟୁନିଟିକିଚେନ କରି ଭୋକିଲାମାନଙ୍କୁ ୧ଟଙ୍କାରେ ଜଳଖିଆ ଓ ୧୦ଟଙ୍କାରେ ମଧ୍ୟାହ୍ନଭୋଜନ ଯୋଗାଇ ଦେଉଛନ୍ତି। ମୁମ୍ବାଇ କଲ୍ୟାଣ ରେଲୱେ ଷ୍ଟେଶନ ନିକଟରେ ସେମାନେ ଲୋକଙ୍କୁ ଖାଦ୍ୟ ଦେବାର ବ୍ୟବସ୍ଥା କରିଛନ୍ତି। ସେମାନେ ଖ୍ୱାହିଶ ଫାଉଣ୍ଡେଶନ ଗଠନ କରି ତା 'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ପ୍ରଥମେ ପୁନମ୍ ଆମ୍ମା ଏହି ସଂସ୍ଥା ଆରମ୍ଭ କରିଥିଲେ ଓ ପରେ ଅନ୍ୟମାନେ ଏହା ସହ ସାମିଲ ହୋଇଛନ୍ତି। ଏବେ ରୋଷେଇ କାର୍ଯ୍ୟରେ ୧୫ ଜଣ କର୍ମଚାରୀ ରହିଛନ୍ତି। ଲୋକମାନେ ଧାଡ଼ିରେ ରହି ଖାଦ୍ୟ ନେଉଛନ୍ତି। ଏହା ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ଚାଲୁଛି। ପ୍ରତିଦିନ ୮୦୦ରୁ ଊର୍ଦ୍ଧ୍ୱ ଲୋକ ଖାଉଛନ୍ତି। ଖାଦ୍ୟ ବାବଦରେ ଖର୍ଚ୍ଚ ଭରଣା କରିବା ଲାଗି ପାଖାପାଖି ୩୦୦ ଟ୍ରାନ୍ସଜେଣ୍ଡର ଦୈନିକ ୨୦୦ ଟଙ୍କା ଦେଉଛନ୍ତି, ଆଉ ଯାହା ଆବଶ୍ୟକ ତାହା ଦାନରୁ ପୂରଣ କରାଯାଉଛି। ଏହି ଦାନ କେବଳ ରାଶନ ଆକାରରେ ଗ୍ରହଣ କରାଯାଉଛି। କମ୍ୟୁନିଟି କିଚେନକୁ ଥାଣେ ଜିଲାପାଳ ରାଜେଶ ନର୍ଭେକର ଉଦ୍‌ଘାଟନ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଅକ୍ଟୋବର ୧୯୯୭

- ଇରାକର ଉତ୍ତରାଞ୍ଚଳରେ ଥିବା କୁର୍ଦ୍ଦ ବିଦ୍ରୋହୀଙ୍କ ଆଡ୍ଡାସ୍ଥଳୀ ଉପରେ କୁର୍ଦ୍ଦୀ ସେନା ପକ୍ଷରୁ କରାଯାଇଥିବା ଆକ୍ରମଣରେ ୬୮୪ କୁର୍ଦ୍ଦ ବିଦ୍ରୋହୀ ନିହତ।
- ଆର୍ଜେଣ୍ଟିନାର ଏକ ଯାତ୍ରୀବାହୀ ବିମାନ ଉରୁଗୁଏଠାରେ ଭୟଙ୍କର ଟଡ୍ ତୋଫାନର ସମ୍ମୁଖୀନ ହୋଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୭୪ ଯାତ୍ରୀ ମୃତ।
- ଉତ୍ତର ପ୍ରଦେଶର ସୋନଭଦ୍ରା ଜିଲାରେ ଏକ ନୌକା ଦୁର୍ଘଟଣା ଘଟି ୪୦ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ମେରାଜଙ୍କ ୪୬ ବର୍ଷ ବୟସରେ ପରଲୋକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 8 | | | | | 5 |
| | 1 | 7 | | 3 | | | | |
| 5 | | 4 | | 2 | | | | |
| | | | 7 | | 6 | | 5 | 9 |
| | | 1 | | | 3 | 8 | | |
| | | | | 5 | 8 | | 6 | |
| | | 5 | | | | | 9 | 7 |
| | | | 9 | | | | | |
| 2 | 7 | | 5 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 2 | 9 | 6 | 8 | 4 | 1 | 3 |
| 1 | 4 | 8 | 2 | 5 | 3 | 6 | 7 | 9 |
| 6 | 3 | 9 | 4 | 1 | 7 | 8 | 2 | 5 |
| 2 | 5 | 3 | 1 | 8 | 4 | 7 | 9 | 6 |
| 7 | 8 | 6 | 5 | 3 | 9 | 2 | 4 | 1 |
| 4 | 9 | 1 | 7 | 2 | 6 | 5 | 3 | 8 |
| 8 | 6 | 4 | 3 | 9 | 2 | 1 | 5 | 7 |
| 3 | 1 | 7 | 6 | 4 | 5 | 9 | 8 | 2 |
| 9 | 2 | 5 | 8 | 7 | 1 | 3 | 6 | 4 |

ଗତକାଲିର ଉତ୍ତର

# ଦୂର ସହରରେ ଲେଖକର ପ୍ରେୟସୀ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ବିଖ୍ୟାତ ଲେଖକ ଫ୍ରାଞ୍ଜ କାଫକା(୧୮୮୩–୧୯୨୪)ଙ୍କ ଜୀବନ ବୃତ୍ତାନ୍ତରୁ ପ୍ରତୀତ ହୋଇପାରେ ଯେ, ସେ ଜଣେ ଦୁଃଖୀ ମଣିଷ। ସାରା ଜୀବନ ହତାଶା, ନୈରାଶ୍ୟ, ବିଷାଦ ଓ ଆଶାଶୂନ୍ୟତାରେ ବିତିଯାଇଛି। କିନ୍ତୁ ଯେ କୌଣସି ବ୍ୟକ୍ତି ବଞ୍ଚିବା ପାଇଁ କିଛି ଆଶାକୁ ଜୀବନର ପାଥେୟ କରିବା ଅପରିହାର୍ଯ୍ୟ। କାଫକା ମଧ ଏହାର ବ୍ୟତିକ୍ରମ ନ ଥିଲେ। ଏହି ମର୍ମରେ ତାଙ୍କର ଏକ ଅବିସ୍ମରଣୀୟ ବିବରଣୀ ନିମ୍ନରେ ପ୍ରଦତ୍ତ।

ସେତେବେଳକୁ କାଫକାଙ୍କ ବୟସ ଚାଳିଶ। ସେ ଏକାଧିକ କାରଣରୁ ସାରା ଜୀବନ ଅବିବାହିତ ରହିଲେ। ଥରେ ସେ ବର୍ଲିନରେ ଗୋଟିଏ ପାର୍କରେ ବୁଲିବା ବେଳେ କ୍ରନ୍ଦନରତା ଶିଶୁକନ୍ୟାଟିକୁ ଦେଖିଲେ। କାରଣ ତା'ର କଣ୍ଢେଇଟି ହଜିଯିବାରୁ ସେ ବିବ୍ରତ ହୋଇ ବାରମ୍ବାର ପୁତ୍ତଳିକାଟି ଖୋଜିଲା। ନ ପାଇ ନିରାଶ ହୋଇଥିଲା। କାଫକା ତା' ସହ ପୁଣି ଖୋଜାଖୋଜି କଲେ ମଧ ପାଇଲେ ନାହିଁ। ତେବେ ସେ ଶିଶୁଟିକୁ ଭରସା ଦେଇ କହିଲେ ଯେ, ଆଗାମୀ କାଲି ସେ ଦୁହେଁ ଏକା ସମୟରେ ଏହି ଜାଗାରେ ମିଶିବେ। ଉଦ୍ଦିଷ୍ଟ ସମୟରେ ସେମାନଙ୍କ ସାକ୍ଷାତ୍ ବେଳେ କାଫକା 'କଣ୍ଢେଇ'ଟି ଲେଖିଥିବା ଚିଠିଟିଏ ଦେଲେ, ଯେଉଁଥିରେ ଝିଅଟିକୁ ନ କାନ୍ଦିବା ପାଇଁ ଅନୁରୋଧ କରାଯାଇଥିଲା। ତତ୍ ସହ ପୁଣି ଉଲ୍ଲେଖ ହୋଇଥିଲା ଯେ, ସେ ବିଶ୍ୱ ଭ୍ରମଣରେ ଯାଇଛି ଓ ଚିଠି ଦ୍ୱାରା ତା'ର ସାହସିକ ଭ୍ରମଣର କାହାଣୀ ଧାରାବାହିକ ଭାବେ ଜଣାଇବ।

ପରବର୍ତ୍ତୀ ସମୟରେ କାଫକା ଓ ଝିଅଟି ନିୟମିତ ସାକ୍ଷାତ୍ କରୁଥିଲେ ଓ 'କଣ୍ଢେଇ'ର ଚିଠି ପଢ଼ି କାଫକା ଝିଅଟିକୁ ବୁଝାଉଥିଲେ। ଏହି ପ୍ରକ୍ରିୟା ଦୀର୍ଘଦିନ ଚାଲିବା ପରେ ଏକଦା ବର୍ଲିନରୁ କାଫକା ଗୋଟିଏ କଣ୍ଢେଇ କିଣି ତାକୁ ଦେଲେ। କିନ୍ତୁ ଝିଅଟିର ମନ ମାନିଲା ନାହିଁ ଏବଂ ଅଭିଯୋଗ କଲା ଯେ, ଏହା ତା'ର କଣ୍ଢେଇ ପରି ଜଣା ପଡୁନାହିଁ। ସେତେବେଳେ କଣ୍ଢେଇର ଗୋଟିଏ ଚିଠି ତାକୁ ଦେଖାଇଲେ, ଯେଉଁଥିରେ ତା'ର ବିଶ୍ୱ ଭ୍ରମଣ ସମାପ୍ତ ହୋଇଥିବା ବିଷୟ ସ୍ଥାନିତ ହେବା ସହ ଦୀର୍ଘ ଭ୍ରମଣ ଯୋଗୁ ତା' ଚେହେରା ବଦଳି ଯିବା କଥା ବର୍ଣ୍ଣିତ। ତତ୍‌କ୍ଷଣାତ୍ ଖୁସିରେ ଆତ୍ମହରା ହୋଇ ଝିଅଟି କଣ୍ଢେଇଟିକୁ ଚୁମ୍ବନ ଦ୍ୱାରା ସ୍ୱାଗତ ଜଣାଇଲା।

ଏହି ଘଟଣାର ବର୍ଷକ ପରେ କାଫକାଙ୍କ ମୃତ୍ୟୁ ହୋଇଥିଲା। ଦୀର୍ଘବର୍ଷ ବ୍ୟବଧାନରେ ଯେତେବେଳେ ଝିଅଟି ତରୁଣୀ ହେଲା, ସେ କାଫକାଙ୍କ ଦସ୍ତଖତ ଥିବା ଗୋଟିଏ ଗୋପନୀୟ ଚିଠି ଅଚାନକ କଣ୍ଢେଇ ମଧ୍ୟରୁ ଉଦ୍ଧାର କଲା। ସେଥିରେ ଲେଖା ଯାଇଥିବା ଚିଠିର ମୋଟେ ଦୁଇଟି ବାକ୍ୟ ହେଉଛି, ''ତୁମର ପ୍ରିୟ ପ୍ରତ୍ୟେକଟି ଜିନିଷ ହଜିଯିବା ସମ୍ଭାବନା ରହିଛି। କିନ୍ତୁ ପରିଶେଷରେ ଅନ୍ୟ ରୂପରେ ତୁମ ପାଖକୁ ତାହା ଫେରି ଆସିବ।'' ଆମେ ଏହାର ପ୍ରୟୋଗ ପାଇଁ କୌତୂହଳୀ ହୋଇପାରୁ, କାଫକାଙ୍କ ପ୍ରିୟ କିଏ ? ବିଶେଷତଃ ନାରୀମାନଙ୍କ ମଧ୍ୟରେ। ୧୯୧୭ ପୂର୍ବରୁ କାଫକା ତାଙ୍କ ବାନ୍ଧବୀ ଫେଲିସ କାଉରଙ୍କ (୧୮୮୭–୧୯୨୦) ସହ ଦୁଇଥର ବିବାହ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। କିନ୍ତୁ ଏହା ପରିଶେଷରେ ବିଫଳ ହୋଇଥିଲା। ପରେ ତାଙ୍କର ଅନ୍ୟ ଜଣେ ବାନ୍ଧବୀ ହୋଇଥିଲେ ଡୋରା ଡାଇମଣ୍ଟ। ସେ ଥିଲେ ଇହୁଦୀ ଓ ସମାଜବାଦୀ। ଏହି କାରଣରୁ



କାଫକା ତାଙ୍କୁ ପସନ୍ଦ କରିଥିଲେ। ଡୋରା ଡାଇମଣ୍ଟ (୧୮୯୮–୧୯୫୨)ଙ୍କ ପାଖରେ କାଫକାଙ୍କ ଦ୍ୱାରା ଅନ୍ତିମ ପର୍ଯ୍ୟାୟରେ ଲିଖିତ କିଛି ଲେଖା ରହି ଯାଇଥିଲା। ଏହା ନଷ୍ଟ କରିବାକୁ ତାଙ୍କୁ କାଫକା କହିଥିଲେ ସୁଦ୍ଧା ସେ ସୁରକ୍ଷିତ ରଖିଥିଲେ। ଅବଶ୍ୟ ୧୯୩୩ରେ ଗେଷ୍ଟାପୋ (ନାଜି ଜର୍ମାନୀର ଅଧିକୃତ ଗୁପ୍ତ ପୋଲିସ) ଜବତ କରିଥିଲା। ଏହି ପ୍ରକାରେ ତାହା ଲୋକଲୋଚନକୁ ଆସି ପାରି ନ ଥିଲା।

ତେବେ ପ୍ଲୋସୀ ମାଲିନା ଜେକେ ସେଙ୍କସଙ୍କ ସହ କାଫକାଙ୍କ ଅନ୍ତରଙ୍ଗ ସମ୍ପର୍କ ବିଷୟଟି କାଫକା ତାଙ୍କୁ ଲେଖିଥିବା ବହୁ ପ୍ରେମ ଚିଠି ଦ୍ୱାରା ପ୍ରମାଣିତ। ମାଲିନାଙ୍କୁ ସେ ଏତେ ବିଶ୍ୱାସ କରୁଥିଲେ ଯେ, ନିଜ ଡାଏରି ପଢ଼ିବାକୁ ତାଙ୍କୁ ସୁଯୋଗ ଦେଉଥିଲେ। ଅବଶ୍ୟ ମାତ୍ର ଦୁଇବର୍ଷ ସେମାନଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଥିଲା ଏବଂ ଏହି ଘନିଷ୍ଠ ସମ୍ପର୍କ ତତ୍‌ପରେ କାଫକାଙ୍କୁ ସମ୍ପୂର୍ଣ୍ଣ ଭାବେ ନିଃଶେଷ ଓ ଶକ୍ତିହୀନ କରିଦେଲା। ତା' ପରବର୍ଷ କାଫକା ପ୍ରାଣ ହରାଇଲେ। ତେବେ ମାଲିନା ଆଉ ଅଧିକା ୨୦ ବର୍ଷ ବଞ୍ଚି ନାଜିମାନଙ୍କ ଦ୍ୱାରା କନସେନଟ୍ରେଶନ କ୍ୟାମ୍ପରେ ପ୍ରାଣ ହରାଇଲେ। ଦୁଇ ବର୍ଷରେ କାଫକା ମାଲିନାଙ୍କୁ ପ୍ରତିଦିନ ଏକାଧିକ ଚିଠି ଲେଖୁଥିଲେ। ତନ୍ମଧ୍ୟରୁ ଗୋଟିଏ ଦ୍ରଷ୍ଟବ୍ୟ (ହୋକାଡେ, ୧୯୧୭, ମାଲିନା ଜେସେଙ୍କା, ୧୯୯୮)। ପ୍ରିୟ ମାଲିନା! ମୁଁ ଚାହେଁ, ଆସନ୍ତାକାଲି ପୃଥିବୀ ଧ୍ୱଂସ ହୋଇଯିବ। ତେବେ ପରବର୍ତ୍ତୀ ଟ୍ରେନ୍‌ରେ ମୁଁ ଭିଏନାକୁ ଯାଇ ତୁମ ଦାଣ୍ଡରେ ଉପସ୍ଥିତ ହୋଇଯିବି। ତମକୁ କହିବି: ମାଲିନା! ମୋ ସହ ଆସ, ମାଲିନା। କୌଣସି ନୈତିକତା କଥା ନ ବିଚାରି ବିନା ଭୟ ଓ ନିୟନ୍ତ୍ରଣରେ ଆମେ ପ୍ରେମ କରିବା। କାରଣ ଆସନ୍ତାକାଲି ଆଉ ଏ ପୃଥିବୀ ନ ଥିବ। ବୋଧହୁଏ ଏବେ ଆମେ ଏମିତି ନିବିଡ଼ ଭାବେ ଭଲ ପାଇ ପାରୁନେ, କାରଣ ଆମେ ଭାବୁଛେ ଯେ ଆମ ହାତରେ (ଯଥେଷ୍ଟ) ସମୟ ଅଛି କିମ୍ବା ସମୟକୁ ହିସାବ କରି ଆମେ ଚାଲିଛେ। କିନ୍ତୁ ଯଦି ଆଉ ଆମ ପାଖରେ ସମୟ ନ ରହିବ? କିମ୍ବା ଆମେ ଯେମିତି ସମୟ ଜାଣିଛେ, ତାହା ଯଦି ଅପ୍ରାସଙ୍ଗିକ ବା ଅସଙ୍ଗତ ହୋଇଯାଏ...? ଯଦି ପ୍ରକୃତରେ କାଲିକି ପୃଥିବୀ ଧ୍ୱଂସ ହୋଇଯାଏ, ଆମେ ପରସ୍ପରକୁ ଅତ୍ୟଧିକ ସାହାଯ୍ୟ କରିପାରିଥାନ୍ତେ।'' କାଫକା ପ୍ରାଚ୍ୟରେ ଓ ମାଲିନା ଦୂରବର୍ତ୍ତୀ ଭିଏନା ସହରରେ ରହୁଥିଲେ। ଏହି ଦୂରତାର ଦ୍ୱାହି ଦେଇ କାଫକା ତାଙ୍କ ପ୍ରେମିକାକୁ ଲେଖିଥିଲେ, 'ଆମେ ଉଭୟେ ବିବାହ ପାଇଁ ବୃଥାରେ ପରସ୍ପରକୁ ଟାଣି ନେଉଛେ।' ଏହି ଦୁର୍ଭାବନାର ଭୟ ଓ ହତାଶ କାଫକାଙ୍କ ମନକୁ ଚାପଗ୍ରସ୍ତ କରିଥିଲା।

ଏହି ମର୍ମରେ ଆମେ କାଫକାଙ୍କ କଣ୍ଢେଇ-ବୃତ୍ତାନ୍ତ ସ୍ମରଣ କରିପାରୁ। ବାଳିକାଟି ହଜାଇ ଦେଇଥିବା ତା'ର ପ୍ରିୟ କଣ୍ଢେଇଟି ଯେମିତି ଭିନ୍ନ ଏକ ଢଙ୍ଗରେ ଫେରି ପାଇଲା, ସମ୍ଭବତଃ ମାଲିନାଙ୍କ ସହ ନିବିଡ଼ ପ୍ରେମବନ୍ଧନ ଦ୍ୱାରା ଆବଦ୍ଧ ହୋଇଥିବା ପ୍ରେମିକା ମାଲିନାଙ୍କୁ ସଶରୀରେ ପ୍ରାପ୍ତ ବା ବିବାହ କରି ନ ପାରିଲେ ସୁଦ୍ଧା, ଏହି ଚିଠିମାନ ମାଧ୍ୟମରେ ଅନ୍ୟ ପ୍ରକାରେ ସାନ୍ନିଧିଲାଭ କରିଛନ୍ତି। ହୋଇପାରେ ମରଣୋତ୍ତର ଭାବେ 'ଲେଟର୍ସ ଟୁ ମାଲିନା' ପରି ପୁସ୍ତକ ଆକାରରେ, ଯାହା ଏକ କାଳଜୟୀ ସ୍ମରଣିକା।

ତେବେ ପ୍ରଶ୍ନ ଉଠୁଛି କାଫକାଙ୍କ ଚିଠି ସମୂହ ତ ପ୍ରେମିକା ପାଖରେ ଯେମିତି ଉପଲବ୍ଧ ଥିଲା ମାଲିନାଙ୍କଠାରୁ ଏହାର ପ୍ରତ୍ୟୁତ୍ତର ବା ପ୍ରତିକ୍ରିୟା କ'ଣ ଥିଲା ? ଦୁର୍ଭାଗ୍ୟବଶତଃ ସେମିତି ଚିଠିପତ୍ର ଅଛି ନା ନାହିଁ, ଏହା ରହସ୍ୟାବୃତ। ଏହି ପରିପ୍ରେକ୍ଷୀରେ ଆମ ମନରେ ଦୁଃଖ ଜନ୍ମିପାରେ। ମାଲିନା କାଫକାଙ୍କୁ ପ୍ରେମ କରିବା ସମ୍ପର୍କରେ ତାଙ୍କ ହୃଦୟର ଭାଷା ତାଙ୍କ ଚିଠିପତ୍ରରୁ ଜାଣି ପାରିଥାନ୍ତେ କି! ଏହା ସ୍ପଷ୍ଟ ଯେ, ଏହି ଦୁଇ ପ୍ରେମୀ ମିଶି ରହିବେ ନା ବିଚ୍ଛିନ୍ନ ଭାବେ, ଏହା ଅବାନ୍ତର। ସେମାନଙ୍କ ମଧ୍ୟରେ (ପ୍ଲାଟୋନିକ ?) ପ୍ରେମ ବନ୍ଧନ ଅଦୃଶ୍ୟ ହୋଇ ଦୃଶ୍ୟ।

ମୋ–୯୦୭୮୭୪୩୮୪୩

## ପାଠକ ଶ୍ରେଷ୍ଠ ବିଚାରକ

### କଠୋର ହେଉ ଅବକାରୀ ଆଇନ

ମହାଶୟ,

ପ୍ରତିଦିନ ଚୋରା ମଦ, ଗଞ୍ଜେଇ ଓ ଧଳା ଜହର କାରବାର ହେଉଥିବା ଦେଖାଯାଉଛି। ଅନେକ ସମୟରେ ପୋଲିସ ଓ ଅବକାରୀ କର୍ମଚାରୀମାନଙ୍କ ଆଖିରେ ଧୂଳି ଦେଇ କିମ୍ବା ବେଆଇନ ପାଉଣା ଦେଇ ଚୋରା ବେପାରୀମାନେ ଖସି ଯାଉଛନ୍ତି। କେତେକ ସଚ୍ଚୋଟ ଅଧିକାରୀଙ୍କ ପାଇଁ ଚୋରା ବେପାରୀ ଧରାପଡ଼ି ସଜା ଖଟୁଛନ୍ତି। ସହରମାନଙ୍କରେ ଥିବା କେତେକ ବସ୍ତି ମାଦକ ଦ୍ରବ୍ୟର ହବ୍ ପାଲଟିଛି। ଧରପଗଡ଼ ଫଳରେ ଅଧିକାଂଶ ଚୋରା ବେପାରୀ ସ୍ଥାନ ବଦଳାଇ ବେପାର ପୂର୍ବ ପରି ଚଳାଇଛନ୍ତି। କୋରାପୁଟଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ମାଦକ ଦ୍ରବ୍ୟ କାରବାର ର୍ୟାକେଟ୍ ଚାଲିଛି। ଜିଲା ଓ ରାଜ୍ୟ ସୀମା ପାରିକରି ଦେବାକୁ ମୋଟା ଅଙ୍କର ପାଉଣା ଆଦାୟ କରାଯାଉଛି। ଏଥିରେ ଉଚ୍ଚ ଅଧିକାରୀଙ୍କ ସମର୍ଥନ ଥିବାର କୁହାଯାଉଛି। ମାଦକ ଦ୍ରବ୍ୟ ନିୟନ୍ତ୍ରଣ କରାଗଲେ ହିଂସାକୁ ଦମନ କରାଯାଇପାରିବ। ପ୍ରତ୍ୟେକ ବ୍ୟକ୍ତି ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ସମ୍ମାନ ଜଣାଇ ରାଜ୍ୟରେ ମାଦକ ଦ୍ରବ୍ୟ ଚୋରା କାରବାର ବନ୍ଦ କରିବାକୁ ସହଯୋଗ କରିବା ଉଚିତ। ପାରିବାରିକ ଜୀବନରେ ଅଶାନ୍ତି ସୃଷ୍ଟି କରୁଥିବା ନିଶାଡ଼ି ଯୁବକମାନଙ୍କୁ ବାଟକୁ ଆଣିବାକୁ ସରକାର ଓ ବେସରକାରୀ ଅନୁଷ୍ଠାନ ଧ୍ୟାନ ଦେବା ଉଚିତ। ସମାଜର ହିତଦୃଷ୍ଟିରୁ ସରକାର କଠୋର ଭାବରେ ଅବକାରୀ ଆଇନ ପାଳନ କରନ୍ତୁ।

**– ନିର୍ମଳ ସାମଲ, ପୋଖରିପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚମକି ମରମତଳେ
ଚାହେଁ ମୁଁ ନିରେଖି
ଜୀର୍ଣ୍ଣ ବିକଳ ପ୍ରାଣେ
ଛୁଇଁଗଲା ସେ କି ?

–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ସିନ୍ଧୁଜାର ଶାରଦୀୟ ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)- ମାସିକ ମହିଳା ପତ୍ରିକା 'ସିନ୍ଧୁଜା'ର ଶାରଦୀୟ ସଂଖ୍ୟା ବୁଧବାର ବୁଦ୍ଧମନ୍ଦିରଠାରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ଡ. ଲେନିନ ମହାନ୍ତି, ପ୍ରଶାସକ ତଥା ସୁସାହିତ୍ୟିକ ମଧୁସୂଦନ ଦାସ, ସିନେ ସମୀକ୍ଷକ ଦିଲ୍ଲୀପ ହାଲି ଯୋଗ ଦେଇଥିଲେ। ପତ୍ରିକାର ପରିଚାଳନା ନିର୍ଦ୍ଦେଶକ ମାଧବ ବେହୁରା ସଭା ପରିଚାଳନା କରିଥିବା ବେଳେ ବୀରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଯୋଜକ ଲିଟୁ ମହାନ୍ତି, ସ୍ୱାଗତିକା ମହାନ୍ତି, ଡ. ପ୍ରିୟବ୍ରତ ମାଝି, ଶ୍ରୀଧର ମାର୍ଥା, ପ୍ରମୋଦ ଅଧିକାରୀ, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ୧୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୪ ଗିରଫ

**ଖୋର୍ଦ୍ଧା ଅଫିସ,୧୨।୧୦ :** ଖୋର୍ଦ୍ଧାରେ ବଢି ଚାଲିଛି ବ୍ରାଉନସୁଗାର କାରବାର। ଖୋର୍ଦ୍ଧା ଟାଉନ ପୋଲିସ ସାନପଲ୍ଲାରେ ଚଢ଼ାଉ କରି ୧୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଲୋକ ଘଡେଇ, ଗୁରୁଜଙ୍ଗର ସୁନୀଲ କୁମାର ଦାସ, ପୁରୁସାହିର ସୁକାନ୍ତ କୁମାର ସ୍ୱାଇଁ ଓରଫ କାଳିଆ ଏବଂ ସାମନ୍ତରାପୁର ଚିତ୍ତରଞ୍ଜନ ସାହୁ ଓରଫ ଚିନ୍ତା। ଏମାନଙ୍କ ଠାରୁ ୩୬୨୦ ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ହେବ। ଏକ ପରିତ୍ୟକ୍ତ ଘରେ ବ୍ରାଉନସୁଗାର କାରବାର ଚାଲିଥିବା ଖବର ପାଇ ପୋଲିସ ଚଢାଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ଏନେଇ ଥାନାରେ ଏନ୍‌ଡିପିଏସ ଆକ୍ଟରେ ୨୧(ବି)/୨୯ରେ ଏକ ମାମଲା (ନଂ. ୫୦୫/୨୨) ରୁଜୁ ହୋଇଛି। ଏସପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସଡିପିଓ ଦିଲୀପ ଦାସ, ଥାନାଧିକାରୀ ତାରିକ ଅହମ୍ମଦଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ବିନ୍ଦାସ ଚିନୁଙ୍କୁ ଜେରା, କାରଣ ଖୋଜୁଛି ପୋଲିସ


ଧର୍ମେନ୍ଦ୍ର ସାହୁ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

**ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲା**

■ଧର୍ମେନ୍ଦ୍ରଙ୍କ ସହ ମୋର ପାରିବାରିକ ସମ୍ପର୍କ: ଚିନୁ

ପୁରୀ ଜିଲା ଗୋପ ବ୍ଲକ ୧୧ ନମ୍ବର ଜୋନ ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣା ଦିନକୁ ଦିନ ନୂଆମୋଡ଼ ନେବାରେ ଲାଗିଛି। ଧର୍ମେନ୍ଦ୍ରଙ୍କ ବନ୍ଧୁ ଅକ୍ଷୟ ନାୟକଙ୍କ କଲ ରେକର୍ଡରେ ବିନ୍ଦାସ ଚିନୁଙ୍କ ନାମ ରହିଥିଲା। ଏହି ଲିଙ୍କରେ ବୁଧବାର ଡିସିପି କାର୍ଯ୍ୟାଳୟରେ ଚିନୁଙ୍କୁ ଜେରା କରିଛି କମିଶନରେଟ୍ ପୋଲିସ। ଧର୍ମେନ୍ଦ୍ରଙ୍କ ସହ ତାଙ୍କର ସମ୍ପର୍କ କ'ଣ, କେବେଠାରୁ ଧର୍ମେନ୍ଦ୍ରଙ୍କୁ ଜାଣିଥିଲେ, ଧର୍ମେନ୍ଦ୍ର କାହିଁକି ମାନସିକ ଚାପରେ ଥିଲେ ସେ ନେଇ ପୋଲିସ ପଚରାଉଚରା କରିଥିବା ଜଣାପଡ଼ିଛି। ତେବେ ଗଣମାଧ୍ୟମ ଆଗରେ ଚିନୁ କହିଛନ୍ତି, ଯାହା କହିବା କଥା ପୋଲିସଙ୍କୁ କହିଛି। ଧର୍ମେନ୍ଦ୍ରଙ୍କ ସହ ମୋର ପାରିବାରିକ ସମ୍ପର୍କ। ଦୀର୍ଘ ୨ ବର୍ଷ ଧରି ସମ୍ପର୍କ ରହିଛି। ଏପରିକି ମନ୍ତ୍ରୀ ମୋର ସମ୍ପର୍କୀୟ ମାମୁ। ତାଙ୍କର ସୋସିଆଲ ମିଡିଆ ବୁଝିବା ସହ ଧର୍ମେନ୍ଦ୍ରଙ୍କର ମଧ୍ୟ ବୁଝୁଥିଲି। ତେଣୁ ମାମୁଙ୍କ ଜରିଆରେ ଧର୍ମେନ୍ଦ୍ରଙ୍କୁ ଜାଣିଥିବା ସେ କହିଛନ୍ତି। ହେଲେ ସେ କାହିଁକି ମୋ ନା ନେଲେ ମୁଁ ଜାଣିନି, ଧର୍ମେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ପଚାର ବୋଲି କହିଛନ୍ତି। ସେହିଭଳି ପୂର୍ବରୁ ଅକ୍ଷୟ ନାୟକଙ୍କୁ ମଧ୍ୟ ପଚରାଉଚରା କରିଥିଲା ପୋଲିସ। କଲ୍ ରେକର୍ଡ ଯାଞ୍ଚ କରିବା ଲାଗି ଅକ୍ଷୟଙ୍କ ମୋବାଇଲ୍ ଜବତ କରିଥିଲା।


ବିନ୍ଦାସ ଚିନୁ

ମୃତ୍ୟୁ ପୂର୍ବରୁ ଧର୍ମେନ୍ଦ୍ର ଟେଲିଫୋନ୍‌ରେ ଅକ୍ଷୟଙ୍କ ସହ କଥା ହୋଇଥିଲେ। ସେହି ଅଡିଓ ଭାଇରାଲ୍ ହୋଇଥିବାବେଳେ ସେଥିରେ ଧର୍ମେନ୍ଦ୍ର ମନ୍ତ୍ରୀଙ୍କ ସମେତ ୭ ଜଣଙ୍କୁ ଦାୟୀ କରିଥିଲେ, ଯେଉଁଥିରେ ଧର୍ମେନ୍ଦ୍ର ଚିନୁଙ୍କ ନାମ ନେଇଥିଲେ। ସେହି ଭିଡିଓ ଆଧାରରେ ପୋଲିସ ଚିନୁଙ୍କୁ ଡିସିପି ଅଫିସରେ ପଚାରାଉଚରା କରିଥିଲା। ସୂଚନାଯୋଗ୍ୟ ଗତ ସେପ୍ଟେମ୍ବର ୨୪ରେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଝୁଲନ୍ତା ମୃତଦେହ ଭୁବନେଶ୍ୱର ଲକ୍ଷ୍ମୀବିହାରସ୍ଥିତ ବାସଭବନ ସମ୍ମୁଖରୁ ଧଉଳି ଥାନା ପୋଲିସ ଜବତ କରିଥିଲା। ମୃତ୍ୟୁ ପୂର୍ବରୁ ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରିଥିଲେ। ସେଥିରେ ସେ ଲେଖିଥିଲେ, 'ମୋ ଫୋନ୍ ଦୁଇଟାରେ ସବୁ ଭିଡିଓ ରହିଛି। ତାକୁ ଲୋକଲୋଚନକୁ ଆଣିବେ।' ଏହାସହ ସାମ୍ବାଦିକ ଅକ୍ଷୟ ନାୟକଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ପ୍ରଶ୍ନ ଉଠୁଛି, କାହା ଉଦ୍ଦେଶ୍ୟରେ ସେ ଏଭଳି ଲେଖିଥିଲେ। ଦୁଇ ମୋବାଇଲ୍ ଫୋନରେ ଏମିତି କି ତଥ୍ୟ ରହିଛି, ଯାହାର ସମ୍ପର୍କ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ସହିତ ରହିଛି। ସତରେ ମୋବାଇଲ୍ ଖୋଲିବ କି ତାଙ୍କ ମୃତ୍ୟୁର ରହସ୍ୟ ? ଅନ୍ୟପଟେ ଘଟଣା ଦିନ ଧର୍ମେନ୍ଦ୍ରଙ୍କ ଉପର ଘରେ ରହୁଥିବା ରୋଷେୟା ଓ ତାଙ୍କ ପରିବାର ଲୋକଙ୍କୁ ପୋଲିସ୍ ତଦନ୍ତ ପରିସରଭୁକ୍ତ କରିବା ସହ ପଚରାଉଚରା କରି ଛାଡି ଦେଇଥିଲା। ଘଟଣାକୁ ୩ ସପ୍ତାହ ବିତିବାକୁ ବସିଥିବାବେଳେ ଏପର୍ଯ୍ୟନ୍ତ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।


ପୁରୀ ଜିଲାର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ମାମଲାରେ ଗଣଶିକ୍ଷାମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗର ତଦନ୍ତ ଦାବି କରି ଭାଜପା ପକ୍ଷରୁ ବୁଧବାର ରାଜଭବନ ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା।

# ଚିଲିକାରେ ନୌକାୟନ ଅଭିଯାନ



କଟକ ଅଫିସ, ୧୨।୧୦

**୨୧୦ କି.ମି. ଅତିକ୍ରମ କରିବେ ୬୦ ଏନ୍‌ସିସି କ୍ୟାଡେଟ୍**

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଓଡ଼ିଶା ନିର୍ଦ୍ଦେଶାଳୟ ପକ୍ଷରୁ ଚିଲିକା ହ୍ରଦରେ ନୌକାୟନ ଅଭିଯାନ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଟକସ୍ଥିତ ଏନ୍‌ସିସି ଗ୍ରୁପ୍ ହେଡକ୍ୱାର୍ଟରର ଗ୍ରୁପ କମାଣ୍ଡର କର୍ଣ୍ଣେଲ ରଜନୀଶ କାପୁର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ନୌକାୟନ ଅଭିଯାନ ୧୦ ଦିନ ଧରି ଚାଲିବ। ଏହି ସମୟ ମଧ୍ୟରେ ୬୦ ଜଣ କ୍ୟାଡେଟ୍ ନୌକାୟନରେ ସାମିଲ ହୋଇ ଚିଲିକା ହ୍ରଦରେ ୨୧୦ କିଲୋମିଟର ଦୂରତା ଅତିକ୍ରମ କରିବେ ବୋଲି ଜଣାପଡିଛି। ଏଥିସହ କ୍ୟାଡେଟମାନେ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମରେ ଭାଗ ନେବେ। କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଅନୁଶାସନ ଭାବନା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ କ୍ୟାମ୍ପ କମାଣ୍ଡର ପୀୟୂଷ ଦାସ ଉପସ୍ଥିତ ଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୩ ବର୍ଷର ପ୍ରତ୍ୟୁଷ

ଗୋପ,୧୨।୧୦(ଡି.ଏନ୍.ଏ.)

**ଅଢ଼େଇ ମିନିଟ୍‌ରେ କୁହନ୍ତି ସାଧାରଣ ଜ୍ଞାନ, ପଶୁପକ୍ଷୀଙ୍କ ନାମ**



ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ଗ୍ରାମର ମନମୋହନ ସାହୁଙ୍କ ଏକମାତ୍ର ପୁଅ ଏମ୍.ଏ. ପ୍ରତ୍ୟୁଷ ଅଞ୍ଚଳ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ୩ ବର୍ଷ ୭ ମାସ ବୟସର ଏହି ବାଳକ ମାତ୍ର ଅଢ଼େଇରୁ ତିନି ମିନିଟ୍ ମଧ୍ୟରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇପାରିଛନ୍ତି। ଏଥିପାଇଁ ତାଙ୍କ ନାମ ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ପ୍ରକାଶ ଯେ, ଏହି ବିସ୍ମୟ ବାଳକ ପ୍ରତ୍ୟୁଷ ୩୦ଟି କମ୍ପ୍ୟୁଟର ସରଞ୍ଜାମର ନାମ, ୪୬ଟି ପଶୁ, ୧୬ଟି ପକ୍ଷୀ, ୨୦ଟି ଫୁଲ, ୨୦ଫଳ, ମଣିଷ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ, ୧୦ଟି ରାଇମ୍ସ, ଜାତୀୟ ସଙ୍ଗୀତ, ୩୦ଟି ସାଧାରଣ ଜ୍ଞାନ, ୧୬ଟି ପଶୁ ଛୁଆ ନାମ ତତ୍‌କ୍ଷଣାତ୍ ସ୍ପଷ୍ଟ ଭାବେ ଓଡ଼ିଆ ଏବଂ ଇଂଲିଶ୍‌ରେ କହିପାରିଛନ୍ତି। ଏଥିସହ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇପାରୁଥିବାବେଳେ ୨୦ ପ୍ରକାର ଯୋଗ ସମେତ ବିଭିନ୍ନ ଶ୍ଳୋକ ମଧ୍ୟ କହିପାରୁଛନ୍ତି। ଛୋଟ ସମୟରୁ ବିଭିନ୍ନ କଥା ଅତି ସହଜରେ ଧରିବା ସହ ଉଚ୍ଚାରଣ କରିପାରୁଥିବାରୁ ପରିବାର ପକ୍ଷରୁ ବିଭିନ୍ନ ନାମଠାରୁ ଆରମ୍ଭ କରି ଶିକ୍ଷା ସମ୍ପର୍କରେ କହିଥିଲେ। ସେସବୁ ପ୍ରତ୍ୟୁଷ ଶୁଣି କିଛି ମିନିଟ୍ ମଧ୍ୟରେ କହିପାରୁଥିଲେ। ଏପରି ପ୍ରତିଭାର ଅଧିକାରୀ ହେବା ପାଇଁ ପ୍ରଥମେ ପରିବାର ପକ୍ଷରୁ ଇଣ୍ଡିଆ ବୁକ୍ ରେକର୍ଡରେ ପ୍ରତିଯୋଗିତା କରିବା ଲାଗି ଅନ୍‌ଲାଇନ୍ ମାଧ୍ୟମରେ ସମସ୍ତ ପ୍ରସ୍ତୁତି ଶେଷ କରିଥିଲେ। ଶେଷରେ ପ୍ରତିଯୋଗିତାରେ ବିସ୍ମୟ ବାଳକ ପ୍ରତ୍ୟୁଷ ଅଂଶଗ୍ରହଣ କରି ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା କରାଯାଇଥିବା ବେଳେ ସୋମବାର ଫଳାଫଳ ଆସିବା ସହ ସେ ଏହି ପ୍ରତିଭାର ଅଧିକାରୀ ହୋଇଥିବା ମେଡାଲ ଓ ସାର୍ଟିଫିକେଟ ଆସିଥିବା ପରିବାର ଜାଣିବାକୁ ପାଇଥିଲେ। ବିସ୍ମୟ ପ୍ରତ୍ୟୁଷ ଏହି ରେକର୍ଡର ଅଧିକାରୀ ହେବା ଅଞ୍ଚଳରେ ଜଣାପଡ଼ିବା ପରେ ତାଙ୍କୁ ଏବଂ ତାଙ୍କ ପରିବାରକୁ ରାଜ୍ୟ ଓ ରାଜ୍ୟ ବାହାରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିଥିବା ବାପା ମନମୋହନ ଓ ମାଆ ଅମିତା କହିଛନ୍ତି।

# ଭସାଣିରେ ୪୩ ମେଢ଼ ସାମିଲ


ଚୌଦ୍ୱାର ରୂପଯାତ୍ରା ଭସାଣି ଉତ୍ସବରେ ସାମିଲ ହୋଇଥିବା ମେଢ଼।

ଚୌଦ୍ୱାର,୧୨।୧୦(ଡି.ଏନ୍.ଏ.)

**ସରିଲା ଚୌଦ୍ୱାର ରୂପଯାତ୍ରା**

ଚୌଦ୍ୱାର ରୂପଯାତ୍ରାର ଅନ୍ତିମ ପର୍ବ ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୪୩ ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗା, ମହାଲକ୍ଷ୍ମୀ, ଗଜଲକ୍ଷ୍ମୀ, ମହାଦେବ, ହରପାର୍ବତୀ, ରାଧାକୃଷ୍ଣ, ଲକ୍ଷ୍ମୀନାରାୟଣ, ହନୁମାନ ଆଦି ମୂର୍ତ୍ତି ମଙ୍ଗଳବାର ସାହି ପରିକ୍ରମା କରି ସ୍ଥାନୀୟ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରେ ବିଭିନ୍ନ ଷ୍ଟଲ ପଡିଥିବାବେଳେ ଘରକରଣା ସାମଗ୍ରୀ ବିକ୍ରି ହେଉଥିଲା। ଚଳିତବର୍ଷ କରୋନା କଟକଣା ହଟିଥିବାରୁ ମେଳଣ ପଡିଆରେ ଲୋକଙ୍କ ଗହଳି ଲାଗିଥିଲା। ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଠାକୁରଙ୍କୁ ଦର୍ଶନ କରିବା ସହ ଚଟ୍‌ପଟି ଖାଦ୍ୟର ମଜା ଉଠାଇଥିଲେ। ମେଳଣ ପଡ଼ିଆରେ ସୂଚନାକେନ୍ଦ୍ର ଖୋଲା ଯାଇଥିବାବେଳେ ଅଗ୍ନିଶମ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ଜନସାଧାରଣଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୋଲିସ ପକ୍ଷରୁ ମେଳଣ ପଡ଼ିଆ ଓ ଏହାର ଆଖପାଖରେ ୪ଟି ଅସ୍ଥାୟୀ କ୍ୟାମ୍ପ କରାଯାଇ ପରିସ୍ଥିତି ଉପରେ ନଜର ରଖାଯିବା ସହିତ ସିସିଟିଭି ବ୍ୟବସ୍ଥା କରାଯାଇଥିବା ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି। ବୁଧବାର ସକାଳେ ପରମ୍ପରା ଅନୁଯାୟୀ ପୂଜା କମିଟି ପକ୍ଷରୁ ଛନ୍ଦା ପ୍ରଦାନ କରାଯିବା ପରେ ମେଢଗୁଡିକ କ୍ରମାନ୍ୱୟରେ ଶୋଭାଯାତ୍ରାରେ ନିଆଯାଇ ବିରୂପା ନଦୀକୂଳରେ ହୋଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଢୋଲ, ଘଣ୍ଟଘଣ୍ଟା, ପଶ୍ଚିମ ଓଡ଼ିଶାର ସିଙ୍ଗ ବାଜାରେ ଭସାଣି ଶୋଭାଯାତ୍ରା ପ୍ରକମ୍ପିତ ହୋଇଥିଲା।

### ବାଇକ୍ ଜବତ, ଲୁଟେରା ଗିରଫ

ଯାଁଳା,୧୨।୧୦(ଡି.ଏନ୍.ଏ.)

ଇଙ୍ଗୋଭ୍ୟାଲି ଥାନା ପୋଲିସ ବୁଧବାର ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଖଜୁରିପଡାର ସେକ ଆଜାଦ(୨୯)। ଅଭିଯୁକ୍ତ ନିକଟରୁ ଗୋଟିଏ ଆପାଚି ବାଇକ୍ ଓ ମୋବାଇଲ ଫୋନ ଜବତ କରିଛି ପୋଲିସ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁସାରେ ପିତାପଲ୍ଲି ଗ୍ରାମର ମନୋରଞ୍ଜନ ପ୍ରଧାନ ଗତ ୧୦ ତାରିଖ ଦିନ ଘରୁ କୌଣସି କାର୍ଯ୍ୟରେ ବଜାରକୁ ଯାଉଥିଲେ। ଏହି ସମୟରେ ଦୁଇଜଣ ଲୁଟେରା ଏକ ଆପାଚି ବାଇକ୍ ଯୋଗେ ଆସି ମନୋରଞ୍ଜନଙ୍କୁ ଅଟକାଇଥିଲେ। ମାଡ଼ ମାରିବା ସହ ଧମକ ଦେଇ ତାଙ୍କଠାରୁ ମୋବାଇଲ ଓ ମନିପର୍ସ ଛଡ଼ାଇ ନେଇ ଲୁଟେରାଦ୍ୱୟ ଫେରାର ହୋଇଯାଇଥିଲେ। ଏ ନେଇ ମନୋରଞ୍ଜନ ଇଙ୍ଗୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ମୋବାଇଲ ନମ୍ବରକୁ ଟ୍ରାକିଂ କରି ମଙ୍ଗଳବାର ବାରଙ୍ଗ-ପିତାପଲ୍ଲି ରାସ୍ତାରେ ଲୁଟେରା ଅଭିଯୁକ୍ତ ଠିଆ ହୋଇଥିବା ବେଳେ ପୋଲିସ କାବୁ କରିନେଇଥିଲା।

# ୬୦ କୁଇଣ୍ଟାଲ ଭାଙ୍ଗ ଜବତ, ୨ ଗିରଫ

କଟକ ଅଫିସ,୧୨।୧୦



ବିହାରରୁ ଓଡ଼ିଶାକୁ ବେଆଇନ ଭାଙ୍ଗ ଚାଲାଣ ହେଉଥିବା ଏକ ଟ୍ରକ (ନଂ.ଓଡ଼ି୦୨ବିଡି-୬୬୭୫)କୁ ଜିଲା ଅବକାରୀ ବିଭାଗ ଜବତ କରିଛି। ସେଥିରେ ୬୦ କୁଇଣ୍ଟାଲ ଭାଙ୍ଗ ରହିଥିଲା। ଏହାର ଆନୁମାନିକ ମୂଲ୍ୟ ୬୦ ଲକ୍ଷ ଟଙ୍କା ହେବ ବୋଲି ଜିଲା ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଶୋକ ପାଶ୍ୱାନ ଓ ଯୋଗେନ୍ଦ୍ର ପାଶୱାନଙ୍କୁ ଗିରଫ କରାଯାଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିହାରରୁ ଓଡ଼ିଶାକୁ ଭାଙ୍ଗ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଅବକାରୀ ବିଭାଗର ମୋବାଇଲ୍ ଟିମ୍ ଟାଙ୍ଗୀ ଟୋଲ୍‌ଗେଟ୍ ନିକଟରେ ବୁଧବାର ସକାଳୁ ଜଗି ରହିଥିଲା। ଟ୍ରକ୍‌ଟି ପହଞ୍ଚିବା ପରେ ଯାଞ୍ଚ କରିବାରୁ ସେଥିରେ ଭାଙ୍ଗ ଥିବା ଜଣାପଡିଥିଲା। ଗିରଫ ଅଭିଯୁକ୍ତଦ୍ୱୟ ବିହାର ବାସିନ୍ଦା। ମାତ୍ର ଅଶୋକ ଓଡ଼ିଶାରେ ବହୁଦିନ ହେବ ରହିଯାଇ ଏହି କାରବାର ଚଳାଉଥିବା ସ୍ୱୀକାର କରିଛନ୍ତି। ସେ ବିହାର ବେଗୁସରାଇର ବିଭିନ୍ନ ଗ୍ରାମରୁ ଭାଙ୍ଗ ସଂଗ୍ରହ କରି ଟ୍ରକ ଯୋଗେ ଓଡ଼ିଶା ଆଣିଥାନ୍ତି ବୋଲି ତଦନ୍ତବେଳେ ଅବକାରୀ ବିଭାଗ ଜାଣିବାକୁ ପାଇଛି।

# 'ସ୍ଥଳଭାଗକୁ ମହାକାଶ ସହ ସଂଯୋଗ କରୁଛି ସାଟେଲାଇଟ୍'

**ବିଶ୍ୱ ମହାକାଶ ସପ୍ତାହ**

କଟକ ଅଫିସ, ୧୨।୧୦


କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟ ଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।।

ଛାତ୍ରୀଛାତ୍ରମାନେ ଭବିଷ୍ୟତ ଗଠନ ପାଇଁ ଯତ୍ନବାନ ହେବା ଉଚିତ। ସେମାନେ ତାଙ୍କର ସ୍ୱପ୍ନକୁ କିପରି ସାକାର କରିବେ ସେ ଦିଗରେ ନିରନ୍ତର ଉଦ୍ୟମ କରନ୍ତୁ। ସ୍ଥଳଭାଗ ଓ ମହାକାଶକୁ ସଂଯୋଗ କରିବା କାମ ସାଟେଲାଇଟ୍ କରୁଛି। ଏହି ଯୋଗସୂତ୍ରକୁ କିଭଳି ସଫଳ କରିବା, ସେଥିପ୍ରତି ସମସ୍ତେ ଚେଷ୍ଟା କରିବା ଉଚିତ୍ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ବିଶ୍ୱ ମହାକାଶ ସପ୍ତାହ ପାଳନ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପକ୍ଷରୁ ଶ୍ରୀହରିକୋଟାର ସତିଶ ଧୱନ ମହାକାଶ କେନ୍ଦ୍ର(ଏସ୍‌ଡିଏସ୍‌ସି) ଏସ୍‌ଏଚ୍‌ଆର ଦ୍ୱାରା ଏହି କାର୍ଯ୍ୟକ୍ରମ ସୋମବାରଠାରୁ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରର ଏସ୍‌ଏଚ୍‌ଆର୍ ନିର୍ଦ୍ଦେଶକ ଏ. ରାଜାରାଜନ ସଭାପତିତ୍ୱ କରି କହିଥିଲେ, ସମ୍ପ୍ରତି ମହାକାଶ ବିଜ୍ଞାନ ଉପରେ ଅଧ୍ୟୟନ ନିମନ୍ତେ ଆଗ୍ରହ ବୃଦ୍ଧି ପାଉଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଦ୍ୟାଳୟସ୍ତରରେ ପ୍ରଦର୍ଶନୀ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ମହାକାଶ ସମ୍ପର୍କରେ ଅବଗତ କରାଯାଉଛି। ତେଣୁ ଛାତ୍ରୀଛାତ୍ର ଏଦିଗରେ ନିଜର ଜ୍ଞାନ ବୃଦ୍ଧି କରନ୍ତୁ ବୋଲି ସେ କହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ଏସ୍‌ଡିଏସ୍‌ସିର ଉପ ନିର୍ଦ୍ଦେଶକ ଆର. ସେନ୍ଥିଲ୍ କୁମାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କୁ ଇସ୍ରୋ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମହାକାଶ ବିଜ୍ଞାନକୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ବିଶ୍ୱ ଗଣ୍ଠିବାତ ଦିବସ ଅବସରରେ ବୁଧବାର ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରୁ ରାମମନ୍ଦିର ଛକ ପର୍ଯ୍ୟନ୍ତ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଉକ୍ତ ରାଲିରେ ବିଜ୍ଞାନ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ସମେତ ସୋଆର ଚିଫ୍ ଭିଜିଲାନ୍ସ ଅଫିସର ଯୁଗଳ କିଶୋର ଦାସ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର, କ୍ଲିନିକାଲ୍ ଇମ୍ୟୁନୋଲୋଜି ଆଣ୍ଡ ୟୁର୍ମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରଦୀପ୍ତ ଶେଖର ପାତ୍ର ଏବଂ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ମିନତୀ ମିଶ୍ରଙ୍କ ସମେତ ଡାକ୍ତର, ନର୍ସ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## ସଂକ୍ଷେପରେ

### ପୋଖରୀ ପାଖରୁ ଶିଶୁକନ୍ୟା ଉଦ୍ଧାର

ବାରଙ୍ଗ,୧୨।୧୦(ଡି.ଏନ୍.ଏ.): ମେଣ୍ଢାଶାଳ ଫାଣ୍ଡି ଅନ୍ତର୍ଗତ ଗିରିଙ୍ଗାପୁଟ ଡାକ ପୋଖରୀ ରାସ୍ତାର ଏକ ପୋଖରୀ ନିକଟରୁ ବୁଧବାର ରାତିରେ ଏକ ନବଜାତକ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଗିରିଙ୍ଗାପୁଟ ଗାଁର ଗୀତା ସ୍ୱାଇଁ ଓ ଜିତେନ୍ଦ୍ର ସ୍ୱାଇଁ ବୁଧବାର ରାତିରେ ଡାକ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ଏକ ଛୋଟ ପିଲାର କାନ୍ଦିବା ଶୁଣି ଏହି ଦମ୍ପତି ଟର୍ଚ୍ଚ ମାରି କାନ୍ଦ ଆସୁଥିବା ସ୍ଥାନକୁ ଅନୁସରଣ କରି ଯାଇଥିଲେ। ସେଠାରେ ପହଞ୍ଚି ନବଜାତ ଶିଶୁକନ୍ୟାଟି କାନ୍ଦୁଥିବାର ଦେଖି ଉଦ୍ଧାର କରିଥିଲେ। ଛୁଆଟିର ପିଠିରେ ଆବୁ ଭଳି ଫୁଲିଥିବାରୁ ଚିକିତ୍ସା ପାଇଁ ମେଣ୍ଢାଶାଳ ଡାକ୍ତରଖାନାକୁ ଆଣିଥିଲେ। ଖବରପାଇ ମେଣ୍ଢାଶାଳ ଫାଣ୍ଡି ପୋଲିସ ପହଞ୍ଚି ଶିଶୁ ସୁରକ୍ଷା ସଂସ୍ଥା ସହ ଯୋଗାଯୋଗ କରିଥିଲେ। ଗୁରୁବାର ଏହି ସଂସ୍ଥା ଆସି ପିଲାଟିକୁ ନେବ ବୋଲି ଜଣାପଡିଛି। ଅନ୍ୟପଟେ ଏହି ନବଜାତକଟି କନ୍ୟା ହୋଇଥିବାରୁ କେହି ଛାଡି ଦେଇଥିବା ଅନୁମାନ କରାଯାଉଛି। ଶିଶୁକନ୍ୟାଟି ୪ଦିନର ହୋଇଥିବାବେଳେ ଡାକ୍ତରଖାନାରେ ରହିଛି ବୋଲି ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକ ମୋହନ ହେମ୍ବ୍ରମ କହିଛନ୍ତି।

### ଘରେ ପଶି ମୋବାଇଲ ଲୁଟିନେଲେ

ବାରଙ୍ଗ, ୧୨।୧୦ (ଡି.ଏନ୍.ଏ.): ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ବସଷ୍ଟାଣ୍ଡ ପାଖ ବସ୍ତିରେ ରହୁଥିବା ଜଣେ ମହିଳାଙ୍କ ଘରେ ପଶି ଜଣେ ଦୁର୍ବୃତ୍ତ ଏକ ଦାମୀ ମୋବାଇଲ ଫୋନ ଚୋରି କରି ନେଇଥିବା ବୁଧବାର ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଉମା ବେହେରା ମଙ୍ଗଳବାର ରାତିରେ ଘରେ ଶୋଇଥିବାବେଳେ ସେହି ବସ୍ତିର ଜଣେ ଯୁବକ ଘରେ ପଶି ଏକ ଦାମୀ ମୋବାଇଲ ଫୋନ ନେଇ ପଳାଉଥିବାବେଳେ ଉମା ଉଠିପଡିଥିଲେ। ଯୁବକ ଉମାକୁ ଧକ୍କାଦେଇ ଫୋନ ନେଇ ଦୌଡି ପଳାଇଥିଲା। ବୁଧବାର ସକାଳେ ଉମା ଥାନାରେ ଅଭିଯୋଗ କରିଛନ୍ତି।

### ସରିଲା ଦୁଇଦିନିଆ କୁମାର ଉତ୍ସବ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ): ଉତ୍କଳ ଡ୍ୟାନ୍ସ ଆଣ୍ଡ୍ ରିସର୍ଚ୍ଚ ଏକାଡେମୀ (ଉଡ୍ରା) ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨ଦିନିଆ କୁମାର ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ନିର୍ଦ୍ଦେଶିକା ଦୀପ୍ତି ମିଶ୍ର, ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ଓ କର୍ପୋରେଟର ପୁଷ୍ପା ରାଉତ ଯୋଗଦେଇଥିଲେ। ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଙ୍ଗାନଦୀର ପୌରାଣିକ ପୃଷ୍ଠଭୂମି ସମ୍ବଳିତ ଚେତନାର ନୃତ୍ୟାଭିନୟ 'ବନ୍ଦେ ମାତରମ୍'କୁ ଗୁରୁ ରମେଶ ଚନ୍ଦ୍ର ଜେନାଙ୍କ ନୃତ୍ୟ ସଂରଚନାରେ ଅନୁଷ୍ଠାନର ଶିଳ୍ପୀମାନେ ପରିବେଷଣ କରିଥିଲେ। ଏହାପରେ ଗୁରୁ ଭରତଚରଣ ଗିରିଙ୍କ ନିର୍ଦ୍ଦେଶନା ଓ ସଂଯୋଜନାରେ 'ଆଦୃତା'ର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ସହ ଅଭିନୟ କରିଥିଲେ। ଅପରାହ୍ନ ଅଧିବେଶନରେ ଯୁବ ପ୍ରତିଭାଙ୍କ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଅନୁଷ୍ଠାନର ୧୯ ବର୍ଷର ଯାତ୍ରାକୁ ନେଇ ପ୍ରସ୍ତୁତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଉଡ୍ରା ଅଧକ୍ଷ ବଟକୃଷ୍ଣ ତ୍ରିପାଠୀ ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶିକା ଶ୍ୱେତା ପାଢୀ ଧନ୍ୟବାଦ ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉପସ୍ଥାପନା କରିଥିଲେ ପ୍ରତାପ କୁମାର ସାହୁ।

# ଜରିମାନା ଗଣିଲେ ପାର୍କିଂ ହୋଲ୍ଡର, ଏତଲା ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ରାଜଧାନୀରେ ବେଆଇନ ପାର୍କିଂ ଫି' ଲୋକଙ୍କ ଚିନ୍ତା ବଢ଼ାଇଛି। ଯେଉଁଠି ଗାଡ଼ି ରଖିବ, ସେଠି କେହି ନା କେହି ଆସି ପାର୍କିଂ ଫି' ଦେବାକୁ ଜୁଲମ୍ କରୁଛନ୍ତି। ରସିଦ ମାଗିଲେ, ନାଲି ଆଖି ଦେଖାଉଛନ୍ତି। ଗାଳିଗୁଲଜ ସହ ଦୁର୍ବ୍ୟବହାର ମଧ କରୁଛନ୍ତି। ଏନେଇ ବିଏମ୍‌ସି ନିକଟରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିବାବେଳେ ବୁଧବାର ୟୁନିଟ୍-୧ ହାଟ ଅଞ୍ଚଳରେ ବେଆଇନ ପାର୍କିଂ ଫି' ଆଦାୟ ଧରାପଡିଛି। ବିଏମ୍‌ସି ପକ୍ଷରୁ ପାର୍କିଂ ଫି' ନେଇଥିବା ଭୋଳାନାଥ ବାରିକଙ୍କଠାରୁ ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ପାର୍କିଂ ହୋଲ୍ଡରଙ୍କ ନାମରେ ଥାନାରେ ଏତଲା ଦେବାକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ, ୟୁନିଟ-୧ ହାଟ ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କର ବାଇକ ପାର୍କିଂ କରିଥିଲେ। ଦୁଇଚକିଆ ବଦଳରେ କାର୍ ପାର୍କିଂ ସ୍ଥାନରେ ବାଇକ୍ ରଖିଥିଲେ। ଏହି ସମୟରେ ଭୋଳାନାଥ ତାଙ୍କ ନିକଟରେ ପହଞ୍ଚି ୨୦ଟଙ୍କା ଫି' ଦେବାକୁ କହିଥିଲେ। ବାଇକ୍ ପାଇଁ ୫ଟଙ୍କା ଫି' ଥିବାରୁ ବ୍ୟକ୍ତିଜଣକ ଏହାର ପ୍ରତିବାଦ କରିଥିଲେ। ହେଲେ ଭୋଳାନାଥ କାର୍ ପାର୍କିଂ ସ୍ଥାନରେ ବାଇକ୍ ରଖିଥିବାରୁ ୨୦ଟଙ୍କା ଦେବାକୁ ବାଧ କରିଥିଲେ। କିନ୍ତୁ ବାଇକ୍ ଚାଳକ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ପରିଚୟ ପଚାରିବା ସହ ବିଏମ୍‌ସି କର୍ମଚାରୀ କି ବୋଲି କହିବାରୁ ସେ ଉତ୍ତ୍ୟକ୍ତ ହୋଇ ଗାଳିଗୁଲଜ ଓ ଦୁର୍ବ୍ୟବହାର କରି ଜବରଦସ୍ତ ୨୦ଟଙ୍କା ନେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ବିଏମ୍‌ସି ତୁରନ୍ତ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ପଠାଇ ଘଟଣାର ତଦନ୍ତ କରିଥିଲା। ତଦନ୍ତରେ ସତ୍ୟତା ଜଣାପଡିବା ପରେ ଭୋଳନାଥଙ୍କଠାରୁ ବେଆଇନ ପାର୍କିଂ ଏବଂ ଖରାପ ବ୍ୟବହାର ପାଇଁ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

**ବେଆଇନ ପାର୍କିଂ ଫି' ଆଦାୟ, ଦୁର୍ବ୍ୟବହାର ମହଙ୍ଗାପଡ଼ିଲା**



ଜରିମାନା ରସିଦ ସହ ଭୋଳାନାଥ ବାରିକ।

ଘଟଣାକୁ ଗୁରୁତର ସହ ନେଇ କମିଶନର ବିଜୟ ଅମୃତା କୁଲାଙ୍ଗେ ସମ୍ପୃକ୍ତ ପାର୍କିଂ ହୋଲ୍ଡରଙ୍କ ବିରୋଧରେ ଏଫ୍‌ଆଇଆର୍ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସ୍ଥାନୀୟ ଜୋନାଲ ଡେପୁଟି କମିଶନରଙ୍କ ସହ ଆଲୋଚନା ପରେ କେଉଁ ଆଧାରରେ ଏଫ୍‌ଆଇଆର ଦିଆଯିବ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦିଆଯାଇଛି।

ସହରର ବିଭିନ୍ନ ସ୍ଥାନରେ ପାର୍କିଂ ପାଇଁ ବିଏମ୍‌ସି ପକ୍ଷରୁ ୮୪ଟି ସ୍ଥାନ ପ୍ରଦାନ କରାଯାଇଛି। ସେଠାରେ ପାର୍କିଂ ଆଦାୟ ପାଇଁ ବିଭିନ୍ନ ଏଜେନ୍ସି ପକ୍ଷରୁ ଟେଣ୍ଡର ନିଆଯାଇଛି। ତେବେ ସାଧାରଣ ଲୋକଙ୍କଠାରୁ ପାର୍କିଂ ଆଦାୟ ପାଇଁ ବିଏମ୍‌ସି ପକ୍ଷରୁ ଉଭୟ ଦୁଇ ଚକିଆ ଓ ଚାରି ଚକିଆ ଯାନ ପାଇଁ ଦର ନିର୍ଦ୍ଧାରିତ କରାଯାଇଛି। ବାଇକ ୨ ଘଣ୍ଟା ପାଇଁ ୫ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ୪ ଚକିଆ ଯାନ ପାଇଁ ୨୦ ଟଙ୍କା ଦର ନିର୍ଦ୍ଧାରଣ କରାଯାଇଛି। ତେବେ ଏହାର ସମୟ ବଢିଲେ ପୁଣି ଆବଶ୍ୟକ ଫି' ବୃଦ୍ଧିର ନିୟମ ରହିଛି।

# ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଲା କିଟ୍

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

**ଟାଇମ୍ସ ହାୟର ଏଜୁକେଶନ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍-୨୦୨୩**

ଟାଇମ୍ସ ହାୟର ଏଜୁକେଶନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍-୨୦୨୩ ବୁଧବାର ପ୍ରକାଶ ପାଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିବା ସହ ଉପରକୁ ଉଠିଛି। ପୂର୍ବବର୍ଷ କିଟ୍ ୮୦୧+ ସ୍ଥାନରେ ରହିଥିବାବେଳେ ଏବର୍ଷ ୨ଶହ ର୍‍ୟାଙ୍କ ଉନ୍ନୀତ ହୋଇ ସମଗ୍ର ବିଶ୍ୱର ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ୬୦୧+ ସ୍ଥାନ ପାଇଛି। ଏଥିସହ ଦେଶର ପୂର୍ବାଞ୍ଚଳ ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କିଟ୍ ପ୍ରଥମ ସ୍ଥାନରେ ରହିଛି। ଶୈକ୍ଷିକ ପରିବେଶ, ଗବେଷଣା, ଆବୃତ୍ତି, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ଇଣ୍ଡଷ୍ଟ୍ରି ଇନ୍‌କମ୍ ଆଦି ମାନଦଣ୍ଡକୁ ନେଇ ଟାଇମ୍ସ ହାୟର ଏଜୁକେଶନ୍ ପକ୍ଷରୁ ବିଶ୍ୱର ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ନେଇ ଏହି ର୍‍ୟାଙ୍କ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ କିଟ୍ ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ସଫଳତା ମିଳିଥିବାରୁ କିଟ୍‌ର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ଖୁସି ଭରିଦେଇଛି। ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମିଳିତ ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି।



ଭୁବନେଶ୍ୱର ସୂଚନା ଭବନଠାରେ ବୁଧବାର ଅନୁଷ୍ଠିତ ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ ଉତ୍ସବ ଓ ସଙ୍ଗୀତ ସନ୍ଧ୍ୟାରେ ଅତିଥିମାନେ ଅକ୍ଷୟଙ୍କ ରଚିତ ତଥା ପୁନଃ ପ୍ରକାଶିତ ଉପନ୍ୟାସ 'ଆର୍ଯ୍ୟଦାସର ଶେଷଲିପି' ଓ ଭ୍ରମଣ କାହାଣୀ 'ବାହାବାହାରେ ଆମେରିକା'କୁ ଉନ୍ମୋଚନା କରୁଛନ୍ତି।

# ଅକ୍ଷୟ ସଙ୍ଗୀତରେ ଝୁମିଲେ ଦର୍ଶକ

**ପୁନଃ ପ୍ରକାଶିତ 'ଆର୍ଯ୍ୟଦାସର ଶେଷଲିପି' ଓ 'ବାହାବାହାରେ ଆମେରିକା' ଲୋକାର୍ପିତ**

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଓଡ଼ିଆ ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟକ ଅକ୍ଷୟ ମହାନ୍ତିଙ୍କ ଗୀତ ଆଜି ବି ଆଖିରେ ନିଦ ଆଣିଦିଏ। ମନରେ ଭରିଦିଏ ଏକ ଅବର୍ଣ୍ଣନୀୟ ଆନନ୍ଦ। ଚିରସବୁଜ ସଙ୍ଗୀତଗୁଡ଼ିକୁ ଗାଇଥିବା ସେହି ମହାନ ନାୟକଙ୍କ ଜୟନ୍ତୀ ଅବସରରେ ବୁଧବାର ସୂଚନା ଭବନଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅକ୍ଷୟ ମହାନ୍ତି ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଜୟନ୍ତୀ ଉତ୍ସବ ଓ ସଙ୍ଗୀତ ସନ୍ଧ୍ୟା ଅକ୍ଷୟଙ୍କ ସ୍ମୃତିଚାରଣ କରିଥିଲା। ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ହୋତା, ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ଅକ୍ଷୟ ମହାନ୍ତିଙ୍କ ରଚିତ ଉପନ୍ୟାସ 'ଆର୍ଯ୍ୟଦାସର ଶେଷଲିପି' ଓ ଭ୍ରମଣ କାହାଣୀ 'ବାହାବାହାରେ ଆମେରିକା' ପୁନଃପ୍ରକାଶନର ଲୋକାର୍ପଣ କରିଥିଲେ।



ମହାପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅକ୍ଷୟ ମହାନ୍ତିଙ୍କ ଭଜନ 'ମେଘମାଳାକୁ ନିନ୍ଦେକଳାକୁ...' ପରିବେଷଣରୁ ଆରମ୍ଭ ହୋଇଥିଲା ସଙ୍ଗୀତ ସନ୍ଧ୍ୟା। ପରେ ନିଶି ବିଜନେ, ବାଜେ ବଇଁଶି, ଅବୁଝା ପ୍ରିୟତମା, ଲାଲ ଟୁକୁ ଟୁକୁ ଉଠେ, ସାତ ଦରିଆ ପାଣିରେ ଆଦି ସଙ୍ଗୀତରେ ଦର୍ଶକ ଝୁମି ଉଠିଥିଲେ। ପ୍ରତିଟି ସଙ୍ଗୀତରେ ଅକ୍ଷୟ ଛାଡ଼ି ଯାଇଥିବା ତାଙ୍କ ଛାପକୁ କଣ୍ଠଶିଳ୍ପୀମାନେ ଦର୍ଶକଙ୍କୁ ଅନୁଭବ କରାଉଥିଲେ। କଣ୍ଠଶିଳ୍ପୀ ବିଭୁ ଦାସ, ଚିତ୍ରଭାନୁ ମହାନ୍ତି, ଆଦ୍ୟାଶା ଦାସ, ପ୍ରତିଭା ଦାସ, ଶଶାଙ୍କ, ମିତ୍ରଭାନୁ ପ୍ରମୁଖଙ୍କ ସଙ୍ଗୀତରେ ଦର୍ଶକ ହଜି ଯାଇଥିଲେ ସେହି ପୁରୁଣା ସ୍ୱର୍ଣ୍ଣିମ ଯୁଗକୁ। ସଙ୍ଗୀତ କାର୍ଯ୍ୟକ୍ରମ ପରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପେଟେଣ୍ଟ ମେଡିସିନ୍ ପ୍ରଦର୍ଶିତ ହୋଇଥିଲା। ଏହାକୁ ନାଟକରେ ରୂପାନ୍ତରିତ କରିଥିଲେ ପଦ୍ମଶ୍ରୀ ଗୋପାଳ ଛୋଟରାୟ, ସଙ୍ଗୀତଭିତ୍ତିକ ନାଟ୍ୟରୂପ ଦେଇଥିଲେ ଅକ୍ଷୟ ମହାନ୍ତି। ଏହାକୁ ଭୁବନେଶ୍ୱର ନାଟ୍ୟ ସଂସ୍ଥା ଭରତପୁତ୍ରର କଳାକାର ମଞ୍ଚସ୍ଥ କରିଥିଲେ। ଚୌଧୁରୀ ଜୟପ୍ରକାଶ ଦାସଙ୍କ ନିର୍ଦ୍ଦେଶନାରେ ସୁବ୍ରତ, ସୁନନ୍ଦା, ପ୍ରଜ୍ଞା, ରାକେଶ, ଭକ୍ତି, ସ୍ୱରୂପ, ପିହୁ ପ୍ରମୁଖ ଅଭିନୟ କରିଥିଲେ।

# ୬୫ହଜାର ଜରିମାନା ଆଦାୟ କଲା ବିଏମ୍‌ସି

ଭୁବନେଶ୍ୱର,୧୨।୧୦ (ବ୍ୟୁରୋ)

ବିଏମ୍‌ସି ପକ୍ଷରୁ ବାରମ୍ବାର ଅନୁରୋଧ ଓ ନିର୍ଦ୍ଦେଶ ଦିଆଯିବା ପରେ ମଧ ଅଳିଆକୁ ଠିକ୍ ଭାବରେ ଦେଉ ନ ଥିବାରୁ, ଡବଲ ଡଷ୍ଟବିନ୍ ବ୍ୟବହାର କରୁ ନ ଥିବା କାରଣ ପାଇଁ ଜରିମାନା ଆଦାୟ କରାଯାଇଛି। ସହରରେ ୩ଟି ପ୍ରଶାସନିକ ଜୋନରେ ୬୫ ହଜାର ଟଙ୍କା ଆଦାୟ କରାଯାଇଛି। ବିଏମସି ଅଧିକାରୀଙ୍କ ଦ୍ୱାରା ଶେଷ ୨ଦିନରେ ୧୦୦ୟୁନିଟ ପରିଦର୍ଶନ କରାଯାଇଛି। ଦକ୍ଷିଣ ପଶ୍ଚିମ ଜୋନରୁ ୨୧ହଜାର, ଉତ୍ତରରୁ ୨୫ହଜାର ଓ ଦକ୍ଷିଣପୂର୍ବ ଜୋନରୁ ୧୮,୫୦୦ ଆଦାୟ ହୋଇଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୮ ଶିକ୍ଷକ ପଦବୀ ସୃଷ୍ଟି

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୮ଟି ନୂଆ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଛି। ବାୟୋଟେକ୍ନୋଲୋଜି, ଲାଇବ୍ରେରି ଆଣ୍ଡ୍ ଇନ୍‌ଫର୍‌ମେଶନ ସାଇନ୍ସ, ଟୁରିଜମ୍ ଆଣ୍ଡ ଟ୍ରାଭେଲ ସାଇନ୍ସ ଏବଂ ଏନ୍‌ଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍ ବିଭାଗରେ ୭ଟି ଲେଖାଏ ପଦବୀ ସୃଷ୍ଟି ହୋଇଛି। ଗୋଟିଏ ପ୍ରଫେସର, ୨ଟି ଆସୋସିଏଟ୍ ପ୍ରଫେସର ଏବଂ ୪ଟି ଲେଖାଏ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ରହିବ। ୪ଟି ବିଭାଗରେ ମୋଟ୍ ୪ ପ୍ରଫେସର, ୮ ଆସୋସିଏଟ୍ ପ୍ରଫେସର ଏବଂ ୧୬ ଆସିଷ୍ଟାଣ୍ଟ ପଦବୀ ସୃଷ୍ଟି ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଦେଶନାମା ଜାରି ହୋଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମର ଧାରା-୨୧ ଅନୁସାରେ ଏହି ପଦବୀଗୁଡ଼ିକ ସିଧାସଳଖ ନିଯୁକ୍ତି ଜରିଆରେ ପୂରଣ ହେବ।

# ଘର ଛାତରୁ ପଡ଼ି ମହିଳା ମୃତ

ବାରଙ୍ଗ,୧୨।୧୦(ଡି.ଏନ୍.ଏ.)

ରଘୁନାଥପୁର ଗାଁର ଅର୍ଚ୍ଚନା ଜେନା ବୁଧବାର ଘରର ତିନିତାଲା କୋଠା ଉପରୁ ତଳକୁ ଖସିପଡି ମୃତ୍ୟୁବରଣ କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅର୍ଚ୍ଚନା ରୋଷେଇ କରିବା ନିମନ୍ତେ କୋଠା ଉପରେ ଥିବା ଜାଳେଣି କାଠ ଆଣିବାକୁ ଉପରକୁ ଯାଇଥିଲେ। କାଠକୁ କୋଠାଉପରୁ ତଳକୁ ପକାଇବାବେଳେ ଅସାବଧାନତା ଯୋଗୁ ଗୋଡ ଖସିଯିବାରୁ ତଳକୁ ପଡିଯାଇଥିଲେ। ମୁଣ୍ଡରେ ଶକ୍ତ ଆଘାତଲାଗି ରକ୍ତାକ୍ତ ଅବସ୍ଥାରେ ଗାଁ ରାସ୍ତାରେ ପଡିଯାଇଥିଲେ। ଏହାଦେଖି ପରିବାର ଲୋକ ଅର୍ଚ୍ଚନାକୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଦୁଇଟି ସନ୍ତାନର ଜନନୀ ୪୧ବର୍ଷୀୟ ମୃତ ଅର୍ଚ୍ଚନାଙ୍କ ସ୍ୱାମୀ ରମେଶ ଚନ୍ଦ୍ର ଜେନା ନନ୍ଦନକାନନରେ ଗାଇଡ୍ କାମ କରି ପରିବାର ପ୍ରତିପୋଷଣ କରନ୍ତି।

# ଜିଲା ଜଜ୍‌ଙ୍କୁ ଓକିଲ ସଂଘର ବିରୋଧ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ବୁଧବାର ଖୋର୍ଦ୍ଧା ଜିଲା ଦୌରାଜଜ୍‌ଙ୍କ ଅଦାଲତକୁ ବର୍ଜନ କରାଯାଇଛି। ପ୍ରଶାସନିକ କାର୍ଯ୍ୟ, ନ୍ୟାୟିକ କାର୍ଯ୍ୟରେ ବାର୍ ଆସୋସିଏଶନ ସଦସ୍ୟ ଏବଂ ମାମଲାରେ ପକ୍ଷଭୁକ୍ତଙ୍କୁ ଜିଲା ଦୌରାଜଜ୍ ନିଶିଥ ନିଶାଙ୍କ ଅସହଯୋଗ କରିବା ଯୋଗୁ ଓକିଲ ସଂଘ ଏଭଳି ନିଷ୍ପତ୍ତି ନେଇଛି। ଏଥିସହ ଏବିଷୟରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଯେପର୍ଯ୍ୟନ୍ତ ଜିଲାଦୌରା ଜଜ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇଛି, ସେପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଉକ୍ତ କୋର୍ଟ କାର୍ଯ୍ୟକୁ ବର୍ଜନ କରାଯିବ ବୋଲି ସଂଘ ସମ୍ପାଦକ ରାଜକିଶୋର ଦାସ କହିଛନ୍ତି।

ଅଭିଯୋଗ ଅନୁଯାୟୀ ଜିଲା ଦୌରାଜଜ୍ ନିଶିଥ ବାର୍ ଆସୋସିଏଶନକୁ କୌଣସି କାର୍ଯ୍ୟରେ ସହଯୋଗ କରୁ ନ ଥିଲେ। ଫଳରେ ସଂଘର ୨୫୦ ସଦସ୍ୟ ତାଙ୍କର ଏଭଳି ଆଚରଣଙ୍କୁ ନେଇ ଅସନ୍ତୋଷ ରହିଥିଲେ। ଜଜ୍‌ଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ସଦସ୍ୟ ଦାବି କରିଥିଲେ। ଏନେଇ ସଂଘର ପ୍ରତିନିଧି ସମାଧାନ ପାଇଁ ଜିଲା ଦୌରାଜଜଙ୍କୁ ଗତ ସେପ୍ଟେମ୍ବର ୯ତାରିଖରେ ଭେଟି ଅନୁରୋଧ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଏଯାବତ୍ ଗ୍ରହଣ କରାଯାଇ ନାହିଁ। ଘଟଣାକୁ ବାର୍‌ର କାର୍ଯ୍ୟ ନିର୍ବାହୀ ପରିଷଦ ଗୁରୁତ୍ୱର ସହ ନେଇ ଜିଲା ଏବଂ ସେସନ୍ସ ଜଜ୍ କୋର୍ଟକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିବାଦ ସମାଧାନ ନ ହେବା ପର୍ଯ୍ୟନ୍ତ ଉକ୍ତ ବିଚାରପତି କୌଣସି ଫୌଜଦାରି ଏବଂ ଦେୱାନୀ ମାମଲାର ଫଇସଲା ନ କରିବାକୁ ସଂଘ ଦାବି କରିଛି।

# 'ମୁଁ ସଫେଇବାଲା' ଗାଡ଼ିକୁ ଟ୍ରାକ୍ କରିବ 'ସଫା ଆପ୍'



ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ଅଳିଆ ଗାଡ଼ିକୁ ଟ୍ରାକ୍ କରିବ 'ସଫା ଆପ୍'। ପ୍ରତି ଘରେ କ୍ୟୁଆର୍ କୋଡ୍ ଲାଗିବ। ଜିପିଏସ୍ ଯୋଗେ ଏହା ଅଳିଆ ଗାଡ଼ି ବା 'ମୁଁ ସଫେଇବାଲା' ଗାଡ଼ିକୁ ଟ୍ରାକ କରିବ। ସ୍ୱଚ୍ଛତା ଅଭିଯାନକୁ ଅଧିକ ବ୍ୟବସ୍ଥିତ ଓ କ୍ରିୟାଶୀଳ କରିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଏହି 'ସଫା ଆପ୍'ର ଟ୍ରାଏଲ ରନ୍ ବୁଧବାର ଆରମ୍ଭ ହୋଇଛି। ବିଏମ୍‌ସି ୱାର୍ଡ ନମ୍ବର ୪୦ ଅଧୀନ ୟୁନିଟ-୧ ସରକାରୀ କଲୋନୀରୁ ପରୀକ୍ଷାମୂଳକ ଭାବେ ଏହି ସଫା ଆପ୍ ଡେମୋ କାର୍ଯ୍ୟ କରିଛି। ପର୍ଯ୍ୟାୟକ୍ରମେ ଭୁବନେଶ୍ୱରର ସହରରେ ସବୁ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରେ ସଫା ଆପ୍ କ୍ୟୁଆର୍ କୋଡ୍ ଲାଗିବ। ଏହି ଆପ୍ ଯୋଗେ ଲୋକେ ବିଏମ୍‌ସିର ବିଭିନ୍ନ ସେବା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ସହ ଅଭିଯୋଗ ମଧ କରିପାରିବେ। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ସଫା ଆପ୍‌ର ଡେମୋ ଆରମ୍ଭ ହୋଇଛି।

**ଟ୍ରାଏଲ୍ ରନ୍ ଆରମ୍ଭ**

# 'କଳିଙ୍ଗକନ୍ୟା ଦ୍ରୌପଦୀ ମୁର୍ମୁ' ଉନ୍ମୋଚିତ



ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଲେଖକ ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ଦ୍ୱାରା ଓଡ଼ିଆ ଝିଅ ତଥା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ ଲିଖିତ ପୁସ୍ତକ 'କଳିଙ୍ଗକନ୍ୟା ଦ୍ରୌପଦୀ ମୁର୍ମୁ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ମଙ୍ଗଳବାର ରାଜଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଲେଖକ ମହାପାତ୍ର ରାଜ୍ୟପାଳଙ୍କୁ ୭ଖଣ୍ଡ ପୁସ୍ତକ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସାମ୍ବାଦିକ ସନ୍ଦୀପ ସାହୁ, ଆଡଭୋକେଟ୍ ମହେଶ ରାୟ, ତୁଳସୀରାମ ଜଗତ ଏବଂ କବି ତଥା ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ ଉପସ୍ଥିତ ଥିଲେ। ୩୦୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକରେ ରାଷ୍ଟ୍ରପତି ମୁର୍ମୁଙ୍କ ଜୀବନୀ, ତାଙ୍କର ରାଜନୀତି କ୍ୟାରିୟରରୁ ନେଇ ରାଷ୍ଟ୍ରପତି ହେବା ପର୍ଯ୍ୟନ୍ତ ଯାତ୍ରା ସବୁ ବର୍ଣ୍ଣନା କରାଯାଇଛି।

# 'ସୂଚନା ଅଧିକାର ଆଇନର ବହୁଳ ବ୍ୟବହାର ଆବଶ୍ୟକ'

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

**୧୭ ବର୍ଷ ପରେ ବି ଭାରତୀୟଙ୍କ ଆବେଦନ ୩ ପ୍ରତିଶତରୁ କମ୍**

ସୂଚନା ଅଧିକାର ଆଇନର ବହୁଳ ବ୍ୟବହାର ହେଉନାହିଁ। ଏହି ଆଇନ କାର୍ଯ୍ୟକାରୀ ହେବାର ୧୭ବର୍ଷ ପରେ ବି ଭାରତୀୟମାନେ ଏହାକୁ ବ୍ୟବାହର କରୁନାହାନ୍ତି। ପ୍ରତିବର୍ଷ ୪୦ ରୁ ୬୦ ଲକ୍ଷ ସୂଚନା ଆବେଦନପତ୍ର ଦାଖଲ କରାଯାଏ, କିନ୍ତୁ ୩ ପ୍ରତିଶତରୁ କମ୍ ଭାରତୀୟ ନାଗରିକ ଏହାର ଆବେଦନ କରିଛନ୍ତି। ଏହାଦ୍ୱାରା ଅଧିନିୟମ ଏକ ନିର୍ଦ୍ଦିଷ୍ଟ ମୃତ୍ୟୁ ଦିଗରେ ଗତି କରୁଛି। ଯଦି ଆମେ ଏହାକୁ ଅଧିକ ପରିମାଣରେ ବ୍ୟବହାର ନ କରିବା, ତେବେ ଏହି ଦୁର୍ନୀତି ନିବାରଣ ଆଇନ ଦିଶାହୀନ ହୋଇଯିବ। ନାଗରିକଙ୍କ ଦ୍ୱାରା ଏହାର ଅଧିକ ବ୍ୟବହାର ହିଁ ଦୁର୍ନୀତିକୁ ପ୍ରକାଶ କରୁଥିବା ସୂଚନା କର୍ମୀଙ୍କ ଉପରେ ହେଉଥିବା ଆକ୍ରମଣକୁ ହ୍ରାସ କରିବ ବୋଲି ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ କହିଛନ୍ତି। ସାମାଜିକ ଅନୁଷ୍ଠାନ ଆର୍.ଟି.ଆଇ. କ୍ଲିନିକ୍ ଦ୍ୱାରା ବୁଦ୍ଧ ମନ୍ଦିରଠାରେ ଆୟୋଜିତ ସୂଚନK ଅଧିକାର ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସେ ଏହା କହିବା ସହ ତୃଣମୂଳ ସ୍ତରରେ ଏହି ଆଇନର ବହୁଳ ବ୍ୟବାହର ଆବଶ୍ୟକ ବୋଲି ଆହ୍ୱାନ ଦେଇଛନ୍ତି।

ପୂର୍ବତନ ପ୍ରଶାସକ ତଥା ଆଇନଜୀବୀ ଶ୍ରୀଭୂଷଣ ଶୁକ୍ଳ କହିଲେ, ସୂଚନା ଅଧିକାର ଆଇନ ସରକାରଙ୍କୁ ସକ୍ରିୟ ଭାବରେ ସୂଚନା ଉପଲବ୍ଧ କରାଇବାକୁ ବାଧ କରିଥାଏ। ମାତ୍ର ସରକାରୀ କାର୍ଯ୍ୟାଳୟରେ ତାହା ଦେଖିବାକୁ ମିଳୁନି। ପ୍ରତିବର୍ଷ ଆବେଦନ ସଂଖ୍ୟା ସହ ସୂଚନା ଆୟୋଗଙ୍କଠାରେ ଶୁଣାଣି ପାଇଁ ଦ୍ୱିତୀୟ ଅପିଲ ସଂଖ୍ୟାରେ ମଧ ବୃଦ୍ଧି ପାଉଛି। ଏ ଦିଗରେ ସରକାର ଦୃଷ୍ଟି ଦେବା ଉଚିତ ବୋଲି ସେ କହିଛନ୍ତି। ସୂଚନା ଅଧିକାର କର୍ମୀ ନିଶିକାନ୍ତ ମହାପାତ୍ର ସୂଚନା ଅଧିକାର ଆଇନର ଅନେକ ସଫଳ କାହାଣୀ ବର୍ଣ୍ଣନା କରିଥିଲେ। ଏଥିସହ ଆବେଦନଗୁଡ଼ିକର ଫଇସଲା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନାହିଁ। ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ରହିଥିବା ସେ କହିଥିଲେ। ଆର.ଟି.ଆଇ. କ୍ଲିନିକ୍‌ର ଆବାହକ ମନୋରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରି କହିଲେ, ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ଲୋକଙ୍କୁ ସୂଚନା ଅଧିକାର ପ୍ରୟୋଗ ବିଷୟରେ ସଚେତନ କରିବା ସହ ଏହାର ଠିକ ବ୍ୟବହାର ଉପରେ ତାଲିମ ଦିଆଯିବା ପାଇଁ ଯୋଜନା ରହିଛି। ଆଗାମୀ ଦିନରେ ବିଭିନ୍ନ ଜିଲା ଓ ପଞ୍ଚାୟତ ସ୍ତରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେ ଘୋଷଣା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଛାତ୍ରୀଛାତ୍ର ଓ ଯୁବକଙ୍କୁ ସୂଚନା ଅଧିକାରରେ କେମିତି ପ୍ରଶ୍ନ ତିଆରି କରାଯାଏ ଏବଂ ତାହାକୁ କିପରି କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯାଏ ସେନେଇ ତାଲିମ ଦିଆଯାଇଥିଲା।

# ପୋଲିସ ହାତରେ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ବ୍ଲାକ୍‌ମେଲିଂ କରି ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ତଥା ପୋଲିସ ଅଧିକାରୀଙ୍କଠାରୁ ଟଙ୍କା ଲୁଟୁଥିବା ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ କମିଶନରେଟ ପୋଲିସର ହସ୍ତଗତ ହୋଇଛି। ଅର୍ଚ୍ଚନା କମ୍ ଦିନ ମଧ୍ୟରେ କିପରି ଅମାପ ସମ୍ପତ୍ତି ହାତେଇଲେ, ତାଙ୍କ ପାଖକୁ କିଏ ଟଙ୍କା ପଠାଉଥିଲା, କେଉଁ ବ୍ୟାଙ୍କରୁ ଟଙ୍କା ଆସୁଥିଲା ଏବଂ ଏହି ଟଙ୍କା ସେ କେଉଁ ବାଟେ ବିନିଯୋଗ କରିଥିଲେ, ତାହାର ସବୁ ତଥ୍ୟ ଜାଣିବା ଲାଗି ଗତ ୫ ବର୍ଷର ରିପୋର୍ଟ କମିଶନରେଟ ପୋଲିସ ମାଗିଥିବାବେଳେ ଆରବିଆଇ ୩ଟି ବ୍ୟାଙ୍କର ଷ୍ଟେଟ୍‌ମେଣ୍ଟ ଦେଇଛି। ତେବେ ଉକ୍ତ ଷ୍ଟେଟମେଣ୍ଟରେ କେତେ ଟଙ୍କା ରହିଛି, କାହାକୁ କାହାକୁ ଟଙ୍କା ଟ୍ରାଞ୍ଜାକ୍ସନ ହୋଇଛି, ସେନେଇ ତଦନ୍ତ ଚାଲିରହିଥିବାରୁ ଅଧିକ ତଥ୍ୟ ଦେବାକୁ ଡିସିପି ପ୍ରତୀକ ସିଂ ମନା କରିଦେଇଛନ୍ତି। ଅପରପକ୍ଷରେ ବ୍ୟାଙ୍କ ଡିଟେଲ୍ସ ତଥ୍ୟ ପୋଲିସର ହସ୍ତଗତ ହେବାପରେ ଅନେକ ରାଜନେତା, ବିଲ୍ଡର, ପ୍ରଯୋଜକ, କିଛି ପୋଲିସ ଅଧିକାରୀଙ୍କ ମନରେ ଛନକା ପଶିଥିବା ଆଲୋଚନା ହେଉଛି। ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ କେବଳ ନେତା, ମନ୍ତ୍ରୀଙ୍କ ସହ ଫଟୋ ଉଠାଉ ନ ଥିଲେ ବରଂ ପୋଲିସ ଅଧିକାରୀଙ୍କ ସହ ମଧ ଫଟୋ ଉଠାଇଥିଲେ। ଉଭୟ ଦମ୍ପତି ନିକଟରେ ଅବସର ନେଇଥିବା ଡିସିପି(ସିକ୍ୟୁରିଟି) ନିର୍ମଳ କୁମାର ଶତପଥୀଙ୍କ ସହ ଫଟୋ ଉଠାଇଥିବା ସୋସିଆଲ ମିଡିଆରେ ଘୂରି ବୁଲୁଛି। ତେଣୁ ରାଜନେତାଠାରୁ ଆରମ୍ଭ କରି ମନ୍ତ୍ରୀ , ପୋଲିସ ଓ ଅଫିସରଙ୍କ ଫଟୋ ଭାଇରାଲ ହେବା ପରେ ରାଜ୍ୟ ରାଜନୀତିରେ



ଏବେ ହଇଚଇ ସୃଷ୍ଟି ହୋଇଛି। ଗତ ୩୦ତାରିଖରେ ନୟାପଲ୍ଲୀ ଥାନାରେ ପ୍ରଥମେ ଅର୍ଚ୍ଚନା ଓ ଜଣେ ଯୁବତୀଙ୍କ ନାମରେ ଏଫ୍‌ଆଇଆର ପ୍ରଯୋଜକ ଅକ୍ଷୟ ପରିଜା ଦେଇଥିଲେ। ବ୍ଲାକ୍‌ମେଲିଂ ଭଳି ଅଶ୍ଳୀଳ ଫଟୋ ରଖି ୩ କୋଟି ଟଙ୍କା ମାଗିବା ନେଇ

**ବ୍ଲାକ୍‌ମେଲର ମହିଳା ଅର୍ଚ୍ଚନା ନାଗ ଗିରଫ ଘଟଣା**

**ନେତା, ପ୍ରଶାସନିକ ଅଧିକାରୀ, ପୋଲିସ ଛାନିଆ**

ଅଭିଯୋଗରେ ଦର୍ଶାଇଥିଲେ। ଏହାପରେ ଅକ୍ଟୋବର ୨ରେ ଖଣ୍ଡଗିରି ଥାନାରେ ଯୁବତୀ ଜଣଙ୍କ ଅର୍ଚ୍ଚନାଙ୍କ ନାମରେ ଅଭିଯୋଗ ଦେଇଥିଲେ। ଯୁବତୀଙ୍କ ଅଭିଯୋଗକୁ ଆଧାର କରି କମିଶନରେଟ୍ ପୋଲିସ ଅର୍ଚ୍ଚନାଙ୍କୁ ଗିରଫ କରିଥିଲା। ତେବେ ଅକ୍ଷୟ ପରିଜାଙ୍କ ଅଭିଯୋଗରେ ଅଭିଯୁକ୍ତ ଥିବା ଯୁବତୀ କିପରି ନିଜେ ଅଭିଯୋଗକାରୀ ହେଲେ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଅର୍ଚ୍ଚନାଙ୍କ ଓକିଲ ଆଇନଜୀବୀ ଦେବାଶିଷ ମହାପାତ୍ର। ସେହିଭଳି ଗିରଫ ବେଳେ ଅର୍ଚ୍ଚନାଙ୍କ ଠାରୁ ପୋଲିସ ଲାପ୍‌ଟପ ଓ ପେନ୍‌ଡ୍ରାଇଭ ସହ ମୋବାଇଲ ଜବତ କରିଥିଲା। ପୋଲିସ କହୁଛି ସବୁ ପ୍ରମାଣ ସାଇଣ୍ଟିଫିକ ଲ୍ୟାବକୁ ପଠାଯାଇଛି। ତେବେ ଅଭିଯୁକ୍ତ ଜେଲରେ ଥିବା ବେଳେ କିଏ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ଚଳାଇ ତଥ୍ୟ ଡିଲିଟ କରୁଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। କେବଳ ଏଇ ଘଟଣା ନୁହେଁ, ଗୋପ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ମୃତ୍ୟୁ ପୂର୍ବରୁ ତାଙ୍କ ମୋବାଇଲରେ କିଛି ଭିଡିଓ ଥିବା ସେ କହିଥିଲେ। ହେଲେ ଇତିମଧ୍ୟରେ ୧୮ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ସେ ଭିଡିଓରେ କେଉଁମାନଙ୍କ ସମ୍ପର୍କ ରହିଛି ସେ ସମ୍ପର୍କରେ କୌଣସି ସୂଚନା ଦେଇପାରିଲା ନାହିଁ। ସେହିପରି ବିଜେବି ଛାତ୍ରୀ ଆତ୍ମହତ୍ୟା ଘଟଣାରେ ମୃତ ରୁଚିକାଙ୍କ ମୋବାଇଲ ସିଙ୍ଗାପୁର ପଠାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କିଛି ପ୍ରମାଣ ମିଳିପାରି ନାହିଁ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପ୍ରେରଣା ସମ୍ମାନ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା।
- କଳାଭୂମି ପକ୍ଷରୁ ଅହିଂସା ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା। ପ୍ରତିଯୋଗିତା ପାଇଁ ରେଜିଷ୍ଟ୍ରେଶନ, ସକାଳ ୯ଟା।
- ୨୮ତମ ବାର୍ଷିକ ଗଜଲକ୍ଷ୍ମୀ ପୂଜା, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।
- ୩ୟ ସମର୍ପଣ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ପାଉରୁଟି କମ୍ପାନୀରୁ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୧୨।୧୦(ଡି.ଏନ୍.ଏ.)- ବାରଙ୍ଗ ଥାନା ଅର୍ନ୍ତଗତ କୁହ୍ନେଇପଡା ଗାଁରେ ଥିବା ଏକ ପାଉରୁଟି କମ୍ପାନୀରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ଝୁଲନ୍ତା ମୃତଦେହକୁ ବୁଧବାର ସକାଳେ ପୋଲିସ ଜବତ କରିଛି। ମୃତକ ହେଲେ ଢେଙ୍କାନାଳ ଜିଲା ହିନ୍ଦୋଳର ପ୍ରକାଶ ବେହେରା। ମଙ୍ଗଳବାର ସେ ଘରୁ ଫେରି କମ୍ପାନୀରେ ଉପର ମହଲାରେ ରାତିରେ ରହିବା ସହ କାମ ମଧ କରୁଥିଲେ। ବୁଧବାର ସକାଳେ ଅନ୍ୟ କର୍ମଚାରୀମାନେ ଆସିବା ବେଳେ ପ୍ରକାଶ ବେକରେ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଅମରଙ୍କ ମହାମାରୀ ସମ୍ପର୍କିତ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ରାଜ୍ୟ ସଭା ସଦସ୍ୟ ଡ. ଅମର ପଟ୍ଟନାୟକଙ୍କ ଲିଖିତ 'ପାଣ୍ଡେମିକ ଡିସପସନସ ଆଣ୍ଡ୍ ଓଡ଼ିଶାଜ୍ ଲେସନ୍‌ସ ଇନ୍ ଗଭର୍ନାନ୍ସ' ପୁସ୍ତକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି। ୨୦୨୦-୨୧ ଏବଂ ୨୦୨୧-୨୨ ମହାମାରୀ ବର୍ଷରେ ଭାରତରେ ଦେଖାଦେଇଥିବା ସମସାମୟିକ ସସସ୍ୟା ଉପରେ ବିଭିନ୍ନ ପ୍ରବନ୍ଧର ସମାହାରକୁ ନେଇ ଏହି ପୁସ୍ତକ ପର୍ଯ୍ୟବସିତ। ବିଶ୍ୱକୁ ମହାମାରୀ ଗ୍ରାସିବା ବେଳଠୁ ବିଭିନ୍ନ ସମସ୍ୟା ଦେଖାଦେଇଥିଲା। ସ୍ୱାସ୍ଥ୍ୟସେବା, ଟିକାକରଣ, ଅନଲାଇନ ଶିକ୍ଷା ଏବଂ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ବୃଦ୍ଧି ଆଦି କ୍ଷେତ୍ରରେ ବିଶ୍ୱରେ ଭାରତ ଯେପରି ପଦକ୍ଷେପ ଗ୍ରହଣ କଲା, ତାହା ବୁଝିବା ପାଇଁ ବିଶ୍ଳେଷଣ ଆବଶ୍ୟକ। ଟେକ୍ନୋଲୋଜିର ବ୍ୟବହାର ଫଳରେ ତଥ୍ୟ ଏବଂ ନାଗରିକଙ୍କ ଗୋପନୀୟତା ସମସ୍ୟା ଦେଖାଦେଇଥିଲା। ଏଥିସହିତ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଭୟ କେନ୍ଦ୍ର ଏବଂ ରାଜ୍ୟର ଆର୍ଥିକ ତଥା ବଜେଟ ସମ୍ବଳ ହ୍ରାସ ପାଉଥିବାରୁ ସ୍ଥାୟୀ ଭିତ୍ତିରେ ବୁଝାମଣା କରିବାର ରାଜ୍ୟ କ୍ଷମତା ମଧ ଏଥିରେ ସାମିଲ କରାଯାଇଥିଲା। ୫-ଟି ଉପକ୍ରମ ଆପଣାଇ ଓଡ଼ିଶା କିପରି ବିଭିନ୍ନ କ୍ଷେତ୍ରରେ ଉପୁନ୍ନ ଆହ୍ୱାନକୁ ସଫଳତାର ସହ ମୁକାବିଲା କରିପାରିଲା, ସେ ଉପରେ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି। ଅଭିବୃଦ୍ଧି ଓ ବିକାଶରେ ଓଡ଼ିଶା ମଡେଲ ହୋଇପାରିଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ସରକାରଙ୍କ ରହିଥିବା ପୂର୍ବ ଅଭିଜ୍ଞତା ଆଧାରରେ କୋଭିଡ୍ ସଂକଟର ପରିଚାଳନାକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା କରାଯାଇଛି।

## ପୁଅ ଆଗରେ ବୁଡ଼ିଗଲେ ବାପା

ବାରଙ୍ଗ,୧୨।୧୦(ଡି.ଏନ୍.ଏ.)

ମଞ୍ଚେଶ୍ୱର ଥାନା ଅର୍ନ୍ତଗତ ବରିମୁଣ୍ଡ ପଞ୍ଚାୟତ ରୋକଟ ଗ୍ରାମର ରଞ୍ଜନ ବେଜ ବୁଧବାର ବୁଢୁ ନଈରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଦଳ ସହ ଗ୍ରାମର ଯୁବକମାନେ ବହୁ ଖୋଜାଖୋଜି କରିଥିଲେ ପତ୍ତା ପାଇପାରିନାହାନ୍ତି। ତେବେ ରାତି ହୋଇଯିବାରୁ ଖୋଜାଖୋଜି ବନ୍ଦ ରହିଛି। ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନ ୧୨ଟା ପାଖାପାଖି ୪୫ବର୍ଷୀୟ ରଞ୍ଜନ ଓ ଷଷ୍ଠ ଶ୍ରେଣୀରେ ପଢୁଥିବା ତାଙ୍କ ସାନପୁଅ ଘର ପଛପଟକୁ ଲାଗି ରହିଥିବା ବୁଢୁ ନଈରେ ଗାଧୋଉଥିଲେ। ଏହି ସମୟରେ ଏକ ମୂର୍ତ୍ତିର କାଠଖଡପା ଭାସି ଯାଉଥିବାର ଦେଖି ଏହାକୁ ଆଣିବା ପାଇଁ ରଞ୍ଜନ ନଈ ମଧ୍ୟକୁ ପଶିଯାଇଥିଲେ। ସେଠାରେ ପ୍ରଚୁର ପରିମାଣରେ ଦଳ ଜମାଟ ବାନ୍ଧି ରହିଥିଲା। ଦୁଇ ତିନିଥର ବୁଡି ଉଠିବା ପରେ ଆଉ ଉଠିନଥିଲେ। କୂଳରେ ଥିବା ତାଙ୍କ ପୁଅ ଏହା ଦେଖି ଘର ଲୋକଙ୍କୁ ଡାକ ପକାଇଥିଲା। ରଞ୍ଜନଙ୍କ ସାନଭାଇ ଓ ଗ୍ରାମର କେତେଜଣ ଯୁବକ ରଞ୍ଜନକୁ ଖୋଜାଖୋଜି କରିପାଇ ନଥିଲେ। ଖବରପାଇ ପୋଲିସ, ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଦଳ ଆସି ଖୋଜିଥିଲେ ମଧ ପାଇ ନ ଥିଲେ। ଏହି ଘଟଣା ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି।

## ପରଲୋକରେ ଅଭିନେତ୍ରୀ ତିଳୋତ୍ତମା ଖୁଣ୍ଟିଆ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଓଡ଼ିଆ ଧାରାବାହିକ ଓ ଚଳଚ୍ଚିତ୍ରର ଜଣାଶୁଣା ଅଭିନେତ୍ରୀ ତିଳୋତ୍ତମା ଖୁଣ୍ଟିଆଙ୍କର ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୫୭ବର୍ଷ ବୟସରେ ପରଲୋକ ଘଟିଛି। ହୃଦ୍ ଏବଂ କିଡନୀଜନିତ ରୋଗରେ ସେ ୨ବର୍ଷ ଧରି ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ହିମାଂଶୁ ଶେଖର ସାମଲ ଓ ଝିଅ ଅରୁନ୍ଧତୀ ଦେବିକା ଉପସ୍ଥିତ ଥିଲେ। ସେ ଭୁବନେଶ୍ୱର ନୟାପଲ୍ଲୀରେ ପରିବାର ସହ ରହୁଥିଲେ। ତାଙ୍କ ମରଶରୀର ବାସଭବନକୁ ଅଣାଯିବା ପରେ ଅନେକ ଶୁଭେଚ୍ଛୁ ତାଙ୍କର ଶେଷ ଦର୍ଶନ କରିଛନ୍ତି। ପୁରୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ପରଲୋକରେ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି। ଅନେକ ଧାରାବାହିକରେ ସେ ମା' ଭୂମିକାରେ ଅଭିନୟ କରିଛନ୍ତି।



'ତୁଳସୀ', 'ସିନ୍ଦୁର ବିନ୍ଦୁ', 'କେମିତି ଏ ବନ୍ଧନ' ଆଦି ଧାରାବାହିକରେ ତାଙ୍କର ସୁନ୍ଦର ଅଭିନୟ ଦେଖିବାକୁ ମିଳିଥିଲା। ତାଙ୍କ ସ୍ୱାମୀ ଜଣେ ନାଟ୍ୟ ନିର୍ଦ୍ଦେଶକ, ଝିଅ ଅରୁନ୍ଧତୀ ଓ ଅନୁଭୂତି ମଧ ଓଲିଉଡର ଜଣେ ଜଣେ ସଫଳ ନାୟିକା।

## ପଞ୍ଜୀକରଣ ଅବଧି ବର୍ଷେ ବଢ଼ାଯାଉ

କଟକ ଅଫିସ,୧୨।୧୦

ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ନିମନ୍ତେ ପଞ୍ଜୀକରଣ ଅବଧି ୧ ମାସ ବୃଦ୍ଧି କରାଯାଇଛି । ହେଲେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଅବଧିକୁ ୧ ବର୍ଷ ବୃଦ୍ଧି କରିବା ସହ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ଆବେଦନ ଓ ଅର୍ଥ ପୈଠ ନିମନ୍ତେ ନିର୍ଦ୍ଦେଶ ଦେବାକୁ ଜୟନ୍ତୀ ଦାସଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ବୁଧବାର ରୁଜୁ ହୋଇଛି। ସେ ଆହୁରି କେତେକ ପ୍ରସଙ୍ଗ ଉପରେ ବିଚାର ନିମନ୍ତେ ମଧ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟରେ ହେଲମେଟ, ସିଟ୍ ବେଲ୍ଟ, ପଲ୍ୟୁସନ ପ୍ରମାଣପତ୍ର ଓ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଆଦି ଚେକିଂରୁ ଆଦାୟ ହେଉଥିବା ଜରିମାନା ଅର୍ଥ କେବଳ ସଡ଼କ ସୁରକ୍ଷା ଓ ସଡ଼କ ଦୁର୍ଘଟଣାର ମୃତାହତଙ୍କ



**ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନେଇ ଜନସ୍ୱାର୍ଥ ମାମଲା**

**ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ଆବେଦନ ପାଇଁ ପ୍ରାର୍ଥନା**

ନିମନ୍ତେ ଖର୍ଚ୍ଚ ସମ୍ପର୍କରେ ଅଦାଲତ ଓଡ଼ିଶା ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଅଡିଟ୍ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରିଛନ୍ତି। ରାଜ୍ୟରେ ନକଲି ଡ୍ରାଇଭିଂ ଶିକ୍ଷାନୁଷ୍ଠାନ ବିନା ଲାଇସେନ୍ସରେ ଚାଲିଛି । ଟାକ୍ସ ଫୋର୍ସ ମାଧ୍ୟମରେ ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସୋସାଇଟ୍ ଅଫ ଇଣ୍ଡିଆନ୍ ଅଟୋମୋବାଇଲ ମାନୁଫାକଚରର୍ସ (ସିଆଇଏଏମ) ୱେବସାଇଟ୍‌ରେ ୨୦୧୧ ମସିହାଠାରୁ ଚୋରା ଯାନ ଓ ଉଦ୍ଧାର ହୋଇଥିବା ଯାନ ଗୁଡ଼ିକର ତଥ୍ୟ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି। ଏହି ମାମଲାରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ, ପ୍ରିନ୍‌ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ, କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ପରିବହନ ମନ୍ତ୍ରଣାଳୟ, ଏସ୍‌ଆଇଏଏମ୍, କଟକ ଆଞ୍ଚଳିକ ପରିବହନ ଅଧିକାରୀ ଓ କଟକ ଡିସିପିଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଞ୍ଜୟ





@ ଉର୍ମି



@ ଦେବାଶିଷ



@ ସତ୍ୟଜିତ୍



@ ସୂର୍ଯ୍ୟକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ରାଜ୍ୟରେ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ବିରୋଧରେ ଏଆଇଡିଏସ୍‌ଓ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରାଯାଉଛି।



ଉତ୍ର ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୧୯ତମ କୁମାର ଉତ୍ସବର ବୁଧବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।





ଡ. ରାମ ମନୋହର ଲୋହିଆଙ୍କ ୫୫ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ବୁଧବାର ସମାଜବାଦୀ ପାର୍ଟି ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୬ସ୍ଥିତ କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

**ଦି ବଡି ଶପ୍‌ର ନୂତନ ଉତ୍ପାଦ**

ନୂଆଦିଲ୍ଲୀ: ଚଳିତ ବର୍ଷର ଦୀପାବଳି ଉପଲକ୍ଷେ ଅନ୍ତର୍ଜାତୀୟ ବ୍ରାଣ୍ଡ୍ ଦ ବଡି ଶପ୍ ପକ୍ଷରୁ ୪ଟି ନୂତନ ଉତ୍ପାଦ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ ଉତ୍ପାଦଗୁଡ଼ିକ ଗ୍ରାହକଙ୍କ ପାଇଁ ଉଭୟ ବ୍ୟବହାର ଓ ଉପହାର ଆଦି କ୍ଷେତ୍ରରେ ବେଶ୍ ଉପଯୋଗ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଏହାର ବିସ୍ତୃତ ଉତ୍ପାଦ ପରିସର ଆନନ୍ଦଦାୟକ ସହ ଉତ୍ସବର ମାହାଲକୁ ଉପହାରରେ ପରିଣତ କରିଥାଏ। ଉଲ୍ଲେଖଯୋଗ୍ୟ, ବଡି ଶପ୍ ବେରୀ ଯୋଡ଼ି ଉପହାର ସେଟ୍, ବଡି ଶପ୍ ବ୍ରିଟିଶ ବିୟୁଟି ବେଗ, ବଡି ଶପ ବ୍ରିଟିଶ ରୋଜ୍ ଡିଲକ୍ସ ଉପହାର ସେଟ୍, ବଡି ଶପ୍ ପୁରୁଷଙ୍କ ସେଭିଂ କିଟ୍ ଇତ୍ୟାଦି।

# ୩ ତୈଳ କମ୍ପାନୀକୁ ୨୨,୦୦୦ କୋଟିର ଅନୁଦାନ

## କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି

ନୂଆଦିଲ୍ଲୀ,୧୨।୧୦

ଦେଶର ପ୍ରମୁଖ ୩ ତୈଳ ବିପଣନକାରୀ କମ୍ପାନୀକୁ କେନ୍ଦ୍ର ସରକାର ଏକକାଳୀନ ୨୨ ହଜାର କୋଟି ଟଙ୍କାର ଅନୁଦାନ ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଏପରିକି ଗତ ୨ ବର୍ଷ ମଧ୍ୟରେ ଘରୋଇ ରନ୍ଧନ ଗ୍ୟାସ୍ ଏଲ୍‌ପିଜି ବିକ୍ରିରେ ହୋଇଥିବା ବ୍ୟାପକ କ୍ଷତିର ଭରଣା ପାଇଁ ବୁଧବାର କେନ୍ଦ୍ର କ୍ୟାବିନେଟ୍‌ରେ ସରକାର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବସିଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଦେଶର ୩ ପ୍ରମୁଖ ତୈଳ ମାର୍କେଟିଂ କମ୍ପାନୀ ଯଥା ଭାରତୀୟ ତୈଳ ନିଗମ ଲିମିଟେଡ୍ (ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍)କୁ ଏକକାଳୀନ ଏତେ ପରିମାଣର ଅନୁଦାନକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ମିଳିଛି ବୋଲି ମନ୍ତ୍ରୀ ଅନୁରାଗ ଠାକୁର ମତବ୍ୟକ୍ତ କରିଛନ୍ତି। ସେହିଭଳି ୩ଟି ରାଷ୍ଟ୍ରାୟତ୍ତ ଇନ୍ଧନ ଖୁଚୁରା ବ୍ୟବସାୟୀଙ୍କୁ ୨୨,୦୦୦ କୋଟି ଟଙ୍କା ଏକକାଳୀନ ଅନୁଦାନ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୦ ଜୁନ୍‌ରୁ ୨୦୨୨ ଜୁନ୍ ପର୍ଯ୍ୟନ୍ତ ଉକ୍ତ ତୈଳ କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ଏଲ୍‌ପିଜି ବିକ୍ରୟ ମୂଲ୍ୟରେ କରିଥିବା କ୍ଷତି ପୂରଣ ପାଇଁ ଏହି ଅନୁଦାନ ପ୍ରଦାନ କରାଯାଉଛି। ଏହି ତିନୋଟି ସଂସ୍ଥା ଗ୍ରାହକଙ୍କୁ ସରକାରୀ ନିୟନ୍ତ୍ରିତ ମୂଲ୍ୟରେ ଘରୋଇ ଏଲ୍‌ପିଜି ବିକ୍ରି କରିଛନ୍ତି। ଏପରିକି ଜୁନ୍ ୨୦୨୦ ରୁ ୨୦୨୨ ମଧ୍ୟରେ ଏଲ୍‌ପିଜିର ଅନ୍ତର୍ଜାତୀୟ ମୂଲ୍ୟ ପ୍ରାୟ ୩୦୦% ବୃଦ୍ଧି ପାଇଛି। ସେହିପରି ଅନ୍ତର୍ଜାତୀୟ ଏଲ୍‌ପିଜି ମୂଲ୍ୟରେ ପରିବର୍ତ୍ତନରୁ ଗ୍ରାହକଙ୍କୁ ଅଲଗା କରିବା ପାଇଁ ମୂଲ୍ୟ ବୃଦ୍ଧି ଘରୋଇ ଏଲ୍‌ପିଜି ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ରୂପେ ପ୍ରଦାନ କରାଯାଇ ନାହିଁ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି। ତଦନୁସାରେ ଏହି ସମୟ ମଧ୍ୟରେ ଘରୋଇ ଏଲ୍‌ପିଜି ମୂଲ୍ୟ ମାତ୍ର ୭୨% ବୃଦ୍ଧି ପାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏଥିରେ କୁହାଯାଇଛି, ଏହି କ୍ଷତି ସତ୍ତ୍ୱେ ୩ ଟି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ (ପିଏସ୍‌ୟୁ ଓଏମ୍‌ସି) ଦେଶରେ ଏହି ଅତ୍ୟାବଶ୍ୟକ ରନ୍ଧନ ଇନ୍ଧନର ନିରନ୍ତର ଯୋଗାଣ ସୁନିଶ୍ଚିତ କରିଛନ୍ତି।



# ୨ଦିନ ପରେ ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୨।୧୦

କ୍ରମାଗତ ୨ ଦିନର ଖରାପ କାରବାର ପରେ ବୁଧବାର ଷ୍ଟକ୍ ବଜାରର ଫଳାଫଳ ଭଲ ରହିଛି। ଏପରିକି ଶେୟାର ବଜାରର ନିବେଶକମାନେ ଆଶା ଆଶଙ୍କାରେ ମଧ୍ୟରେ ରହିଥିଲେ ମଧ୍ୟ ବଜାର ଫଳାଫଳ ସେମାନଙ୍କ ପାଇଁ ଉତ୍ସାହ ଆଣି ଦେଇଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୭୯ (୪୭୮.୫୯) ପଏଣ୍ଟ ବୃଦ୍ଧି ପାଇ ୫୭,୬୨୬ (୫୭,୬୨୫.୯୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୪୦(୧୪୦.୦୫) ପଏଣ୍ଟ ବଢ଼ି ୧୭,୧୨୪ (୧୭,୧୨୩.୫୯) ଅଙ୍କରେ ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନର ଫଳାଫଳ ଭାରତୀୟ ଶେୟାର ମାର୍କେଟର କାରବାର ଉପରେ ପଡୁଥିବା ଆଶଙ୍କା କରାଯାଉଛି।

# ମାଲାବାରରେ 'ମାଇନ ଡାଇମଣ୍ଡ ଶୋ'



ଭୁବନେଶ୍ୱର,୧୨।୧୦

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଶହୀଦନଗର ଷ୍ଟୋର ପରିସରରେ 'ମାଇନ ଡାଇମଣ୍ଡସ ଶୋ'ର ଶୁଭାରମ୍ଭ ହୋଇଯାଇଛି। ଏହି ଶୋ' ଅକ୍ଟୋବର ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ରହିବ। ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଶୋ'ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୁଇସ ଫାଉଣ୍ଡେଶନର ଅଧ୍ୟକ୍ଷା ଅନୁଶ୍ରୁତା ସିଂହଦେଓ, ଶହୀଦନଗର ଷ୍ଟୋର ହେଡ୍ ଆଶ୍‌ନାଫ୍‌ଙ୍କ ସମେତ ଷ୍ଟୋରର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ୫ ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ କାର୍ଯ୍ୟକ୍ରମରେ ମାଲାବାର ଏକ୍ସକ୍ଲୁସିଭ ଓ ବିସ୍ତୃତ ହୀରା ଡିଜାଇନର ବ୍ରାଇଡାଲ୍, ସଲିଟାୟାର, ଦୈନନ୍ଦିନ ସଂଗ୍ରହ, ଉତ୍ସବ ହାର, ପୁରୁଷ ଅଳଙ୍କାର ଏବଂ ପ୍ଲାଟିନମ୍ ଅଳଙ୍କାର ଆଦି ସାମିଲ ରହିଛି। ଏହାର ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍ ଅଭିଯାନ ଅଧୀନରେ ଭାରତର ସମସ୍ତ ମାଲାବାର ଷ୍ଟୋରରେ ଗ୍ରାହକଙ୍କୁ ସର୍ବୋତ୍ତମ ସୁବିଧା ଓ ସେବା ଯୋଗାଇ ଦିଆଯାଉଛି। ସେହିଭଳି ଏହାର ସମସ୍ତ ଅଳଙ୍କାର ଆଇଜିଆଇ ସାର୍ଟିଫିକେଟ୍ ସହ କ୍ରୟ ବ୍ୟାକ୍ ଗ୍ୟାରେଣ୍ଟି ପରି ମୂଲ୍ୟଯୁକ୍ତ ସେବା ଏବଂ ଆଜୀବନ ସୁନିଶ୍ଚିତ ରକ୍ଷଣାବେକ୍ଷଣ ସହ ଏକ ବର୍ଷର ନିଶ୍ଚିତ ବୀମା ସୁବିଧା ପ୍ରଦାନ କରାଯାଉଛି ବୋଲି ମାଲାବାରର ଓଡ଼ିଶା ବାଣିଜ୍ୟ ମୁଖ୍ୟ ସିଦ୍ଧେଶ୍ୱର ରଥ ମତବ୍ୟକ୍ତ କରିଛନ୍ତି।

# ଟିକେଏମ୍‌ର ପାଇଲଟ ପ୍ରୋଜେକ୍ଟ 'ଫ୍ଲେକ୍ସି-ଫ୍ୟୁଏଲ'

ନୂଆଦିଲ୍ଲୀ,୧୨।୧୦

ଦେଶର ପ୍ରମୁଖ ଚାରିଚକିଆ ନିର୍ମାତା ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍) ପକ୍ଷରୁ ଭାରତ ବଜାରରେ ଫ୍ଲେକ୍ସି ଇନ୍ଧନଭିତ୍ତିକ ହାଇବ୍ରିଡ୍ ଇଲେକ୍ଟ୍ରିକ ଭେଇକିଲ ଟେକ୍ନୋଲୋଜି ଉପରେ ପାଇଲଟ ପ୍ରୋଜେକ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଫ୍ଲେକ୍ସି ଇନ୍ଧନ- ଶକ୍ତିଶାଳୀ ହାଇବ୍ରିଡ୍ ଇଲେକ୍ଟ୍ରିକ ଯାନ ପ୍ରଯୁକ୍ତିବିଦ୍ୟା (ଏଫ୍‌ଏଫ୍‌ଭି-ଏସ୍‌ଏଚ୍‌ଇଭି)ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ପ୍ରକଳ୍ପ ଓ ଯାନର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ,ଭୂପିନ୍ଦର ଯାଦବ ଏବଂ ରମେଶ୍ୱର ତେଲିଙ୍କ ସମେତ ଟିକେଏମ୍‌ର ବରିଷ୍ଠ କାର୍ଯ୍ୟନିର୍ବାହୀ ମାସାକାଜୁ ୟୋସିମୁରା, ଏମ୍‌ଡି ତଥା ସିଇଓ ବିକ୍ରମ ଏସ୍ କିର୍ଲୋସ୍କର, ଉପାଧ୍ୟକ୍ଷ ବିକ୍ରମ ଗୁଲାଟି, କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ସୁଦୀପ ଏସ୍. ଡାଲ୍‌ଭି ପ୍ରମୁଖ ଉପସ୍ଥିତ ଥିଲେ। ଇଥାନଲ ଉତ୍ପାଦନର ବିପୁଳ ସମ୍ଭାବନାକୁ ଦୃଷ୍ଟିରେ ରଖି ଇ-୨୦ ପର୍ଯ୍ୟନ୍ତ ଫ୍ଲେକ୍ସି ଇନ୍ଧନ ଯାନ (ଏଫ୍‌ଏଫ୍‌ଭି) ପ୍ରଯୁକ୍ତିର ପ୍ରବର୍ତ୍ତନ ସହ ବହୁଗୁଣ ବୃଦ୍ଧି କରିପାରିବ। ଏହା ଉଚ୍ଚ ଇଥାନଲ ମିଶ୍ରଣକୁ ୨୦% ରୁ ୮୫% ପର୍ଯ୍ୟନ୍ତ ବ୍ୟବହାର କରିପାରିବ।



୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପରିପ୍ରେକ୍ଷୀରେ ଭୁବନେଶ୍ୱର (ଓଡ଼ିଶା) ଗସ୍ତରେ ଆସିଥିବା ଫିଫା ମହାସଚିବ ଫାତମା ସମୋଉରା ବୁଧବାର ସ୍ଥାନୀୟ ଖାରବେଳ ନଗରସ୍ଥିତ ମେହେର ଶୋ'ରୁମ୍‌କୁ ଉଭୟ ପରିଦର୍ଶନ ଏବଂ କିଣାକିଣି ପାଇଁ ଆସିଥିଲେ। ଫାତମାଙ୍କୁ ମେହେର ପରିବାର ପକ୍ଷରୁ ସ୍ୱାଗତ ଅଭିନନ୍ଦନ ଜଣାଇବା ସହ ସେ ତାଙ୍କ ପସନ୍ଦ ଅନୁଯାୟୀ ୫ଟି ପାଟଶାଢ଼ି କିଣିଥିଲେ। ଏହି ଅବସରରେ ଅଭିଷେକ ମେହେର, କିଶୋର ମେହେରଙ୍କ ସମେତ ଉଭୟ ମେହେର ପରିବାର ଓ ଫାତମାଙ୍କ ସହଯୋଗୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଏସ୍‌ବିଆଇ ପକ୍ଷରୁ ଉତ୍ସବ ବୋନାଞ୍ଜା

ନୂଆଦିଲ୍ଲୀ,୧୨।୧୦

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଆବାସିକ ଗୃହଋଣ ପରିମାଣ ୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ପକ୍ଷରୁ ଗୃହଋଣ ଗ୍ରାହକମାନଙ୍କ ପାଇଁ ଉତ୍ସବ ବୋନାଞ୍ଜା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୧ ଜାନୁୟାରୀରେ ଷ୍ଟେଟ୍ ବ୍ୟାଙ୍କର ଗୃହ ଋଣ ପରିମାଣ ୫ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିଲା। ସେହିଭଳି ଏସ୍‌ବିଆଇ ପକ୍ଷରୁ ଗୃହଋଣ ଉପରେ ୦.୨୫%, ଟପ୍ ଅପ୍ ଋଣ ଉପରେ ୦.୧୫% ଓ ସମ୍ପତ୍ତି ବନ୍ଧକ ରଖି ଋଣ ଉପରେ ୦.୩୦% ରିହାତି ପ୍ରଦାନ କରାଯିବ। ବ୍ୟାଙ୍କ୍ ପକ୍ଷରୁ ୨୦୨୩ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଗୃହଋଣ ଉପରେ ପ୍ରୋସେସିଂ ଫି' ଛାଡ଼ କରାଯାଇଛି। ବିଭିନ୍ନ ବର୍ଗର ଗ୍ରାହକମାନଙ୍କ ଆବଶ୍ୟକତାକୁ ନଜରରେ ରଖି ବ୍ୟାଙ୍କ୍ ଏହି ଉତ୍ସବ ବୋନାଞ୍ଜା ପ୍ରସ୍ତୁତ କରିଛି। ସେହିପରି ନୂଆ ଗୃହଋଣ ସମେତ ଟେକ୍ ଓଭର ଋଣ ସୁଧ ହାର ୮.୪୦% ରୁ ଏବଂ ଘରକୁ ଫର୍ନିସ୍ କରିବା ଯଥା ମରାମତି କରିବା ଅଥବା ଘରକୁ ବଦଳାଇବା ପାଇଁ ନିଆଯାଉଥିବା ଟପ୍ ଅପ୍ ଋଣ ହାର ୮.୮୦% ରୁ ଆରମ୍ଭ ହୋଇଛି ବୋଲି ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା ମତବ୍ୟକ୍ତ କରିଛନ୍ତି। ୬ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତର ଆମ ଯାତ୍ରାରେ ଗତ କିଛି ବର୍ଷ ଭିତରେ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରକ୍ରିୟା ଓ ଡିଜିଟାଲ ଅଭିଯାନ ବିଶେଷ ସହାୟକ ହୋଇଥିଲା।

# ୧୬ରେ 'ଅଳ୍ପ ଦିନର ଗଳ୍ପ ଆମର'

**ଭୁବନେଶ୍ୱର,୧୨।୧୧:** ରାଜ୍ୟର ପ୍ରମୁଖ ଘରୋଇ ମନୋରଞ୍ଜନଭିତ୍ତିକ ଓଡ଼ିଶା ଚ୍ୟାନେଲ ଜୀ ସାର୍ଥକର ନୂଆ ଓଡ଼ିଆ ସିନେମା 'ଅଳ୍ପ ଦିନର ଗଳ୍ପ ଆମର' ଅକ୍ଟୋବର ୧୬ ସନ୍ଧ୍ୟା ୬.୩୦ ମିନିଟ୍‌ରେ ପ୍ରସାରିତ ହେବ ବୋଲି ଜଣାପଡିଛି। ଏହା ପୂର୍ବରୁ ବୁଧବାର ଏକ ତାରକା ହୋଟେଲରେ ସିନେମାର ଅଡିଓ ରିଲିଜ୍ ସିନେମାର ନାୟକ ଓ ନାୟିକାଙ୍କ ଦ୍ୱାରା ହୋଇଯାଇଛି। ଉକ୍ତ ସିନେମାରେ ନବାଗତ ଜ୍ୟୋତି ଓ ସାୟଲ୍ ନଜର ଆସିଛନ୍ତି। ଟିନ୍ ଏଜ୍ ପ୍ରେମ କାହାଣୀକୁ ନେଇ ଉକ୍ତ ସିନେମା ନିର୍ମାଣ ହୋଇଛି। ଅଜୟ ରାଉତ ପ୍ରଯୋଜିତ ଓ ଅଶୋକ ପତି ନିର୍ଦ୍ଦେଶିତ ଉକ୍ତ ସିନେମାରେ ଲଭ୍ କ୍ଲାଇମାକ୍ସ ଓ ପାରିବାରିକର ଏକ ମିଶ୍ରଣ କାହାଣୀ ସାମିଲ ରହିଛି। ସେହିପରି ପୁଷ୍ପକ ପରିଡ଼ା ଗୀତଗୁଡ଼ିକ ରଚନା କରିଥିବା ବେଳେ ଆସାଦ ନିଜାମ୍ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏପରିକି ଭରଦ୍ୱାଜ ପଣ୍ଡା ଏମିତି ଏକ ଲଭ୍ ଷ୍ଟୋରିକୁ ରଚନା କରିବା ସହ ବେଶ୍ ଚମତ୍କାର ଭାବେ ଶବ୍ଦରେ ମଧ୍ୟ ସଜାଇଛନ୍ତି ଏବଂ ସତ୍ୟଜିତ, ଅସୀମା, କୁଳଦୀପ, ଆଶୁତୋଷ ପ୍ରମୁଖ ଉକ୍ତ ସିନେମାରେ କଣ୍ଠଦାନ କରିଛନ୍ତି। ସାୟାଲ ଓ ଜ୍ୟୋତି ପ୍ରଥମ ଥର ପାଇଁ ଜୀ ସାର୍ଥକ ବ୍ୟାନରରେ ଏକାଠି ନଜର ଆସିବେ। ଉକ୍ତ ସିନେମାର ମ୍ୟୁଜିକ ଭିଡିଓର ଲୋକପ୍ରିୟତା ପରେ ସିନେମାକୁ ମଧ୍ୟ ଦର୍ଶକ ଆହୁରି ଭଲ ପାଇବା ଦେବେ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି।




ଜୀ ସାର୍ଥକର ନୂଆ ସିନେମା 'ଅଳ୍ପ ଦିନର ଗଳ୍ପ ଆମର'ର ନାୟକ-ନାୟିକା ଦ୍ୱାରା ଅଡିଓ ରିଲିଜ କରାଯାଉଛି।

# ସୋଆ ପକ୍ଷରୁ ବିଶ୍ୱ ଗଣ୍ଠିବାତ ଦିବସ

ଭୁବନେଶ୍ୱର,୧୨।୧୦

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଦ୍ୱାରା ପରିଚାଳିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ବୁଧବାର ବିଶ୍ୱ ଗଣ୍ଠିବାତ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ସୋଆ ଓ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ଓଡ଼ିଶାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିପାରିଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଡାକ୍ତରମାନେ ଅବସର ନିଅନ୍ତି ନାହିଁ ମାତ୍ର ଜୀବନବ୍ୟାପୀ ରୋଗୀ ସେବାରେ ନିୟୋଜିତ ରହିଥାନ୍ତି ବୋଲି ସେ କହିଥିଲେ। ସେହିପରି ସୋଆ କୁଳପତି ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର କହିଥିଲେ, ଗଣ୍ଠିବାତ ସମସ୍ୟା ୩୦ ବର୍ଷ ପରେ ଯେକୌଣସି ବ୍ୟକ୍ତିଙ୍କୁ ମଧ୍ୟ ଆକ୍ରାନ୍ତ କରିପାରେ। ତେଣୁ ଯୁବପିଢ଼ି ନିଜ ଜୀବନଶୈଳୀ ଓ ଖାଦ୍ୟ ଗ୍ରହଣ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ର ଡିନ୍ ପ୍ରଫେସର ଡା. ସଂଘମିତ୍ରା ମିଶ୍ର ଏବଂ ମେଡିକାଲ୍ ସୁପରିଟେଣ୍ଡେଣ୍ଟ୍ ପ୍ରଫେସର ଡା. ପୁଷ୍ପରାଜ ସାମନ୍ତସିଂହାର ବିଏସକେୱାଇ ଯୋଜନାରେ ସମ୍ ହସ୍ପିଟାଲରେ ଲୋକମାନେ କିଭଳି ଉପକୃତ ହେଉଛନ୍ତି ଏବଂ ଆର୍ଥ୍ରାଇଟିସ (ଗଣ୍ଠିବାତ) ରୋଗରୁ ସୁସ୍ଥ ହେବା ନିମନ୍ତେ ଠିକ୍ ସମୟରେ ଚିକିତ୍ସା କରାଇବା ଉପରେ ଉଭୟ ଗୁରୁତ୍ୱ ଆରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଲିନିକାଲ୍ ଇମ୍ୟୁନୋଲଜି ଆଣ୍ଡ ର୍ୟୁମାଟୋଲଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରଦୀପ୍ତ ଶେଖର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପରିଶେଷରେ ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ରଶ୍ମିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



**ଫୁରସତ୍**

# ଭିଡିଓ ଗେମ୍‌ରୁ ହୃଦ୍‌ରୋଗ ଆଶଙ୍କା



## ବିଶେଷଜ୍ଞଙ୍କ ଦାବି

**କାନ୍‌ବେରା:** ଇନ୍‌ଡୋର୍ ଖେଳ ଭିତରେ ପିଲାମାନଙ୍କ ପାଇଁ ଟାଇମ୍‌ପାସ୍‌ର ବଡ଼ ମାଧ୍ୟମ ପାଲଟିଛି ଭିଡିଓ ଗେମ୍। ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାର ଭିଡିଓ ଗେମ୍ସ ବାହାରିଥିବାବେଳେ ଅଧିକାଂଶ ଶିଶୁ ଏହାର କବଳରେ କବଳିତ ହୋଇଥିବା ଆଜିକାଲି ଦେଖାଯାଉଛି। ତେବେ ଶିଶୁମାନଙ୍କ ମନୋରଞ୍ଜନ କରୁଥିବା ଏହି ଖେଳ ପ୍ରକୃତରେ ସେମାନଙ୍କ ଶରୀର ପ୍ରତି ଘାତକ ବୋଲି ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଅଧ୍ୟନରୁ ଜଣାପଡ଼ିଛି। ଏ ନେଇ ଏକ ରିପୋର୍ଟ ନିକଟରେ ହାର୍ଟ ରିଦିମ୍ ଜର୍ନାଲରେ ପ୍ରକାଶ ପାଇଛି। ଭିଡିଓ ଗେମ୍ ଖେଳିବା ସମୟରେ ପିଲାମାନେ ନିଜ ଚେତନା ହରାଇ ବସୁଥିବା ଉକ୍ତ ରିପୋର୍ଟରେ କୁହାଯାଇଛି।

୨୨ଟି କେସ୍‌କୁ ନେଇ ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଅନୁସାରେ ଭିଡିଓ ଗେମ୍ ଦ୍ୱାରା ଶିଶୁଙ୍କଠାରେ ମାରାତ୍ମକ ହୃଦ୍‌ଜନିତ ରୋଗ ଦେଖାଯିବା ଆଶଙ୍କା ରହିଛି ବୋଲି ଷ୍ଟଡିର ଲିଡ୍ ଇନ୍‌ଭେଷ୍ଟିଗେଟର୍ ଏଡ୍. ଲଲେ କହିଛନ୍ତି। ଲଲେ ଅଷ୍ଟ୍ରେଲିଆର ହାର୍ଟ ସେଣ୍ଟର ଫର ଚିଲ୍‌ଡ୍ରେନ୍ସରେ କାର୍ଯ୍ୟ କରନ୍ତି। ଏହି ଇଲେକ୍ଟ୍ରିକ୍ ଗେମ୍ ଖେଳୁଥିବା ଶିଶୁଙ୍କ ପାଇଁ ଏହା ବଡ଼ ବିପଦକୁ ନିମନ୍ତ୍ରଣ କରିଥିବା କୁହାଯାଉଛି। ଭିଡିଓ ଗେମ୍ ଖେଳିବା ସମୟରେ ପିଲାମାନଙ୍କ ହାର୍ଟରେଟ୍ ହଠାତ୍ କମିବା ଅସୁବିଧା ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। କାଟେଚୋଲାମିନେରଜିକ୍ ପଲିମୋରଫିକ୍ ଶିଶୁଙ୍କୁ ଭେଣ୍ଟିକୁଲାର ଟାକିକାର୍ଡିଆ (ସିପିଭିଟି) ଏବଂ କଞ୍ଜେନିଟାଲ ଲଙ୍ଗ୍ କ୍ୟୁଟି ସିଣ୍ଡ୍ରୋମ୍ (ଏଲ୍‌କ୍ୟୁଟିଇଏସ୍) ଟାଇପ୍ ୧ ଓ ୨ ରୋଗ ହେବାର ଅଧିକ ସମ୍ଭାବନା ଥିବା ଏଥିରୁ ଜଣାପଡ଼ିଛି।

➔ ଏକ୍ସପର୍ଟଙ୍କ ମତରେ ଭିଡିଓ ଗେମ୍ ଖେଳିବା ଦ୍ୱାରା ହାତ ଓ ଆଖି ମଧ୍ୟରେ କୋଅର୍ଡିନେଶନ୍ ବା ସମନ୍ୱୟ ରକ୍ଷା ହୋଇଥାଏ। ଏଥିସହ ପିଲାଙ୍କଠାରେ ପ୍ରବ୍ଲେମ୍ ସଲ୍‌ଭିଂ ସ୍କିଲ୍ ବଢ଼ିଥାଏ। କିନ୍ତୁ ମାତ୍ରାଧିକ ଭିଡିଓଗେମ୍ ଘାତକ ହୋଇଥିବାବେଳେ ସାମାଜିକ ଜୀବନରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡୁଥିବା କେତେଜଣ ବିଶେଷଜ୍ଞ କହିଛନ୍ତି।

➔ ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ପିଲାଙ୍କ ଉପରେ ଭିଡିଓଗେମ୍ ପକାଉଥିବା ଅଭିଭାବକ କହିଛନ୍ତି। ଅନ୍ୟପକ୍ଷେ ଯେଉଁ ଛାତ୍ରୀଛାତ୍ରମାନେ ଅଧିକ ସମୟ ପର୍ଯ୍ୟନ୍ତ ଭିଡିଓ ଗେମ୍ ଖେଳୁଥିବାର ଦେଖାଯାଉଛନ୍ତି, ସେମାନେ ପାଠପଢ଼ାରେ ପଛୁଆ ରହିଯାଉଛନ୍ତି। ଅନେକେ ପରୀକ୍ଷାରେ ଅକୃତକାର୍ଯ୍ୟ ରହୁଥିବା ମଧ୍ୟ ଦେଖାଯାଉଛି।

# 'ଲୋକେ ମୋତେ ବିଶ୍ୱାସ କରୁନାହାନ୍ତି'

ମୁମ୍ବାଇ: ଲୋକେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ କଥା ବିଶ୍ୱାସ କରୁ ନ ଥିବା ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ୨୦୧୫ରେ ଦୀପିକା ଡିପ୍ରେଶନ୍‌ର ଶିକାର ହୋଇଥିବା ମେଘାନ ମାର୍କେଲ୍‌ଙ୍କ ପୋଡ୍‌କାଷ୍ଟ ଶୋ'ରେ କହିଛନ୍ତି। କିନ୍ତୁ ନାୟିକା ଜଣକ ଡିପ୍ରେଶନ୍‌ରେ ଥିବା କଥାକୁ କୌଣସି ବ୍ୟକ୍ତି ବିଶ୍ୱାସ କରୁ ନଥିବା ସେ ପ୍ରକାଶ କରିଛନ୍ତି। ନିକଟରେ ନାୟିକା ଜଣକ ତାମିଲନାଡୁରେ ମାନସିକ ରୋଗରେ ଆକ୍ରାନ୍ତ ଶିଶୁମାନଙ୍କୁ ଭେଟି ତାଙ୍କ ସହ ସମୟ ବିତାଇଥିବାର ଦେଖିବାକୁ ମିଳିଥିଲା। ଏଥିସହ ମେଣ୍ଟାଲ ହେଲ୍‌ଥ ନାମରେ ସେ ଏକ ଫାଉଣ୍ଡେଶନ୍ ଆରମ୍ଭ କରିବା ନେଇ ମେଘାନ ତାଙ୍କୁ କାର୍ଯ୍ୟକ୍ରମ ଜରିଆରେ ଶୁଭେଚ୍ଛା ଜଣାଇଥିଲେ। ତେବେ ଦୀପିକାଙ୍କ ଜୀବନରେ ଘଟିଥିବା ଏ ଘଟଣାକୁ ଲୋକେ ମିଛ ବୋଲି ଭାବିବା ସହ ନାୟିକା ଜଣକ କୌଣସି ଫିଲ୍ମର ପ୍ରମୋଶନ୍ କରୁଥିବା କେତେଜଣ ଲୋକ ଭାବୁଛନ୍ତି। ଏଥିସହ ସେ ମେଡିସିନ୍ କମ୍ପାନୀର ପ୍ରଚାର କରୁଥିବା ମଧ୍ୟ ଆଉ କେତେଜଣ ଲୋକ କହୁଥିବା ଜଣାପଡ଼ିଛି। ଆଗାମୀ ଦିନରେ ରିଲିଜ୍ ହେବାକୁ ଥିବା ଫିଲ୍ମ 'ପଠାନ୍'ରେ ଦୀପିକାଙ୍କୁ ଦେଖିଯିବାକୁ ଥିବାବେଳେ ପ୍ରୋଜେକ୍ଟ 'କେ' ରେ ନାୟିକା ଜଣକ ପ୍ରଭାସଙ୍କ ସହ ସ୍କ୍ରିନ୍ ଶେୟାର କରିବାକୁ ଥିବା ଖବର ପ୍ରକାଶ ପାଇଛି।



ଦୀପିକା ପାଦୁକୋନ

# ବିପର୍ଯ୍ୟୟ ପାଇଁ ସତର୍କତା ଜରୁରୀ

## ବିଶ୍ୱ ବିପର୍ଯ୍ୟୟ ଦିବସ

ବିପର୍ଯ୍ୟୟ କ୍ଷେତ୍ରରେ ବହୁ ଧନ ଜୀବନ ହାନି ହୋଇଥାଏ। ତେବେ ଏନେଇ ପୂର୍ବରୁ ସତର୍କ ହେଲେ ଧନଜୀବନ ସୁରକ୍ଷିତ ରହିଥାଏ। ଏନେଇ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ଅକ୍ଟୋବର ୧୩ରେ ବିଶ୍ୱ ବିପର୍ଯ୍ୟୟ ଦିବସ ପାଳନ କରାଯାଇଥାଏ।

ଏହି ଅନ୍ତର୍ଜାତୀୟ ଦିବସ ପ୍ରତ୍ୟେକ ଦେଶର ନାଗରିକ ଏବଂ ସରକାରଙ୍କୁ ବିପର୍ଯ୍ୟୟ ସହ ଅଧିକ ଜଡିତ ହୋଇ ମିଳିତ ଭାବେ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥାଏ। ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ୨୦୦୨ ଅକ୍ଟୋବର ୧୩କୁ ଅନ୍ତର୍ଜାତୀୟସ୍ତରରେ ବିପର୍ଯ୍ୟୟ ହ୍ରାସ ପାଇଁ ଏକ ଅନ୍ତର୍ଜାତୀୟ ଦିବସ ଭାବରେ ପାଳନ କରାଯିବାକୁ ଘୋଷଣା ଉପରେ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ୨୦୦୯ରେ ମିଳିତ ଜାତିସଂଘ ସାଧାରଣ ସଭା ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିଥିଲେ। ବିପର୍ଯ୍ୟୟରେ ଧନ ଓ ଜୀବନ ସୁରକ୍ଷିତ ରଖିବା କ୍ଷେତ୍ରରେ ରଣନୀତି ଏବଂ ଶୀଘ୍ର ଉଦ୍ଧାର କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ଏହା ପରବର୍ତ୍ତୀ ସମୟରେ ଆର୍ଥିକ କ୍ଷତି ହ୍ରାସ କରିଥାଏ ଏବଂ ଲୋକମାନେ ସାଧାରଣ ଜୀବନ ଶୀଘ୍ର ଆରମ୍ଭ କରିପାରିଥାନ୍ତି। ତେଣୁ ବିଶ୍ୱ ସ୍ତରରେ ସଚେତନତା ସୃଷ୍ଟି ପାଇଁ ଏହି ଦିବସ ପାଳନ ଅବସରରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

# ସ୍ୱାସ୍ଥ୍ୟ ହିଁ ସମ୍ପଦ

## ବିଶ୍ୱ ଦୃଷ୍ଟି ଦିବସ

କୁହାଯାଏ ସୁସ୍ଥ ଶରୀର ହିଁ ସମ୍ପଦ। ଶରୀର ପ୍ରତି ଯତ୍ନବାନ ହେଲେ ସହଜରେ କୌଣସି ଶାରୀରିକ ସମସ୍ୟା ସୃଷ୍ଟି ହୋଇ ନ ଥାଏ। ଶରୀର ମଧ୍ୟରେ ଦୃଷ୍ଟିଶକ୍ତି ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୃଷ୍ଟି ଶକ୍ତି ବଜାୟ ରଖିବା ଏବଂ ଏଥିନେଇ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ଦ୍ୱିତୀୟ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ଅକ୍ଟୋବର ୧୩ରେ ପାଳନ କରାଯାଉଛି। ଏହି ଅବସରରେ ଦୃଷ୍ଟିବାଧିତ ଏବଂ ଦୃଷ୍ଟି ଶକ୍ତି ଦୁର୍ବଳତା ଉପରେ ଧ୍ୟାନ ଦେବା ନେଇ ସଚେତନତା ସୃଷ୍ଟି କରାଯାଇଥାଏ। ଏହା ପ୍ରଥମେ ୨୦୦୦ରେ ଲାୟନ୍ସ କ୍ଲବ ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନର ସାଇଟ୍ ଫାଷ୍ଟ କ୍ୟାମ୍ପେନ ଦ୍ୱାରା ଆରମ୍ଭ କରାଯାଇଥିଲା।

## ORISSA STATE AIDS CONTROL SOCIETY (OSACS)

(Department of Health & Family Welfare), Government of Odisha

No. XV-80/2022:3237/OSACS Date: 12.10.2022

### SHORT TENDER CALL NOTICE

No. E-542: Orissa State AIDS Control Society (OSACS) invites tender from the registered experienced and reputed agencies/firms having expertise in the field of development of creative at Social Media, Print Media & Electronic Media. The interested agencies having high experience may submit their proposal super-scribing as **"Tender for Hiring of Social Media Agency for OSACS 2022-23"** to the undersigned through Speed Post/Registered Post/Courier services only which should reach on or before 3.00 P.M. of 05.11.2022 positively. The detailed Terms of Reference (ToR) are available in the website i.e. **www.osacs.nic.in** which may be downloaded for use. The undersigned reserves the right to reject any or all the tender without assigning any reason thereof.

**Sd./- Project Director**
**Orissa State AIDS Control Society**
(Department of Health & Family Welfare), Govt. of Odisha
2nd Floor, Oil Orissa Building, F-Nayapalli, Bhubaneswar-12

OIPR-10009/11/0006/2223


# ଲିମ୍କା ବୁକ୍ ଅଫ୍ ରେକର୍ଡରେ ଆଇଟିଆଇର ସ୍କ୍ରାପ୍ ଗିଟାର

ବ୍ରହ୍ମପୁର ଅଫିସ,୧୨।୧୦

ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ଦ୍ୱାରା ପ୍ରସ୍ତୁତ ହୋଇଥିବା ଦେଶର ସର୍ବବୃହତ୍ ସ୍କ୍ରାପ୍ ଗିଟାର ଲିମ୍କା ବୁକ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ଏହି ଗିଟାରଟି ଆଇଟିଆଇର ଫିଟର, ଇଲେକ୍ଟ୍ରିସିଆନ, କଟର, ପେଣ୍ଟର, ୱେଲଡର ଓ ପ୍ଲମ୍ବର ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଏହାକୁ ୨୦୧୯ରେ ନିର୍ମାଣ କରାଯାଇ ଆଇଟିଆଇ ସ୍କ୍ରାପ୍ ପାର୍କରେ ସ୍ଥାପନ କରାଯାଇଥିଲା। ଯାହାର ଉଚ୍ଚତା ୭୦ ଫୁଟ, ଓସାର ପ୍ରାୟ ୨୫ ଫୁଟ, ଓଜନ ୧ ଟନରୁ ଊର୍ଦ୍ଧ୍ୱ ରହିଛି। ଏହାକୁ ନିର୍ମାଣ କରିବା ପାଇଁ ୩ରୁ ୫ ମାସ ସମୟ ଲାଗିଥିଲା।

ଏହି ସର୍ବବୃହତ୍ ଗିଟାର ୨୦୧୯ ଅଗଷ୍ଟ ୨୧ରେ ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିଲା।ଏହାପରେ ଲିମ୍କା ବୁକ୍ ଅଫ୍ ରେକର୍ଡ୍ସ ନିମନ୍ତେ ଆଇଟିଆଇ ପକ୍ଷରୁ ଆବେଦନ କରାଯାଇଥିଲା। ଏ ବାବଦରେ ମଙ୍ଗଳବାର ଲିମ୍କା ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ସୂଚନା ମିଳିଥିଲା। ବୁଧବାର ଏ ନେଇ ଲିମ୍କା ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ପ୍ରମାଣ ପତ୍ର ଆଇଟିଆଇକୁ ମିଳିଛି। ଏ ନେଇ ଆଇଟିଆଇ ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।


GOVERNMENT OF ODISHA No. O-1103

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

Bid Identification No. Online Tender / 47-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 47-2022-23/BPR | Road Works under Periodical Maintenance | 03 Nos. | From Rs.101.28 lakhs to Rs.110.86 lakhs | "B" Class & "A" Class as applicable | 04 (Four) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 47-2022-23/BPR | 15.10.2022 at 10.00 A.M. | 29.10.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha, But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **https://tendersodisha.gov.in**.

OIPR-25071/11/0081/2223 Sd./- P.K. Jena, Chief Construction Engineer, R.W. Circle, Berhampur



## BHUBANESWAR MUNICIPAL CORPORATION

No.48118 Dt.12.10.2022
XXXXX-V-D-127 19

**COMPETITIVE BIDDING THROUGH e-Procurement**

### NOTICE INVITING TENDER

**Bid Reference No. BMC-EE-DD-07/2022-23**

No. C-1366: On behalf of the Commissioner, Bhubaneswar Municipal Corporation, City Engineer, Bhubaneswar Municipal Corporation invites **Percentage Rate Bids for the work mentioned in the DTCN** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid System (Part-I: General & Technical Bid and Part-II Financial Bid/Price Bid/BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted Online through the website **www.tendersodisha.gov.in** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement process of Govt. of Odisha in required class/category. For queries, if any on this DTCN intending bidders may contact Superintending Engineer, Drainage Division, Bhubaneswar Municipal Corporation.

1. Total No. of works for which tenders invited : **3 Nos.**
2. Place of Execution: Different locations in Bhubaneswar Municipal Corporation area.
3. Estimated cost of Individual Work: **Rs.56,10,453/- to Rs.80,80,555/-** and Class of Contractor - **'B' to 'A'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"Online"** bidding only. The website for online bidding is **https://www.tendersodisha.gov.in**.
5. The bid documents will be available in the above website from **10.00 A.M. on Dt.14.10.2022 to 5 P.M. on Dt.28.10.2022** for online bidding.
6. Last date & time of bidding Online: **28.10.2022 at 5 P.M.**
7. **The Technical bid received online will be opened at 11.00 A.M. on Dt.29.10.2022**.
8. The bidder must possess valid and compatible **Digital Signature Certificate (DSC)**.
9. The successful bidder has to furnish Additional Performance Security (APS) as detailed in the DTCN failing which the bid shall not be considered.
10. The DTCN of works shall be available in the e-procurement portal **https://www.tendersodisha.gov.in** for Online bidding.
11. Subsequent reserves corrigendum, if required, shall appear in these websites.
12. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

By Order of Commissioner, BMC
**Sd./- Superintending Engineer**
**Bhubaneswar Municipal Corporation**

OIPR-13002/11/0120/2223


# ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି

କେନ୍ଦୁଝର,୧୨।୧୦(ସ୍ୱ.ପ୍ର.)

ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି କେନ୍ଦୁଝର ଜିଲା ବାଂଶପାଳ ବିଇଓ କାର୍ଯ୍ୟାଳୟର କନିଷ୍ଠ କିରାଣି ଗଙ୍ଗାଧର ସାହୁ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସରକାରୀ ବାସଭବନ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି। ଚଢ଼ାଉରେ ୧.୨୭ଟଙ୍କାର ସମ୍ପତ୍ତି ଠାବ ହୋଇଥିବା ସୂଚନା ମିଳିଛି।

କନିଷ୍ଠ କିରାଣି ସାହୁଙ୍କ ନାମରେ ବାରମ୍ବାର ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ୨୦୨୧ରୁ ତଥ୍ୟ ସଂଗ୍ରହ କରି ଆସୁଥିଲା। ମଙ୍ଗଳବାର ସମ୍ପତ୍ତି ଯାଞ୍ଚ ପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରୁ ୱାରେଣ୍ଟ ବଳରେ ଚଢ଼ାଉ କରାଯାଇଥିଲା। ୫ ଟିମ୍ କେନ୍ଦୁଝର ଜେଲରୋଡ୍‌ସ୍ଥିତ ସରକାରୀ ବାସଭବନ, ଭାଲୁକିପଟଳାସ୍ଥିତ ୩ ମହଲା ଘର, ତେଲକୋଇ ବ୍ଲକ୍ ତାଳପଦାସ୍ଥିତ ପୈତୃକ ବାସଭବନ, ସରାସପଶିସ୍ଥିତ ଶ୍ୱଶୁର ଘର ଓ ବାଂଶପାଳ ବିଇଓ କାର୍ଯ୍ୟାଳୟରେ ଯାଞ୍ଚ କରିଥିଲେ। ଯାଞ୍ଚରେ ପାଖାପାଖି ୯୦ ଲକ୍ଷ ଟଙ୍କାର ଭାଲୁକିପଟଳା ୩ ନମ୍ବର ଲେନ୍‌ରେ ୩ମହଲା ଘର ଓ ଭାଲୁକିପଟଳା ମୌଜାରେ ଏକ ପ୍ଲଟ୍ ଥିବା ଜଣାପଡ଼ିଛି। ସେହିପରି ବିଭିନ୍ନ ବ୍ୟାଙ୍କରେ ଫିକ୍ସ ଜମା, ବୀମା ଜମା ବାବଦକୁ ୧୪ ଲକ୍ଷ ୨ ହଜାର ଟଙ୍କାର କାଗଜପତ୍ର, ଶଳା ନାମରେ ୯ ଲକ୍ଷ ଟଙ୍କା ମୂଲ୍ୟର ଏକ କାର ଏବଂ ୩ ଲକ୍ଷ ଟଙ୍କାର ଆସବାବପତ୍ର ମିଳିଛି। ଚଢ଼ାଉରେ ବାଲେଶ୍ୱର ଡିଭିଜନ ଭିଜିଲାନ୍ସ ଏସ୍‌ପି ନାୟକଙ୍କ ନେତୃତ୍ୱରେ ଡିଏସ୍‌ପି ହରେକୃଷ୍ଣ ମାଝୀ, ଦାକ୍ଷିଣୀ ଚରଣ ମୁର୍ମୁ, ସିକନ୍ଦର ହେମ୍ବ୍ରମଙ୍କ ସମେତ ୩ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର, ୨ଜଣ ଏଏସ୍ଆଇ ଓ ୯ ଜଣ କନଷ୍ଟେବଲ ସାମିଲ ହୋଇଥିଲେ। ନଂ. ୩୧ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।


## TENDER CALL NOTICE
## OFFICE OF THE SUPERINTENDENT GOVERNMENT AYURVEDIC PHARMACY, BOLANGIR (ODISHA)

(Under Directorate of AYUSH, Department of Health & Family Welfare, Govt. of Odisha)

**Bid Reference No. 491/GAP., Bolangir** **Date: 10.10.2022**

No. E-536: Bids in sealed cover are invited under two-bid system from reputed and experienced manpower service providers for providing different services like **Machine Man** (Mechanical Man), **Fitter Man** and **Mulia** in the Office of the **Superintendent, Government Ayurvedic Pharmacy, Bolangir** under the Director, AYUSH-CUM-MISSION, DIRECTOR, National AYUSH Mission (NAM), Odisha, Bhubaneswar as per the requirement.

The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1 | Date of issue of the Bid | 14.10.2022 |
| 2 | Last date of submission of the Bid | 05.11.2022 by 5 P.M. |
| 3 | Opening of Technical Bid | 09.11.2022 11.30 A.M. |
| 4 | Opening of Financial Bid | To be intimated to the technically qualified bidders in due course |

Bidders are required to submit the Technical and Financial Bids separately. The bid in sealed Cover-I containing **"Technical Bid"** and sealed Cover - II **"Financial Bid"** and both should be placed in a third sealed cover super-scribed "Bid for Outsourcing of Manpower Services. The Bid must be submitted on or before **05.11.2022** by 5.00 P.M. through **Speed Post/Registered Post/Courier** only. All details can be downloaded from the website **www.ayushodisha.nic.in**.

**Complete address for Submission of Bids:**
**Office of the Superintendent,**
**Government Ayurvedic Pharmacy (G.A.P.), Bolangir**
**At: Sagarpara (Near Sale Tax Office),**
**Post/Dist.: Bolangir, PIN - 767001**
**Tel. No.: 06652-232036, Email: gapblgr028@gmail.com**

**Sd./- Superintendent**
**Govt. Ay. Pharmacy, Bolangir**

OIPR-10195/11/0002/2223



## Bhubaneswar Municipal Corporation

*Progress through Partnership for better Bhubaneswar*

**XXXIII-184-2021/2021/213**
**RFP No. 48101** **Date: 12.10.2022**

### NOTICE INVITING REQUEST FOR PROPOSAL

No. C-1369: Sealed proposals are invited for "Selection of an Agency for Providing Technical Manpower Services to Planning Section of Bhubaneswar Municipal Corporation, Bhubaneswar" in conformity with the Terms & Conditions of the Detailed RFP from intending bidders fulfilling the terms of eligibility laiddown in the RFP document. Please refer to website: **www.bmc.gov.in** for complete details and downloading the Document. The RFP document will be available from 13.10.2022 with last date of submission being 31.10.2022 till 5.00 P.M.

The pre-bid Meeting is scheduled to be held on 20.10.2022 at 4.00 P.M. in the Mini Conference Hall of BMC. The intending bidders are advised to mail their written queries on email id **bmcpmu@bmc.gov.in** by 19.10.2022.

For any queries please contact: **bmcpmu@bmc.gov.in**.

**Sd./- Addl. Commissioner - II**
**Bhubaneswar Municipal Corporation**

OIPR-13002/11/0122/2223



GOVERNMENT OF ODISHA

## DEPARTMENT OF WATER RESOURCES OFFICE OF THE SUPERINTENDING ENGINEER RENGALI LEFT BANK CANAL DIVISION,

AT/P.O. Kamakhyanagar, Dist: Dhenkanal, Odisha, PIN-759018, Ph:06769-270771

No.A-584: Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P1-02/2022-23**

| | | |
|---|---|---|
| 1 | Category of Work | "Civil Works and Flood Protection Works". |
| 2 | Total No. of Works | 06 (Six) Nos of Canal Works & 19 (Nineteen) Nos of Flood Protection Works. |
| 3 | Estimated Cost | Varies from Rs.5.47 Lakhs to Rs.17.81 Lakhs |
| 4 | Period of Completion | 45 Days to 60 Days |
| 5 | Class of Contractor | "D" & "C" or equivalent grade/class |
| 6 | Cost of Bid Document / Mode of Payment | Varies from Rs.4,000/- Rs. 6,000/- (Non-Refundable) -Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 7 | EMD/Bid Security Amount / Mode of Payment | "Bid Security Declaration" in lieu of Bid security. |
| 8 | Other details: | |
| | (i)Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 14.10.2022 from 10.00 Hours to 01.11.2022 upto 17.00 Hours. |
| | (iii) Date, time & venue of Bid Opening (Online) | On 04.11.2022 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar. |
| | (iv) Date, time & venue of transparent lottery/ for finalization of bids, if required | On 18.11.2022 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar. |

Further details can be seen from the Government of Odisha website https://tendersodisha.gov.in.

**Sd./- Superintending Engineer,**
OIPR-32298/11/0002/2223 **R.L.B. Canal Division, Kamakhyanagar**



GOVERNMENT OF ODISHA

## OFFICE OF THE SUPERINTENDING ENGINEER BALANGIR (R&B) DIVISION: BALANGIR

Email:eepwd.bgr@rediffmail.com,eepwd.bgr@gmail.com
Ph.No.06652-232374

### e - Procurement Notice

**BID IDENTIFICATION No: BGR R&B/14 / 2022-23**
**No.4112/Dtd.29.09.22**

**No.B-685:**1. The Executive Engineer, Balangir (R&B) Division, Balangir on behalf of Governor of Odisha invites percentage rate bid in Double cover system in ONLINE MODE for the construction of works detailed in the table below from B Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Road /Building /Bridge works. The proof of registration from the appropriate authority shall be enclosed along with the bid. 2.Nature of Work : Road work. 3. No. of tender: Road work: 01 No. 4. Tender Cost:Rs.10,000/-. 5. Class of Contractor: "B" Class (Registered with CDMS) 6. Date & Time of Sale & Receipt of Bids: From Dt.13.10.2022, 10.00 A.M. to Dt.03.11.2022 upto 5.00 P.M. 7. Date of Opening Bid: Dt.04.11.2022 at 11.00 A.M. 8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only.

**Sd./- Executive Engineer, Balangir (R&B) Division**

OIPR-34028/11/0012/2223



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୩୧ ତା:୨୩।୦୯।୨୨

### ବିଜ୍ଞାପନ

No. CAD-2131: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଚ୍.ଆଇ.ଜି.–ବି–୧୪୫ (HIG-B-145), ଛେଣ୍ଡ, ୩ୟ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ରାଜେନ୍ଦ୍ର କୁମାର ଭାଟସା, ପିତା: ୰ପ୍ୟାରୀଲାଲ ତ୍ୟାଗୀ, ସା: ଚୋଡ଼ିଆଲ, ପୋ.: ଚୋଡ଼ିଆଲ, ଥାନା: ଭଗୱାନପୁର, ଜିଲ୍ଲା: ହରିଦ୍ୱାର (ଉତ୍ତରାଖଣ୍ଡ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ରାଜେନ୍ଦ୍ର କୁମାର ଭାଟସା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଶଶି ଶେଖର ସେଠୀ, ପିତା: ୰ଚନ୍ଦ୍ରମଣି ସେଠୀ, ସା/ପୋ: କଳସପୁର, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
OIPR-13030/11/0333/2223 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



## OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.- II, BHUBANESWAR

eerb2_bbsr@yahoo.com

**INVITATIONS FOR BIDS THROUGH e-Procurement**

Bid Identification No- C.C. (R&B) - 02

### e – Procurement Notice No. 36 of 2022-23

No. B-683: The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for One Number of Electrical work to be received in online bidding, Single cover system as detailed in : **https://tendersorissa.gov.in**. The details of bid documents will be available in the above website from 15.10.2022 to 5.00 P.M of 29.10.2022. The bidders must possess compatible Digital Signature Certificate of Class II or III. Bids received online shall be opened at 11.30 A.M. of 31.10.2022 in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal **www.tendersorissa.gov.in**.

Addendum / Corrigendum, if required, will be available only in the Website.

**Sd./- Superintending Engineer,**
**BBSR (R&B) Division No.II, BBSR**

OIPR-34088/11/0020/2223



## COUNCIL OF HIGHER SECONDARY EDUCATION, ODISHA

Prajnapitha, Samantapur, Bhubaneswar - 751013
Website: www.chseodisha.nic.in

Notification No. 5235 Date: 12.10.2022

### AWARD OF SCHOLARSHIP TO MERITORIOUS STUDENTS UNDER CENTRAL SECTOR SCHEME (Fresh and Renewal) 2022

No. N-48: To provide financial assistance to meritorious students from poor families to meet a part of their day-to-day expenses while pursuing higher studies, Department of Higher Education, Govt. of India has made provision for scholarships under Central Sector Scheme of Scholarship for College and University Students for eligible CHSE pass out students in Annual H.S. Examinations 2022 in Science, Commerce and Humanities Streams.

**Rate and Duration of Scholarship (from Financial Year 2022-23).** The rate of scholarship is Rs.12,000/- per annum at Graduation level for first three years of College and University courses and Rs.20,000/- per annum at Post-Graduation level. Students pursuing professional courses, in case, where the duration of course is five (5) years/integrated course will get Rs.20,000/- per annum in the 4th and 5th year. However, students pursuing technical courses such as B.Tech., B.Engg. will get scholarship upto graduation level only i.e. Rs.12,000 p.a. for 1st, 2nd and 3rd year and Rs.20,000/- in the 4th year.

**Eligibility for Scholarship**

Students who are above 80th percentile (**Top 20th Percentile**) of successful candidates in Annual Higher Secondary Examination - 2022 conducted by CHSE Odisha are eligible to apply.

**cut off marks of Top 20th Percentile of CHSE pass out Students in AHSE 2022 are as follows:**

| Sl. No. | Stream | Cut of Marks |
|---|---|---|
| 01 | ARTS | 409 |
| 02 | SCIENCE | 461 |
| 03 | COMMERCE | 450 |

Last date for submission of Online application for fresh and renewal is **30.11.2022.**

**For detailed information, guideline and other eligible conditions please visit the website: www.scholarships.gov.in** and **www.chseodisha.nic.in**.

By Order of the Chairman
**Sd./- Secretary**

OIPR-11003/11/0003/2223



## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ନୂଆପଡ଼ା

### ଅଧିସୂଚନା

ସଂଖ୍ୟା 10010/ଭୂ–ଅର୍ଜନ
II–24/2022 ତାରିଖ–01.10.2022

**No.XVIII-36:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ ବିଜୁ ଏକ୍ସପ୍ରେସ ୱେ ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–ହାତିବନ୍ଧା, ଥାନା–ସିନାପାଲି, ତହସିଲ–ସିନାପାଲି, ଜିଲ୍ଲା–ନୂଆପଡ଼ାରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୩୨୦ ଡି. ପରିମିତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ନୂଆପଡ଼ା ଜିଲ୍ଲାରେ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ଅଧୀକ୍ଷଣ ଯନ୍ତ୍ରୀ,(ରାସ୍ତା ଓ ଗୃହ) ବିଭାଜନ, ନୂଆପଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୭୩୩୩/ତାରିଖ ୧୯.୦୮.୨୦୨୨ରେ ଭୂମି ଅଧିଗ୍ରହଣ ନିମନ୍ତେ ୮ (୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ବିଜୁ ଏକ୍ସପ୍ରେସ ୱେ, ନୂଆପଡ଼ା ।
୬. ଜମିର ବିବରଣୀ:

**ଜମିର ବିଶଦ ବିବରଣୀ**

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ଡି. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ପ୍ରସ୍ତାବିତ ଅଧିଗ୍ରହଣ ଜମିର ବିସ୍ତୃତ ବିବରଣୀ ଭୂ–ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳ ଅଫିସ, ନୂଆପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ନୂଆପଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/–ଜିଲ୍ଲାପାଳ, ନୂଆପଡ଼ା

**ଜମିର ବିବରଣୀ**

ମୌଜା–ହାତିବନ୍ଧା

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୫୮୬ | ୩୩୫୫ | ୦.୭୦୦ | ୦.୦୭୦ | ଆଟ | ମନବୋଧ ଗଉଡ଼, ପି–ଅନ୍ତ ଗଉଡ଼, ଜା–ଗଉଡ଼ | |
| | | ୩୩୫୬ | ୦.୯୦୦ | ୦.୨୪୦ | ବେର୍ଣ୍ଣା | | |
| ୨ | ୪୭୨ | ୨୧୩୧ | ୦.୭୩୦ | ୦.୦୧୦ | ଆଟ | ପୂର୍ଣ୍ଣ ମେହେର, ପି–ଚାଣ୍ଡାଳ ମେହେର, ଜା–ଭୁଲିଆ | |
| | | ମୋଟ | ୨.୩୩୦ | ୦.୩୨୦ | | | |

**Sd./- Special L.A.O., BEW Nuapada** **Sd./- Superintending Engineer Khariar (R&B) Division**

OIPR-24325/14/0004/2223



## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୂଆପଡ଼ା

### ଅଧିସୂଚନା

ସଂଖ୍ୟା: 10052/ଭୂ–ଅର୍ଜନ
II-29/2022 ତାରିଖ: 01.10.2022

No. XVIII-04: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ 'ବିଜୁ ଏକ୍ସପ୍ରେସ ୱେ' ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ନିଲଜି, ଥାନା: ସିନାପାଲି, ତହସିଲ: ସିନାପାଲି, ଜିଲ୍ଲା: ନୂଆପଡ଼ାରେ ନିମ୍ନ ତଫସିଲମତେ ପ୍ରାୟ ଏ.୧.୫୦୦ଡି. ପରିମିତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ – ନୂଆପଡ଼ା ଜିଲ୍ଲାରେ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ଅଧୀକ୍ଷଣ ଯନ୍ତ୍ରୀ, (ରାସ୍ତା ଓ ଗୃହ) ବିଭାଜନ, ନୂଆପଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନ ସାରାଂଶ – ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୭୩୩୩/ତାରିଖ ୧୯।୦୮।୨୦୨୨ରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ବିଜୁ ଏକ୍ସପ୍ରେସ ୱେ, ନୂଆପଡ଼ା।
୬. ଜମିର ବିବରଣୀ

**ଜମିର ବିଶଦ ବିବରଣୀ**

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ଡି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ପ୍ରସ୍ତାବିତ ଅଧିଗ୍ରହଣ ଜମିର ବିସ୍ତୃତ ବିବରଣୀ ଭୂ–ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳ ଅଫିସ୍, ନୂଆପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳି ପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ନୂଆପଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ନୂଆପଡ଼ା

**ଜମିର ବିବରଣୀ**

ମୌଜା: ନିଲଜି

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାର ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୪୧୩ | ୨୧୪୧ | ୦.୫୩୦ | ୦.୫୨୦ | ବେର୍ଣ୍ଣା | ରୂପସିଂ ସୁନାନି, ପି.: ନୀଳ ସୁନାନୀ, ଜା: ଡମ୍ବ | |
| | | ୨୧୪୫ | ୦.୨୦୦ | ୦.୦୨୦ | ବାହାଲ | | |
| | | ୨୧୪୬ | ୧.୮୫୦ | ୦.୨୦୦ | ବାହାଲ | | |
| | ୨୩୧ | ୧୨୯୫ | ୦.୭୦୦ | ୦.୪୦୦ | ମାଳ | ଦୁଲମା ଭତ୍ରା, ପି.: ଭଲ ଭତ୍ରା, ଜା: ଗଣ୍ଡ | |
| | | ୧୨୯୭ | ୧.୨୦୦ | ୦.୨୮୦ | ମାଳ | | |
| | | ୨୧୯୮ | ୦.୨୨୦ | ୦.୦୫୦ | ଆଟ | | |
| | ୪୦୫ | ୬୦ | ୧.୩୮୦ | ୦.୦୨୦ | ବାହାଲ | ରାଜରାମ ମାଝୀ, ପି.: କୋନ୍ଦା ମାଝୀ, ଜା: ଗଣ୍ଡ | |
| | | ୬୧ | ୦.୦୯୦ | ୦.୦୧୦ | ଆଟ | | |
| | | ମୋଟ | ୬.୧୭୦ | ୧.୫୦୦ | | | |

**Sd./- Special L.A.O., BEW, Nuapada** **Sd./- Superintending Engineer Khariar (R&B) Division**

OIPR-24325/14/0037/2223

# ଜାତୀୟ କ୍ରୀଡ଼ାରେ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ

ଭୁବନେଶ୍ୱର, ୧୨।୧୦ (କ୍ରୀଡ଼ା ପ୍ରତିନିଧି)

ଗୁଜରାଟରେ ଜାତୀୟ କ୍ରୀଡ଼ାର ୩୬ତମ ସଂସ୍କରଣ ବୁଧବାର ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୨୬ଟି ପଦକ ହାସଲ କରିଛି। ପୂର୍ବରୁ ଓଡ଼ିଶା କେବେହେଲେ ଗୋଟିଏ ସଂସ୍କରଣରେ ଏତେ ପଦକ ପାଇ ନ ଥିଲା। ଓଡ଼ିଶା ଦଳକୁ କାନୋଇଂ ଓ କାୟାକିଂରେ ୧ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ, ରୋଇଂରେ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ ବ୍ରୋଞ୍ଜ, ମହିଳା ରଗ୍‌ବୀ ଓ ଜିମ୍ନାଷ୍ଟିକ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ମହିଳା ଖୋ ଖୋ, ମହିଳା ଫୁଟବଲ, ସାଇକ୍ଲିଂ ଓ ଶୁଟିଂରେ ଗୋଟିଏ ଲେଖାଏ ରୌପ୍ୟ, ଭାରୋତ୍ତୋଳନରେ ୩ ବ୍ରୋଞ୍ଜ ଏବଂ ଫେନ୍‌ସିଂ, ଆଥଲେଟିକ୍ସ ଓ ବିଚ୍ ଭଲିବଲରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ମିଳିଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଏମ୍‌ଜିଆର୍ ମିନେରାଲ୍ସ ସହଯୋଗ ଯୋଗୁ ରାଜ୍ୟ ଦଳକୁ ଏପରି ସଫଳତା ମିଳିପାରିଥିବାରୁ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।



୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ମରକ୍କୋ ବିପକ୍ଷ ମ୍ୟାଚ ପୂର୍ବରୁ ବୁଧବାର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଭାରତୀୟ ଦଳର ଅଭ୍ୟାସ।

# ଟି୨୦ ବିଶ୍ୱକପ୍ ଦଳ ସହ ଯୋଗଦେବେ ଶାମି, ସିରାଜ, ଶାର୍ଦ୍ଦୂଳ

**ନୂଆଦିଲ୍ଲୀ,୧୨।୧୦(ପି.ଟି.):** ଭାରତୀୟ ଦଳ ସହିତ ଯୋଗ ଦେବେ ଦ୍ରୁତ ବୋଲର ମହମ୍ମଦ ସିରାଜ, ମହମ୍ମଦ ଶାମି ଓ ଅଲ ରାଉଣ୍ଡର ଶାର୍ଦ୍ଦୂଳ ଠାକୁର। ପ୍ରଥମେ ଯଶପ୍ରୀତ ବୁମ୍‌ରା ଓ ପରେ ଦୀପକ ଚହର ପିଠି ସମସ୍ୟା କାରଣରୁ ଆହତ ହୋଇ ଭାରତୀୟ ଦଳରୁ ବାଦ୍ ପଡିବା ପରେ ବିସିସିଆଇ ପକ୍ଷରୁ ଏହି ୩ ଖେଳାଳିଙ୍କୁ ଅଷ୍ଟ୍ରେଲିଆ ପଠାଯିବା ସ୍ପଷ୍ଟ ହୋଇଛି। ଆରମ୍ଭରୁ ଦୀପକ ଚହର ଓ ମହମ୍ମଦ ଶାମି ଷ୍ଟାଣ୍ଡବାଇ ଖେଳାଳି ଭାବରେ ଭାରତୀୟ ଦଳରେ ରହିଥିଲେ। ବୁମ୍‌ରା ଆହତ ହେବା ପରେ ଚହର ତାଙ୍କ ସ୍ଥାନରେ ସାମିଲ ହେବାର ସମ୍ଭାବନା ଅଧିକ ଥିଲା। ମାତ୍ର ଚହର ଆହତ ହେବା ପରେ ଶାର୍ଦ୍ଦୂଳ ଠାକୁରଙ୍କୁ ଦଳରେ ସାମିଲ କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜରେ ଉଭୟ ଶାର୍ଦ୍ଦୂଳ ଓ ସିରାଜ ଭଲ ପ୍ରଦର୍ଶନ କରିଥିଲେ। ଦୀପକ ଚହରଙ୍କ ଗୋଇଠି ଏବଂ ପିଠିରେ ସାମାନ୍ୟ ସମସ୍ୟା ରହିଥିଲା। ଗୋଇଠି ସମସ୍ୟା ବର୍ତ୍ତମାନ ଠିକ୍ ରହିଥିବା ବେଳେ ପିଠି ସମସ୍ୟା ଗମ୍ଭୀର ରହିଛି। ଏହି କାରଣରୁ ଦକ୍ଷିଣ ଆଫ୍ରିକା ଟି୨୦ ସିରିଜ ପରେ ସେ ଏନ୍‌ସିଏରେ ରିହାବିଲିଟେଶନ ପାଇଁ ପହଞ୍ଚିଥିଲେ।

# ଏଫ୍‌ସି ଗୋଆ ବିଜୟୀ

**କୋଲକାତା,୧୨।୧୦(ପି.ଟି.):** ବୁଧବାର ଆଇଏସ୍‌ଏଲରେ ପ୍ରଥମ ମ୍ୟାଚରେ ବିଜୟୀ ହୋଇଛି ଏଫ୍‌ସି ଗୋଆ। ଏଡୁ ବେଡିଆଙ୍କ ଅନ୍ତିମ ମିନିଟ ଗୋଲ ବଳରେ ଗୋଆ ପ୍ରଥମ ବିଜୟ ହାସଲ କରିଥିବା ବେଳେ କ୍ରମାଗତ ପରାଜୟ ବରଣ କରିଛି ଇଷ୍ଟବେଙ୍ଗଲ। ଏଫ୍‌ସି ଗୋଆ ୨-୧ ଗୋଲରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। ମ୍ୟାଚର ସପ୍ତମ ମିନିଟରେ ଗୋଆ ପକ୍ଷରୁ ବ୍ରେଣ୍ଡନ ଫର୍ନାଣ୍ଡେସ୍ ପ୍ରଥମ ଗୋଲ ସ୍କୋର କରଥିଲେ। ୬୪ତମ ମିନିଟରେ ଇଷ୍ଟବେଙ୍ଗଲ ପକ୍ଷରୁ କ୍ଲିଟନ୍ ସିଲ୍‌ଭା ପେନାଲ୍ଟିରୁ ଗୋଲ ସ୍କୋର କରିବା ସହିତ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ହେଲେ ଇଞ୍ଜୁରୀ ଟାଇମରେ ୯୦+୧ ମିନିଟରେ ବେଡିଆଙ୍କ ଗୋଲ ସହିତ ବିଜୟୀ ହୋଇଥିଲା ଗୋଆ।

# ମେକ୍ସିକୋକୁ ହରାଇଲା ଚାଇନା

ଭୁବନେଶ୍ୱର, ୧୨।୧୦ (କ୍ରୀଡ଼ା ପ୍ରତିନିଧି)

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ମଙ୍ଗଳବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଥିବାବେଳେ ବୁଧବାର ନଭି ମୁମ୍ବାଇ ଓ ଗୋଆର ମାର୍ଗାଓରେ ମ୍ୟାଚ ଖେଳାଯାଇଛି। ନଭି ମୁମ୍ବାଇରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଚାଇନା ୨-୧ ଗୋଲରେ ମେକ୍ସିକୋକୁ ହରାଇ ଦେଇଛି। ଚାଇନା ପକ୍ଷରୁ କ୍ୱାଓ ରୁକି ୪୯ ଓ ୟୁ ଜିଆଙ୍ଗଡ ୯୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମେକ୍ସିକୋର କ୍ୟାଥରିନ ଗୁଇଜାରୋ ୯୦+୩ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫଳରେ ଗ୍ରୁପ୍ 'ସି'ରେ ଚାଇନା ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଗୋଆର ମାର୍ଗାଓରେ ଅନୁଷ୍ଠିତ କାନାଡ଼ା-ଫ୍ରାନ୍ସ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଡ୍ର ରହିଥିବାବେଳେ କାନାଡ଼ାର ଆନାବେଲେ ଚୁକ୍ୟୁ ୬୭ ଏବଂ ଫ୍ରାନ୍ସର ଲୁସି କାଲ୍‌ବା ୭୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗ୍ରୁପ୍ 'ସି'ର ଅନ୍ୟ ମ୍ୟାଚରେ ସ୍ପେନ ୧-୦ ଗୋଲରେ କଲମ୍ବିଆ ଏବଂ ଗ୍ରୁପ୍ 'ଡି' ମ୍ୟାଚରେ ଜାପାନ ୪-୦ ଗୋଲରେ ତାଞ୍ଜାନିଆକୁ ପରାସ୍ତ କରିଛି।

# ଜୋକୋଭିଚ୍‌ଙ୍କ ଭିଜା ଆବେଦନରୁ ଦୂରେଇଲା ଟେନିସ୍ ଅଷ୍ଟ୍ରେଲିଆ

**ମେଲବୋର୍ନ,୧୨।୧୦(ପି.ଟି.):** ପୁଣି ଥରେ କରୋନା ଟିକାକୁ ନେଇ ଅଡୁଆରେ ସର୍ବିଆର ନୋଭାକ ଜୋକୋଭିଚ୍। ତାଙ୍କ ଭିଜା ଆବେଦନଠାରୁ ଅଷ୍ଟ୍ରେଲିଆନ୍ ଟେନିସ୍ ନିଜକୁ ଦୂରେଇ ନେଇଛି। ୨୦୨୩ରେ ଅଷ୍ଟ୍ରେଲିଆରେ ନିଜର ପ୍ରଥମ ମେଜର ଟୁର୍ନାମେଣ୍ଟ ଖେଳିବାକୁ ଆଶା ରଖିଥିବା ଜୋକୋଭିଚ୍‌ଙ୍କୁ ଆଉ ଏକ ଝଟକା ଲାଗିବାର ସମ୍ଭାବନା ରହିଛି। ବର୍ଷେ ପୂର୍ବରୁ ସମାନ କାରଣରୁ ତାଙ୍କୁ ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପଣ କରାଯାଇଥିଲା। ୨୧ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଜୋକୋଭିଚ୍‌ଙ୍କୁ ଜାନୁୟାରୀ ୨୦୨୧ରେ ଅଷ୍ଟ୍ରେଲିଆନ୍ ଓପନ ଡିଫେଣ୍ଡ କରିବାର ସୁଯୋଗ ମିଳି ନ ଥିଲା। କୋଭିଡ୍ ଟିକାକରଣ ନିୟମ କୋହଳ ପାଇଁ ତାଙ୍କୁ ଦୁଇଟି ମେଡିକାଲ କମିଟି ଏବଂ ଟେନିସ ଅଷ୍ଟ୍ରେଲିଆ ନିକଟରୁ ଏନ୍‌ଓସି ମିଳିଥିଲା। ମାତ୍ର ମେଲବୋର୍ନରେ ପ୍ରବେଶ କରିବା ପୂର୍ବରୁ ଅଷ୍ଟ୍ରେଲୀୟ ବର୍ଡର ଫୋର୍ସ ପକ୍ଷରୁ ତାଙ୍କୁ ଫେରାଇ ଦିଆଯାଇଥିଲା।

ବିଗତ ବର୍ଷର ବିବାଦ ପରେ ଟେନିସ ଅଷ୍ଟ୍ରେଲିଆ ଚଳିତ ଥର ଜୋକୋଭିଚ୍‌ଙ୍କ ମାମଲାରୁ ନିଜକୁ ଦୂରେଇ ଦେଇଛି। ଅଷ୍ଟ୍ରେଲିଆନ ଓପନ ନିର୍ଦ୍ଦେଶକ କ୍ରେଗ ଟିଲି ୨୦୨୩ର କାର୍ଯ୍ୟକ୍ରମ ଲଞ୍ଚ କରିଛନ୍ତି। ଏହା ସହିତ ସେ କହିଛନ୍ତ ଜୋକୋଭିଚ୍‌ଙ୍କୁ ଅଷ୍ଟ୍ରେଲିଆନ୍ ଓପନକୁ ସ୍ୱାଗତ। ମାତ୍ର ଏହା ଦେଶର ଏକ ଅନ୍ତରୀଣ ମାମଲା । ତେଣୁ ଅଷ୍ଟ୍ରେଲିଆନ ଟେନିସ ଏଥିରେ ହସ୍ତକ୍ଷେପ କରିବ ନାହିଁ। ଅଷ୍ଟ୍ରେଲିଆର ଆଇନ ଅନୁସାରେ କୌଣସି ବ୍ୟକ୍ତିଙ୍କୁ ପ୍ରତ୍ୟର୍ପଣ କରାଗଲେ ସେ ୩ ବର୍ଷ ପର୍ଯ୍ୟନ୍ତ ଭିଜା ଆବେଦନ କରିପାରିବେ ନାହିଁ। ତେବେ ଜୋକୋଭିଚ୍‌ଙ୍କୁ ରିହାତି ଦେବା ପାଇଁ ପରୋକ୍ଷ ଭାବରେ ସୂଚନା ଦେଇଥିଲା ଅଷ୍ଟ୍ରେଲିଆନ ବର୍ଡର ଫୋର୍ସ। ଜୁଲାଇ ୬, ୨୦୨୧ ପରଠାରୁ ଅଷ୍ଟ୍ରେଲିଆ ଏହାର ଭିଜା ନିୟମରେ ପରିବର୍ତ୍ତନ କରିଛି। ଏଣିକି ଅଷ୍ଟ୍ରେଲିଆରେ ପ୍ରବେଶ ପାଇଁ ଟିକାକରଣ ସାର୍ଟିଫିକେଟ ଦେଖାଇବା ଆଉ ବାଧ୍ୟତାମୂଳକ ନୁହେଁ। ୨୦୨୧ର ଜୋକୋଭିଚ୍‌ଙ୍କ ପ୍ରତ୍ୟର୍ପଣ ସମୟରେ ଟିଲି ସମାଲୋଚିତ ହୋଇଥିଲେ। ଟେନିସ ଅଷ୍ଟ୍ରେଲିଆ ପକ୍ଷରୁ ଜୋକୋଭିଚ୍‌ଙ୍କ ସମେତ ଅନ୍ୟ ଖେଳାଳିଙ୍କୁ ଅଷ୍ଟ୍ରେଲିଆ ଇମିଗ୍ରେଶନରେ ହଟହଟା ହେବାକୁ ପଡିଥିଲା। କୋର୍ଟରେ ଆବେଦନ ପରେ ଜୋକୋଭିଚ୍‌ଙ୍କୁ ମେଲବୋର୍ନ ପାର୍କରେ ଖେଳିବାର ସୁଯୋଗ ମିଳିଥିଲା। ତତ୍କାଳୀନ ବୈଦେଶିକ ମନ୍ତ୍ରୀ ଆଲେକ୍ସ ହକେ ତାଙ୍କ ଭିଜାକୁ ଖାରଜ କରିବା ସହିତ ପ୍ରତ୍ୟର୍ପଣର ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଚଳିତ ସଂସ୍କରଣରେ ରୁଷ ଓ ବେଲାରୁଷର ଖେଳାଳିମାନଙ୍କୁ ସୁଯୋଗ ମିଳିବ ବୋଲି ଟିଲି ସୂଚନା ଦେଇଛନ୍ତି। ୱିମ୍ବେଲଡନ ପରି କୌଣସି କଟକଣା ରହିବ ନାହିଁ। ତେବେ ଏହି ଖେଳାଳିମାନଙ୍କୁ ନିଜ ଦେଶର ପରିଚୟ ଦେବାକୁ ପଡିବ ନାହିଁ। ଏହି ନିୟମ ଫଳରେ ବିଗତ ସଂସ୍କରଣର ରନର ଅପ୍ ଡାନିଲ ମେଡଭେଡେଭ ଓ ଦୁଇଥର ମହିଳା ସିଙ୍ଗିଲ୍ସ ଚାମ୍ପିୟନ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କାଙ୍କ ଅଂଶଗ୍ରହଣ ସ୍ପଷ୍ଟ ହୋଇଛି।

# ବେଙ୍ଗଲ ୱାରିୟର୍ସ ବିଜୟୀ

**ବେଙ୍ଗାଲୁରୁ,୧୨।୧୦(ପି.ଟି.):** ବୁଧବାର ପ୍ରୋ କବାଡି ଲିଗ୍‌ର ପ୍ରଥମ ମ୍ୟାଚରେ ବେଙ୍ଗାଲୁରୁ ବୁଲ୍ସକୁ ୪୨-୩୩ରେ ପରାସ୍ତ କରିଛି ବେଙ୍ଗଲ ୱାରିୟର୍ସ। ବେଙ୍ଗଲ ପକ୍ଷରୁ ରେଡର ମନିନ୍ଦର ସିଂ ପ୍ରଭାବୀ ପ୍ରଦର୍ଶନ କରି ଏକାକୀ ୧୧ ପଏଣ୍ଟ ସ୍କୋର କରିଥିଲେ। ପ୍ରଥମ ହାଫ୍‌ରେ ଉଭୟ ଦଳର ପ୍ରଦର୍ଶନ ଏକାଭଳି ରହିଥିଲା। ୧୫-୧୪ ପଏଣ୍ଟ ରହିବା ସହିତ ବେଙ୍ଗଲ ମାତ୍ର ୧ ପଏଣ୍ଟର ଲିଡ ପାଇଥିଲା। ତେବେ ଦ୍ୱିତୀୟ ହାଫ୍‌ରେ ମନିନ୍ଦର ପ୍ରଭାବ ବିସ୍ତାର କରିବା ସହିତ କ୍ରମାଗତ ସୁପର-୧୦ ହାସଲ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ୨୭-୧୯ର ଅଗ୍ରଣୀ ସହିତ ଏହି ମ୍ୟାଚକୁ ଜିତି ନେଇଥିଲା ବେଙ୍ଗଲ। କଡା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ମ୍ୟାଚରେ ୪୪-୪୨ରେ ୟୁପି ଯୋଦ୍ଧାସକୁ ପରାସ୍ତ କରିଛି ଦବଙ୍ଗ ଦିଲ୍ଲୀ କେ.ସି.।



ପ୍ରୋ-କବାଡ଼ି ଲିଗ୍‌ରେ ବୁଧବାର ବେଙ୍ଗଲ ୱାରିୟର୍ସ ଓ ବେଙ୍ଗାଲୁରୁ ବୁଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# 'ଆମେରିକା ସମକକ୍ଷ ପ୍ରଦର୍ଶନ କରିପାରିଲୁନି'

ଭୁବନେଶ୍ୱର, ୧୨।୧୦

କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ଶୋଚନୀୟ ପରାଜୟ ବରଣ କରିଛି। ଆମେରିକା ୮-୦ ଗୋଲରେ ବିଜୟ ସହ ଆଗକୁ ବଢ଼ିଛି। ଏଜ୍ ଗ୍ରୁପ୍‌ରେ ବିଶ୍ୱର ନମ୍ବରଓ୍ୱାନ ଦଳ ଆମେରିକାର ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା ୫୮ ର୍‍ୟାଙ୍କପ୍ରାପ୍ତ ଭାରତ। ଭାରତ କୋଚ୍ ଥୋମାସ ଡେନର୍ବି ଏହା ସ୍ୱୀକାର କରିଛନ୍ତି। ''ଆମେ ଆମେରିକା ଷ୍ଟାଣ୍ଡାର୍ଡରେ ପ୍ରଦର୍ଶନ କରିପାରିଲୁନି। ତେବେ ଭାରତୀୟ ଦଳ ଉନ୍ନତ ପ୍ରଦର୍ଶନ କରିବାର ଦକ୍ଷତା ରଖିଛି ବୋଲି ମ୍ୟାଚ ପରବର୍ତ୍ତୀ ଖବରଦାତା ସମ୍ମିଳନୀରେ ସେ ପ୍ରକାଶ କରିଛନ୍ତି। ''ଭାରତ ଏତେଗୁଡ଼ିଏ ଗୋଲ ବରଣ କରିବ ବୋଲି କେବେ ଆଶା କରି ନ ଥିଲି। କାରଣ ୨ ସପ୍ତାହ ପୂର୍ବରୁ ସ୍ୱିଡେନ ବିପକ୍ଷ ମ୍ୟାଚରେ ଆମ ଦଳ ଭଲ ଡିଫେଣ୍ଡ କରିଥିଲା। ଆମେରିକା ବିପକ୍ଷରେ ଆମେ ୨ଟି ଶଟ୍ ଟାର୍ଗେଟ କରିଥିଲୁ। ମାତ୍ର ସତ କହିବାକୁ ଗଲେ ସ୍ୱିଡେନ ବିପକ୍ଷ ମ୍ୟାଚ ଅପେକ୍ଷା ଆମେରିକା ଉଚ୍ଚସ୍ତରର ଗେମ୍ ଖେଳିଲା ବୋଲି ସେ କହିଛନ୍ତି। ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ପାଇଁ ଭାରତ ଭଲଭାବେ ନିଜକୁ ପ୍ରସ୍ତୁତ କରିଛି ବୋଲି ଟୁର୍ନାମେଣ୍ଟ ପୂର୍ବରୁ ଡେନର୍ବି ପ୍ରକାଶ କରିଥିଲେ।



ଥୋମାସ ଡେନର୍ବି

ମାତ୍ର ଆମେରିକା ଯେଉଁ ଷ୍ଟାଣ୍ଡାର୍ଡର ଗେମ୍ ଖେଳିଲା ସେଭଳି ପ୍ରତିଦ୍ୱନ୍ଦ୍ୱୀ ଭାରତ କେବେ ପାଇ ନ ଥିଲା ବୋଲି ଏବେ ଡେନର୍ବି କହିଛନ୍ତି। ୧୭ ବର୍ଷରୁ କମ୍ ଭାରତୀୟ ଦଳ ରୋମାନିଆ ବିପକ୍ଷରେ ୨ଟି ମ୍ୟାଚ ଖେଳି ଗୋଟିଏରେ ଜିତିଥିଲା ଏବଂ ଅନ୍ୟଟି ଡ୍ର ରଖିଥିଲା। ଇଟାଲୀଠାରୁ ୦-୭, ନେଦରଲାଣ୍ଡସ୍‌ଠାରୁ ୧-୫, ସ୍ୱିଡେନଠାରୁ ୧-୩, ଚିଲିଠାରୁ ୧-୩ ଓ ମେକ୍ସିକୋଠାରୁ ୦-୨ ଗୋଲରେ ପରାଜିତ ହୋଇଥିଲା। ଏହିସବୁ ଦଳଗୁଡ଼ିକ ମଧ୍ୟରୁ କେବଳ ଚିଲି ଓ ମେକ୍ସିକୋ ଚଳିତ ପ୍ରତିଯୋଗିତାରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ''ଆମେରିକା ଏକ ଭଲ ଦଳ ଏଥିରେ ଦ୍ୱିମତ ନାହିଁ। ଖେଳାଳିମାନେ ଦକ୍ଷତାରେ ଭରପୂର ଥିବାବେଳେ ସ୍ପିଡ୍ ମଧ୍ୟ ଚମତ୍କାର। ଏହି ଦଳର ଦୁର୍ବଳ ଦିଗ ଖୋଜି ପାଇବା କଷ୍ଟକର। ଚଳିତ ବର୍ଷ ପ୍ରାରମ୍ଭରେ ଆମେ ଯେଉଁ ଦଳଗୁଡ଼ିକ ବିପକ୍ଷରେ ଖେଳିଥିଲୁ କେହି ଏହି ସ୍ତରର ପ୍ରଦର୍ଶନ କରିପାରି ନ ଥିଲେ। ଆମେରିକା ବିପକ୍ଷ ଗେମ୍ ଆମ ପାଇଁ କଷ୍ଟସାଧ୍ୟ ଥିଲା। ମାତ୍ର ଏହାଠାରୁ ଦଳ ଭଲ ପ୍ରଦର୍ଶନ କରିପାରିବ ବୋଲି ମୋର ବିଶ୍ୱାସ। ପ୍ରଥମ ବିଶ୍ୱକପ୍ ଗେମ୍ ଖେଳୁଥିବାରୁ ଭାରତ ଖେଳାଳିମାନେ ନର୍ଭସ ଥିଲେ ବୋଲି ମୁଁ ଅନୁଭବ କରୁଛି। ଫଳସ୍ୱରୂପ ସେମାନେ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ପାରିଲେ ନାହିଁ। ଆରମ୍ଭରେ ସେମାନେ ବଲ୍‌କୁ ଠିକ୍‌ଭାବେ ପାସ୍ ଦେବାକୁ ଚେଷ୍ଟା କଲେନାହିଁ। ଖେଳ ଆରମ୍ଭ କରିବାକୁ ସହଜ ମଧ୍ୟ ମନେ କରି ନ ଥିଲେ। ଏଥିପାଇଁ ମୋତେ ଚିତ୍କାର କରି ବତେଇବାକୁ ପଡ଼ିଥିଲା'' ବୋଲି ଡେନର୍ବି କହିଛନ୍ତି। ଆମେରିକା ବିପକ୍ଷ ମ୍ୟାଚରେ ବୃହତ୍ ପରାଜୟ ପରେ ଭାରତ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବା ପଥ କଷ୍ଟସାଧ୍ୟ ହୋଇଯାଇଛି। କାରଣ ଗ୍ରୁପ୍ 'ଏ'ର ଅନ୍ୟତମ ଦଳ ମରକ୍କୋ ଲଢୁଆ ପ୍ରଦର୍ଶନ କରି ଶକ୍ତିଶାଳୀ ବ୍ରାଜିଲ ବିପକ୍ଷରେ ମାତ୍ର ଗୋଟିଏ ଗୋଲରେ ପରାଜିତ ହୋଇଛି। ଆସନ୍ତା ଶୁକ୍ରବାର ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ମରକ୍କୋକୁ ଭେଟିବ। ପ୍ରତି ଗ୍ରୁପ୍‌ରୁ ୨ଟି ଶୀର୍ଷ ଦଳ କ୍ୱାର୍ଟର ଫାଇନାଲ ଖେଳିବାର ଥିବାରୁ ଗ୍ରୁପ୍ 'ଏ'ରେ ଆମେରିକା ଓ ବ୍ରାଜିଲ ଫେଭରାଇଟ ରହିଛନ୍ତି। ''ଆମେ ମରକ୍କୋ ବିପକ୍ଷ ମ୍ୟାଚ ଜିତିବାକୁ ଯୋଜନା ପ୍ରସ୍ତୁତ କରୁଛୁ। ଯଦି ଏହା କରିପାରିବୁ ତେବେ ଆମ ପାଇଁ ସମ୍ଭାବନା ରହିବ। ଆମେ ପଏଣ୍ଟ ହାସଲ ସହ ଟୁର୍ନାମେଣ୍ଟ ଶେଷ କରିବାକୁ ଆଶା ରଖିଛୁ ବୋଲି ଡେନର୍ବି କହିଛନ୍ତି।

# ଓଡ଼ିଶା ୧୩ ରନରେ ବିଜୟୀ

**ଭୁବନେଶ୍ୱର, ୧୨।୧୦ (କ୍ରୀଡ଼ା ପ୍ରତିନିଧି):** ବିସିସିଆଇ ଆନୁକୂଲ୍ୟରେ ବେଙ୍ଗାଲୁରୁରେ ବୁଧବାର ଅନୁଷ୍ଠିତ ସିନିୟର ମହିଳା ଟି୨୦ କ୍ରିକେଟ ମ୍ୟାଚରେ ଓଡ଼ିଶା ଭିଜେଡି ପଦ୍ଧତିରେ ୧୩ ରନରେ ନାଗାଲାଣ୍ଡକୁ ପରାସ୍ତ କରିଛି। ନାଗାଲାଣ୍ଡ ୨୦ ଓଭରରେ ୮ ଉଇକେଟ ହରାଇ ୬୨ ରନ କରିଥିଲା। ଓଡ଼ିଶା ପକ୍ଷରୁ ରସନାରା ପରବିନ ୩ ଉଇକେଟ ନେଇଥିଲେ। ୬୩ ରନ ବିଜୟ ଲକ୍ଷ୍ୟରେ ଓଡ଼ିଶା ୭.୩ ଓଭରରେ କୌଣସି ଉଇକେଟ ନ ହରାଇ ୨୯ ରନ କରିଥିବାବେଳେ ବର୍ଷା ହୋଇଥିଲା। ଫଳରେ ଫଳାଫଳ ନିର୍ଣ୍ଣୟ ପାଇଁ ଭିଜେଡି ପଦ୍ଧତି ଅବଲମ୍ବନ କରାଯାଇଥିଲା।

# ଫିଫା ଫୁଟ୍‌ବଲ ଫର୍ ସ୍କୁଲ୍ସ କାର୍ଯ୍ୟକ୍ରମ ଆରମ୍ଭ



ଫିଫା ଫୁଟ୍‌ବଲ ଫର୍ ସ୍କୁଲ୍ସ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ କର୍ମକର୍ତ୍ତାଙ୍କୁ ଫୁଟବଲ ବଣ୍ଟନ କରାଯାଉଛି।

ଭୁବନେଶ୍ୱର, ୧୨।୧୦ (କ୍ରୀଡ଼ା ପ୍ରତିନିଧି)

ଫିଫା ଫୁଟବଲ ଫର ସ୍କୁଲ୍ସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଏମ୍‌ପି ଅଚ୍ୟୁତ ସାମନ୍ତ କନ୍ଧମାଳ ଓ ବୌଦ୍ଧ ଜିଲାର ୧୦୦ ସ୍କୁଲ୍‌କୁ ୨୦୦୦ ଫୁଟବଲ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ଅଙ୍ଗଦ କହଁର, କନ୍ଧମାଳ ଜିଲାପାଳ ଆଶିଷ କୁମାର ପାଟିଲ ଓ ବୌଦ୍ଧ ଜିଲାପାଳ ସତ୍ୟରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଭାରତର ପ୍ରଥମ ରାଜ୍ୟଭାବେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦକ୍ଷିଣ ଏସିଆର ୭ କୋଟି ସ୍କୁଲ ପିଲାଙ୍କୁ ଫୁଟବଲ ବାଣ୍ଟିବା ପାଇଁ କିସ୍ ସ୍କୁଲକୁ ନୋଡାଲ ସେଣ୍ଟରଭାବେ ଚୟନ କରିଥିବାରୁ ଫିଫାକୁ ଅଚ୍ୟୁତ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ତୃଣମୂଳ ସ୍ତରରେ ଫୁଟବଲର ମାନରେ ଉନ୍ନତି ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

**କନ୍ଧମାଳ ଓ ବୌଦ୍ଧରେ ହେବ ରାଜ୍ୟ ଫୁଟବଲ ପ୍ରତିଯୋଗିତା**

ମହିଳା ଓ ପୁରୁଷ ବିଭାଗରେ ରାଜ୍ୟ ଫୁଟବଲ ଚାମ୍ପିୟନଶିପ୍ କନ୍ଧମାଳ ଓ ବୌଦ୍ଧରେ ଅନୁଷ୍ଠିତ ହେବ ବୋଲି ଏହି ଅବସରରେ ଅଚ୍ୟୁତ ଘୋଷଣା କରିଥିଲେ। ଏହି ପ୍ରସ୍ତାବ ଗ୍ରହଣ କରିଥିବାରୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ତାମିଲନାଡୁଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୧୨।୧୦ (କ୍ରୀଡ଼ା ପ୍ରତିନିଧି):** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରଥମ ପରାଜୟ ବରଣ କରିଛି। ସିକିମକୁ ୯ ଉଇକେଟରେ ହରାଇବାର ଗୋଟିଏ ଦିନ ପରେ ଓଡ଼ିଶା ବୁଧବାର ତାମିଲନାଡୁଠାରୁ ୫ ଉଇକେଟରେ ହାରିଯାଇଛି। ଓଡ଼ିଶା ୩ ଉଇକେଟ ହରାଇ ୧୪୧ ଓ ତାମିଲନାଡୁ ୫ ଉଇକେଟରେ ୧୪୩ ରନ ସଂଗ୍ରହ କରି ଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୧୪୧/୩ (ଶୁଭ୍ରାଂଶୁ ସେନାପତି-୬୫, ଅଂଶୁମାନ ରଥ-୫୧, ଟି. ନଟରାଜନ-୨/୩୨, ୱାଶିଂଟନ ସୁନ୍ଦର-୧/୨୮)। ତାମିଲନାଡୁ ୧୮.୫ ଓଭରରେ ୧୪୩/୫ (ବାବା ଅପରାଜିତ-୬୩, ଏନ. ଜଗଦୀଶନ-୩୫, ମୁସ୍ତାକ ବେଗ୍-୨/୨୫, ସମୀର ମହାନ୍ତି-୨/୭, ଦେବବ୍ରତ ପ୍ରଧାନ-୧/୨୪)।



ଦିଶା

# ଦିଶାଙ୍କ ରୋଲ୍ ମଡେଲ୍

ଦିଶା ପଟାନି କାହା ଅଭିନୟରେ ବେଶି ପ୍ରଭାବିତ ହୋଇଛନ୍ତି। ପୁଣି ତାଙ୍କୁ ଆଧାର କରି ସେ ଆକ୍ଟିଂକୁ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଅଭିନେତ୍ରୀ ଜଣକ କିଏ ଜାଣନ୍ତି ? ପ୍ରିୟଙ୍କା ଚୋପ୍ରା। ନିକଟରେ ନିଜ ଅଭିନୟ ଜୀବନର ରୋମାଞ୍ଚକର ଘଟଣା ବଖାଣୁ ବଖାଣୁ ସେ ଏ ବିଷୟରେ ସୂଚନା ଦେଇଛନ୍ତି। ନିଜ ରୋଲ୍ ମଡେଲ ବିଷୟରେ ଦିଶା କହନ୍ତି, ‘‘ମୋର ମୋଷ୍ଟ ଫେଭରାଇଟ୍ ମେଲ୍ ଆକ୍ଟର ହେଲେ ରଣବୀର କପୁର। ହେଲେ ଜଣେ ଅଭିନେତ୍ରୀଙ୍କ ଆକ୍ଟିଂ ମୋତେ ବେଶି ଇମ୍ପ୍ରେଶ କରିଛି। ପୁଣି ତାଙ୍କୁ ଫଲୋ କରି ଆଜି ମୁଁ ଜଣେ ଆକ୍ଟ୍ରେସ ହୋଇପାରିଛି। ସେ ହେଲେ ପ୍ରିୟଙ୍କା ଚୋପ୍ରା। ତାଙ୍କ ଅଭିନୀତ ସମସ୍ତ ଫିଲ୍ମ ମୁଁ ଦେଖିଛି ଆଉ ତାଙ୍କ ଅଭିନୟରୁ ଅନେକ କିଛି ଶିଖିଛି।’’ ଟାଇଗର ଶ୍ରଫଙ୍କ ଅଭିନୀତ ‘ବାଗୀ’ର କାଷ୍ଟିଂ ସମୟରେ ପ୍ରଥମେ ଦିଶା ନାମ ବିଚାରକୁ ନିଆଯାଇଥିଲା। କିନ୍ତୁ ରାତାରାତି ଚକ ଏମିତି ଓଲଟି ଗଲା ଯେ ଦେଖିଲା ବେଳକୁ ଏଥିରେ ଟାଇଗରଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଶ୍ରଦ୍ଧା କପୁର। ଆଉ ଏକ କଥା। କରନ୍ ଜୋହରଙ୍କ ‘ଷ୍ଟୁଡେଣ୍ଟ ଅଫ ଦ ଇୟର–୨’ରେ କିଏ ନାୟିକା ସାଜିବ– ଏଥିପାଇଁ ପ୍ରଥମେ ସାରା ଅଲ୍ଲୀ ଖାଁ ଏବଂ ଦିଶା ପଟାନିଙ୍କ ନାମ ଶୁଣିବାକୁ ମିଳୁଥିଲା। କିନ୍ତୁ ପରେ ଏହି ଭୂମିକା ପାଇଁ ଅନନ୍ୟା ପାଣ୍ଡେଙ୍କୁ ସାଇନ୍ କରାଯାଇଥିଲା।

# ସତ–ମିଛର ଖେଳ

କଙ୍ଗନା ରାଣାୱତଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଶୁଣିବାକୁ ମିଳୁଛି ଯେ ଏକ ନୂଆ ସିନେମା ପାଇଁ ସେ କୁଆଡ଼େ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। କେବଳ ସେତିକି ନୁହେଁ, ତାଙ୍କର ଏହି ପ୍ରସ୍ତାବରେ ପ୍ରଯୋଜକ ମଧ୍ୟ ରାଜି। କିନ୍ତୁ ଏଭଳି କଥା ଯେତେବେଳେ ତାଙ୍କ କାନରେ ପଡ଼ିଲା ସେତେବେଳେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ କଙ୍ଗନା। ଏ ନେଇ ସଫେଇ ଦେଇ ସେ କହନ୍ତି, ‘‘ଯେଉଁ କଥା ମୁଁ ଆପଣଙ୍କ ନିକଟରୁ ଶୁଣୁଛି ତାହା ପଛରେ ଆଦୌ ସତ୍ୟତା ନାହିଁ। କାରଣ ଏବେ ମୁଁ ମୋ ରେମ୍ୟୁନିନେଶନ ବଢ଼ାଇନାହିଁ। କେହି ହୁଏତ ମୋ ବିରୁଦ୍ଧରେ ଅପପ୍ରଚାର ଚଳାଇଛି। ଏପରି କଥାକୁ କେହି ବିଶ୍ୱାସ କରିବା ଠିକ୍ ନୁହେଁ। ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି ଏବଂ ସେଥିରେ ମୁଁ ରାଜି ହୋଇଛି। ଏଥିରେ ମୋତେ ଦର୍ଶକ ଆକ୍ସନ ଅବତାରରେ ଦେଖିବାକୁ ପାଇବେ। ହେଲେ ଏହି ଫିଲ୍ମ ପାଇଁ ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି ଏବଂ ସେଥିରେ ପ୍ରଯୋଜକ ରାଜି ହୋଇଛନ୍ତି– ଏକଥା ଗୁଜବ ବ୍ୟତୀତ ଆଉ କିଛି ନୁହେଁ। ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବାକୁ ଚାହେଁ। କାରଣ ମୋର ଭେରାଇଟି ରୋଲ୍‌କୁ ଦର୍ଶକ ପସନ୍ଦ କରିଛନ୍ତି।’’



କଙ୍ଗନା

# ଜୟ ମା’ ଶାରଳା

ଓଡ଼ିଆ ସାହିତ୍ୟ ଜଗତର ଆଦି କବି ଭାବରେ ପରିଚିତ ସାରଳା ଦାସ। ତାଙ୍କର ଜୀବନୀ ବୃତ୍ତାନ୍ତ ଏବଂ ମା’ ଶାରଳାଙ୍କ ଅଲୌକିକ ଲୀଳାକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ୱେବ୍ ସିରିଜ୍ ‘ଜୟ ମା ଶାରଳା’। ଓଟିଟି ପ୍ଲାଟଫର୍ମ କଞ୍ଚାଲଙ୍କାରେ ଏହାର ଷ୍ଟ୍ରିମିଙ୍ଗ ହୋଇସାରିଛି। ଜଗତ୍‌ସିଂହପୁର ଜିଲାର ତେନ୍ତୁଳିପଦାଠାରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଆ ଭାଷାର ଏହି ମହାନ୍ ସାଧକ। ତାଙ୍କ ରଚିତ ବିଲଙ୍କା ରାମାୟଣ, ମହାଭାରତ, ଚଣ୍ଡୀପୁରାଣ ଓ ଲକ୍ଷ୍ମୀନାରାୟଣ ବଚନିକା ବେଶ୍ ପାଠକାଦୃତ। ମା’ ଶାରଳାଙ୍କଠାରୁ ବର ପ୍ରାପ୍ତି ହେବା ପରେ ସେ କିପରି ମହାକବି ହେଉଛନ୍ତି ତାହାର ଝଲକ ଏହି ସିରିଜ୍‌ରେ ଦେଖିବାକୁ ମିଳିଛି। ଏହି ସିରିଜ୍‌ରେ ବାବୁ ପ୍ରଧାନ, ଅର୍ପଣ, ଜ୍ୟୋତି ପ୍ରକାଶ, ପ୍ରକାଶ, କାଳିଆ, ରିଙ୍କୁ ଓ ବିଦ୍ୟା, ଜ୍ୟୋତି ଆଦି କଳାକାର ଅଭିନୟ କରିଛନ୍ତି । ବିରେନ୍ ମହାପାତ୍ର ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ତୃପ୍ତି ବିଶ୍ୱାଳ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ତନୟ ହୋତା।



# ମନେ ପକାନ୍ତି ୟାମି

ୟାମି ଯେତେବେଳେ ପାଠ ପଢୁଥିଲେ ସେତେବେଳ ତାଙ୍କର ଗୋଟିଏ ଆଶା ଥିଲା। ପାଠ ପଢ଼ା ଶେଷ ହେବା ପରେ ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଥିଲେ। ହେଲେ ତାହା ସମ୍ଭବ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ଓକିଲାତି କରିବାକୁ ଅଣ୍ଟା ଭିଡିଥିଲେ ୟାମି ଗୌତମ। ସେଥିରେ ମଧ୍ୟ ସଫଳ ହୋଇ ନ ଥିଲେ ଏହି ଅଭିନେତ୍ରୀ। ଶେଷରେ ଆକ୍ଟିଂକୁ କ୍ୟାରିୟର ଭାବରେ ବାଛି ନେଇଥିଲେ। ୟାମି କିପରି ନିଜର ଟାଇମ୍ ପାସ୍ କରନ୍ତି ଜାଣନ୍ତି ? କିଛି କାମ ନ ଥିଲେ ମାଇଣ୍ଡ ଫ୍ରେସ କରିବାକୁ ତାଙ୍କର ଦରକାର କପେ ଚା’। ଏ ନେଇ ୟାମି କହନ୍ତି, ‘ମୋ ଭ୍ୟାନିଟ୍‌ରେ ସବୁବେଳେ କିଛି ପ୍ୟାକେଟ ଚା’ ଥାଏ। ପୁଣି ଚା’ ପ୍ରସ୍ତୁତ କରିବାକୁ ସରଞ୍ଜାମ ସାଙ୍ଗରେ ନେବାକୁ ଭୁଲି ନ ଥାଏ।’ ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। ‘ଚାନ୍ଦ କି ପାର୍ ଚଲୋ’ ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ ‘ଉଲ୍ଲାସ ଉତ୍ସାହ’ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହାବ୍ୟତୀତ ସେ ତାମିଲ, ତେଲୁଗୁ, ମାଲାୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ୟାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡିକ ହେଲା–‘ଭିକି ଡୋନର’, ‘ଆକ୍ସନ ଜ୍ୟାକସନ’, ‘ବାଦଲପୁର’, ‘ସନମ୍ ରେ’, ‘ସରକାର–୩’, ‘ବାଲା’, ‘ଗିନ୍ନି ୱେଡସ ସନ୍ନି’, ‘ଭୂତ ପୋଲିସ୍’ ଏବଂ ‘ଏ ଥର୍ସଡେ’। ଅନ୍ୟପକ୍ଷରେ ନିର୍ମାଣାଧୀନ ‘ଲଷ୍ଟ’ ଏବଂ ‘ଓ ମାଇଁ ଗଡ୍–୨’ରେ ତାଙ୍କୁ ଦେଖିବାକୁ ମିଳିବ।



ୟାମି

# ପରଦାରେ ‘ତୃଷ୍ଣା’

ଚଳିତ ମାସ ୧୪ ଅର୍ଥାତ୍ ଶୁକ୍ରବାର ଦିନ ପରଦାକୁ ଆସିବ ନୂଆ ଓଡ଼ିଆ ସିନେମା ‘ତୃଷ୍ଣା’। ଆମର ମ୍ୟୁଜିକ୍ ଓ ନବୀନ ଭଣ୍ଡାରୀଙ୍କ ମିଳିତ ପ୍ରଯୋଜନାରେ ସିନେମାଟି ପ୍ରସ୍ତୁତ ହୋଇଛି। ଓଡିଶାର ବିଭିନ୍ନ ପ୍ରେକ୍ଷାଳୟରେ ଏହାର ମୁକ୍ତିଲାଭ କରିବା ସହ ଭୁବନେଶ୍ୱରରସ୍ଥ ସିନେପଲିସ ଠାରେ ଏହାର ସ୍ୱତନ୍ତ୍ର ସ୍କ୍ରିନିଂ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଡା. ନିର୍ମଳ ନାୟକ ଏବଂ କୁମାରଶ୍ରୀ ସାହୁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ତେବେ ଏହାର ଗୀତଗୁଡ଼ିକ ପୂର୍ବରୁ ଆମର ମ୍ୟୁଜିକ ୟୁଟ୍ୟୁବ ଚ୍ୟାନେଲରେ ବେଶ୍ ଭାଇରାଲ ହୋଇସାରିଛି। ଏହାର ବିଭିନ୍ନ ଭୂମିକାରେ ଅଭିଷେକ ଗିରି, ଶୈଳେନ୍ଦ୍ର, ଲିପ୍ସା ମିଶ୍ର, ସୁରମୟୀ ,ସମରେଶ, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ସୁରେଶ ପଟ୍ଟନାୟକ। ଏଥିରେ ଡିଜିଟାଲ ମୁଖ୍ୟ ସୁରଜ୍ ମହାନତା, କଣ୍ଟେଣ୍ଟ ଅଧିଗ୍ରହଣ ମୁଖ୍ୟ ଦେବାଶିଷ ପଣ୍ଡା ଓ କ୍ରିଏଟିଭ ହେଡ୍ ଦାୟିତ୍ୱରେ ପ୍ରଣୟ ଜେଠୀ ଅଛନ୍ତି। ତେବେ ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ପ୍ରଯୋଜକ।



ସୁରମୟୀ

# ପ୍ରଶଂସିକା ହେବ ଏମିତି

କ୍ରିତି ସାନନ୍ ଏବେ ଜଣଙ୍କର ପ୍ରଶଂସାରେ ଶତମୁଖ। ଯୁଆଡ଼େ ଗଲେ ତାଙ୍କୁ ଭୁରି ଭୁରି ପ୍ରଶଂସା କରୁଛନ୍ତି। ହେଲେ ସେ କାହାର ପ୍ରଶଂସା କରୁଛନ୍ତି ଜାଣିବେନି ? ହଁ ସେ ହେଲେ ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାର। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ଗୋଟିଏ ପଟେ ଅକ୍ଷୟ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମାର ସେ ନାୟିକା ସାଜିବାର ଯୋଜନା ରହିଛି। ଏ ନେଇ କ୍ରିତିଙ୍କୁ ଅଫର ଦିଆଯାଇଛି, ହେଲେ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସେ ଦୁଇ ସପ୍ତାହ ସମୟ ନେଇଛନ୍ତି। ଏ ନେଇ କ୍ରିତି କହନ୍ତି, ‘‘ଯାହା କହନ୍ତୁ ନା କାହିଁକି, ଅକ୍ଷୟ କୁମାରଙ୍କ ପରି ଆକ୍ଟରଙ୍କ ସହ କାମ କରିବାରେ ସ୍ପେଶାଲ ଚାର୍ମ ରହିଛି। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ପାଇଁ ଏକ ଭିନ୍ନ ଧରଣର ଭୂମିକାଟିଏ ମିଳିଛି। ତେଣୁ ଏ ବିଷୟରେ ନିଷ୍ପତ୍ତି ନେବାକୁ ମୁଁ କିଛି ଦିନ ସମୟ ନେଇଛି। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ–ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ଅକ୍ଷୟଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି। ତାଙ୍କର ପଙ୍କଚୁଆଲିଟି ମୋତେ ସବୁଠାରୁ ବେଶି ପ୍ରଭାବିତ କରିଛି। ଏହାବ୍ୟତୀତ ତାଙ୍କର ଡେଲି ରୁଟିନ୍ ଲାଇଫକୁ ମୁଁ ଫଲୋ କରିବାକୁ ଚେଷ୍ଟା କରୁଛି।’’ ଯଦି ଏହି ଫିଲ୍ମରେ ଆକ୍ଟିଂ କରିବାକୁ କ୍ରିତି ରାଜି ହୁଅନ୍ତି, ତେବେ ଅକ୍ଷୟଙ୍କ ସହ ତାଙ୍କ ଯୋଡି ବଡ ପରଦାରେ କି କମାଲ କରିବ ତାହା ଦେଖିବାକୁ ବାକି ରହିଲା।



କ୍ରିତି

# ଡାକ୍ତରଙ୍କ ଅବତାର

ଓଡ଼ିଆ ସିନେମାର ଆଗଧାଡ଼ିର ସଂଳାପକାର, ଗୀତିକାର ଡ. ରଜନୀ ରଞ୍ଜନ ଏବେ ରୋଗୀ ସେବାରେ ମନୋନିବେଶ କରିଛନ୍ତି। ଡାକ୍ତର ସାଜି ସେ ନିଜର ଏହି ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି। ଏଭଳି ଘଟଣାଟି ତ ସତ, ହେଲେ ତାହାର ସଂଯୋଗ ଅଛି ରଜନୀଙ୍କ ରିୟଲ ନୁହେଁ, ରିଲ୍ ଲାଇଫ୍ ସହ। ନିର୍ମାଣାଧୀନ ନୂଆ ଓଡ଼ିଆ ସିନେମା ‘ହାତକଡ଼ି’ରେ ତାଙ୍କୁ ଏପରି ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଆର.ଆର.ଇଭେଣ୍ଟସ ନିବେଦିତ ତଥା ରମେଶ ବାରିକଙ୍କ ପ୍ରଯୋଜିତ ଏହି ଫିଲ୍ମର ଶୁଟିଂ ଶେଷ ହେବା ପରେ ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଏହାର ଚିତ୍ରନାଟ୍ୟ ସହ ସଂଳାପ ମଧ୍ୟ ରଚନା କରିଛନ୍ତି ରଜନୀ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଆର. ଭଗତ ସିଂ। ମୃତ୍ୟୁଞ୍ଜୟ ସାହୁ (ବାପି)ଙ୍କ ନିର୍ଦ୍ଦେଶନାରେ ଏହାର ମୁଖ୍ୟ ଭୂମିକାରେ ଜ୍ୟୋତି–ସୁପ୍ରିୟାଙ୍କୁ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ପିଣ୍ଟୁ ନନ୍ଦ, ଅଶୋକ ଦାସ, ପ୍ରଜ୍ଞା, ଶଙ୍କର, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।



‘ହାତକଡ଼ି’ ଫିଲ୍ମରେ ରଜନୀ–ସୁପ୍ରିୟା

# ଶମ୍ଭୁ

ଚଳିତବର୍ଷର ନୂଆ ସିନେମା ତାଲିକାରେ ଆଉ ଏକ ଟାଇଟଲ ଯୋଡ଼ି ହୋଇଛି। ତାହା ହେଲା ‘ଶମ୍ଭୁ’। ପ୍ରେମ, ପ୍ରତିହିଂସା ଆଉ ଆକ୍ସନକୁ ନେଇ କାହାଣୀ ଗତି କରିଛି। ଏହି ସିନେମାର ପ୍ରଯୋଜନା କରିଛନ୍ତି ନବାଗତ ବିଭୂତି ଜେନା। ଅନୁପମା ଜେନାଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି ଏସ. ଦିଲୀପ ପଣ୍ଡା। ଖାସ୍ କଥା ହେଲା, କିଛି ବର୍ଷର ଗ୍ୟାପ୍ ପରେ ସ୍ୱର ସଂଯୋଜକ ଦୀପକ କୁମାର ପୁଣି ଥରେ ବଡ଼ ପରଦାକୁ କମ୍ ବ୍ୟାକ୍ କରୁଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ‘ଆରତୀ’ ସିନେମାର ସହ ପ୍ରଯୋଜକ ଥିବା ବିଭୂତି ଅନେକ ସିନେମାର ପ୍ରଯୋଜନା ସହ ଜଡ଼ିତ ଥିଲେ। ତା’ସହ କେତୋଟି ସିନେମାରେ ସେ ମଧ୍ୟ ଅଭିନୟ କରିଛନ୍ତି। ‘ଶମ୍ଭୁ’ର ଗୀତ ରେକର୍ଡିଂ ଶେଷ ହୋଇଛି ଏବଂ କଳାକାର ଚୟନ ପ୍ରକ୍ରିୟା ଚାଲୁ ରହିଛି। ଖୁବ୍‌ଶୀଘ୍ର ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ ଦିଲୀପ। ଏହାପୂର୍ବରୁ ‘ଦିଲ୍ କା ରାଜା’, ‘ତୁ ମୋ ହୀରୋ’, ‘ତୁ ମୋ ସୁନା ଚଢ଼େଇ’ ଏବଂ ‘ତୁ ଲୈଲା ମୁଁ ମଜନୁ’ ସିନେମାରେ ରଜନୀ–ଦିଲୀପ ଯୋଡ଼ି ଏକାଠି କାମ କରି ସଫଳତା ହାସଲ କରିସାରିଛନ୍ତି।

# କମଲ୍‌ପ୍ରୀତ ୩ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

ଟୋକିଓ ୨୦୨୦ରେ ସଫଳତାର ଶିଖର ଛୁଇଁଥିବା ମହିଳା ଡିସ୍‌କସ ଥ୍ରୋୟର କମଲପ୍ରୀତ କୌରଙ୍କୁ ୩ ବର୍ଷ ବାସନ୍ଦ କରାଯାଇଛି। ତାଙ୍କ ନମୁନାରେ ନିଷିଦ୍ଧ ଶକ୍ତିବର୍ଦ୍ଧକ ପଦାର୍ଥ ଷ୍ଟାନୋଜୋଲୋଲ ମିଳିଥିବା ବେଳେ ଆଥ୍‌ଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ (ଏଆଇୟୁ) ପକ୍ଷରୁ ତାଙ୍କୁ ବାସନ୍ଦ କରାଯାଇଛି। ମାର୍ଚ୍ଚ ୨୯, ୨୦୨୨ଠାରୁ ଏହି ବାସନ୍ଦାଦେଶ ଲାଗୁ କରାଯିବ। ମାର୍ଚ୍ଚ ୭ ତାରିଖରେ ପଟିଆଲାରୁ ସଂଗୃହୀତ ନମୁନାରେ ଷ୍ଟେରଏଡ ମିଳିବା ପରେ ମେ' ମାସରେ ତାଙ୍କୁ ମୌଖିକ ଭାବରେ ବାସନ୍ଦ କରାଯାଇଥିଲା। ଷ୍ଟାନୋଜୋଲୋଲ ଏକ ଆନାବଲିକ୍ ଷ୍ଟେରଏଡ୍, ଏହାର ବ୍ୟବହାର ମାଂସପେଶୀର ଆକାର ବୃଦ୍ଧି ପାଇଁ ବ୍ୟବହୃତ କରାଯାଇଥାଏ। କମଲପ୍ରୀତ ନିଜର ବି ନମୁନା ପରୀକ୍ଷଣ ପାଇଁ ମନା କରିଥିଲେ। ହାତରୁ ଖର୍ଚ୍ଚ କରି ସେ ବି ନମୁନା ପରୀକ୍ଷଣ କରିବାକୁ ଅରାଜି ଥିବା ଏଆଇୟୁ ପକ୍ଷରୁ କୁହାଯାଇଛି। ଟୋକିଓ ଅଲିମ୍ପିକ୍ସରେ ଷଷ୍ଠ ସ୍ଥାନରେ ରହି କମଲପ୍ରୀତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ୬୫.୦୬ ମିଟରର ଥ୍ରୋ ସହିତ ଜାତୀୟ ରେକର୍ଡ ନିଜ ନାମରେ କରିଥିଲେ। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନରେ ରହିବା ସହିତ ୬୩.୭୦ ମିଟରର ଥ୍ରୋ ସହିତ ଷଷ୍ଠ ସ୍ଥାନ ହାସଲ କରିଥିଲେ। ଭାରତୀୟଙ୍କ ମଧ୍ୟରେ ଫିଲ୍ଡ ଇଭେଣ୍ଟରେ ଏହା ତୃତୀୟ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ୨୬ ବର୍ଷୀୟ କମଲପ୍ରୀତ



କମଲପ୍ରୀତ କୌର

୪ଟି ସପ୍ଲିମେଣ୍ଟ ନେଉଥିବା ବେଳେ ଏଥିରୁ ଗୋଟିଏରେ ଷ୍ଟାନୋଜୋଲୋଲ ରହିଥିଲା। ଏହି ସପ୍ଲିମେଣ୍ଟଗୁଡ଼ିକ ନ୍ୟାଶନାଲ ଡୋପ ଟେଷ୍ଟିଂ ଲାବୋରେଟୋରିରେ ପରୀକ୍ଷଣ ପରେ ମଧ୍ୟ ସମାନ ଫଳ ଆସିଥିଲା। ଏଆଇୟୁ ପକ୍ଷରୁ ତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା। ୧୦-୧୫ ଫେବୃୟାରୀ ମଧ୍ୟରେ ସେ ଏହି ସପ୍ଲିମେଣ୍ଟ ସେବନ ଆରମ୍ଭ କରିଥିଲେ। ଅଭ୍ୟାସ ସମୟରେ ସପ୍ତାହକୁ ୫ ଦିନ ସେ ଏହା ସେବନ କରୁଥିବା କମଲପ୍ରୀତ ସ୍ୱୀକାର କରିଥିଲେ। ଏହି ଷ୍ଟେରଏଡ ତାଙ୍କୁ କେମିତି ମିଳିଲା ସେ ନେଇ କୌଣସି ସ୍ପଷ୍ଟ ଉତ୍ତର ରଖି ନ ଥିଲେ। ସେପ୍ଟେମ୍ବର ୭ ତାରିଖରେ ଏଆଇୟୁ ପକ୍ଷରୁ ନୋଟିସ ଦିଆଯାଇଥିଲା। ଏହାର ୨୦ ଦିନ ପରେ କମଲପ୍ରୀତ ନିଜ ଭୁଲ ସ୍ୱୀକାର କରିଥିଲେ। ଫଳସ୍ୱରୂପ ୪ ବର୍ଷର ବାସନ୍ଦାଦେଶକୁ ୩ ବର୍ଷକୁ ହ୍ରାସ କରାଯାଇଥିଲା। ଏହା ସହ ମାର୍ଚ୍ଚ ୭ ପରଠାରୁ କମଲପ୍ରୀତଙ୍କ ନାମରେ ଥିବା ସମସ୍ତ ରେକର୍ଡକୁ ଖାରଜ କରି ଦିଆଯାଇଛି।

# ସୁଶୀଲ କୁମାରଙ୍କ ବିରୋଧରେ ଚାର୍ଜଫ୍ରେମ

**ଛତ୍ରସାଲ ଷ୍ଟାଡିୟମ ହତ୍ୟାକାଣ୍ଡ**

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

ଛତ୍ରସାଲ ଷ୍ଟାଡିୟମରେ ପୂର୍ବତନ ଜାତୀୟ ଜୁନିୟର ଚାମ୍ପିୟନ ରେସଲରଙ୍କ ହତ୍ୟା ମାମଲାରେ ଅଲିମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାରଙ୍କ ନାମରେ କୋର୍ଟ ଚାର୍ଜଫ୍ରେମ୍ କରିଛନ୍ତି। ବୁଧବାର ଦିଲ୍ଲୀର ଏକ କୋର୍ଟ ସୁଶୀଲ ଏବଂ ଅନ୍ୟ ୧୭ ଜଣ ଦୋଷୀଙ୍କ ବିରୋଧରେ ଚାର୍ଜ ଫ୍ରେମ କରିଛନ୍ତି। ଫଳରେ ଖୁବ୍‌ଶୀଘ୍ର କୋର୍ଟରେ ଏହି ମାମଲାର



ବିଚାର ଆରମ୍ଭ ହେବ। ଭାରତୀୟ ପିଙ୍ଗଳ କୋଡ୍(ଆଇପିସି)ର ବିଭିନ୍ନ ଧାରା ଅନୁସାରେ ଆଡିଶନାଲ ସେସନ୍ସ କୋର୍ଟ ବିଚାରପତି ଶିବାଜୀ ଆନନ୍ଦ ଅଭିଯୁକ୍ତଙ୍କ ନାମରେ ଚାର୍ଜଫ୍ରେମ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କ ନାମରେ ହତ୍ୟା, ଦଙ୍ଗା ଓ ଆପରାଧିକ ଷଡଯନ୍ତ୍ରର ଧାରା ଲାଗୁ କରାଯାଇଛି। ଜାତୀୟ ଜୁନିୟର ରେସଲିଂ ଚାମ୍ପିୟନ ସାଗର ଧନକରଙ୍କୁ ଏକ ସମ୍ପତ୍ତି ବିବାଦ ମାମଲାକୁ ନେଇ ସୁଶୀଲ ଓ କିଛି ବ୍ୟକ୍ତି ଛତ୍ରସାଲ ଷ୍ଟାଡିୟମରେ ଆକ୍ରମଣ କରିଥିଲେ। ମେ'୪, ୨୦୨୧ରେ ଏହି ଆକ୍ରମଣ ଘଟିଥିଲା। ପରେ ଧନକରଙ୍କ ମୃତ୍ୟୁ ଘଟିଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟରୁ ମୁଣ୍ଡରେ ଆଘାତ କାରଣରୁ ମୃତ୍ୟୁ ସ୍ପଷ୍ଟ ହୋଇଥିଲା। ମେ' ୨୩ ତାରିଖରେ ଦୁଇ ଦୁଇ ଥର ଅଲିମ୍ପିକ୍ସ ପଦକ ବିଜେତା କୁମାରଙ୍କୁ ପୋଲିସ ଗିରଫ କରିଥିଲା। ପଚରାଉଚରା ପରେ ଜୁନ ୨, ୨୦୨୧ରୁ ସେ ପୋଲିସ ହେପାଜତରେ ରହିଛନ୍ତି।

# ମ୍ୟାଚ୍ ଫିକ୍ସିଂ ପାଇଁ ୟୁଏଇ ଖେଳାଳି ଦଣ୍ଡିତ

**ମେଲବୋର୍ନ,୧୨।୧୦(ପି.ଟି.):** ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ୟୁଏଇ ଖେଳାଳି ମେହେରଦୀପ ଛାବକାରଙ୍କୁ ୧୪ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଏପ୍ରିଲ ୨୦୧୯ରେ ଏକ ଅନ୍ତର୍ଜାତୀୟ ସିରିଜ ଏବଂ କାନାଡାର ଏକ ଟି୨୦ ଫ୍ରାଞ୍ଚାଇଜ ଟୁର୍ନାମେଣ୍ଟରେ ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କ ବିରୋଧରେ ୭ଟି ଅଭିଯୋଗ ଆସିଥିବା ଆଇସିସି ପକ୍ଷରୁ ବୁଧବାର ଏକ ବିବୃତିରେ କୁହାଯାଇଛି। ୟୁଏଇ ଜାତୀୟ ଦଳର ଦୁଇ ଖେଳାଳି ମ୍ୟାଚ ଫିକ୍ସିଂ ମାମଲାରେ ବାସନ୍ଦ ହେବା ପରେ ଛାବକାରଙ୍କ ନାଁ ସାମ୍ନାକୁ ଆସିଥିଲା। ୟୁଏଇ ଟି୨୦ ଲିଗ୍‌ରେ ଉଇକେଟକିପର ବ୍ୟାଟର ଭାବରେ ଖେଳିଥିବା ଛାବକାର ୨୦୧୨ରେ ୧୯ ବର୍ଷରୁ କମ୍ ଏସିଆନ କ୍ଲବ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଛାବକାର ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତେବେ ଦୁଇଟି ମାମଲାରେ ତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇଛି। ଦୁଇ ଥର ଜାଣିଜାଣି ଖରାପ ଖେଳିଥିବା ବେଳେ ସାଥୀ ଖେଳାଳିଙ୍କୁ ପଇସା ମଧ୍ୟ ଯାଚିଥିବାର ଅଭିଯୋଗ ଆସିଥିଲା। ଏହା ସହିତ ଏପ୍ରିଲ ୨୦୧୯ରେ ଜିମ୍ବାୱେ ୟୁଏଇ ସିରିଜ୍‌ରେ ଖେଳାଳିଙ୍କୁ ଅର୍ଥ ଯାଚିବା ସହିତ କାନାଡାର ଗ୍ଲୋବାଲ ଟି୨୦ ଟୁର୍ନାମେଣ୍ଟରେ ହେରଫେର କରିବାର ଅଭିଯୋଗ ଆସିଥିଲା।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୧୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୪ ଗିରଫ

**ଖୋର୍ଦ୍ଧା ଅଫିସ,୧୨।୧୦ :** ଖୋର୍ଦ୍ଧାରେ ବଢ଼ି ଚାଲିଛି ବ୍ରାଉନସୁଗାର କାରବାର। ଖୋର୍ଦ୍ଧା ଟାଉନ ପୋଲିସ ସାନପଲ୍ଲାରେ ଚଢ଼ାଉ କରି ୧୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଲୋକ ଘଡେଇ, ଗୁରୁଜଙ୍ଗର ସୁନୀଲ କୁମାର ଦାସ, ପୁରୁସାହିର ସୁକାନ୍ତ କୁମାର ସ୍ୱାଇଁ ଓରଫ କାଳିଆ ଏବଂ ସାମନ୍ତରାପୁର ଚିତ୍ତରଞ୍ଜନ ସାହୁ ଓରଫ ଚିନ୍ତା। ଏମାନଙ୍କ ଠାରୁ ୩୭୨୦ ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ହେବ। ଏକ ପରିତ୍ୟକ୍ତ ଘରେ ବ୍ରାଉନସୁଗାର କାରବାର ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ଏନେଇ ଥାନାରେ ଏନ୍‌ଡିପିଏସ ଆକ୍ଟରେ ୨୧(ବି)/୨୯ରେ ଏକ ମାମଲା (ନଂ. ୫୦୫/୨୨) ରୁଜୁ ହୋଇଛି। ଏସପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସଡିପିଓ ଦିଲୀପ ଦାସ, ଥାନାଧିକାରୀ ତାରିକ ଅହମ୍ମଦଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ବାଇକ୍ ଜବତ, ଲୁଟେରା ଗିରଫ

**ଯାଁଳା,୧୨।୧୦(ଡି.ଏନ୍.ଏ.):** ଇଞ୍ଚୋଭ୍ୟାଲି ଥାନା ପୋଲିସ ବୁଧବାର ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଖଜୁରିପଡାର ସେକ ଆଜାଦ(୨୯)। ଅଜୁ ନିକଟରୁ ଗୋଟିଏ ଆପାଚି ବାଇକ୍ ଓ ମୋବାଇଲ ଫୋନ ଜବତ କରିଛି ପୋଲିସ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁସାରେ ପିତାପଲ୍ଲି ଗ୍ରାମର ମନୋରଞ୍ଜନ ପ୍ରଧାନ ଗତ ୧୦ ତାରିଖ ଦିନ ଘରୁ କୌଣସି କାର୍ଯ୍ୟରେ ବଜାରକୁ ଯାଉଥିଲେ। ଏହି ସମୟରେ ଦୁଇଜଣ ଲୁଟେରା ଏକ ଆପାଚି ବାଇକ୍ ଯୋଗେ ଆସି ମନୋରଞ୍ଜନଙ୍କୁ ଅଟକାଇଥିଲେ। ମାଡ଼ ମାରିବା ସହ ଧମକ ଦେଇ ତାଙ୍କଠାରୁ ମୋବାଇଲ ଓ ମନିପର୍ସ ଛଡ଼ାଇ ନେଇ ଲୁଟେରାଦ୍ୱୟ ଫେରାର ହୋଇଯାଇଥିଲେ। ଏ ନେଇ ମନୋରଞ୍ଜନ ଇଞ୍ଚୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ମୋବାଇଲ ନମ୍ବରକୁ ଟ୍ରାକିଂ କରି ମଙ୍ଗଳବାର ବାରଙ୍ଗ-ପିତାପଲ୍ଲି ରାସ୍ତାରେ ଲୁଟେରା ଅଜୁ ଠିଆ ହୋଇଥିବା ବେଳେ ପୋଲିସ କାବୁ କରିନେଇଥିଲା। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚେଷ୍ଟା ଚଳାଇଛି।

### 'ଓଡ଼ିଆ ଅକ୍ଷର ଭିତରେ ମାନସିଂହ ସତ୍ତା ରହିଛି'

**କୃଷ୍ଣପ୍ରସାଦ,୧୨।୧୦(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କବି ମାୟାଧର ମାନସିଂହଙ୍କ ଜନ୍ମ ମାଟି ନନ୍ଦଳାରେ ମଙ୍ଗଳବାର ମାନସିଂହ ସାହିତ୍ୟ ସଂସଦ ଦ୍ୱାରା ମାୟାଧର ମାନସିଂହଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗବେଷକ ଡ. ପ୍ରମୋଦ କୁମାର ଦ୍ୱିବେଦୀ ଯୋଗଦେଇ ମାୟାଧରଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ପ୍ରତ୍ୟେକ ଓଡ଼ିଆ ଅକ୍ଷର ଭିତରେ ମାନସିଂହ ସତ୍ତା ରହି ଆମକୁ ଆଶୀର୍ବାଦ କରିଛନ୍ତି। ମାନସିଂହଙ୍କ ଛାତ୍ର ଦୁର୍ଗାଚରଣ ଷଡ଼ଙ୍ଗୀ କବିଙ୍କ ସହ ବିତାଇଥିବା ସମୟର ମୁହୂର୍ତ୍ତ ଆଲୋଚନା କରିଥିଲେ। ଗବେଷକ ଡ. ଲକ୍ଷ୍ମୀନାରାୟଣ ଦାଶ ଆଧୁନିକ ସାହିତ୍ୟରେ ମାନସିଂହଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଉପଦେଷ୍ଟା ପ୍ରେମାନନ୍ଦ ବେହେରା କବି ମାୟାଧରଙ୍କ ସ୍ମୃତିଚାରଣ କରିଥିଲେ। ବିଷ୍ଣୁପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ଅୟୋଜିତ ଏହି ସଭାକୁ ସଂସଦ ସମ୍ପାଦକ ଲଳିତ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଉପଦେଷ୍ଟା ବନବିହାରୀ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ବିପିନବିହାରୀ ଦଳାଇ ମାନସିଂହଙ୍କ ବିରଳ ତଥ୍ୟକୁ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେବା ସହ ଆଗାମୀ କବିତା ଆସର ନଭେମ୍ବର ୧୩ ମାନସିଂହ ଜୟନ୍ତୀ ଉପଲକ୍ଷେ ନନ୍ଦଳାରେ କରିବାକୁ ସମ୍ପାଦକ ଘୋଷଣା କରିଥିଲେ। ଓଡ଼ିଶାର ଅନେକ କବି ମାନସିଂହଙ୍କ ରଚିତ କବିତା ପାଠ କରିଥିଲେ।

# ୨୦ ବର୍ଷ ହେଲା ସରକାରୀ ଜମି ଜବରଦଖଲ

**ଖୋର୍ଦ୍ଧା ଅଫିସ,୧୨।୧୦**

**ସରକାରୀ କର୍ମଚାରୀଙ୍କ ନାଁରେ ଅଭିଯୋଗ**

- ଅଭିଯୋଗ ସତ୍ତ୍ୱେ ତହସିଲ ପ୍ରଶାସନ ନୀରବ
- ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ, କାର୍ଯ୍ୟାନୁଷ୍ଠାନ ଦାବି

ଜଟଣୀ ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ଜଣେ କର୍ମଚାରୀ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ଧରି ଏହି କାର୍ଯ୍ୟାଳୟକୁ ଲାଗି ରହିଥିବା ମୂଲ୍ୟବାନ ସରକାରୀ ଜାଗାକୁ କବ୍‌ଜାରେ ରଖିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସମ୍ପୃକ୍ତ କର୍ମଚାରୀ ସରକାରୀ ସୁବିଧା ସୁଯୋଗ ପାଉଥିବାବେଳେ ଦୀର୍ଘଦିନ ଧରି ସରକାରୀ ଜାଗାକୁ ବେଆଇନ ଭାବେ ଦଖଲ କରି କୋଠା ନିର୍ମାଣ କରିଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ ବୋଲି ଜଟଣୀ ପ୍ରଗତି ପରିଷଦ ପକ୍ଷରୁ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଜଟଣୀ ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁର ମୌଜାର ପ୍ଲଟ ନଂ. ୧୪୩ ଓ ଖାତା ନମ୍ବର ୨୮୫ ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ ରହିଥିବା ନେଇ ଗତ ୨୦୧୩ ଜୁନ୨୫ ତାରିଖରେ ତହସିଲଦାରଙ୍କ ନିକଟରେ କେତେଜଣ ବାସିନ୍ଦା ଅଭିଯୋଗ କରିଥିଲେ। ଅନ୍ୟ ଏକ ଅଭିଯୋଗକୁ ଭିତ୍ତିକରି ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ଜଟଣୀ ତହସିଲଦାରଙ୍କ ଜରିଆରେ ମାପଚୁପ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିଭାଗୀୟ ଚିଠି ନଂ. ୩୪୬/ତା୧୨/୭/୨୦୧୩ ଏବଂ ପୁଣି ଚିଠି ସଂଖ୍ୟା ୬୮୦୮/ତା ୧୭/୬/୨୦୧୬ରେ ତହସିଲଦାରଙ୍କୁ ସୁପାରିସ କରିଥିଲେ। ପରେ ୨୦୧୭ରେ ଜଟଣୀ ପ୍ରଗତି ପରିଷଦ ଏବଂ ସ୍ଥାନୀୟ ଜନସାଧାରଣ ଏ ନେଇ ପ୍ରଶାସନ ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତଥାପି କୌଣସି ପଦକ୍ଷେପ ନିଆଗଲା ନାହିଁ। ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଜମିକୁ ସରକାରୀ କର୍ମଚାରୀ ନିଜ ଅକ୍ତିଆରରେ ରଖି ମଉଜ କରୁଥିବା ବେଳେ ପ୍ରଶାସନ କାହିଁକି ଚୁପ୍ ବସିଛି ବୋଲି ଅଭିଯୋଗକାରୀ ପ୍ରଶାନ୍ତ କୁମାର ମହାପାତ୍ର ଏବଂ ସନ୍ତୋଷ କୁମାର ହୋତା ପ୍ରଶ୍ନ କରିଛନ୍ତି। ଗୋଟିଏ ପଟେ ବେଆଇନ୍ ଭାବେ ସାଧାରଣ ଲୋକଙ୍କ କବ୍‌ଜାରେ ଥିବା ଜମିକୁ ପ୍ରଶାସନ ଉଚ୍ଛେଦ କରୁଥିବା ବେଳେ ସରକାରୀ କର୍ମଚାରୀଙ୍କ ଜବରଦଖଲରେ ଥିବା ଜମିକୁ କାହିଁକି ମୁକ୍ତ କରୁନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ୫-ଟି ସଚିବ, ଆରଡିସି, ରାଜସ୍ୱ ସଚିବଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଇଛନ୍ତି। ଅନ୍ୟପକ୍ଷରେ ଏନେଇ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି, ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।



ଆଇଏନ୍‌ଏସ୍ ଚିଲିକାରେ ନୌଚାଳନା ଅଭିଯାନରେ କଟକ ଗ୍ରୁପ କମାଣ୍ଡରଙ୍କ ନେତୃତ୍ୱରେ ପ୍ରଶିକ୍ଷଣ ନେବା ପାଇଁ ଯୋଗଦେଇଥିବା ଏନ୍‌ସିସି କ୍ୟାଡେଟମାନେ।

# ଆଇଏନ୍‌ଏସ୍ ଚିଲିକାର ନୌଚାଳନା ଅଭିଯାନ

**କୃଷ୍ଣପ୍ରସାଦ, ୧୨।୧୦(ଡି.ଏନ୍.ଏ.)**

**୨୧୦ କିମି ଅତିକ୍ରମ କରିବେ ୬୦ ଏନ୍‌ସିସି କ୍ୟାଡେଟ୍**

ଚିଲିକା ହ୍ରଦରେ ଆଇଏନ୍‌ଏସ ଚିଲିକା ପକ୍ଷରୁ ନୌଚାଳନା ଅଭିଯାନ ଗତ ୧୦ ତାରିଖରୁ ଆରମ୍ଭ ହୋଇଯାଇଛି। ରାଜ୍ୟର ପ୍ରତିଷ୍ଠିତ ସର୍ବପୁରାତନ ଅନୁଷ୍ଠାନର ନାଭାଲ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) କ୍ୟାଡେଟର ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୌଚାଳନା ସମ୍ପର୍କରେ ସବିଶେଷ ଜ୍ଞାନ ଆହରଣ କରୁଛନ୍ତି। ଚିଲିକାର ଜଳରାଶିରେ କିଭଳି ନୌକା ଚାଳନା କରାଯିବ ସେ ସମ୍ପର୍କରେ ଅଭିଜ୍ଞ କମାଣ୍ଡରମାନେ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ଅବସରରେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରୁଛନ୍ତି। କୃଷ୍ଣପ୍ରସାଦ ଗଡ଼ ଘିମୁଦା ଜେଟିରେ ବୁଧବାର ସକାଳ ୯ଟା ସମୟରେ କଟକ ଗ୍ରୁପ କମାଣ୍ଡର କର୍ନଲ ରଜନିଶ କପୁରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ପହଞ୍ଚି ଥିବା ସୂଚନା ମିଳିଛି। ଆସନ୍ତା ୨୦ ତାରିଖରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ଏହି ସମୟ ମଧ୍ୟରେ ୬୦ ଜଣ କ୍ୟାଡେଟ୍ ନୌଚାଳନାରେ ସାମିଲ ହୋଇ ଚିଲିକା ହ୍ରଦରେ ୨୧୦ କିଲୋମିଟର ଦୂରତା ଅତିକ୍ରମ କରିବେ। ଏଥିସହ କ୍ୟାଡେଟମାନେ ବିଭିନ୍ନ ପ୍ରକାର ସାମାଜିକ ସେବା କାର୍ଯ୍ୟକ୍ରମରେ ଭାଗ ନେବେ। ଅନ୍ୟପକ୍ଷେ କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଅନୁଶାସନ ଭାବନା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମ ପରିଚାଳନାରେ କମାଣ୍ଡର କିଶୋର ଚନ୍ଦ୍ର ରାଉତ, କମାଣ୍ଡର ପୀୟୁଷ ଦାସ ପ୍ରମୁଖ ସହଯୋଗ କରୁଛନ୍ତି।

### ପୋଖରୀ ପାଖରୁ ଶିଶୁକନ୍ୟା ଉଦ୍ଧାର

**ବାରଙ୍ଗ,୧୨।୧୦(ଡି.ଏନ୍.ଏ.)**

ମେଣ୍ଢାଶାଳ ଫାଣ୍ଡି ଗିରିଙ୍ଗାପୁଟ ଡାକ ପୋଖରୀ ନିକଟରୁ ବୁଧବାର ଏକ ନବଜାତକ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଗିରିଙ୍ଗାପୁଟ ଗାଁର ଗୀତା ସ୍ୱାଇଁ ଓ ଜିତେନ୍ଦ୍ର ସ୍ୱାଇଁ ବୁଧବାର ରାତିରେ ଡାକ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ଛୋଟ ପିଲାର କାନ୍ଦିବା ଶୁଣି ଥିଲେ। ଦମ୍ପତି ଟର୍ଚ୍ଚ ମାରି କାନ୍ଦ ଆସୁଥିବା ସ୍ଥାନକୁ ଯିବାରୁ ଶିଶୁକନ୍ୟାଟି କାନ୍ଦୁଥିବାର ଦେଖିଥିଲେ। ଛୁଆଟିର ପିଠିରେ ଆଞ୍ଚୁ ଥିବାରୁ ମେଣ୍ଢାଶାଳ ଡାକ୍ତରଖାନାକୁ ଆଣିଥିଲେ। ଖବରପାଇ ମେଣ୍ଢାଶାଳ ଫାଣ୍ଡି ପୋଲିସ ପହଞ୍ଚି ଶିଶୁ ସୁରକ୍ଷା ସଂସ୍ଥା ସହ ଯୋଗାଯୋଗ କରିଥିଲେ।

# ମାମଲା ରଫାଦଫା ନ କଲେ ମିଳିବନି ଦରମା

**ନିରାକାରପୁର,୧୨।୧୦(ଡି.ଏନ୍.ଏ.)**

**ଥାନା ପରିସରରେ ଗ୍ରାମରକ୍ଷୀଙ୍କ ପୁଅକୁ ମାଡ଼ ଘଟଣା**

- ପୀଡ଼ିତଙ୍କୁ ଥାନାକୁ ଡାକି ଏଏସ୍‌ଆଇଙ୍କ ଧମକ

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନାରେ ଭୋଜି ଖାଇବାକୁ ନେଇ ଜଣେ ଗ୍ରାମରକ୍ଷୀଙ୍କ ପୁଅଙ୍କୁ ଜଣେ ଏଏସ୍‌ଆଇ ମାଡ଼ ମାରିଥିବା ଘଟଣାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ମାଡ଼ ମାରିଥିବା ସମ୍ପର୍କରେ ପୀଡ଼ିତ ଏସ୍‌ପି ଓ ଏସ୍‌ଡିପିଓଙ୍କୁ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଜାଣି ଉକ୍ତ ଥାନାର ଜଣେ ଏଏସ୍‌ଆଇ ବୁଧବାର ପୀଡ଼ିତଙ୍କୁ ଥାନାକୁ ଡକାଇ ନାନା ଧମକ ଦେଇଥିବା ଅଭିଯୋଗ ହୋଇଛି। ମାମଲା ରଫାଦଫା ନ କଲେ ଦରମା ମିଳିବନି ବୋଲି ଧମକ ଦେଇଛନ୍ତି। ସୂଚନା ଅନୁଯାୟୀ, ଗ୍ରାମରକ୍ଷୀଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କ ପାଇଁ ଅସ୍ଥାୟୀ ଭାବେ ପୁଅ କାର୍ଯ୍ୟ କରୁଥିଲେ। ଦଶହରା ଦିନ ଥାନା ପରିସରରେ ଏକ ଭୋଜି ହେଉଥିବା ବେଳେ ବିଳମ୍ବ ହେବାରୁ ଯୁବକ ଜଣକ ବାହାରକୁ ଯାଇଥିଲେ। ଫେରିବାବେଳେ ଭୋଜି ସରିଯାଇଥିବାରୁ ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ପଚାରିବାରୁ ଜଣେ ଏଏସ୍‌ଆଇ ତାଙ୍କୁ ମାଡ଼ ମାରିଥିଲେ। ଏ ନେଇ ସେ ଥାନାଧିକାରିଣୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ମଙ୍ଗଳବାର ଏସ୍‌ପି ଓ ଏସ୍‌ଡିପିଓଙ୍କୁ ଅଭିଯୋଗ କରିଥିଲେ। ତେବେ ଏସ୍‌ଡିପିଓ ତଦନ୍ତ ଭାର ନେଇଥିବା ବେଳେ ବୁଧବାର ଥାନା ପକ୍ଷରୁ ଯୁବକଙ୍କୁ ଥାନାକୁ ଆସିବା ପାଇଁ ଫୋନ ଆସିଥିଲା। ଯୁବକ ନିଜ ସାଥୀରେ ରାଜ୍ୟ ଦଳିତ ମହାସଂଘର ସମ୍ପାଦିକା ପୁଷ୍ପଲତା ବେହେରାଙ୍କୁ ନେଇ ଥାନାକୁ ଯାଇଥିଲେ। ହେଲେ ଜଣେ ଏଏସ୍‌ଆଇ ଯୁବକଙ୍କୁ କହିଥିଲେ, ତୁମର ଭିଡିଓ ହେବ ଏବଂ ବିବାଦର ସମାଧାନ ହେଲା ବୋଲି କହିବା ସହ ଅଜ୍ଞାତରେ ଖବର ପ୍ରକାଶ କରାଯାଇଥିବା କହିବ। ଏଭଳି ନ କହିଲେ ତମ ଦରମା ଦିଆଯିବ ନାହିଁ ବୋଲି ଧମକ ଦେଇଥିଲେ। ହେଲେ ଏହାକୁ ଯୁବକଙ୍କ ସମେତ ଦଳିତ ମହାସଂଘ ସମ୍ପାଦିକା ବିରୋଧ କରିଥିଲେ। ଏ ନେଇ ଦଳିତ ମହାସଂଘ ସମ୍ପାଦିକା ବେହେରା କହିଛନ୍ତି, ପୀଡ଼ିତ ଯୁବକଙ୍କୁ ମାମଲା ରଫାଦଫା ପାଇଁ ଜଣେ ଏଏସ୍‌ଆଇ କହିଥିଲେ। ମୁଁ ବିରୋଧ କରିବାରୁ ଏଏସ୍‌ଆଇ ଜଣକ ମୋ ପରିଚୟ ନେଇ ଥାନାଧିକାରିଣୀ ସହ କଥା ହେବାକୁ କହିଥିଲେ। ଅନ୍ୟପଟେ ଥାନାଧିକାରିଣୀ ଅନିତା ସାହୁଙ୍କୁ ପଚାରିବାରେ ଘଟଣା ସମୟରେ ବାହାରେ ଥିବାରୁ ଅଧିକ କିଛି ଜାଣି ନ ଥିବା କହିଥିଲେ।

# ତାଲା ଭାଙ୍ଗି ୨ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ବୋଲଗଡ,୧୨।୧୦(ଡି.ଏନ୍.ଏ.)**

**ପୋଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି ଦୁର୍ବୃତ୍ତ**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। ସୋମବାର ରାତିରେ ବୋଲଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖ ୨ଟି ଘରର ତାଲାଭାଙ୍ଗି ଦୁର୍ବୃତ୍ତମାନେ ଭିତରେ ପଶି ପ୍ରାୟ ୭୦ଗ୍ରାମ ସୁନା ଅଳଙ୍କାର ସମେତ ନଗଦ ୨୨ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ମଙ୍ଗଳବାର ବୋଲଗଡ଼ ଥାନାରେ ଦୁଇ ପରିବାର ପକ୍ଷରୁ ଚୋରି ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ପୃଥକ ୨ଟି ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ୍ ସହିତ ମିଶି ବୁଧବାର ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୫୭ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ଦୁଇଘରେ ସୋମବାର ରାତିରେ କୌଣସି ଲୋକ ନଥିବା ବେଳେ ମୁଖ୍ୟ ଫାଟକରେ ତାଲା ପଡିଥିଲା। ଏହାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ମୁମତାଜ ଖାଁଙ୍କ ପାଚେରି ଡେଇଁ ଭିତରକୁ ପଶିବା ପରେ ମୁଖ୍ୟଦ୍ୱାରରେ ପଡିଥିବା ତାଲା ଭାଙ୍ଗି ଘର ଭିତରେ ପଶିଥିଲେ। ପରେ ଆଲମିରା ଓ ଲକରକୁ ପେଚକସ ମାଧ୍ୟମରେ ଖୋଲି ସେଥିରେ ଥିବା ସୁନାର ଏକ ହଳ କାନଫୁଲ ଓ ନଗଦ ୧୨ ହଜାର ଟଙ୍କା ନେଇଯାଇଛନ୍ତି। ଅନୁରୂପ ଭାବେ ନିକଟରେ ରହୁଥିବା ବିଭୂତିଭୂଷଣ ଦାସଙ୍କ ଘରର ଝରକା କାଟି ଦୁର୍ବୃତ୍ତମାନେ ଭିତରେ ପଶି ଆଲମିରା ଓ ଦୁଇଟି ଟ୍ରଙ୍କ ଭାଙ୍ଗି ଗୋଟିଏ ସୁନା ହାର, ଗୋଟିଏ ସୁନା ଚେନ, ୩ ହଳ ସୁନା କାନଫୁଲ, ଗୋଟିଏ ନାକଫୁଲ, ୪ଟି ସୁନା ମୁଦି ହଳେ, ସୁନା ପଲା ଓ ୨ହଳ ରୁପା ପାଉଁଜି ସହ ନଗଦ ୧୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ପରଦିନ ଉଭୟ ଘରର ପରିବାର ଫେରିବା ପରେ ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ବୋଲଗଡ ବ୍ଲକର କେତୋଟି ପଞ୍ଚାୟତ ବେଗୁନିଆ ଥାନା ଅଧୀନରେ ଥିବାବେଳେ ଗତ ୨ମାସ ମଧ୍ୟରେ ବାରମ୍ବାର ଚୋରି କରି ଦୁର୍ବୃତ୍ତମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି। ଏପରିକି ଧଳାପଥର ଫାଣ୍ଡି ଠଣାପଲ୍ଲୀରେ ବାରମ୍ବାର ଚୋରି ହେବାରୁ ଗ୍ରାମବାସୀ ପୋଲିସ ଉପରୁ ଭରସା ତୁଟାଇ ପାଳିକରି ଦଳ ହୋଇ ଠେଙ୍ଗା ଧରି ରାତି ପହରା ଦେଉଛନ୍ତି।

# ଅଞ୍ଚଳର ସମସ୍ୟାକୁ ଖବର ମାଧ୍ୟମରେ ସରକାରଙ୍କୁ ଜଣାଅ


ଚିଲିକା ପ୍ରେସ୍ କ୍ଲବର ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥିଙ୍କ ଗହଣରେ କ୍ଲବ ସଦସ୍ୟ।

**ବାଲୁଗାଁ,୧୨।୧୦(ଡି.ଏନ୍.ଏ.)**

**ଚିଲିକା ପ୍ରେସ୍ କ୍ଲବର ବାର୍ଷିକ ଅଧିବେଶନ**

ଖୋର୍ଦ୍ଧା ଜିଲା ଅଧୀନ ବାଲୁଗାଁ, ବାଣପୁର, ନାଚୁଣୀ ଏବଂ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଗଠିତ ଚିଲିକା ପ୍ରେସ୍ କ୍ଲବର ବାର୍ଷିକ ଅଧିବେଶନ ସ୍ଥାନୀୟ ଶ୍ରୀରାଜ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ପ୍ରକାଶ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ୪୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଅନୁଷ୍ଠିତ ବୈଠକରେ ସମଗ୍ର ଚିଲିକା ଅଞ୍ଚଳରେ ଜନସାଧାରଣ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ସବିଶେଷ ଆଲୋଚନା କରାଯାଇ ପ୍ରତ୍ୟେକ ସଦସ୍ୟ ନିଜ କଲମ ମୁନରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ଏଥିସହ କ୍ଲବର ଉତ୍ତରୋତ୍ତର ଉନ୍ନତି ପାଇଁ ସମସ୍ତ ସଦସ୍ୟ ଭାଇଚାରା ମନବୃତ୍ତି ନେଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ଯଦି କେହି କଣ୍ଠରୋଧ କରିବା ପାଇଁ ପ୍ରୟାସ କରେ ସେ କ୍ଷେତ୍ରରେ ସଂଘ ଏକତ୍ରିତ ହୋଇ ଉଚିତ ଜବାବ ଦେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହ ବିଭିନ୍ନ ଜନହିତକର କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଆଗାମୀ ଦିନରେ ସଂଘକୁ ସୁଦୃଢ଼ ନିମନ୍ତେ ବିଭିନ୍ନ କାର୍ଯ୍ୟାବଳୀ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ନୂତନ ଭାବେ କ୍ଲବ୍‌ରେ ଯୋଗ ଦେଇଥିବା ୧୫ଜଣ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କ୍ଲବର ଉପଦେଷ୍ଟା ନରସିଂହ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ ମନୋଜ ନାଇଡୁ ଧନ୍ୟବାଦ ଦେଇଥିଲେ।

# କଠିନ ପରିଶ୍ରମର ମୂଲ୍ୟ ପାଇଛି : ସବିତା

**ଖୋର୍ଦ୍ଧା ଅଫିସ,୧୨।୧୦**

**ଓସିଏସ୍ ପରୀକ୍ଷାରେ ମିଳିଛି ସଫଳତା**



ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷା-୨୦୨୦ର ଫଳାଫଳ ପ୍ରକାଶ ପାଇଛି। ଏଥିରେ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନନ୍ଦପୁର ଗ୍ରାମର ସବିତା ଦଳେଇ ୨୭୩ ର୍‍ୟାଙ୍କରେ ରହିଛନ୍ତି। ସବିତାଙ୍କ ପିତା ଗଣେଶ ଦଳେଇ ଜଣେ ବ୍ୟବସାୟୀ ଏବଂ ମାଆ ରଜନୀ ଗୃହିଣୀ। ସେ ଗାଁ ସ୍କୁଲରୁ ମାଟ୍ରିକ ଓ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ସ୍ନାତକରେ ଉତ୍ତୀର୍ଣ୍ଣ ହେବା ପରେ ଖୋର୍ଦ୍ଧା ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ଅଛନ୍ତି। ୨୦୧୯ରେ ସେ ଓସିଏସ୍ ପରୀକ୍ଷା ଦେଇ ଅସଫଳ ହୋଇଥିବା ବେଳେ ସମ୍ପ୍ରତି ଏହି ସଫଳତା ହାସଲ କରିଛନ୍ତି। ସବିତାଙ୍କ ତିନି ଭଉଣୀ ବର୍ତ୍ତମାନ ପ୍ରଶାସନିକ ସେବାରେ କାର୍ଯ୍ୟରତ ଅଛନ୍ତି। କଲେଜ ପାଠପଢା ସମୟରେ ତାଙ୍କର ପ୍ରଶାସନିକ ସେବା ପ୍ରତି ଆଗ୍ରହ ବଢିଥିଲା। ସଫଳତାରେ ସେ ଖୁବ୍ ଖୁସି ବୋଲି କହିବା ସହ ଏଥିଲାଗି ଭଗବାନଙ୍କ ଆଶୀର୍ବାଦ, ପରିବାର ଏବଂ କାର୍ଯ୍ୟାଳୟ କର୍ମଚାରୀଙ୍କ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି। ମହିଳା ଓ ଶିଶୁ ବିଭାଗ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସେ ଆଗ୍ରହ ରଖିଛନ୍ତି। ଆଗକୁ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଥିବା ସବିତା କହିଛନ୍ତି। ସାକ୍ଷାତକାର ସମୟରେ ମୁଁ ଟିକିଏ ନର୍ଭସ ହୋଇପଡ଼ିଥିଲି। ମୋର ଜିଓଗ୍ରାଫି ଓ ହୋମ ସାଇନ୍ସ ବିଷୟ ରହିଥିବାରୁ ପ୍ରାୟତଃ ବିଷୟଗତ ପ୍ରଶ୍ନ ପଚରାଯାଇଥିଲା। ଅଶୀ ପ୍ରତିଶତ ପ୍ରଶ୍ନର ଉତ୍ତର ଦେଇଥିଲି। ସରକାରୀ ଚାକିରି ସହିତ ପ୍ରସ୍ତୁତି ଜାରି ରଖିଥିଲି। ଯେତେବେଳେ ସମୟ ମିଳୁଥିଲା, ଅନଲାଇନ ପାଠପଢା ଉପରେ ଗୁରୁତ୍ୱ ଦେଉଥିଲି। ଅନେକ ରାତି ଉଜାଗର ରହି ପରିଶ୍ରମ କରିଛି। କଠିନ ଅଧ୍ୟବସାୟ, ନିରନ୍ତର ପ୍ରୟାସ ଓ ନିଷ୍ଠା ରହିଲେ ସଫଳତା ନିଶ୍ଚୟ ମିଳିବ। ତେବେ ସେଥିଲାଗି ଧୈର୍ଯ୍ୟ ଆବଶ୍ୟକ। ପ୍ରଥମ ଅସଫଳତାରେ ଭାଙ୍ଗି ନ ପଡ଼ି ପୁଣି ନିଜକୁ ପ୍ରସ୍ତୁତ କରି ଆଗେଇବାକୁ ପଡ଼ିବ ବୋଲି ସବିତା ପ୍ରକାଶ କରିଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ସରଳାପଦର ପୁଷ୍କରିଣୀ

**ବାଲୁଗାଁ,୧୨।୧୦(ଡି.ଏନ୍.ଏ.)**

ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧୧ନଂ. ୱାର୍ଡ଼ ସରଳାପଦର ଗ୍ରାମ ସଂଲଗ୍ନ ତଥା ୫ନଂ ଜାତୀୟ ରାଜପଥ ପାର୍ଶ୍ୱ ରହିଥିବା ବହୁ ପୁରାତନ ପୁଷ୍କରିଣୀଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ପୁଷ୍କରିଣୀର ଚତୁଃପାର୍ଶ୍ୱରେ ବିଭିନ୍ନ ଅନାବନା ଗଛ ଉଠିଯାଇଥିବା ବେଳେ ଦଳରେ ପରିପୂର୍ଣ୍ଣ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏହି ପୁଷ୍କରିଣୀଟି ଗ୍ରାମବାସୀଙ୍କ ଆବଶ୍ୟକରେ ଆସୁଥିବାରୁ ଏହାକୁ ପୁନରୁଦ୍ଧାର କରାଯାଉ ବୋଲି ସାଧାରଣରେ ଦାବି ହୋଇଛି।


ଦଳରେ ପରିପୂର୍ଣ୍ଣ ହୋଇଥିବା ସରଳାପଦର ପୋଖରୀ।

ପ୍ରକାଶ ଯେ, ସରଳାପଦର ଗ୍ରାମକୁ ପ୍ରବେଶ ରାସ୍ତା ପାର୍ଶ୍ୱରେ କେଉଁ ଆବାହନ କାଳରୁ ଏହି ପୋଖରୀଟି ରହିଅଛି। ଉକ୍ତ ଗ୍ରାମ ଏବଂ ସ୍ଥାନୀୟ ଅଧିବାସୀ ସମେତ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଉକ୍ତ ପୋଖରୀରେ ସ୍ନାନାଦି କାର୍ଯ୍ୟ କରିଥାନ୍ତି। ଏଥି ସହିତ ଶୁଦ୍ଧକ୍ରିୟା ଆଦି କାର୍ଯ୍ୟ ପାଇଁ ଉକ୍ତ ପୋଖରୀ ଉପରେ ଲୋକେ ନିର୍ଭର କରନ୍ତି। କିନ୍ତୁ କିଛି ମାସ ହେଲା ପୋଖରୀ ଚତୁଃପାର୍ଶ୍ୱରେ ଅନାବନା ବୃକ୍ଷ ମାଡ଼ି ଯିବା ସହ ଦଳରେ ସମ୍ପୂର୍ଣ୍ଣ ଆଚ୍ଛାଦିତ ହୋଇପଡ଼ିଛି। ଯାହାକି ପୋଖରୀରେ ସ୍ନାନ କରିବା ତ ଦୂରର କଥା ପ୍ରବେଶ କରିବା ସମ୍ଭବପର ନୁହେଁ। ଦଳ ପଚିସଢ଼ି ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବାସହ ଗ୍ରାମବାସୀଙ୍କୁ ଡେଙ୍ଗୁ, ମ୍ୟାଲେରିଆ ଆଦି ମାରାତ୍ମକ ରୋଗର ସଂକ୍ରମଣ ହେବାର ଆଶଙ୍କା ରହିଛି। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ଗ୍ରାମବାସୀ ଏଦିଗରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି କରୁଥିଲେ ମଧ୍ୟ ଉକ୍ତ ପୁଷ୍କରିଣୀର ପୁନରୁଦ୍ଧାର ତଥା ସ୍ଥାୟୀ ନିରାକରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅତିଶୀଘ୍ର ଏଥିପ୍ରତି ଗୁରୁତ୍ୱ ଦେଇ ଏହି ପୁଷ୍କରିଣୀର ପୁନରୁଦ୍ଧାର ସହ ଉନ୍ନତିକରଣ କରା ନ ଗଲେ ଆଗାମୀ ଦିନରେ ସରଳାପଦର ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଶୁଣାଇଛନ୍ତି।

**ଶୀଘ୍ର ପୁନରୁଦ୍ଧାର ନ ହେଲେ ଆନ୍ଦୋଳନ ଚେତାବନୀ**

## ବାଇକ୍ ଧକ୍କାରେ ଜଣେ ମୃତ

ଟିଗିରିଆ,(ଡି.ଏନ.ଏ): ଟିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତ ଛକଠାରେ ବୁଧବାର ସକାଳେ ସଡ଼କ ଦୁର୍ଘଟଣାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ବାଲିପୁଟ ପଞ୍ଚାୟତ ଅନ୍ତର୍ଗତ ବିରିପୁଟ ଗ୍ରାମର ପ୍ରମୋଦ ପଣ୍ଡା କ୍ଷୀର ଦେଇସାରି ଫେରୁଥିବା ବେଳେ ବିନ୍ଧାଣିମା ପଞ୍ଚାୟତ ଛକଠାରେ ନରସିଂହପୁରରୁ କଟକ ଯାଉଥିବା ମୋଟର ସାଇକେଲ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ପ୍ରଥମେ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟିଗିରିଆ ପୋଲିସ ବାଇକ୍ ଓ ସାଇକେଲକୁ ଜବତ କରି ମାମଲା ୧୯୮/୨୨ ରୁଜୁ କରିଥିବା ଥାନା ଆଇଆଇସି ସୁଚିତ୍ରା ଜେନା କହିଛନ୍ତି।

**ସଂକ୍ଷେପରେ**

## ପଦ୍ମବନପୀଠ କଳ୍ପବଟରେ କଅଁଳିଲା ପତ୍ର



ନିଶ୍ଚିନ୍ତକୋଇଲି,୧୨।୧୦ (ସ୍ୱ.ପ୍ର.): ଭବିଷ୍ୟ ମାଳିକାକାର ତଥା ପଞ୍ଚସଖା ଯୁଗର ବରେଣ୍ୟ ପ୍ରତିଭା ମହାପୁରୁଷ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପୀଠର ଚତୁଃପାର୍ଶ୍ୱରେ କାହିଁ କେତେବର୍ଷ ତଳୁ ବିଭିନ୍ନ ପ୍ରଜାତିର ବଟବୃକ୍ଷ ରହିଆସିଛି। ଏପରିକି ମହାପୁରୁଷଙ୍କ ପୀଠ ବଟବୃକ୍ଷ ମୂଳେ ସ୍ଥାପିତ ହୋଇଛି। ସେପ୍ଟେମ୍ବର ମାସରେ ମହାପୁରୁଷଙ୍କ ପଦ୍ମବନ ପୀଠ ଚତୁଃପାର୍ଶ୍ୱରେ ଥିବା ବଟବୃକ୍ଷଗୁଡିକ ପତ୍ରଶୂନ୍ୟ ହୋଇପଡିଥିଲା। ଏନେଇ ମାଳିକାକାରମାନେ ନାନା ମତ ଦେବା ସହ ପତ୍ରଝଡାକୁ ନେଇ ବହୁ ଚର୍ଚ୍ଚା ହୋଇଥିଲା। ଏପରିକି ପ୍ରଶାସନ ପୀଠର ଚତୁଃପାର୍ଶ୍ୱକୁ ସିଲ କରି ଉଦ୍ୟାନ ବିଭାଗ ଅଧିକାରୀଙ୍କ ପରାମର୍ଶ କ୍ରମେ ଦମକଳ ବାହିନୀ ସହାୟତାରେ ସମସ୍ତ ବଟବୃକ୍ଷରେ ଔଷଧ ସିଞ୍ଚନ କରାଯାଇଥିଲା। ଏବେ ପତ୍ର କଅଁଳି ସମଗ୍ରପୀଠ ସବୁଜିମାରେ ଭରିଯାଇଛି। ତବେ ବୃକ୍ଷରେ ପତ୍ର କଅଁଳିବା ଓ ଝଡ଼ିବା ପ୍ରକୃତିର ଏକ ପ୍ରକ୍ରିୟା ବୋଲି ହେତୁବାଦୀମାନେ ମତବ୍ୟକ୍ତ କରୁଥିବା ବେଳେ ମହାପୁରୁଷଙ୍କ ଆଜ୍ଞାରେ ସବୁ ହେଉଥିବା ଭକ୍ତମାନେ ପ୍ରକାଶ କରିଛନ୍ତି।

## ବାଙ୍କୀ ଯୁବ କଂଗ୍ରେସ କମିଟି ପୁର୍ନଗଠିତ

ବାଙ୍କୀ,୧୨।୧୦ (ସ୍ୱ.ପ୍ର): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡଃ.ସ୍ମୃତିରଞ୍ଜନ ଲେଙ୍କା ବାଙ୍କୀ ବିଧାନସଭା ଯୁବ କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା ଘୋଷଣା କରିଛନ୍ତି। ସଭାପତି ଭାବେ ବିଭୂତି ଭୂଷଣ ଦଳସିଂହରାୟ, କାର୍ଯ୍ୟକାରୀ ସଭାପତି ଭାବେ ସୋମନାଥ ପଣ୍ଡା ଏବଂ ଚିତ୍ତରଞ୍ଜନ ସାମନ୍ତ, ଉପସଭାପତି ଭାବେ ଚିନ୍ମୟ ରଞ୍ଜନ ଚୌଧୁରୀ ଓ ନିରଞ୍ଜନ ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଡମପଡ଼ା ବ୍ଲକ ଯୁବ କଂଗ୍ରେସ ସଭାପତି ସୂର୍ଯ୍ୟନାରାୟଣ ସ୍ୱାଇଁ ଉପସଭାପତି ନିର୍ମଳ ନାୟକ, ଆକାଶ ବେଉରାଙ୍କୁ ରାଜ୍ୟ ସଭାପତି ଡଃ.ଲେଙ୍କା ନିଯୁକ୍ତ କରିଛନ୍ତି।

## ମହିଳା ସାମାଜିକ କର୍ମୀଙ୍କ ପରଲୋକ

ବାଙ୍କୀ,୧୨।୧୦ (ସ୍ୱ.ପ୍ର): ବାଙ୍କୀ ଏନ୍ଏସି ଅନ୍ତର୍ଗତ ଖମାରଙ୍ଗ ଗ୍ରାମର ମହିଳା



ସାମାଜିକ କର୍ମୀ ଚଞ୍ଚଳି ବେହେରାଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୭ବର୍ଷ ବୟସ ହୋଇଥିଲା। ସେ ବାଙ୍କୀ ଆଦିବାସୀ ହରିଜନ କଲ୍ୟାଣ ପରିଷଦର ସମ୍ପାଦକ କେଶବ ଚନ୍ଦ୍ର ବେହେରାଙ୍କ ମାତା ଅଟନ୍ତି। ଜ୍ୟେଷ୍ଠପୁତ୍ର କେଶବ ଚନ୍ଦ୍ର ବେହେରା ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ତାଙ୍କର ୫ ପୁଅ କେଶବ, ଶିବ, ଗୋବିନ୍ଦ, ବିଜୟ ଓ ଗୋପାଳଙ୍କ ସମେତ ବୋହୂ, ଝିଅ, ନାତିନାତୁଣୀମାନେ ଉପସ୍ଥିତ ଥିଲେ।

## ଶିକ୍ଷୟିତ୍ରୀ କୁସୁମ ଖଟୁଆଙ୍କ ଶ୍ରଦ୍ଧାଞ୍ଜଳି ସଭା

ଫୁଲନଖରା,୧୨।୧୦(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ୪ନଂ. ୱାର୍ଡସ୍ଥିତ ନଖରା ଗ୍ରାମ ବିଶ୍ୱକେଶନ ଭବନରେ ଶିକ୍ଷୟିତ୍ରୀ କୁସୁମ କୁମାରୀ ଖଟୁଆଙ୍କ ଚତୁର୍ଦ୍ଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ସହଯୋଗ ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ସାମାଜିକ କର୍ମୀ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, କେନ୍ଦ୍ରୀୟ ଜଳ ବିଦ୍ୟୁତ୍ ନିଗମର ପୂର୍ବତନ ଅଧକ୍ଷ ସହଦେବ ଖଟୁଆ, ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତି, ପ୍ରଦୀପ ମିଶ୍ର, ଗାୟକ ଆହ୍ଲାଦ ସୁରେନ୍ଦ୍ର ଛୋଟରାୟ, ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ, ବିଷ୍ଣୁ ଚରଣ ପାଢ଼ୀ, ସାମ୍ବାଦିକ ଲଳିତ କୁମାର ଦାଶ, ନିବେଦିତା ଖଟୁଆଙ୍କ ସହ ଅନ୍ୟମାନେ ଯୋଗଦେ କୁସୁମଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷା, ସଂସ୍କୃତି, ସମାଜ ସେବା କ୍ଷେତ୍ରରେ କୁସୁମଙ୍କ ବିଶେଷ ଅବଦାନ ଥିଲା ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଭଜନ ସନ୍ଧ୍ୟା, ନାମ ସଂକୀର୍ତ୍ତନ ହୋଇଥିଲା।

# କୋଭିଡ୍ ହସ୍ପିଟାଲ ହେଉ ଟ୍ରମା କେୟାର ସେଣ୍ଟର

ନିଶ୍ଚିନ୍ତକୋଇଲି, ୧୨।୧୦(ସ୍ୱ.ପ୍ର)

ଦୁଇ ବର୍ଷରୁ ଉର୍ଦ୍ଧ୍ୱ କରୋନା ମହାମାରୀ ସମଗ୍ର ବିଶ୍ୱକୁ ଆତଙ୍କିତ କରି ରଖିଥିବା ବେଳେ ଗତ ୯ରୁ୧୦ ମାସ ହେବ ଏହାର ପ୍ରକୋପ ହ୍ରାସ ପାଇଛି। ସ୍ୱାଭାବିକ ହୋଇଛି ଜୀବନ ଯାତ୍ରା। କିନ୍ତୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ କୋଭିଡ ହସ୍ପିଟାଲ କାର୍ଯ୍ୟକ୍ଷମ ନ ହେବାରୁ ସରକାରୀ ଅର୍ଥ ପାଣିରେ ପଡ଼ିବା ସଦୃଶ ହୋଇଛି। ଏପରି ଏକ ନଜିର ରହିଛି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପରିସରରେ। ୧୦ ମାସ ତଳେ ଲୋକାର୍ପିତ ହୋଇଥିବା କୋଭିଡ ହସ୍ପିଟାଲ କାର୍ଯ୍ୟକ୍ଷମ ନ ହୋଇ ପଡିରହିଛି। ଏହି ହସ୍ପିଟାଲକୁ ସାଧାରଣ ହସ୍ପିଟାଲ ତଥା ଟ୍ରମା କେୟାର ସେଣ୍ଟର ଭାବେ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି।

ସୂଚନା ଅନୁଯାୟୀ, କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କୋଭିଡ ହସ୍ପିଟାଲ ଜାନୁୟାରୀ ୭ରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଏବଂ କଟକ ଜିଲାପାଳ ଭବାନି ଶଙ୍କର ଚଇନି ଲୋକାର୍ପଣ କରିଥିଲେ। ଆମେରିକାନ ଇଣ୍ଡିଆନ ଫାଉଣ୍ଡେଶନ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ



ହସ୍ପିଟାଲରେ ପଡ଼ିଥିବା ଶଯ୍ୟା।

**୧୦ ମାସ ପରେ ବି ହୋଇପାରିନି କାର୍ଯ୍ୟକ୍ଷମ**

ଏହି ପୋର୍ଟେବୁଲ ହସ୍ପିଟାଲ ପାଇଁ ୧ କୋଟି ୨୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ବ୍ଲକ ପକ୍ଷରୁ ହସ୍ପିଟାଲ ଚତୁଃପାର୍ଶ୍ୱ ତଥା ଭିତ୍ତିଭୂମିର ବିକାଶ ପାଇଁ ୬୦ ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ତେବେ ବାକିଆ ଟଙ୍କା ଅଦ୍ୟାବଧି ବିନିଯୋଗ ହୋଇନାହିଁ କିମ୍ବା ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଯଦି ଭିତ୍ତିଭୂମି ସମ୍ପୂର୍ଣ୍ଣ ବିକଶିତ ହୋଇ ନ ଥିଲା, ତେବେ କାହିଁକି ଏହାକୁ ଲୋକାର୍ପଣ କରାଯାଇଥିଲା ବୋଲି ପ୍ରଶ୍ନ ଉଠିଛି। ଉକ୍ତ ହସ୍ପିଟାଲରେ ୮ ଆଇସିୟୁ ବେଡ, ୨୬ ଅକ୍ସିଜେନ ବେଡ, ୬୬ ସାଧାରଣ ବେଡ ଓ ୨ ଡାକ୍ତର ଚାମ୍ବର ରହିଛି। ହସ୍ପିଟାଲଟି ବିଦ୍ୟୁତକରଣ ହୋଇଥିବା ବେଳେ ପାନୀୟ ଜଳ ପରିମଳ, ପରୀକ୍ଷା ନିରୀକ୍ଷା ପାଇଁ ଲାବୋରେଟୋରି ଓ ସୁରକ୍ଷା ପାଇଁ ପାଚେରି କାର୍ଯ୍ୟ ଅଧାପାନ୍ତରିଆ ହୋଇରହିଛି। ଏହି ଡାକ୍ତରଖାନାଟି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତତ୍ତ୍ୱାବଧାନରେ ଥିଲେ ହେଁ ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଭୂତକୋଠିରେ ପରିଣତ ହେବାକୁ ବସିଲାଣି। ହସ୍ପିଟାଲରେ ଆମେରିକାନ ଇଣ୍ଡିଆନ ଫାଉଣ୍ଡେଶନ ପକ୍ଷରୁ ଗୃହ ଓ ଆନୁଷଙ୍ଗିକ ଜିନିଷପତ୍ର ମହଜୁଦ ଥିଲେ ହେଁ ଏହା ସାଧାରଣ ଲୋକଙ୍କ କୌଣସି କାମରେ ଆସୁନାହିଁ। କଟକ-ଚାନ୍ଦବାଲି ରାସ୍ତାରେ ଦୈନନ୍ଦିନ ଦୁର୍ଘଟଣା ଘଟୁଛି। କେନ୍ଦ୍ରାପଡ଼ାରୁ କଟକ ମଧ୍ୟରେ କୌଣସି ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଦ୍ରୁତ ସେବା କିମ୍ବା ଟ୍ରମା କେୟାର ସେଣ୍ଟର ନ ଥିବାରୁ ଏହି କୋଭିଡ ହସ୍ପିଟାଲକୁ ସରକାର ରୂପାନ୍ତରଣ କରିବାକୁ ସାଧାରଣରେ ଦାବି ହୋଇଛି।

**ଏମାନେ କୁହନ୍ତି**

"କୋଭିଡ ପାଇଁ ଏହି ହସ୍ପିଟାଲ ହୋଇଥିଲା। କୋଭିଡ ଭୟାବହ କମିବା ପରେ ସରକାର ଏହାକୁ କିପରି କାର୍ଯ୍ୟକରିବେ ସେ ନେଇ କୌଣସି ସୂଚନା ଦେଇନାହାନ୍ତି। ହସ୍ପିଟାଲର ପାରିପାର୍ଶ୍ୱିକ କାର୍ଯ୍ୟ ବାକି ରହିଛି। ସରକାରଙ୍କ ନିର୍ଦ୍ଦେଶ ଆସିଲେ ପରବର୍ତ୍ତୀ ବ୍ୟବ୍ୟସ୍ଥା ଗ୍ରହଣ କରାଯିବ।

**ଡା. ଅମିତ ଜେନା, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ନିଶ୍ଚିନ୍ତକୋଇଲି**

"ଉକ୍ତ ହସ୍ପିଟାଲର ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ସ୍ୱାସ୍ଥ୍ୟବିଭାଗ ଓ ସିଡିଏମଓଙ୍କୁ ଅବଗତ କରାଯାଇଛି । ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କୌଣସି ସ୍ପଷ୍ଟୀକରଣ କିମ୍ବା ନିର୍ଦ୍ଦେଶନାମା ଦେଇନାହାନ୍ତି। ବିଭାଗୀୟ ନିର୍ଦ୍ଦେଶ ଆସିଲେ ପଦକ୍ଷେପ ନିଆଯିବ।

**ଭବାନୀ ଶଙ୍କର ଚଇନି, ଜିଲାପାଳ କଟକ**

"କୋଭିଡ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ସରକାର ଏହାର ସୁବିନିଯୋଗ କରିବା ଆବଶ୍ୟକତା ରହିଛି। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହି ଏହାକୁ ଏକ ଟ୍ରମା କେୟାର ସେଣ୍ଟର କିମ୍ବା ଜରୁରୀକାଳୀନ ସେବା ନିମନ୍ତେ କାର୍ଯ୍ୟକ୍ଷମ କରାଇଲେ ବହୁ ଲୋକ ଉପକୃତ ହୋଇପାରିବେ।

**ରମେଶ ଚନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ**

## ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଲା କିଟ୍

**ଟାଇମ୍ସ ହାୟର ଏଜୁକେଶନ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍-୨୦୨୩**

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ଟାଇମ୍ସ ହାୟର ଏଜୁକେଶନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍-୨୦୨୩ ବୁଧବାର ପ୍ରକାଶ ପାଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିବା ସହ ଉପରକୁ ଉଠିଛି। ପୂର୍ବବର୍ଷ କିଟ୍ ୮୦୧+ ସ୍ଥାନରେ ରହିଥିବାବେଳେ ଏବର୍ଷ ୨ଶହ ର୍‍ୟାଙ୍କ ଉନ୍ନୀତ ହୋଇ ସମଗ୍ର ବିଶ୍ୱର ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ୬୦୧+ ସ୍ଥାନ ପାଇଛି। ଏଥିସହ ଦେଶର ପୂର୍ବାଞ୍ଚଳ ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କିଟ୍ ପ୍ରଥମ ସ୍ଥାନରେ ରହିଛି। ଶୈକ୍ଷିକ ପରିବେଶ, ଗବେଷଣା, ଆବୃତ୍ତି, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ଇଣ୍ଡଷ୍ଟ୍ରି ଇନ୍‌କମ୍ ଆଦି ମାନଦଣ୍ଡକୁ ନେଇ ଟାଇମ୍ସ ହାୟର ଏଜୁକେଶନ୍ ପକ୍ଷରୁ ବିଶ୍ୱର ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ନେଇ ଏହି ର୍‍ୟାଙ୍କ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ କିଟ୍ ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ସଫଳତା ମିଳିଥିବାରୁ କିଟ୍‌ର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ଖୁସି ଭରିଦେଇଛି। ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମିଳିତ ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା





ଆଠଗଡ଼ ସଠିଲୋ ପଞ୍ଚାୟତରେ ବିଜେଡି ପକ୍ଷରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

ଆଠଗଡ଼/ଟିଗିରିଆ, ୧୨।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)

ଆଠଗଡ଼ ବ୍ଲକ ବିଜେଡି ପକ୍ଷରୁ ୧ନଂ ଜୋନ୍ ସଠିଲୋ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଠିଲୋ ଗ୍ରାମ ଶିବ ମନ୍ଦିରଠାରୁ ପଦଯାତ୍ରା ଆରମ୍ଭ ହୋଇ ବାସୁଦେବପୁର, କୁଆଁଳ, ବାଇଧରପାଟଣା, ତାଳବସ୍ତ ଦେଇ କୋରଙ୍ଗା ଗ୍ରାମ ମଙ୍ଗଳା ମନ୍ଦିର ନିକଟରେ ପହଞ୍ଚିଥିଲା। ବ୍ଲକ ବିଜୁ ଜନତା ଦଳ ସଭାପତି ରବୀନ୍ଦ୍ରନାଥ ରାଉତ, ଆଠଗଡ଼ ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଘଡ଼େଇ, ପୂର୍ବତନ କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ସରପଞ୍ଚ ବୀଣାପାଣି ପରିଡା, ସମିତି ସଭ୍ୟ ସୁବାସ ଚନ୍ଦ୍ର ପାଳ, ସଠିଲୋ ପଞ୍ଚାୟତ ବିଜେଡି ସଭାପତି ବାଉରିବନ୍ଧୁ ପାଳ, ପୂର୍ବତନ ସମିତି ସଭ୍ୟ ବିନୋଦ ମହାନ୍ତି, ପୂର୍ବତନ ସରପଞ୍ଚ ମିଥୁନ ସ୍ୱାଇଁ, ଛାତ୍ର ସଭାପତି ସତ୍ୟପ୍ରିୟ ମହାନ୍ତି, ଛାତ୍ର ନେତା ଭାଗୀରଥି ପ୍ରଧାନ, ସରପଞ୍ଚଙ୍କ ପ୍ରତିନିଧି ପ୍ରସନ୍ନ ପରିଡା ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଟିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ଭୀରୁଡ଼ାଠାରେ 'ଓଡିଶା ମୋ ପରିବାର' ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ଗ୍ରାମଠାରୁ ବ୍ଲକ ବିଜେଡି ସଭାପତି ଅଜିତ ଧୀର ଓ ପଞ୍ଚାୟତ ସଭାପତି ବୈକୁଣ୍ଠ ନନ୍ଦୀଙ୍କ ନେତୃତ୍ୱରେ ପଦଯାତ୍ରା ବାହାରିଥିଲା। ମୁଖ୍ୟ ଅତିଥି ଭାବେ ନୃସିଂହ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ଉନ୍ନତିମୂଳକ ଯୋଜନା ବିଷୟରେ ଅବତାରଣା କରିଥିଲେ। ମହିଳା ବିଜେଡି ସଭାନେତ୍ରୀ ରୂପା ଦଳେଇ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ସସ୍ମିତା ବେହେରା, ପୀତବାସ ପ୍ରଧାନ, ସାହାଦତ ଖାଁ ଓ ପଞ୍ଚାୟତ ମହିଳା ଗୋଷ୍ଠୀର ସଭ୍ୟାମାନେ ଯୋଗ ଦେଇଥିଲେ। ସେହିପରି ବ୍ଲକ ଅନ୍ତର୍ଗତ ଭୀରୁଡ଼ା ପଞ୍ଚାୟତର ମହାଶ୍ୟାମଳା ନୋଡାଲ ବିଦ୍ୟାଳୟଠାରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୦୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଡିଜିଟାଲ ସମ୍ପାଦକ ଆଶିଷ କହଁର, ସରପଞ୍ଚ ବେଣୁଧର ସାହୁ, ସମିତି ସଭ୍ୟ ଧନେଶ୍ୱର ରଣା ସହଯୋଗ କରିଥିଲେ।

## ଓସିଏସ୍ ପାଇଥିବା ସତ୍ୟଶାନ୍ତିଙ୍କୁ ସମ୍ବର୍ଦ୍ଧନା

ଟିଗିରିଆ, ୧୨।୧୦ (ଡି.ଏନ.ଏ)

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ଲାଭ କରି ଟିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତ ପାଇଁ ଗୌରବ ଆଣିଛନ୍ତି ସତ୍ୟଶାନ୍ତି ମାଝି। ଏହି ସଫଳତା ପାଇଁ ବୁଧବାର ତାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ସରପଞ୍ଚ ରୋଜାଲିନ ବଳିୟାର ସିଂହ ଓ ସମିତି ସଭ୍ୟ ଝିପି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତ୍ୟଶାନ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟଶାନ୍ତି ଆଇନଜୀବୀ ଦୁର୍ଗାଚରଣ ମାଝି ଓ ଶିକ୍ଷୟିତ୍ରୀ ପ୍ରମିଳାଙ୍କ ପୁତ୍ର। ସେ ୧୧୨ ନମ୍ବର ସ୍ଥାନ ହାସଲ କରିଛନ୍ତି। ଓୟୁଏଟିରୁ ଉଦ୍ଭିଦ ବିଜ୍ଞାନ ସମ୍ମାନରେ ସ୍ନାତକ ଡିଗ୍ରୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଆଇନରେ ସ୍ନାତକ ଶିକ୍ଷା ଶେଷ କରିଛନ୍ତି। ଜଣେ ପ୍ରଶାସନିକ ଅଧିକାରୀ ଭାବେ ଜୀବନର ପ୍ରତିଟି ମୁହୂର୍ତ୍ତରେ ଉନ୍ନତି ସାଧନ ପାଇଁ କାର୍ଯ୍ୟ କରିବାରେ କେବେ ପଛଘୁଞ୍ଚା ଦେବେ ନାହିଁ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଇଡକୋ କର୍ମଚାରୀ ବିରଞ୍ଚି ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଅଚ୍ୟୁତ ଜେନା, ଯୁବ ସଙ୍ଗଠକ ବିଜୟ ବଳିୟାର ସିଂହ, ସୁବାସ ଧଳ, ପ୍ରତାପ ଚନ୍ଦ୍ର ମାଝି ଓ ଅବସରପ୍ରାପ୍ତ ପରିବହନ ବିଭାଗ ଅଧିକାରୀ ଜିତେନ୍ଦ୍ର ପ୍ରସାଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଶରତ କରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ମାହାଙ୍ଗା,୧୨।୧୦ (ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳ ବଜାର ସ୍ଥିତ ବ୍ଲକ ସମ୍ମୁଖରେ ପୂର୍ବତନ ବାଚସ୍ପତି ଶରତ କୁମାର କରଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବରେ ତାଙ୍କ ପ୍ରତିମୂର୍ତ୍ତି ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ କୁଆଁପାଳ ବସଷ୍ଟାଣ୍ଡ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମାହାଙ୍ଗା ମୈତ୍ରୀ ମଞ୍ଚର ସଭାପତି ଅବନୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାୟକ ଯୋଗଦେଇ ପୂର୍ବତନ ବାଚସ୍ପତି ସ୍ୱର୍ଗତ କରଙ୍କ ଆଦର୍ଶ ଜୀବନ ଓ କାର୍ଯ୍ୟାବଳୀ ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜୟନ୍ତ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ , ପ୍ରାକ୍ତନ ଆୟୁକ୍ତ ଶୋଭନ କର, ପ୍ରଫେସର ସୁମନ କର, ପ୍ରଦୀପ କର, ଆଦ୍ୟାଶା କର, ଅପର୍ଣ୍ଣା ନାୟକ, ଶିକ୍ଷାବିତ ହୃଷୀକେଶ ବେହେରା, ବିକାଶ କର, ଭାବଗ୍ରାହୀ ରାଉତ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ରୁଦ୍ର ନାରାୟଣ ସିଂହ, ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉତ୍ସବ ପରିଡା, ଚୈତନ୍ୟ ଚରଣ ପାଣି, କାର୍ତ୍ତିକ ବେହେରା, ରମାକାନ୍ତ ବେହେରା, ରାଜକୁମାର ବେହେରା, ବାଦଲ ମିଶ୍ର, ଦିଲୀପ ମହାନ୍ତି, ଅମୂଲ୍ୟ ସ୍ୱାଇଁ, ଅଜିତ କୁମାରୁ ସାହୁ, ଅଲେଖ ପ୍ରସାଦ ସ୍ୱାଇଁ, ଅଜୟ ନାୟକ, ପ୍ରତାପ ବୀରବର ପୃଷ୍ଟି , ବିଜୟ ରଥ, ପ୍ରଫୁଲ୍ଲ ସାହୁ, ସମସେର ଅଲିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶେଷରେ ରାମଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିମାନେ ପୂର୍ବତନ ବାଚସ୍ପତି ଶରତ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କରୁଛନ୍ତି।

## ସସ୍ମିତା ବିଜୁ ମହିଳା ଉପସଭାନେତ୍ରୀ, ମନ୍ଦାକିନୀ ସାଧାରଣ ସମ୍ପାଦିକା ମନୋନୀତ

ମାହାଙ୍ଗା, ୧୨।୧୦(ସ୍ୱ.ପ୍ର.)

ସସ୍ମିତା ମହାନ୍ତି କଟକ ଜିଲା ବିଜୁ ମହିଳା ଉପସଭାନେତ୍ରୀ ଓ ମନ୍ଦାକିନୀ ରାଉତ ସାଧାରଣ ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି। ଉଭୟ ଦୀର୍ଘ ଦିନ ଧରି ମାହାଙ୍ଗା ରାଜନୀତିରେ ଆଗଧାଡିର ନାରୀ ନେତ୍ରୀ ଭାବେ ସେମାନେ କାର୍ଯ୍ୟ କରିଆସୁଛନ୍ତି। ଏ ନେଇ ଶ୍ରୀମତୀ ମହାନ୍ତି ଓ ଶ୍ରୀମତୀ ରାଉତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମାହାଙ୍ଗା ବିଧାୟକ ପ୍ରତାପ ଜେନା, ଜିଲା ବିଜୁ ମହିଳା ସଭାପତି ଅନିତା ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅପରପକ୍ଷେ ଶ୍ରୀମତୀ ମହାନ୍ତି ଓ ଶ୍ରୀମତୀ ରାଉତ ଏହି ପଦବୀରେ ମନୋନୀତ ହେବା ପରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ମାହାଙ୍ଗା ବିଜୁ ଜନତା ଦଳ ସଭାନେତ୍ରୀ ସୁସ୍ମିତା ଦାସ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରିଆଜୁଲ ହୋଦା, ଜଗବନ୍ଧୁ ସେଠୀ,



ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ଯୁବ ବିଜେଡି ସଭାପତି ଶରତ ମହାପାତ୍ର, କଟକ ଜିଲା ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ବିଜୁ ଛାତ୍ର ଜନତା ଦଳର ସଭାପତି ହିତେଶ ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ,ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ତ୍ରିନାଥ ଜେନା, ଛାତ୍ରନେତା ପ୍ରଦୀପ୍ତ ବିଶ୍ୱାଳ ପ୍ରମୁଖ ସ୍ୱାଗତ ଜଣାଇଛନ୍ତି।

# 'ସାଂସ୍କୃତିକ ଭାବ ବିନିମୟର ପ୍ରକୃଷ୍ଟ ମଞ୍ଚ'

ବାଙ୍କୀ, ୧୨।୧୦(ସ୍ୱ.ପ୍ର.)

ବାଙ୍କୀ ସାଂସ୍କୃତିକ ଐତିହ୍ୟର ପ୍ରଚାର ଓ ପ୍ରସାର ଲକ୍ଷ୍ୟ ନେଇ ମହୋତ୍ସବ ଆରମ୍ଭ ହୋଇଛି। ଉଚ୍ଚକୋଟୀର ସାଂସ୍କୃତିକ ବାତାବରଣ ମଧ୍ୟରେ ନୃତ୍ୟ ସଙ୍ଗୀତ ମୁଖରିତ ଉତ୍ସବ କଳାରେ ରଚି ରଖୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଶ୍ଚିତ ରୂପେ ଆକର୍ଷିତ କରିବ। ଏହା କେବଳ ଉତ୍ସବ ନୁହେଁ, ସାଂସ୍କୃତିକ ଭାବ ବିନିମୟର ଗୋଟିଏ ପ୍ରକୃଷ୍ଟ ମଞ୍ଚ। ପାରମ୍ପରିକ କଳାର ଗୁଣାତ୍ମକ ଅଭିବୃଦ୍ଧି ହେବା ସହିତ କଳାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାରେ ଏହା ସକ୍ଷମ ହେବ ବୋଲି ବାଙ୍କୀ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି।

କଚେରୀ ପଡିଆ ଠାରେ ବୁଧବାର ମହୋତ୍ସବର ଚତୁର୍ଥ ସନ୍ଧ୍ୟା ପ୍ରତିଷ୍ଠାତା ସଭାପତି ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅନ୍ୟତମ ଅତିଥି ଭାବେ ଗୃହ, କ୍ରୀଡ଼ା ବିଭାଗ





ଅତିଥିମାନେ ବାଙ୍କୀ ମହୋତ୍ସବର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ବାଙ୍କୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ କହିଲେ, ଓଡ଼ିଶାର ସମବାୟ ଆନ୍ଦୋଳନର ଭିତ୍ତିଭୂମି ଏହି ମାଟିରେ ହିଁ ପ୍ରତିଷ୍ଠା ହୋଇଥିଲା। ବାଙ୍କୀ ମହୋତ୍ସବ ଲୁକାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିପାରିବ। ବିଧାୟକ ତଥା ମହୋତ୍ସବର କାର୍ଯ୍ୟକାରୀ ସଭାପତି ଦେବୀରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କହିଲେ ଯେ ବାଙ୍କୀର ମହାନ କଳା, ଐତିହ୍ୟ, ସାଂସ୍କୃତିକ ଚେତନା ସହ ଜନଗଣଙ୍କୁ ସାମିଲ୍ କରାଇବା ଓ ଆମ ପରପିଢିର ବଂଶଧରମାନଙ୍କୁ ଏହି ଭାବଧାରା ସହ ପରିଚିତ କରାଇବା ଉଦ୍ଦେଶ୍ୟରେ ହିଁ ବାଙ୍କୀ ମହୋତ୍ସବ ଅନୁଷ୍ଠିତ ହେଉଛି। ଖୋର୍ଦ୍ଧା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର ସାହୁ ,ବିଧାୟକ ଡକ୍ଟର ପ୍ରମୋଦ କୁମାର ମଲ୍ଲିକ, ଗବେଷକ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ବିଜୟରାଜ ଖଣ୍ଡାୟତରାୟ, ବିଡିଓ କିଶୋର ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମହୋତ୍ସବ ଉପସଭାପତି ସନ୍ତୋଷ କୁମାର ରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଡକ୍ଟର ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। କବି କୌଶିକ ନାୟକଙ୍କ ସମ୍ପାଦନାରେ ବାଙ୍କୀ ମହୋତ୍ସବ ସ୍ମରଣିକା ମୁଖ୍ୟ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଉପସଭାପତି ସୁବାସ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

**ଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା**

କଣାସ, (ସ୍ୱ.ପ୍ର.): କଣାସ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସିରେଇ ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହାକୁ ବିଇଓ ମୀନକେତନ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ୧୭ ସାଧନକେନ୍ଦ୍ରରୁ ୩୬ ଛାତ୍ରୀ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧରେ ଅର୍ଚ୍ଚିତା ବଳବନ୍ତରାୟ ପ୍ରଥମ, ସୁସ୍ମିତା ପରିଡା ଦ୍ୱିତୀୟ ଓ ଶୁଭଲକ୍ଷ୍ମୀ ମହାନ୍ତି ତୃତୀୟ ସ୍ଥାନ ହାସଲ କରିଥିଲେ। ଚିତ୍ରାଙ୍କନରେ ସୁପ୍ରିୟା ସୁନ୍ଦରାୟ, ଗୋମତୀ ରାଉତରାୟ ଓ ସୌମ୍ୟାଶ୍ରୀ ସୁନ୍ଦରାୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଏକକ ଅଭିନୟରେ ସମୀକ୍ଷା ପ୍ରିୟଦର୍ଶିନୀ ପେଣ୍ଠୋଇ, ଭାନୁପ୍ରିୟା ବରାଳ ଓ ପ୍ରତ୍ୟାଷା ଜେନା ପ୍ରଥମଟି ସ୍ଥାନ ହାସଲ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ବେହେରା ସଭାପତିତ୍ୱ କରିଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୦।୧୦।୨୦୨୨

| | |
|---|---|
| ୪,୩୨,୫୮୩ ଟଙ୍କା | |
| ସୁନା | ୧୪.୫୦୦ ଗ୍ରାମ୍ |
| ରୁପା | ୧୧.୬୦୦ ଗ୍ରାମ୍ |

# ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ



ଆନ୍ତଃ ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତାକୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରୁଛନ୍ତି।



ବ୍ରହ୍ମଗିରି ଏବଂ ଅସ୍ତରଙ୍ଗ ମହିଳା ଦଳ ମଧ୍ୟରେ ମ୍ୟାଚ୍ ଚାଲିଛି।

ପୁରୀ ଅଫିସ,୧୨।୧୦

ପୁରୀ ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ବୁଧବାରଠାରୁ ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ବାଳିକା ବାଳକ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ କରି ପୁରୀ ଜିଲାରେ ବାଳିକା ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହେଉଥିବାରୁ ସେ ଖୁସି ପ୍ରକଟ କରିବା ସହ ପିଲାଙ୍କୁ ଖେଳର ମହତ୍ତ୍ୱ ବିଷୟରେ କହି ଉତ୍ସାହିତ କରିଥିଲେ। ସେ କହିଥିଲେ, କ୍ରୀଡ଼ା କ୍ଷେତ୍ରରେ ବାଳିକା ବାଳକଙ୍କ ଭୂମିକା କ୍ରମାଗତ ଭାବେ ବଢିବାରେ ଲାଗିଛି। ଏଭଳି ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ପ୍ରତି ଆହୁରି ଆକୃଷ୍ଟ କରିବ। ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ ମଧ୍ୟରେ କ୍ରୀଡ଼ାର ଭୂମିକାକୁ ଅନୁଭବ କରିବା ଦରକାର, ଯାହାଫଳରେ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅଂଶୀଦାରୀ ରହିବ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବାହ୍ନ ୧୦ଟାରେ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ କ୍ରୀଡ଼ାବିତ୍‌ମାନଙ୍କ ଦ୍ୱାରା ଆୟୋଜିତ ଏକ ଜନଜାଗରଣ ଶୋଭାଯାତ୍ରା ବାହାରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜୀବନ ବିନ୍ଦୁ ସଂଯୋଜକ

**ଉଦ୍‌ଘାଟନ କଲେ କ୍ରୀଡ଼ା ମନ୍ତ୍ରୀ**
- ବାଳିକାରେ କଣାସ, ବାଳକରେ ବ୍ରହ୍ମଗିରି ବିଜୟୀ
- ଜନ ଜାଗରଣ ଯାତ୍ରାରେ ସାମିଲ ହେଲେ ଖେଳାଳି

ଶୁଭାଶିଷ ଖୁଣ୍ଟିଆ ମଧ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ସମୁଦାୟ ୨୭୦ କ୍ରୀଡ଼ାବିତ୍ ଓ ୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ା ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ପିଲାଙ୍କ ମଧ୍ୟରେ ଫୁଟବଲ ପ୍ରତିଯୋଗିତାକୁ ନେଇ ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରତିଯୋଗୀମାନେ ନିଜ କିଟ୍ ସହ ପଡ଼ିଆରେ ପହଞ୍ଚି କ୍ରୀଡ଼ା ସୂଚୀ ଅନୁଯାୟୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଧାୟକ ଷଡ଼ଙ୍ଗୀ ପ୍ରଥମ କିକ୍ ମାରି ଖେଳର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ ବାଳିକା ବିଭାଗରେ ସତ୍ୟବାଦୀ ଓ କଣାସ ମଧ୍ୟରେ ଖେଳାଯାଇଥିଲା। ମ୍ୟାଚର ଫଳାଫଳ ପ୍ରକାଶ ନ ପାଇବାରୁ ପେନାଲ୍‌ଟି ଶୁଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ମଧ ଫଳାଫଳ ପ୍ରକାଶ ନ ପାଇବାରୁ ଟସ୍ ପକାଯାଇଥିଲା। ଟସ୍‌ରେ କଣାସ ଟିମ୍ ବିଜୟ ଲାଭ କରିଛି। ଅନ୍ୟପକ୍ଷରେ ବାଳକ ବିଭାଗରେ ବ୍ରହ୍ମଗିରି ଓ ଅସ୍ତରଙ୍ଗ ଟିମ୍ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ବ୍ରହ୍ମଗିରି ବ୍ଲକ ଟିମ୍ ଏହି ମ୍ୟାଚରେ ୧-୦ ଗୋଲରେ ବିଜୟୀ ହୋଇଛି। ଏହି ଟୁର୍ନାମେଣ୍ଟ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ବାଳକ ବିଭାଗରେ ୧୨ ଓ ବାଳିକା ବିଭାଗରେ ୬ ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ, ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମା ଏବଂ ସତ୍ୟବାଦୀ ବ୍ଲକ ଶିକ୍ଷାଧିକାରୀ ଭବମ୍ ପ୍ରଧାନ, ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଶିକ୍ଷକ ବିଦ୍ୟାଧର ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ୨ ଯୁବକଙ୍କୁ ମାଡ଼ ମାରି ଟଙ୍କା, ସୁନା ଲୁଟ୍

ନିମାପଡ଼ା,୧୨।୧୦(ଡି.ଏନ୍.ଏ.)

ଚାରିଛକ ଫାଣ୍ଡି ଅନ୍ତର୍ଗତ ବାହାରେଣା ଗ୍ରାମର ୨ ସମ୍ପର୍କୀୟ ଭାଇଙ୍କଠାରୁ ୩ ଦୁର୍ବୃତ୍ତ ଲୁଟ୍ ଏବଂ ଆକ୍ରମଣ କରିବା ନେଇ ବୁଧବାର ଚାରିଛକ ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୩ ଜଣଙ୍କ ବିରୋଧରେ ଏକ ମାମଲା (ନଂ. ୩୪୬/୨୨) ରୁଜୁ କରିଛି। ଫାଣ୍ଡି ଅଧିକାରୀ ଶିଶିର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଗିରଫ ଭୟରେ ଆକ୍ରମଣକାରୀ ଫେରାର ହୋଇଯାଇଥିବା ପୋଲିସ କହିଛି। ସୂଚନା ମୁତାବକ, ଗ୍ରାମର ୨ ସମ୍ପର୍କୀୟ ଭାଇ ତୁଷାର ରଞ୍ଜନ ଜେନା (୩୫) ଓ ରାକେଶ ଜେନା(୨୫) ଏକ ବାଇକ ଯୋଗେ ମଙ୍ଗଳବାର ରାତିରେ ଘରକୁ ଫେରୁଥିଲେ। ସ୍ଥାନୀୟ ବାଲୁଙ୍କ ଗ୍ରାମର କୁଲୁ ପ୍ରଧାନ, କାଳିଆ ପ୍ରଧାନ, କୁଶିଆ ପ୍ରଧାନ ପ୍ରମୁଖ ବାଲୁଙ୍କ-ବାହାରେଣା ରାସ୍ତାର ଏକ ନିଛାଟିଆ ସ୍ଥାନରେ ଦୁହିଁଙ୍କୁ ଅଟକାଇଥିଲେ। ସେମାନଙ୍କୁ ମାଡ ମାରିବା ସହ ମାରଣାସ୍ତ୍ର ଦେଖାଇ ବିଭିନ୍ନ ଧମକ ଚମକ ଦେଇ ୧୫୦୦ ଟଙ୍କା, ଗୋଟିଏ ସୁନାଚେନ୍, ଗୋଟିଏ ମୋବାଇଲ ଲୁଟି ନେଇଯାଇଛନ୍ତି। ଆକ୍ରମଣରେ ଦୁଇ ଭାଇ ଆହତ ହୋଇ ଚାରିଛକ ମେଡିକାଲରେ ଚିକିତ୍ସିତ ହେଉଥିବା ତାଙ୍କ ବାପା ଅବକାଶ ଜେନା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ କୃଷକ ମୃତ

କଣାସ,୧୨।୧୦(ସ୍ୱ.ପ୍ର): କଣାସ ଥାନା ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତ କଣ୍ଟପଡା ଗ୍ରାମର ଜଣେ କୃଷକଙ୍କ ବଜ୍ରପାତରେ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ସୁଦର୍ଶନ ଜେନା (୪୩)। ସୂଚନା ମୁତାବକ, ସୁଦର୍ଶନ ସବୁଦିନ ପରି ସକାଳୁ ବିଲକୁ କାମ କରିବାକୁ ଯାଇଥିଲେ। ପୂର୍ବାହ୍ନ ୧୧ଟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିଖୋଜି ଯାଇ ତାଙ୍କୁ ବିଲରେ ଅଚେତ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏଥିସହ ଦେହରେ ଅନେକାଂଶରେ କ୍ଷତ ଚିହ୍ନ ହୋଇଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ପରିବାର ଲୋକେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯିବ ବୋଲି ଜଣାପଡିଛି।

### ଟ୍ରେନରୁ ଖସି ଯୁବକ ମୃତ

ଡେଲାଙ୍ଗ,୧୨।୧୦(ଡି.ଏନ୍.ଏ.): ଡେଲାଙ୍ଗ ରେଳ ଷ୍ଟେଶନର ୧ ନମ୍ବର ରେଳ ଧାରଣା ପାର୍ଶ୍ୱରେ ଜଣେ ଯୁବକଙ୍କ ମୃତଦେହ ବୁଧବାର ଦେଖିବାକୁ ମିଳିଛି। ମୃତ ଯୁବକ ଜଣକ ଧଳା ଚେକ୍ ପଡିଥିବା ନେଭିବ୍ଲୁ ରଙ୍ଗର ପ୍ୟାଣ୍ଟ ଓ ଶାର୍ଟ ପିନ୍ଧିଥିବାବେଳେ କିଛି ଦୂରରେ କନାବ୍ୟାଗ୍‌ଟି ପଡିଛି। ଯୁବକ ଜଣକ ପୁରୀ-ନୂଆଗାଁ ପାସେଞ୍ଜରରେ ଯାତ୍ରା କରୁଥିଲେ। ଡେଲାଙ୍ଗଠାରେ ଟ୍ରେନ ଛାଡିବାବେଳେ ଯୁବକ ଜଣକ ଭାରସାମ୍ୟ ହରାଇ ତଳକୁ ଖସିପଡିଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ସାକ୍ଷୀଗୋପାଳ ଜିଆର୍‌ପି ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଦାସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଯୁବକ ଜଣକ ଡେଲାଙ୍ଗ ବ୍ଲକ ଅରିସଲ ପଞ୍ଚାୟତ ପଣ୍ଡୁଆ ଗ୍ରାମର ବିଭୂତି ଭୂଷଣ ପ୍ରଧାନ ବୋଲି ଜଣାପଡିଥିବା ଦାସ କହିଛନ୍ତି।

### ଦିବ୍ୟାଙ୍ଗଙ୍କୁ ମିଳିଲା ତିନିଚକିଆ ସ୍କୁଟି

ପୁରୀ ଅଫିସ,୧୨।୧୦: ଦୁଇଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସ୍କୁଟି ପ୍ରଦାନ କରାଯାଇଛି। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ସମର୍ଥ ବର୍ମା ଏବଂ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ଉପସ୍ଥିତିରେ ସତ୍ୟବାଦୀ ବ୍ଲକ ନୂଆସୋମେଶ୍ୱରପୁରର ସୁରଜ ମିଶ୍ର ଓ କୃଷ୍ଣପ୍ରସାଦ ବ୍ଲକ ରାସକୁଦିର ବସନ୍ତ ମଲ୍ଲିକଙ୍କୁ ଏହି ସ୍କୁଟି ଦିଆଯାଇଛି। ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ସାଂସଦ ପାଣ୍ଠିରୁ ଉକ୍ତ ସହାୟତା ପ୍ରଦାନ କରାଯାଇଛି।



ପୁରୀ କୁମାର ଉତ୍ସବ ସମିତି ପକ୍ଷରୁ ଶରଧାବାଲିରେ ଅନୁଷ୍ଠିତ ୫୫ତମ କୁମାର ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ। ଜଣେ କଳାକାର ସଂଗୀତ ପରିବେଷଣ କରୁଛନ୍ତି।

## ବଟି ଆଦାୟ କରି ୨ ଗିରଫ

ପୁରୀ ଅଫିସ ୧୨।୧୦

ସମୁଦ୍ରକୂଳ ଅଞ୍ଚଳରେ ରାସ୍ତାପାର୍ଶ୍ୱ ଦୋକାନୀଙ୍କଠାରୁ ବଟି ଆଦାୟ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଥାନା ଅନ୍ତର୍ଗତ ବାଳିନୋଳିଆ ସାହି ଅଞ୍ଚଳର ଏ . ନରସିଂହ ରାଓ (୨୭) ଏବଂ ଗୌଡବାଡ ସାହି କାମାକ୍ଷା ଲେନ୍‌ର ଆର. ରାମ ଚନ୍ଦ୍ର ବେହେରା (୨୬) । ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ଗୋଟିଏ ଛୁରି ଏବଂ ନଗଦ ୩୦୦ ଟଙ୍କା ଜବତ କରିଛି।

## ମହିଳାଙ୍କ ଦୁଃସାହସ ଯୋଗୁ ୧୮ ଛାତ୍ରୀଛାତ୍ର ସୁରକ୍ଷିତ

କଣାସ,୧୨।୧୦ (ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦିବ୍ୟସିଂହପୁର ପଞ୍ଚାୟତର ତଇଲାଭଗବତୀପଡା ଗ୍ରାମର ଜଣେ ମହିଳାଙ୍କ ଦୁଃସାହସ ଯୋଗୁ ବୁଧବାର ୧୮ଜଣ ଛାତ୍ରୀଛାତ୍ରଙ୍କ ଜୀବନ ରକ୍ଷା ହୋଇଛି। ସୂଚନା ମୁତାବକ, ତଇଲାଭଗବତୀପଡା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ସପ୍ତମ ଶ୍ରେଣୀ ଗୃହରେ ୧୮ ଜଣ ଛାତ୍ରୀଛାତ୍ର ପାଠ ପଢୁଥିଲେ। ସେହି ସମୟରେ ଏକ ନାଗ ସାପ ଉକ୍ତ କ୍ଲାସ ରୁମକୁ ପ୍ରବେଶ ପାଇଁ ଉଦ୍ୟମ କରୁଥିଲା। ଏହା ଦେଖି ଛାତ୍ରୀଛାତ୍ର ପାଟିତୁଣ୍ଡ କରିବାରୁ ନାଗସାପ ବିଦ୍ୟାଳୟର ଏକ ଫୁଲଗଛକୁ ଚଢିଯାଇଥିଲା। ଉକ୍ତ ଗ୍ରାମର ମହିଳା ପାପୁନୀ ବରାଳ ସାହସର ସହ ନାଗ ସାପଟିକୁ ଫୁଲଗଛରୁ କାବୁ କରି ଏକ ଡବାରେ ପୂରାଇ ନିକଟରେ ଥିବା ଏକ ଜଙ୍ଗଲରେ ଛାଡି ଦେଇଥିଲେ।

## ଡେଲାଙ୍ଗ ଥାନା ପରିଦର୍ଶନ କଲେ ଏସ୍‌ପି



ଏସ୍‌ପି କନୱର ବିଶାଲ ସିଂ ଡେଲାଙ୍ଗ ଥାନା କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

ଡେଲାଙ୍ଗ,୧୨।୧୦(ଡି.ଏନ୍.ଏ.)

ପୁରୀ ଏସ୍‌ପି ଡ. କନୱର ବିଶାଲ ସିଂ ମଙ୍ଗଳବାର ଡେଲାଙ୍ଗ ଥାନା ପରିଦର୍ଶନ କରିଥିଲେ। ତାଙ୍କ ସହ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ପ୍ରମୁଖ ଥିଲେ। ଏସ୍‌ପି ଡେଲାଙ୍ଗ ଥାନାରେ ପହଞ୍ଚି କର୍ମଚାରୀଙ୍କ ଭଲମନ୍ଦ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳରେ କେତେ ଚୋରାମଦ ବିକ୍ରେତା, ବ୍ରାଉନସୁଗାର ବେପାରୀ ଓ ପୁରାତନ ୱାରେଣ୍ଟିଙ୍କୁ ଗିରଫ କରାଯାଇଛି, ତାହା ତଦାରଖ କରି ବିଭିନ୍ନ ମାମଲାର କାଗଜପତ୍ର ଯାଞ୍ଚ କରିଥିଲେ। ଥାନା ଅଞ୍ଚଳରେ ନିଶା କାରବାର, ଚୋରି, ରାହାଜାନି, ଡକାୟତି, ଖଣିମାଫିଆ, ଦାଦାବଟି ପ୍ରଭୃତି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ଡେଲାଙ୍ଗ ଆଇଆଇସି ଅନିଲ ମହାନ୍ତିଙ୍କ ସହିତ ବିଶେଷ ଆଲୋଚନା କରିଥିଲେ। ମହିଳା ଶିଶୁ ଡେସ୍କ ଓ ଅପହୃତା ନାବାଳିକାଙ୍କୁ ଉଦ୍ଧାର, ବିଭିନ୍ନ ମାମଲାର ଯାଞ୍ଚ କରି ଠିକ କାଗଜପତ୍ର କରିବା, ଦୁର୍ଦ୍ଦାନ୍ତ ଅପରାଧୀ, ବ୍ରାଉନସୁଗାର ବିକ୍ରେତା, ଖଣିମାଫିଆ, ଚୋରି, ଡକାୟତି ଓ ବିଭିନ୍ନ ଅପରାଧୀଙ୍କୁ ଗିରଫ କରିବା ନେଇ

**୫ କର୍ମଚାରୀ ପୁରସ୍କୃତ**

ଏସ୍‌ଆଇ ଲିଜା ମଲ୍ଲିକ,ଏଏସ୍‌ଆଇ ସୁଦାମ ଚରଣ ନାୟକ, ଏଏସ୍‌ଆଇ ଗୋପବନ୍ଧୁ ରାଉତ, ସିପେହୀ ପ୍ରଶାନ୍ତ ପ୍ରଧାନ, ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ ୫ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୩ ବର୍ଷର ପ୍ରତ୍ୟୁଷ

ଗୋପ,୧୨।୧୦(ଡି.ଏନ୍.ଏ.)

**ଅଢ଼େଇ ମିନିଟ୍‌ରେ କୁହନ୍ତି ସାଧାରଣ ଜ୍ଞାନ, ପଶୁପକ୍ଷୀଙ୍କ ନାମ**

ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ଗ୍ରାମର ମନମୋହନ ସାହୁଙ୍କ ଏକମାତ୍ର ପୁଅ ଏମ୍.ଏ. ପ୍ରତ୍ୟୁଷ ଅଞ୍ଚଳ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ୩ ବର୍ଷ ୭ ମାସ ବୟସର ଏହି ବାଳକ ମାତ୍ର ଅଢ଼େଇରୁ ତିନି ମିନିଟ୍ ମଧ୍ୟରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇପାରିଛନ୍ତି। ଏଥିପାଇଁ ତାଙ୍କ ନାମ ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ପ୍ରକାଶ ଯେ, ଏହି ବିସ୍ମୟ ବାଳକ ପ୍ରତ୍ୟୁଷ ୩୦ଟି କମ୍ପ୍ୟୁଟର ସରଞ୍ଜାମର ନାମ, ୪୬ଟି ପଶୁ, ୧୬ଟି ପକ୍ଷୀ, ୨୦ଟି ଫୁଲ, ୨୦ଫଳ, ମଣିଷ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟେଙ୍ଗ, ୧୦ଟି ରାଇମ୍‌ସ, ଜାତୀୟ ସଙ୍ଗୀତ, ୩୦ଟି ସାଧାରଣ ଜ୍ଞାନ, ୧୬ଟି ପଶୁ ଛୁଆ ନାମ ତତ୍‌କ୍ଷଣାତ୍ ସ୍ପଷ୍ଟ ଭାବେ ଓଡ଼ିଆ ଏବଂ ଇଂଲିଶ୍‌ରେ କହିପାରିଛନ୍ତି। ଏଥିସହ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇପାରୁଥିବାବେଳେ



ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ସହ ଏମ୍.ଏ. ପ୍ରତ୍ୟୁଷ।

୨୦ ପ୍ରକାର ଯୋଗ ସମେତ ବିଭିନ୍ନ ସ୍ଲୋକ ମଧ କହିପାରୁଛନ୍ତି। ଛୋଟ ସମୟରୁ ବିଭିନ୍ନ କଥା ଅତି ସହଜରେ ଧରିବା ସହ ଉଚ୍ଚାରଣ କରିପାରୁଥିବାରୁ ପରିବାର ପକ୍ଷରୁ ବିଭିନ୍ନ ନାମଠାରୁ ଆରମ୍ଭ କରି ଶିକ୍ଷା ସମ୍ପର୍କରେ କହିଥିଲେ। ସେସବୁ ପ୍ରତ୍ୟୁଷ ଶୁଣି କିଛି ମିନିଟ୍ ମଧ୍ୟରେ କହିପାରୁଥିଲେ। ଏପରି ପ୍ରତିଭାର ଅଧିକାରୀ ହେବା ପାଇଁ ପ୍ରଥମେ ପରିବାର ପକ୍ଷରୁ ଇଣ୍ଡିଆ ବୁକ୍ ରେକର୍ଡରେ ପ୍ରତିଯୋଗିତା କରିବା ଲାଗି ଅନ୍‌ଲାଇନ୍ ମାଧ୍ୟମରେ ସମସ୍ତ ପ୍ରସ୍ତୁତି ଶେଷ କରିଥିଲେ। ଶେଷରେ ପ୍ରତିଯୋଗିତାରେ ବିସ୍ମୟ ବାଳକ ପ୍ରତ୍ୟୁଷ ଅଂଶଗ୍ରହଣ କରି ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା କରାଯାଇଥିବା ବେଳେ ସୋମବାର ଫଳାଫଳ ଆସିବା ସହ ସେ ଏହି ପ୍ରତିଭାର ଅଧିକାରୀ ହୋଇଥିବା ମେଡାଲ ଓ ସାର୍ଟିଫିକେଟ ଆସିଥିବା ପରିବାର ଜାଣିବାକୁ ପାଇଥିଲେ। ବିସ୍ମୟ ପ୍ରତ୍ୟୁଷ ଏହି ରେକର୍ଡର ଅଧିକାରୀ ହେବା ଅଞ୍ଚଳରେ ଜଣାପଡ଼ିବା ପରେ ତାଙ୍କୁ ଏବଂ ତାଙ୍କ ପରିବାରକୁ ରାଜ୍ୟ ଓ ରାଜ୍ୟ ବାହାରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିଥିବା ବାପା ମନମୋହନ ଓ ମାଆ ଅମିତା କହିଛନ୍ତି।

# ସରପଞ୍ଚ ପଦ ପାଇଁ ୬ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ପିପିଲି,୧୨।୧୦(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ବ୍ଲକ ଅନ୍ତର୍ଗତ ଯଶୁଆପୁର ପଞ୍ଚାୟତର ସରପଞ୍ଚ ଶ୍ୟାମସୁନ୍ଦର ପରିଡାଙ୍କ ମୃତ୍ୟୁ ପରେ ଏହି ପଦ ଖାଲି ପଡିଛି। ଖାଲି ପଡ଼ିଥିବା ଏହି ସରପଞ୍ଚ ପଦ ପାଇଁ ନଭେମ୍ବର ୪ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ ବୋଲି ପିପିଲି ବ୍ଲକ ପ୍ରଶାସନ ପକ୍ଷରୁ ୬ ତାରିଖରେ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ବୁଧବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ଯଶୁଆପୁର ପଞ୍ଚାୟତର ସରପଞ୍ଚ ପଦ ପାଇଁ ମୋଟ ୬ଜଣ ପ୍ରାର୍ଥୀ ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ୧୩ ତାରିଖ(ଗୁରୁବାର) ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାର ୧୫ ତାରିଖ ରହିଛି। ତା'ପରେ ଚୂଡ଼ାନ୍ତ ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ ପାଇବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ମୋଟ ୬ଜଣ ପ୍ରାର୍ଥୀଙ୍କ ମଧ୍ୟରେ ଶାସକ ବିଜେଡି ଦଳ ସମର୍ଥିତ ପ୍ରାର୍ଥୀ ଭାବେ ସନ୍ତୋଷ କୁମାର ମହାନ୍ତି, ଭାଜପା ଦଳ ସମର୍ଥିତ ପ୍ରାର୍ଥୀ ଭାବେ ଅକ୍ଷୟ କୁମାର ବେହେରା, କଂଗ୍ରେସ ଦଳ ସମର୍ଥିତ ଭାବେ ନରସିଂହ ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଭାବେ ନିରଞ୍ଜନ ପ୍ରଧାନ, ବଳଭଦ୍ର ପ୍ରଧାନ ଓ ସୁଶାନ୍ତ କୁମାର ପରିଡା ନାମାଙ୍କନପତ୍ର ଦାଖଲ କରିଛନ୍ତି।



ନାମାଙ୍କନ ଅବସରରେ ଦଳୀୟ କର୍ମୀଙ୍କ ସହ ବିଜେଡି ସମର୍ଥିତ ପ୍ରାର୍ଥୀ।



ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ପୋଲିସ ବିରୋଧରେ ଗର୍ଜିଲା ଦଳିତ ସଂଘ

ପିପିଲି,୧୨।୧୦(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ସମେତ ଜିଲା ପୋଲିସ ପ୍ରଶାସନ ଗରିବ, ଦଳିତ, ଅବହେଳିତ, ପଛୁଆବର୍ଗ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିଫଳ ହେଉଥିବା ଜାତୀୟ ଦଳିତ ମାଇନରିଟି ମହାସଂଘ ଅଭିଯୋଗ ଆଣିଛି। ପୋଲିସର କାର୍ଯ୍ୟକଳାପ ବିରୋଧରେ ଦଳିତ ସଂଘ ପକ୍ଷରୁ ଶତାଧିକ ପୁରୁଷ ଓ ମହିଳା ବୁଧବାର ପିପିଲି ସଂଗଳାଇ ଶାସନରୁ ମୁଖ୍ୟମନ୍ତ୍ରୀ ନବୀନ ନିବାସ ଅଭିମୁଖେ ପଦଯାତ୍ରା କରିଛନ୍ତି। ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ ନିମନ୍ତେ ପଦଯାତ୍ରା ବାହାରି ଥିବାବେଳେ ଭୁବନେଶ୍ୱର ଗ୍ୟାରେଜ ଛକରେ କମିଶନରେଟ ପୋଲିସ ସେମାନଙ୍କୁ ଅଟକାଇଥିଲା। ପୋଲିସ ଏସିପି ସଂଘର ରାଜ୍ୟ ସଭାପତି ବିଜୟ ସେଠୀଙ୍କ ସହିତ ଆଲୋଚନା କରିଥିଲେ। ପୋଲିସ ମହାନିର୍ଦ୍ଦେଶକଙ୍କ ଦାବିପତ୍ର ଗ୍ରହଣ କରିବେ ଏବଂ ସମସ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରିବାର ପ୍ରତିଶ୍ରୁତି ମିଳିବା ପରେ ପଦଯାତ୍ରା ବନ୍ଦ କରାଯାଇଥିଲା। ପରେ ସଂଘ ସଭାପତିଙ୍କ ସମେତ ୧୦ ଜଣିଆ ପ୍ରତିନିଧି ଦଳ କଟକ ଡିଜିପିଙ୍କ କାର୍ଯ୍ୟାଳୟକୁ ଆଲୋଚନା ନିମନ୍ତେ ଯାଇଥିଲେ। ବିଜୟ ସେଠୀ ଡିଜିପିଙ୍କୁ ଦେଇଥିବା ଦାବିପତ୍ରରେ ପିପିଲି ଥାନା ସଂଗଳାଇ ଗ୍ରାମର ବିଭିନ୍ନ ଦଳିତଙ୍କ ହୋଇଥିବା ଅଭିଯୋଗର ତଦାରଖ ନ ହେବା, ଭାରତର ଫାଇନାନ୍ସ ପିପିଲି ଶାଖା ପକ୍ଷରୁ ଗରିବଙ୍କୁ ଋଣ ନ ଦେଇ ଠକିବା, ଉତ୍ତରା ଫାଣ୍ଡି ଅଧିକାରୀ ଆଦିବାସୀଙ୍କୁ ବାରମ୍ବାର ନିର୍ଯାତନା ଦେବା, ପିପିଲି ଥାନା ନୂଆହାଟ ଗ୍ରାମର ଭାଗଚାଷୀ ସୁଦର୍ଶନ ବେହେରାଙ୍କ ବିଲକୁ ଜାଳିଦେବା ଘଟଣାରେ ନ୍ୟାୟ ନ ମିଳିବା, ଡେଲାଙ୍ଗ ଥାନା ସଡାଙ୍ଗୋଇ ଗ୍ରାମରୁ ୧୦ଟି ଦଳିତ ପରିବାରଙ୍କୁ ମାଡ ମାରି ଗ୍ରାମରୁ ବାହାର କରିଦେବା ଆଦି ଅନ୍ତର୍ଭୁକ୍ତ ଥିବା ପୋଲିସ ଆଖିବୁଜିଆ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି।




ଜାତୀୟ ଦଳିତ ମାଇନରିଟି ମହାସଂଘ ପକ୍ଷରୁ ବାହାରିଥିବା ଜନ ସମ୍ମାନ ଶୋଭାଯାତ୍ରା।

**ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ଉଦ୍ଦେଶ୍ୟରେ ପଦଯାତ୍ରା**

ତେବେ ଜମି ଓ ଘର ଦେବା ନାଁରେ ସ୍ଥାନୀୟ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ଆଣି ଦଳିତ ମହାସଂଘ ପକ୍ଷରୁ ପ୍ରଥମେ ସଂଗଳାଇ ଶାସନରେ ଥିବା ଫାଇନାନ୍ସ ସଂସ୍ଥାର ବିଲ୍ଡିଂରେ ତାଲା ପକାଇଥିଲେ। ଉକ୍ତ ଫାଇନାନ୍ସ ସଂସ୍ଥା ବିରୋଧରେ ପ୍ରଥମେ ପିପିଲି ଥାନା ପରେ ଜିଲା ପୋଲିସ ନିକଟରେ ଅଭିଯୋଗ କରିଥିଲେ ମଧ ଅବହେଳା କରାଯିବାରୁ ମହିଳାମାନେ ଦଳିତ ମହାସଂଘର ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ପଦଯାତ୍ରାରେ ପୁରୀ ପୋଲିସ ପ୍ରଶାସନ ବିରୋଧରେ ମହାସଂଘର ମହିଳା ଓ ପୁରୁଷମାନେ ବିଭିନ୍ନ ନାରାବାଜି ଦେଇଥିଲେ। ପଦଯାତ୍ରା ଯୋଗୁ ରାଜପଥରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ପିପିଲି ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା।

## ସଂକ୍ଷେପରେ

### ବାଲିଯାତ୍ରାରେ ପ୍ଲଟ୍ ଆବଣ୍ଟନକୁ ନେଇ ବିବାଦ

**ପୁରୁଣା ବ୍ୟବସାୟୀଙ୍କୁ ପ୍ରାଧାନ୍ୟ ଦେବାକୁ ଦାବି**

**କଟକ ଅଫିସ, ୧୨।୧୦:** କଟକ ବାଲିଯାତ୍ରାରେ ପ୍ଲଟ୍ ଆବଣ୍ଟନକୁ ନେଇ ବିବାଦ ଦେଖାଦେଇଛି। ପ୍ଲଟ୍ ନିଲାମ ବଦଳରେ ପୂର୍ବ ଢାଞ୍ଚାରେ ପୁରୁଣା ବ୍ୟବସାୟୀମାନଙ୍କୁ ପ୍ରାଧାନ୍ୟ ଦେଇ ପ୍ଲଟ୍ ପଞ୍ଜୀକରଣ ପାଇଁ ସେମାନେ ଦାବି କରିଛନ୍ତି। ଆସନ୍ତା ୧୮ ତାରିଖ ସୁଦ୍ଧା ପ୍ରଶାସନ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ ନ ଆଣିଲେ ବ୍ୟବସାୟଠାରୁ ଦୂରେଇ ରହିବେ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏନେଇ ବୁଧବାର କଟକ ଦେଉଳସାହିଠାରେ ବାଲିଯାତ୍ରା ବ୍ୟବସାୟୀ ମିଳିତ ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଆବାହକ ମନୋରଞ୍ଜନ ସାହୁ କହିଛନ୍ତି, ଚଳିତବର୍ଷ ପ୍ରଥମଥର ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ଲଟ୍ ନିଲାମ ବ୍ୟବସ୍ଥା କରାଯାଇଛି। ଅଲ୍ ଓଡ଼ିଶା ଟେଣ୍ଟ ଆଣ୍ଡ୍ ସପ୍ଲାୟର ଓନର୍ସ ଆସୋସିଏଶନ, କଟକ ଟେଣ୍ଟ୍ ଆଣ୍ଡ୍ ୱେଲଫେୟାର ଆସୋସିଏଶନ, ବାଲିଯାତ୍ରା ବ୍ୟବସାୟୀ ସଂଘ ଓ ମିନାବଜାର ମହାସଂଘର କର୍ମକର୍ତ୍ତାମାନେ ମିଳିତ ମଞ୍ଚ ଜରିଆରେ ପ୍ରତିବାଦ ଜଣାଇଛନ୍ତି। ଅପରପକ୍ଷେ ବାଲିଯାତ୍ରାର ନିର୍ଦ୍ଧାରିତ ସମୟ ପୂର୍ବରୁ ପଡ଼ିଆ ସମତୁଲ ସହ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟକୁ ଶେଷ କରିବା ପାଇଁ ଜିଲା ପ୍ରଶାସନ ଲକ୍ଷ୍ୟ ରଖିଛି। ବାଲିଯାତ୍ରା ପାଇଁ ପ୍ଲଟ୍ ଆବଣ୍ଟନ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି।

### ୧୫ରୁ ଗ୍ରାମାଞ୍ଚଳ ବ୍ୟାଙ୍କରେ ବିତ୍ତୀୟ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ

**ବିତ୍ତୀୟ ସମାବେଶ ସଶକ୍ତୀକରଣ ପ୍ରସ୍ତୁତି ବୈଠକ**

**କଟକ ଅଫିସ, ୧୨।୧୦:** ବିତ୍ତୀୟ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ଜିଲାର ଗ୍ରାମାଞ୍ଚଳରେ ଥିବା ସମସ୍ତ ବ୍ୟାଙ୍କରେ ଅକ୍ଟୋବର ୧୫ରୁ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅଗ୍ରଣୀ ବ୍ୟାଙ୍କ ଆନୁକୂଲ୍ୟରେ କଟକ ଜିଲା ନିମନ୍ତେ ବିତ୍ତୀୟ ସମାବେଶ ସଶକ୍ତୀକରଣ କାର୍ଯ୍ୟକ୍ରମର ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସଭା ଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତାମାନେ ବ୍ୟାଙ୍କ ଅଧିକାରୀଙ୍କ ସହିତ ଜଡିତ ହୋଇ ବିତ୍ତୀୟ ସମାବେଶ ମାଧ୍ୟମରେ ଗ୍ରାହକଙ୍କୁ ସାହାଯ୍ୟ ଓ ସହଯୋଗ କରିବାକୁ ଗୁରୁତ୍ୱ ଦେଇଥିଲେ। କଟକ ଜିଲାର ସମସ୍ତ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତିବୀମା ଓ ସୁରକ୍ଷା ବୀମା ଯୋଜନା, ଅଟଳ ପେନ୍ସନ୍ ଯୋଜନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଯୋଜନା ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ବ୍ୟକ୍ତିଗତ ଋଣ ପ୍ରଦାନ ସହ କୃଷକ ଉତ୍ପାଦକ ସଂଘ ଏବଂ ଶସ୍ୟ ଅମଳ ପରବର୍ତ୍ତୀ ସୁବିଧା ଉପଲବ୍ଧ କରାଇବାକୁ କହିଥିଲେ। ଉକ୍ତ ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର, କେନ୍ଦ୍ରୀୟ ବିତ୍ତ ବିଭାଗର ଉପଦେଷ୍ଟା ଲଳିତ କୁମାର, ରାଜ୍ୟ ବ୍ୟାଙ୍କ ସମୂହର ପ୍ରମୁଖ ଗୌତମ ପାତ୍ର, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସାଧାରଣ ପ୍ରବନ୍ଧକ ଜି.ବି. ପ୍ରଧାନ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଉପ ସାଧାରଣ ପ୍ରବନ୍ଧକ ମନମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଗ୍ରାହକ ସେବାକୁ ପ୍ରାଥମିକତା ଭିତ୍ତିରେ କରିବା ପାଇଁ କହିଥିଲେ। ଜିଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ରାଜେଶ କୁମାର ବେହେରା ବୈଠକ ପରିଚାଳନା କରିଥିଲେ।

# ‘ସ୍ଥଳଭାଗକୁ ମହାକାଶ ସହ ସଂଯୋଗ କରୁଛି ସାଟେଲାଇଟ୍’

**ବିଶ୍ୱ ମହାକାଶ ସପ୍ତାହ**


କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟ ଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।।

**କଟକ ଅଫିସ, ୧୨।୧୦**

ଛାତ୍ରୀଛାତ୍ରମାନେ ଭବିଷ୍ୟତ ଗଠନ ପାଇଁ ଯତ୍ନବାନ ହେବା ଉଚିତ। ସେମାନେ ତାଙ୍କର ସ୍ୱପ୍ନକୁ କିପରି ସାକାର କରିବେ ସେ ଦିଗରେ ନିରନ୍ତର ଉଦ୍ୟମ କରନ୍ତୁ। ସ୍ଥଳଭାଗ ଓ ମହାକାଶକୁ ସଂଯୋଗ କରିବା କାମ ସାଟେଲାଇଟ୍ କରୁଛି। ଏହି ଯୋଗସୂତ୍ରକୁ କିଭଳି ସଫଳ କରିବା, ସେଥିପ୍ରତି ସମସ୍ତେ ଚେଷ୍ଟା କରିବା ଉଚିତ୍ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ବିଶ୍ୱ ମହାକାଶ ସପ୍ତାହ ପାଳନ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପକ୍ଷରୁ ଶ୍ରୀହରିକୋଟାର ସତିଶ ଧୱନ ମହାକାଶ କେନ୍ଦ୍ର(ଏସ୍‌ଡିଏସ୍‌ସି) ଏସ୍‌ଏଚ୍‌ଏଆର ଦ୍ୱାରା ଏହି କାର୍ଯ୍ୟକ୍ରମ ସୋମବାରଠାରୁ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରର ଏସ୍‌ଏଚ୍‌ଏଆର୍ ନିର୍ଦ୍ଦେଶକ ଏ. ରାଜାରାଜନ ସଭାପତିତ୍ୱ କରି କହିଥିଲେ, ସମ୍ପ୍ରତି ମହାକାଶ ବିଜ୍ଞାନ ଉପରେ ଅଧ୍ୟୟନ ନିମନ୍ତେ ଆଗ୍ରହ ବୃଦ୍ଧି ପାଉଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଦ୍ୟାଳୟସ୍ତରରେ ପ୍ରଦର୍ଶନୀ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ମହାକାଶ ସମ୍ପର୍କରେ ଅବଗତ କରାଯାଉଛି। ତେଣୁ ଛାତ୍ରୀଛାତ୍ର ଏଦିଗରେ ନିଜର ଜ୍ଞାନ ବୃଦ୍ଧି କରନ୍ତୁ ବୋଲି ସେ କହିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ଏସ୍‌ଡିଏସ୍‌ସିର ଉପ ନିର୍ଦ୍ଦେଶକ ଆର. ସେନ୍ଥିଲ୍ କୁମାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କୁ ଇସ୍ରୋ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମହାକାଶ ବିଜ୍ଞାନକୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଚିଲିକାରେ ନୌକାୟନ ଅଭିଯାନ



**୨୧୦ କି.ମି. ଅତିକ୍ରମ କରିବେ ୬୦ ଏନ୍‌ସିସି କ୍ୟାଡେଟ୍**

**କଟକ ଅଫିସ, ୧୨।୧୦**

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଓଡ଼ିଶା ନିର୍ଦ୍ଦେଶାଳୟ ପକ୍ଷରୁ ଚିଲିକା ହ୍ରଦରେ ନୌକାୟନ ଅଭିଯାନ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଟକସ୍ଥିତ ଏନ୍‌ସିସି ଗ୍ରୁପ୍ ହେଡକ୍ୱାର୍ଟରର ଗ୍ରୁପ କମାଣ୍ଡର କର୍ନେଲ ରଜନୀଶ କାପୁର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ନୌକାୟନ ଅଭିଯାନ ୧୦ ଦିନ ଧରି ଚାଲିବ। ଏହି ସମୟ ମଧ୍ୟରେ ୬୦ ଜଣ କ୍ୟାଡେଟ୍ ନୌକାୟନରେ ସାମିଲ ହୋଇ ଚିଲିକା ହ୍ରଦରେ ୨୧୦ କିଲୋମିଟର ଦୂରତା ଅତିକ୍ରମ କରିବେ ବୋଲି ଜଣାପଡିଛି। ଏଥିସହ କ୍ୟାଡେଟମାନେ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମରେ ଭାଗ ନେବେ। କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଅନୁଶାସନ ଭାବନା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ କ୍ୟାମ୍ପ କମାଣ୍ଡର ପୀୟୂଷ ଦାସ ଉପସ୍ଥିତ ଥିଲେ।


ଚୌଦ୍ୱାର ରୂପଯାତ୍ରା ଭସାଣି ଉତ୍ସବରେ ସାମିଲ ହୋଇଥିବା ମେଢ଼।

# ଭସାଣିରେ ୪୩ ମେଢ଼ ସାମିଲ

**ସରିଲା ଚୌଦ୍ୱାର ରୂପଯାତ୍ରା**

**ଚୌଦ୍ୱାର,୧୨।୧୦(ଡି.ଏନ୍.ଏ.)**

ଚୌଦ୍ୱାର ରୂପଯାତ୍ରାର ଅନ୍ତିମ ପର୍ବ ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୪୩ ମଣ୍ଡପରେ ପୂଜା ପାଉଥିବା ମା’ ଦୁର୍ଗା, ମହାଲକ୍ଷ୍ମୀ, ଗଜଲକ୍ଷ୍ମୀ, ମହାଦେବ, ହରପାର୍ବତୀ, ରାଧାକୃଷ୍ଣ, ଲକ୍ଷ୍ମୀନାରାୟଣ, ହନୁମାନ ଆଦି ମୂର୍ତ୍ତି ମଙ୍ଗଳବାର ସାହି ପରିକ୍ରମା କରି ସ୍ଥାନୀୟ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରେ ବିଭିନ୍ନ ଷ୍ଟଲ ପଡିଥିବାବେଳେ ଘରକରଣା ସାମଗ୍ରୀ ବିକ୍ରି ହେଉଥିଲା। ଚଳିତବର୍ଷ କରୋନା କଟକଣା ହଟିଥିବାରୁ ମେଳଣ ପଡିଆରେ ଲୋକଙ୍କ ଗହଳି ଲାଗିଥିଲା। ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଠାକୁରଙ୍କୁ ଦର୍ଶନ କରିବା ସହ ଚଟ୍‌ପଟି ଖାଦ୍ୟର ମଜା ଉଠାଇଥିଲେ। ମେଳଣ ପଡ଼ିଆରେ ସୂଚନାକେନ୍ଦ୍ର ଖୋଲା ଯାଇଥିବାବେଳେ ଅଗ୍ନିଶମ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ଜନସାଧାରଣଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୋଲିସ ପକ୍ଷରୁ ମେଳଣ ପଡ଼ିଆ ଓ ଏହାର ଆଖପାଖରେ ୪ଟି ଅସ୍ଥାୟୀ କ୍ୟାମ୍ପ କରାଯାଇ ପରିସ୍ଥିତି ଉପରେ ନଜର ରଖାଯିବା ସହିତ ସିସିଟିଭି ବ୍ୟବସ୍ଥା କରାଯାଇଥିବା ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି। ବୁଧବାର ସକାଳେ ପରମ୍ପରା ଅନୁଯାୟୀ ପୂଜା କମିଟି ପକ୍ଷରୁ ଛନ୍ଦା ପ୍ରଦାନ କରାଯିବା ପରେ ମେଢଗୁଡିକ କ୍ରମାନ୍ୱୟରେ ଶୋଭାଯାତ୍ରାରେ ନିଆଯାଇ ବିରୂପା ନଦୀକୂଳରେ ହୋଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଢୋଲ, ଘଣ୍ଟଘଣ୍ଟା, ପଶ୍ଚିମ ଓଡ଼ିଶାର ସିଙ୍ଗ ବାଜାରେ ଭସାଣି ଶୋଭାଯାତ୍ରା ପ୍ରକମ୍ପିତ ହୋଇଥିଲା।

# ବାସ୍କେଟବଲ ଖେଳାଳି ଚୟନରେ ଅନିୟମିତତା

**କଟକ ଅଫିସ ୧୨।୧୦**

ଚଳିତମାସ ୧୪ରୁ ପାଟନାଠାରେ ୭୨ତମ ସିନିୟର ବାସ୍କେଟବଲ (ପୁରୁଷ) ଇଷ୍ଟ ଜୋନ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ୧୬ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ତେବେ ଖେଳାଳି ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛନ୍ତି ବାସ୍କେଟବଲ ଖେଳାଳି ଦିବ୍ୟଜିତ ମହାପାତ୍ର। ଦିବ୍ୟଜିତଙ୍କ ଅଭିଯୋଗ ଅନୁଯାୟୀ ଚଳିତମାସ ୧ରୁ ୯ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡିୟମରେ ଶିବିର ହୋଇଥିଲା। ଏହି ଶିବିରରେ ସେ ଯୋଗ ଦେଇଥିଲେ। କିନ୍ତୁ ଶିବିର ଆରମ୍ଭ ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ୨୫ରୁ ଓଡ଼ିଶା ବାସ୍କେଟବଲ ଆସୋସିଏଶନ ପକ୍ଷରୁ ଚୂଡାନ୍ତ ତାଲିକା ପ୍ରସ୍ତୁତି ହୋଇସାରିଥିଲା, ଯାହାକି ନିୟମର ଉଲ୍ଲଂଘନ। ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଅଶୋକ ସାହୁ କିନ୍ତୁ ଘଟଣାକୁ ଅସ୍ୱୀକାର କରିଛନ୍ତି। ତାଙ୍କ କହିବା ଅନୁସାରେ ସେପ୍ଟେମ୍ବର ୨୪ ଓ ୨୫ ତାରିଖ ଦୁଇଦିନ ଧରି ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଫିଟନେସ୍ ଟ୍ରାଏଲ ଅନୁଷ୍ଠିତ ହୋଇଥିଲା। ସେଥିରେ ଦିବ୍ୟଜିତ ମହାପାତ୍ର ଅଂଶଗ୍ରହଣ କରିପାରି ନ ଥିଲେ। ପୂର୍ବଥର ଦିବ୍ୟଜିତ ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବାରୁ ତାଙ୍କୁ ଅକ୍ଟୋବର ପହିଲାରେ ହୋଇଥିବା ଶିବିରରେ ଯୋଗଦେବା ପାଇଁ ସୁଯୋଗ ଦିଆଯାଇଥିଲେ ହେଁ ତାଙ୍କର ଫିଟ୍‌ନେସ ନ ଥିଲା। ଯାହାଫଳରେ ସେ ଏଥର ଦଳରୁ ବାଦ୍ ପଡିଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ୧୪ରୁ ୧୭ ପର୍ଯ୍ୟନ୍ତ ଇଷ୍ଟ ଜୋନର ଜାତୀୟ ବାସ୍କେଟବଲ ଚାମ୍ପିୟନଶିପ୍ ପାଟନାଠାରେ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ହୋଇଥିବା ଖେଳାଳିମାନେ ହେଲେ ସହିଦ ଖାନ୍, ଜି. ସାଇରୋସନ, ରୁଦ୍ରକାନ୍ତ ସାହୁ, କେ. ଶ୍ରବଣ କୁମାର, ଏସ୍‌କେ ଫାୟାଜ, ଶେଖ ଆଫଲବ, ସୁରେଶ ଦାସ, ଏସ୍‌କେ ରିଆଜ ଅବଲୁଜ୍, ଶିବ ଶଙ୍କର ବେହେରା, ସ୍ୱାଗତ ସାହୁ, ଚିରଞ୍ଜନ ପ୍ରଧାନ, ସୁମନ କୁମାର ସାହୁ, ସନ୍ତୋଷ ଖମାରୀ, ବି. ଶିବାଶଙ୍କର, ବ୍ରହ୍ମାନନ୍ଦ ବେହେରା ଓ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଅନ୍ତର୍ଭୁକ୍ତ।

# ସମିତି ସଭ୍ୟା ପଦବୀ ପାଇଁ ଏକକ ପ୍ରାର୍ଥିନୀ

**କଟକ ସଦର, ୧୨।୧୦(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତପାଟଣା ସମିତି ସଭ୍ୟା ନିର୍ବାଚନ ପାଇଁ ବୁଧବାର ପ୍ରାର୍ଥିପତ୍ର ଦାଖଲର ଶେଷଦିନ ଥିଲା। ଏଥିପାଇଁ ଭାଗ୍ୟଲକ୍ଷ୍ମୀ ରାଉତ ଏକକ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଉକ୍ତ ପଞ୍ଚାୟତର ସମିତି ସଭ୍ୟା ପ୍ରାର୍ଥିନୀ ବିଷ୍ଣୁପ୍ରିୟା ରାଉତଙ୍କ ଅକାଳ ବିୟୋଗ ଯୋଗୁ ମଧ୍ୟବର୍ତ୍ତୀ ନିର୍ବାଚନର ଆବଶ୍ୟକତା ପଡ଼ିଲା। ପ୍ରାର୍ଥିପତ୍ର ଦାଖଲବେଳେ ବିଜେଡି ନେତା ପ୍ରଫୁଲ୍ଲ ସିଂହ, ସମର ବେହେରା, ରଜନୀକାନ୍ତ ସାହୁ, ନିଗମ ରାଉତ, ବିରଞ୍ଚି ପଣ୍ଡା, ସୁବୋଧ ବେହେରାଙ୍କ ସମେତ ଗତିରାଉତପାଟଣାର ଶତାଧିକ ମହିଳାପୁରୁଷ ଉପସ୍ଥିତ ଥିଲେ।

# ପୁସ୍ତକ ‘ଆହତ ସ୍ୱପ୍ନ ଓ ଅନ୍ୟାନ୍ୟ ଗଳ୍ପ’ ଉନ୍ମୋଚିତ

**କଟକ ଅଫିସ, ୧୨।୧୦**

ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ କଥାଶିଳ୍ପୀ ଡ. କଳ୍ପଲତା ଦାସଙ୍କ ଗଳ୍ପ ସଂକଳନ ‘ଆହତ ସ୍ୱପ୍ନ ଓ ଅନ୍ୟାନ୍ୟ ଗଳ୍ପ’ କଟକ ସାରଳା ଭବନରେ ବୁଧବାର ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସୂଚନା ଆୟୁକ୍ତ ବାଳକୃଷ୍ଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଲେଖିକା ଡ. ଦାସ ସାମ୍ପ୍ରତିକ ସମୟର ସାମାଜିକ ଚିତ୍ର, ଚାଲିଚଳନ, ସଂସ୍କୃତି, ବିଧିବ୍ୟବସ୍ଥା ଓ ଦାୟିତ୍ୱବୋଧକୁ ସରଳ ଓ ସାବଲୀଳ ଭାବରେ ତାଙ୍କ ଗଳ୍ପଗୁଡ଼ିକରେ ଚିତ୍ରଣ କରିଛନ୍ତି ବୋଲି ମହାପାତ୍ର କହିଥିଲେ। ଅନୁଷ୍ଠାନର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଡ. ବିଜୟଲକ୍ଷ୍ମୀ ଦାଶ ଯୋଗଦେଇ କହିଥିଲେ, ‘ଆହତ ସ୍ୱପ୍ନ ଓ ଅନ୍ୟାନ୍ୟ ଗଳ୍ପ’ ପୁସ୍ତକରେ ଜୀବନରେ ମୂଲ୍ୟବୋଧର ଗୁରୁତ୍ୱ, ନୈତିକତା ଓ ଆଦର୍ଶବୋଧ, ପାରିବାରିକ ବ୍ୟକ୍ତି–ଚରିତ୍ର ଓ ସଂସ୍କୃତିର ଅବକ୍ଷୟ ପରିଲକ୍ଷିତ ହେବା ସହ ରାଷ୍ଟ୍ରୀୟ ସଂହତିର ଭାବ ଉଦ୍ରେକ ହୋଇଛି। ଏଥିରେ ସମ୍ମାନିତ ଅତିଥି ଭାବେ କବି କିଶୋର କୁମାର ମହାନ୍ତି ଓ ସାହିତ୍ୟିକ ରବିନାରାୟଣ ନନ୍ଦ ଯୋଗ ଦେଇଥିଲେ। ପରିଷଦର ସାଧାରଣ ସମ୍ପାଦକ ସଞ୍ଜିତ୍ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପ୍ରଫେସର ରାଜକିଶୋର ଦାସ ଧନ୍ୟବାଦ ଦେଇଥିଲେ। ଜୟନ୍ତ କୁମାର ଦାସ ଓ ସାରା ଦାସ ଉତ୍ସବକୁ ପରିଚାଳନା କରିଥିଲେ।

# ୬୦ କୁଇଣ୍ଟାଲ ଭାଙ୍ଗ ଜବତ, ୨ ଗିରଫ

**କଟକ ଅଫିସ,୧୨।୧୦:** ବିହାରରୁ ଓଡ଼ିଶାକୁ ବେଆଇନ ଭାଙ୍ଗ ଚାଲାଣ ହେଉଥିବା ଏକ ଟ୍ରକ (ନଂ.ଓଡ଼ି୦୨ବିଡି–୬୬୭୫)କୁ ଜିଲା ଅବକାରୀ ବିଭାଗ ଜବତ କରିଛି। ସେଥିରେ ୬୦ କୁଇଣ୍ଟାଲ ଭାଙ୍ଗ ରହିଥିଲା। ଏହାର ଆନୁମାନିକ ମୂଲ୍ୟ ୬୦ ଲକ୍ଷ ଟଙ୍କା ହେବ ବୋଲି ଜିଲା ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଶୋକ ପାଶ୍ୱାନ ଓ ଯୋଗେନ୍ଦ୍ର ପାଶୱାନଙ୍କୁ ଗିରଫ କରାଯାଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିହାରରୁ ଓଡ଼ିଶାକୁ ଭାଙ୍ଗ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଅବକାରୀ ବିଭାଗର ମୋବାଇଲ୍ ଟିମ୍ ଟାଙ୍ଗୀ ଟୋଲ୍‌ଗେଟ୍ ନିକଟରେ ବୁଧବାର ସକାଳୁ ଜଗି ରହିଥିଲା। ଟ୍ରକ୍‌ଟି ପହଞ୍ଚିବା ପରେ ଯାଞ୍ଚ କରିବାରୁ ସେଥିରେ ଭାଙ୍ଗ ଥିବା ଜଣାପଡିଥିଲା। ଗିରଫ ଅଭିଯୁକ୍ତଦ୍ୱୟ ବିହାର ବାସିନ୍ଦା। ମାତ୍ର ଅଶୋକ ଓଡ଼ିଶାରେ ବହୁଦିନ ହେବ ରହିଯାଇ ଏହି କାରବାର ଚଳାଉଥିବା ସ୍ୱୀକାର କରିଛନ୍ତି। ସେ ବିହାର ବେଗୁସରାଇର ବିଭିନ୍ନ ଗ୍ରାମରୁ ଭାଙ୍ଗ ସଂଗ୍ରହ କରି ଟ୍ରକ ଯୋଗେ ଓଡ଼ିଶା ଆଣିଥାନ୍ତି ବୋଲି ତଦନ୍ତବେଳେ ଅବକାରୀ ବିଭାଗ ଜାଣିବାକୁ ପାଇଛି।



# କାଠଯୋଡ଼ି ବନ୍ଧରେ ଜମୁଛି କୁଲା, ବାଉଁଶିଆ ବେପାର



**କଟକ ଅଫିସ, ୧୨।୧୦**

କଟକର ଐତିହାସିକ ଦେବୀଗଡ଼ା ଘାଟ। ଦୀର୍ଘବର୍ଷ ହେବ କାଠଯୋଡି ନଦୀର ଉକ୍ତ ଘାଟରେ ପାର୍ବଣ ସମୟରେ ଦେବଦେବୀଙ୍କ ମୂର୍ତ୍ତି ବିସର୍ଜନ କରାଯାଇଆସୁଛି। ବିଶେଷକରି ମା’ ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା ଦେଖିବାକୁ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକମାନେ ଏଠାକୁ ଆସିଥାନ୍ତି। ଫଳରେ ଏଠାରେ ପ୍ରବଳ ଜନସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲାରୁ ବ୍ୟବସାୟୀମାନେ ବାଉଁଶଯାତ ଘରକରଣା ସାମଗ୍ରୀ ଆଣି ଏଠାକୁ ବ୍ୟବସାୟ କରିବାକୁ ଆସିଥାନ୍ତି। ଲୋକମାନେ ଭସାଣି ଦେଖିବା ସହ କୁଲା, ବାଉଁଶିଆ, ଟୋକେଇ, ଛାଞ୍ଚୁଣି ଭଳି ସାମଗ୍ରୀ କିଣି ଘରକୁ ନେଇଥାନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବିଭିନ୍ନ ଜିଲାରୁ ବ୍ୟବସାୟୀମାନେ ଆସି କାଠଯୋଡି ନଦୀ ରିଂବନ୍ଧ ରାସ୍ତାପାର୍ଶ୍ୱରେ ବାଉଁଶଯାତ ସାମଗ୍ରୀ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଲୋକମାନେ ମଧ୍ୟ ଭସାଣି ଦେଖିବା ସହ ଉକ୍ତ ସାମଗ୍ରୀ କିଣି ଘରକୁ ନେଇଥିଲେ। ଏବେବି ସେଠାରେ ବେପାର ଜମୁ ଥିବା ଦେଖିବାକୁ ମିଳିଛି।

“ଡାଲା, ବାଉଁଶିଆ ଓ କୁଲା ସହ ଛୁଆଙ୍କ ପାଇଁ ଖେଳନା କିଣିଲି। ଚଳିତବର୍ଷ ଭଲ ସାମଗ୍ରୀ ଥିଲେ ମଧ୍ୟ ଦାମ୍ ବହୁତ ଅଧିକା ରହିଥିଲା। ତେଣୁ ମୁଲଚାଲ କରି କିଣିବାକୁ ପଡିଲା। ୨ ବର୍ଷପରେ ଏଠାକୁ ଆସି ବହୁତ ଖୁସି ଲାଗିଲା।



**–ଉର୍ବଶୀ ମହାନ୍ତି, ଗ୍ରାହକ, ସାଓ୍ୱୋଳ**

“୨ ବର୍ଷ ପରେ ଏଠାକୁ ବ୍ୟବସାୟ କରିବାକୁ ପାଇଁ ଆସିଛି। ହେଲେ ବର୍ଷା ଯୋଗୁ ବେପାର ମାନ୍ଦା ହୋଇଛି। କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ ଦୋକାନ ଖୋଲିବୁ। ଆଶା କରୁଛି ଭଲ ବ୍ୟବସାୟ ହେବ।



**–ଅଭିମନ୍ୟୁ ବେହେରା, ବ୍ୟବସାୟୀ, ଯାଜପୁର**

“କରୋନା ମହାମାରୀ ଯୋଗୁ ୨ ବର୍ଷ ହେବ ମା’ ଦୁର୍ଗାଙ୍କ ଭସାଣି ଦେଖିବାରୁ ବଞ୍ଚିତ ହୋଇଥିଲି। ଚଳିତବର୍ଷ ଭସାଣି ଦେଖିବା ପାଇଁ ପରିବାର ସହ ଆସିଥିଲି। ଏଥିସହ ରିଂବନ୍ଧ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ଘରକରଣା ସାମଗ୍ରୀ କିଣି ଘରକୁ ଫେରିଥିଲି।



**–ପ୍ରମିଳା ଜେନା, ଗ୍ରାହକ, ସାଲେପୁର**

“ପ୍ରାୟ ୧୫ ବର୍ଷ ହେବ ଭସାଣି ସମୟରେ ଡାଲା, ବାଉଁଶିଆ, କୁଲା ଭଳି ବାଉଁଶଯାତ ସାମଗ୍ରୀ ବିକ୍ରି କରିବା ପାଇଁ ଏଠାକୁ ଆସୁଛି। ପ୍ରତିବର୍ଷ ଭଲ ବ୍ୟବସାୟ ହୋଇଥାଏ। ଚଳିତବର୍ଷ ବର୍ଷା ଯୋଗୁ ବ୍ୟବସାୟ କମ୍ ହୋଇଛି।



**–ଜି. ଅଞ୍ଜୁଳା, ବ୍ୟବସାୟୀ, ଗଞ୍ଜାମ**

## ସଂକ୍ଷେପରେ

### ତିରିମଲ ପଞ୍ଚାୟତରେ ବିଜେଡି ଜନସମ୍ପର୍କ ଯାତ୍ରା



ଜଟଣୀ,୧୨।୧୦(ଡି.ଏନ୍.ଏ.): ଜଟଣୀ ବ୍ଲକ ଅଧୀନ ତିରିମଲ ପଞ୍ଚାୟତରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗତ ୨ ତାରିଖରରୁ ଆରମ୍ଭ ହୋଇଥିବା ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ପରିପ୍ରେକ୍ଷୀରେ ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ଜଟଣୀରେ ପଦଯାତ୍ରା ଆୟୋଜିତ ହୋଇଯାଇଛି। ପଦଯାତ୍ରାରେ ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ଉପାଧକ୍ଷ ଜ୍ୟୋସ୍ନାରାଣୀ ଦାସ, ରତ୍ନାକର ପ୍ରଧାନ, ପୂର୍ବତନ ବିଜେଡି ନଗର ସଭାପତି ଆଶୁତୋଷ ପ୍ରତାପସିଂ, ଜୋନ -୭ ଜିଲା ପରିଷଦ ସଦସ୍ୟ ମୋହିନୀ ନାୟକଙ୍କ ସହିତ ପଞ୍ଚାୟତ ଓ ନିର୍ବାଚନ ମଣ୍ଡଳୀର ଶହ ଶହ ବିଜେଡି କର୍ମୀ ଓ ନେତୃମଣ୍ଡଳୀ ଯୋଗଦେଇଥିଲେ। ଉକ୍ତ ପଦଯାତ୍ରାକୁ ତିରିମଲ ସରପଞ୍ଚ ପ୍ରସନ୍ନ ଛୋଟରାୟ ପରିଚାଳନା କରିଥିବା ସମୟରେ ପଞ୍ଚାୟତର ଏହି ପଦଯାତ୍ରାରେ ତିରିମଲ ପଂଚାୟତର ସମସ୍ତ ୱାର୍ଡର ଶତାଧିକ କର୍ମୀ ସାମିଲ ହୋଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲ। ସରକାରଙ୍କ ସୁଶାସନର ବିଭିନ୍ନ ପଦକ୍ଷେପ ଓ ବିଜେଡିର ଜନମଙ୍ଗଳ କାର୍ଯ୍ୟ ବିଷୟରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ।

### ପୁସ୍ତକ 'କଳିଙ୍ଗକନ୍ୟା ଦ୍ରୌପଦୀ ମୁର୍ମୁ' ଉନ୍ମୋଚିତ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ): ଲେଖକ ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ଦ୍ୱାରା ଓଡ଼ିଆ ଝିଅ ତଥା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ ଲିଖିତ ପୁସ୍ତକ 'କଳିଙ୍ଗକନ୍ୟା ଦ୍ରୌପଦୀ ମୁର୍ମୁ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ମଙ୍ଗଳବାର ରାଜଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଲେଖକ ମହାପାତ୍ର ରାଜ୍ୟପାଳଙ୍କୁ ୭ଖଣ୍ଡ ପୁସ୍ତକ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସାମ୍ବାଦିକ ସନ୍ଦୀପ ସାହୁ, ଆଡଭୋକେଟ୍ ମହେଶ ରାୟ, ତୁଳସୀରାମ ଜଗତ ଏବଂ କବି ତଥା ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ ଉପସ୍ଥିତ ଥିଲେ। ୩୦୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକରେ ରାଷ୍ଟ୍ରପତି ମୁର୍ମୁଙ୍କ ଜୀବନୀ, ତାଙ୍କର ରାଜନୀତି କ୍ୟାରିୟରଠୁ ନେଇ ରାଷ୍ଟ୍ରପତି ହେବା ପର୍ଯ୍ୟନ୍ତ ଯାତ୍ରା ସବୁ ବର୍ଣ୍ଣନା କରାଯାଇଛି।

### 'ମୁଁ ସଫେଇବାଲା' ଗାଡ଼ିକୁ ଟ୍ରାକ କରିବ 'ସଫା ଆପ୍'

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ) - ଅଳିଆ ଗାଡ଼ିକୁ ଟ୍ରାକ୍ କରିବ 'ସଫା ଆପ୍'। ପ୍ରତି ଘରେ କ୍ୟୁଆର୍ କୋଡ୍ ଲାଗିବ। ଜିପିଏସ୍ ଯୋଗେ ଏହା ଅଳିଆ ଗାଡ଼ି ବା 'ମୁଁ ସଫେଇବାଲା' ଗାଡ଼ିକୁ ଟ୍ରାକ କରିବ। ସ୍ୱଚ୍ଛତା ଅଭିଯାନକୁ ଅଧିକ ବ୍ୟବସ୍ଥିତ ଓ କ୍ରିୟାଶୀଳ କରିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ପକ୍ଷରୁ ଏହି 'ସଫା ଆପ୍'ର ଟ୍ରାଏଲ ରନ୍ ବୁଧବାର ଆରମ୍ଭ ହୋଇଛି। ବିଏମ୍ସି ୱାର୍ଡ ନମ୍ବର ୪୦ ଅଧୀନ ୟୁନିଟ-୧ ସରକାରୀ କଲୋନୀରୁ ପରୀକ୍ଷାମୂଳକ ଭାବେ ଏହି ସଫା ଆପ୍ ଡେମୋ କାର୍ଯ୍ୟ କରିଛି।

# ହିନ୍ଦୁ, ମୁସଲମାନ ମିଶି କରନ୍ତି ଆରାଧନା

ଖୋର୍ଦ୍ଧା ଅଫିସ,୧୨।୧୦

ଖୋର୍ଦ୍ଧାରେ ଚାଲିଛି ମା' ଗଜଲକ୍ଷ୍ମୀଙ୍କ ଆରାଧନା। ପୂଜାମଣ୍ଡପରେ ଜମୁଛି ଶ୍ରଦ୍ଧାଳୁଙ୍କ ଭିଡ଼। ଆକର୍ଷଣୀୟ ସାଜସଜ୍ଜା, ତୋରଣ, ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର। ପୁରୁଣା ବସଷ୍ଟାଣ୍ଡରେ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମା' ଧନଦାତ୍ରୀଙ୍କ ପୂଜା କରାଯାଉଛି। ୫୦ବର୍ଷ ତଳେ ଏଠାରେ କଦଳୀ ବ୍ରିକି କରୁଥିବା ଉଠା ବ୍ୟବସାୟୀମାନେ ଧନଲକ୍ଷ୍ମୀଙ୍କ ପୂଜା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ବଜାର କମିଟି ଓ ବ୍ୟବସାୟୀ ସଂଘ ପକ୍ଷରୁ ପୂଜା ଆୟୋଜନ କରାଯାଉଛି। ଚଳିତବର୍ଷ ୩୪ଟି ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି।



ହିନ୍ଦୁ ମୁସଲମାନ ଏକାଠି ହୋଇ ମା' ଗଜଲକ୍ଷ୍ମୀଙ୍କୁ ପୂଜା କରୁଛନ୍ତି।

ପୁରୁଣା ମେଡିକାଲ ରୋଡର ଗୋପବନ୍ଧୁ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ନିଆରା ଢଙ୍ଗରେ ପୂଜା ଦେଖିବାକୁ ମିଳେ। ଏଠାରେ ଅଧିକାଂଶ ବ୍ୟବସାୟୀ ହେଉଛନ୍ତି ମୁସଲମାନ ସମ୍ପ୍ରଦାୟର। ହିନ୍ଦୁ ଓ ମୁସଲମାନ ସମସ୍ତେ ମିଶି ମା'ଙ୍କ ଆରାଧନା କରନ୍ତି। ଦଶହରାରେ ମାଣିକାଗୋଡାରେ ଅପରାଜିତା ହୋମରେ ବ୍ରାହ୍ମଣଙ୍କ ପୁରୋହିତଙ୍କଠାରୁ ମୁସଲମାନ ଦଳବେହେରା କୁଶବଟୁ ପରିଧାନ କରି ହୋମରେ ଆହୁତି ଦେଇଥାନ୍ତି। ଏହି ପୂଜା ମାଧ୍ୟମରେ ମଧ ଭାଇଚାରାର ବାର୍ତ୍ତା ଦିଆଯାଇଥାଏ। ଧାର୍ମିକ ଭେଦଭାବକୁ ଭୁଲି ମା'ଙ୍କ ପୂଜାର୍ଚ୍ଚନାରେ ସାମିଲ ହୋଇଥାନ୍ତି। ଭୋଗଲାଗି ପରେ ସମସ୍ତେ ଆନନ୍ଦର ସହ ଏହାକୁ ଗ୍ରହଣ କରିଥାନ୍ତି। କମିଟି ସମ୍ପାଦକ ନିରଞ୍ଜନ ଦୋରା କହିଛନ୍ତି, ପୁରୁଣା ମେଡିକାଲଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ୪୫ଟି ଦୋକାନକୁ ନେଇ ଗୋପବନ୍ଧୁ ବାଣିଜ୍ୟ ପରିଷଦ ଗଠନ କରାଯାଇଛି। ଏଠାରେ ଅଧିକାଂଶ ବ୍ୟବସାୟୀ ହେଉଛନ୍ତି ମୁସଲିମ ସମ୍ପ୍ରଦାୟର। ସମସ୍ତଙ୍କ ଆଗ୍ରହ କ୍ରମେ ଦୀର୍ଘ ୨୨ବର୍ଷ ହେଲା ପୂଜା ହୋଇ ଆସୁଛି। ପ୍ରଥମେ ପରିବା ଦୋକାନରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ପିଣ୍ଡି ନିର୍ମାଣ କରାଯାଇ ପୂଜା ଆୟୋଜିତ ହୋଇ ଆସୁଛି। ପୂଜା ସମୟରେ ମୁସଲିମ ଭାଇମାନେ ଆଗ୍ରହର ସମସ୍ତ ପୂଜା ସାମଗ୍ରୀ କ୍ରୟ କରିଥାନ୍ତି। ଏହି କମିଟିରେ ସଦସ୍ୟ ଥିବା ସେକ୍ ସଲିମ, ଏମ୍ଡି ରେହମାନ ଏବଂ ଏମ୍ଡି ଗୁଲାମ ରସୁଲ କହନ୍ତି, ଏଠାରେ ହିନ୍ଦୁ ଓ ମୁସଲିମ ଭାଇ ମିଳିମିଶି ପୂଜା କରନ୍ତି। କାହାରି ମଧ୍ୟରେ କୌଣସି ଭେଦଭାବ ନାହିଁ। ସେହିପରି ମଜବୁର ରେହମାନ ଓ ମାସୁଦ୍ ଖାନ କହିଛନ୍ତି, ଦୀର୍ଘ ବର୍ଷ ଧରି ଏହି ନିଆରା ପରମ୍ପରା ଚାଲି ଆସିଛି। ପୂଜା କମିଟି ସଦସ୍ୟ ଅଶୋକ କୁମାର ସେଠୀ, ମନୋରଞ୍ଜନ ମିଶ୍ର, ସୁଦର୍ଶନ କମାର ସାହୁ, ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ କହିଛନ୍ତି, ଏଠାରେ ସପ୍ତଦିନ ବ୍ୟାପୀ ବିଶ୍ୱଶାନ୍ତି ଉପଲକ୍ଷେ ଅଖଣ୍ଡ ଦୀପ ପ୍ରଜ୍ୱଳିତ କରାଯାଏ। ଏଥିସହିତ କମିଟି ସଦସ୍ୟମାନେ ମାନସିକ ଦୀପ ମଧ ଜାଳିଥାନ୍ତି। ପ୍ରତ୍ୟେକ ଦିନ ସଦସ୍ୟନ୍ମାନେ ମିଳିମିଶି ଭୋଗ ଦାୟିତ୍ୱ ନେଇଥାନ୍ତି। ମା'ଙ୍କୁ ଭୋଗ ଅର୍ପଣ ପରେ ସମସ୍ତଙ୍କୁ ବଣ୍ଟାଯାଏ। ଆଗକୁ ପୂଜା ଅଧିକ ଆଡ଼ମ୍ବରରେ ପାଳନ କରାଯିବ ଲାଗି ଯୋଜନା ରହିଛି।

## ଘର ଛାତରୁ ପଡ଼ି ମହିଳା ମୃତ

ବାରଙ୍ଗ,୧୨।୧୦(ଡି.ଏନ୍.ଏ.)

ରଘୁନାଥପୁର ଗାଁର ଅର୍ଚ୍ଚନା ଜେନା ବୁଧବାର ଘରର ତିନିତାଲା କୋଠା ଉପରୁ ତଳକୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅର୍ଚ୍ଚନା ରୋଷେଇ କରିବା ନିମନ୍ତେ କୋଠା ଉପରେ ଥିବା ଜାଳେଣି କାଠ ଆଣିବାକୁ ଉପରକୁ ଯାଇଥିଲେ। କାଠକୁ କୋଠା ଉପରୁ ତଳକୁ ପକାଇବାବେଳେ ଅସାବଧାନତା ଯୋଗୁ ଗୋଡ଼ ଖସିଯିବାରୁ ତଳକୁ ପଡ଼ିଯାଇଥିଲେ। ମୁଣ୍ଡରେ ଶକ୍ତ ଆଘାତ ଲାଗି ରକ୍ତାକ୍ତ ଅବସ୍ଥାରେ ଗାଁ ରାସ୍ତାରେ ପଡିଯାଇଥିଲେ। ଏହାଦେଖି ପରିବାର ଲୋକେ ଅର୍ଚ୍ଚନାକୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଦୁଇଟି ସନ୍ତାନର ଜନନୀ ୪୧ବର୍ଷୀୟ ମୃତା ଅର୍ଚ୍ଚନାଙ୍କ ସ୍ୱାମୀ ରମେଶ ଚନ୍ଦ୍ର ଜେନା ନନ୍ଦନକାନନରେ ଗାଇଡ୍ କାମ କରି ପରିବାର ପ୍ରତିପୋଷଣ କରନ୍ତି।

# ବିନ୍ଦାସ ଚିନୁଙ୍କୁ ଜେରା, କାରଣ ଖୋଜୁଛି ପୋଲିସ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

**ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲା**

- ଧର୍ମେନ୍ଦ୍ରଙ୍କ ସହ ମୋର ପାରିବାରିକ ସମ୍ପର୍କ: ଚିନୁ

ପୁରୀ ଜିଲା ଗୋପ ବ୍ଲକ ୧୧ ନମ୍ବର ଜୋନ ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣା ଦିନକୁ ଦିନ ନୂଆମୋଡ଼ ନେବାରେ ଲାଗିଛି। ଧର୍ମେନ୍ଦ୍ରଙ୍କ ବନ୍ଧୁ ଅକ୍ଷୟ ନାୟକଙ୍କ କଲ ରେକର୍ଡରେ ବିନ୍ଦାସ ଚିନୁଙ୍କ ନାମ ରହିଥିଲା। ଏହି ଲିଙ୍କରେ ବୁଧବାର ଡିସିପି କାର୍ଯ୍ୟାଳୟରେ ଚିନୁଙ୍କୁ ଜେରା କରିଛି କମିଶନରେଟ୍ ପୋଲିସ। ଧର୍ମେନ୍ଦ୍ରଙ୍କ ସହ ତାଙ୍କର ସମ୍ପର୍କ କ'ଣ, କେବେଠାରୁ ଧର୍ମେନ୍ଦ୍ରଙ୍କୁ ଜାଣିଥିଲେ, ଧର୍ମେନ୍ଦ୍ର କାହିଁକି ମାନସିକ ଚାପରେ ଥିଲେ ସେ ନେଇ ପୋଲିସ ପଚରାଉଚରା କରିଥିବା ଜଣାପଡ଼ିଛି। ତେବେ ଗଣମାଧମ ଆଗରେ ଚିନୁ କହିଛନ୍ତି, ଯାହା କହିବା କଥା ପୋଲିସଙ୍କୁ କହିଛି। ଧର୍ମେନ୍ଦ୍ରଙ୍କ ସହ ମୋର ପାରିବାରିକ ସମ୍ପର୍କ। ଦୀର୍ଘ ୨ ବର୍ଷ ଧରି ସମ୍ପର୍କ ରହିଛି। ଏପରିକି ମନ୍ତ୍ରୀ ମୋର ସମ୍ପର୍କୀୟ ମାମୁ। ତାଙ୍କର ସୋସିଆଲ ମିଡିଆ ବୁଝିବା ସହ ଧର୍ମେନ୍ଦ୍ରଙ୍କର ମଧ ବୁଝୁଥିଲି। ତେଣୁ ମାମୁଙ୍କ ଜରିଆରେ ଧର୍ମେନ୍ଦ୍ରଙ୍କୁ ଜାଣିଥିବା ସେ କହିଛନ୍ତି।



ଧର୍ମେନ୍ଦ୍ର ସାହୁ



ବିନ୍ଦାସ ଚିନୁ

ହେଲେ ସେ କାହିଁକି ମୋ ନା ନେଲେ ମୁଁ ଜାଣିନି, ଧର୍ମେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ପଚାର ବୋଲି କହିଛନ୍ତି। ସେହିଭଳି ପୂର୍ବରୁ ଅକ୍ଷୟ ନାୟକଙ୍କୁ ମଧ ପଚରାଉଚରା କରିଥିଲା ପୋଲିସ। କଲ୍ ରେକର୍ଡ ଯାଞ୍ଚ କରିବା ଲାଗି ଅକ୍ଷୟଙ୍କ ମୋବାଇଲ୍ ଜବତ କରିଥିଲା। ମୃତ୍ୟୁ ପୂର୍ବରୁ ଧର୍ମେନ୍ଦ୍ର ଟେଲିଫୋନ୍‌ରେ ଅକ୍ଷୟଙ୍କ ସହ କଥା ହୋଇଥିଲେ। ସେହି ଅଡିଓ ଭାଇରାଲ୍ ହୋଇଥିବାବେଳେ ସେଥିରେ ଧର୍ମେନ୍ଦ୍ର ମନ୍ତ୍ରୀଙ୍କ ସମେତ ୭ ଜଣଙ୍କୁ ଦାୟୀ କରିଥିଲେ, ଯେଉଁଥିରେ ଧର୍ମେନ୍ଦ୍ର ଚିନୁଙ୍କ ନାମ ନେଇଥିଲେ। ସେହି ଭିଡିଓ ଆଧାରରେ ପୋଲିସ ଚିନୁଙ୍କୁ ଡିସିପି ଅଫିସରେ ପଚାରାଉଚରା କରିଥିଲା।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୪ରେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଝୁଲନ୍ତା ମୃତଦେହ ଭୁବନେଶ୍ୱର ଲକ୍ଷ୍ମୀବିହାରସ୍ଥିତ ବାସଭବନ ସମ୍ମୁଖରୁ ଧଉଳି ଥାନା ପୋଲିସ ଜବତ କରିଥିଲା। ମୃତ୍ୟୁ ପୂର୍ବରୁ ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରିଥିଲେ। ସେଥିରେ ସେ ଲେଖିଥିଲେ, 'ମୋ ଫୋନ୍ ଦୁଇଟାରେ ସବୁ ଭିଡିଓ ରହିଛି। ତାକୁ ଲୋକଲୋଚନକୁ ଆଣିବେ।' ଏହାସହ ସାମ୍ବାଦିକ ଅକ୍ଷୟ ନାୟକଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ପ୍ରଶ୍ନ ଉଠୁଛି, କାହା ଉଦ୍ଦେଶ୍ୟରେ ସେ ଏଭଳି ଲେଖିଥିଲେ। ଦୁଇ ମୋବାଇଲ୍ ଫୋନରେ ଏମିତି କି ତଥ୍ୟ ରହିଛି, ଯାହାର ସମ୍ପର୍କ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ସହିତ ରହିଛି। ସତରେ ମୋବାଇଲ୍ ଖୋଲିବ କି ତାଙ୍କ ମୃତ୍ୟୁର ରହସ୍ୟ? ଅନ୍ୟପଟେ ଘଟଣା ଦିନ ଧର୍ମେନ୍ଦ୍ରଙ୍କ ଉପର ଘରେ ରହୁଥିବା ରୋଷେୟା ଓ ତାଙ୍କ ପରିବାର ଲୋକଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କରିବା ସହ ପଚରାଉଚରା କରି ଛାଡି ଦେଇଥିଲା। ଘଟଣାକୁ ୩ ସପ୍ତାହ ବିତିବାକୁ ବସିଥିବାବେଳେ ଏପର୍ଯ୍ୟନ୍ତ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

## ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଲା କିଟ୍

**ଟାଇମ୍ସ ହାୟର ଏଜୁକେଶନ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍-୨୦୨୩**

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ଟାଇମ୍ସ ହାୟର ଏଜୁକେଶନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍-୨୦୨୩ ବୁଧବାର ପ୍ରକାଶ ପାଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିବା ସହ ଉପରକୁ ଉଠିଛି। ପୂର୍ବବର୍ଷ କିଟ୍ ୮୦୧+ ସ୍ଥାନରେ ରହିଥିବାବେଳେ ଏବର୍ଷ ୨ଶହ ର୍ୟାଙ୍କ ଉନ୍ନୀତ ହୋଇ ସମଗ୍ର ବିଶ୍ୱର ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ୬୦୧+ ସ୍ଥାନ ପାଇଛି। ଏଥିସହ ଦେଶର ପୂର୍ବାଞ୍ଚଳ ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କିଟ୍ ପ୍ରଥମ ସ୍ଥାନରେ ରହିଛି। ଶୈକ୍ଷିକ ପରିବେଶ, ଗବେଷଣା, ଆବୃତି, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ଇଣ୍ଡଷ୍ଟ୍ରି ଇନ୍‌କମ୍ ଆଦି ମାନଦଣ୍ଡକୁ ନେଇ ଟାଇମ୍ସ ହାୟର ଏଜୁକେଶନ୍ ପକ୍ଷରୁ ବିଶ୍ୱର ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ନେଇ ଏହି ର୍ୟାଙ୍କ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ କିଟ୍ ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ସଫଳତା ମିଳିଥିବାରୁ କିଟ୍‌ର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ଖୁସି ଭରିଦେଇଛି। ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମିଳିତ ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି।

## ବିପର୍ଯ୍ୟୟ ପରିଚାଳନା ସଚେତନ କର୍ମଶାଳା



କୃଷ୍ଣପ୍ରସାଦ,୧୨।୧୦(ଡି.ଏନ୍.ଏ.)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ସଭା ଗୃହରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଅତିରିକ୍ତ ତହସିଲଦାର ଶଶିଭୂଷଣ ମିଶ୍ର, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର କୁମାର ନାୟକଙ୍କ ସମେତ ସମସ୍ତ ସରପଞ୍ଚ ଏବଂ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ତାଲିମ ପ୍ରଦାନ ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ୧୭ତାରିଖଠାରୁ ବାତ୍ୟା ଆଶ୍ରୟ ସ୍ଥଳୀଗୁଡିକରେ ପ୍ରଶିକ୍ଷଣ ଶିବିର ୧୧ ଦିନ ବ୍ୟାପି ଆୟୋଜନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ତାଲିମର ତଦାରଖ ନିମନ୍ତେ ଏକ କମିଟି ଗଠନ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟିର ସଦସ୍ୟ, ଉଦ୍ଧାରକାରୀ ଦଳ, ଆଶୁ ଚିକିତ୍ସା ଦଳଙ୍କୁ ଏହି ତାଲିମ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ଗାୟକ ରସନିଧି ଆନନ୍ଦଚନ୍ଦ୍ରଙ୍କ ସ୍ମୃତି ସମାରୋହ

ବୋଲଗଡ,୧୨।୧୦(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ ନାଉପଡା ଗ୍ରାମରେ ଗାୟକ ରସନିଧି ଆନନ୍ଦଚନ୍ଦ୍ର ବରାଡଙ୍କ ଦ୍ୱିତୀୟ ବାର୍ଷିକ ସ୍ମୃତି ସମାରୋହ ଶିକ୍ଷକ ନେତା ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ହରିବନ୍ଧୁ ସାହୁ, ମୁଖ୍ୟବକ୍ତା ଭାବେ ଐତିହାସିକ ରବୀନ୍ଦ୍ର କୁମାର ପରିଡା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବାଲ୍ମିକୀ ବଳିୟାରସିଂହ, ସଂକୀର୍ତ୍ତନ ମହାସଂଘର ସମ୍ପାଦକ ମଦନ ମୋହନ ଦାଶ, ସାମାଜିକ କର୍ମୀ ପଞ୍ଚୁ ଭାରିମଲ୍ଲ, ଭାଗୀରଥି ବରାଡ, ପୂର୍ବତନ ସମିତି ସଭ୍ୟ ସିଦ୍ଧେଶ୍ୱର ଶ୍ରୀଚନ୍ଦନ, ଗାୟକ ନରୋତ୍ତମ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ବରାଡଙ୍କ ଓଡ଼ିଶୀ ସଂକୀର୍ତ୍ତନ ପରମ୍ପରା ବଜାୟ ରଖିବାକୁ ତାଙ୍କର ସାଙ୍ଗିତିକ ଓ ସାଂଗଠନିକ ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ବରାଡଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତି ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି। ସଂକୀର୍ତ୍ତନ ଗାୟକ ଗୁରୁ ଦଇତାରୀ ମଙ୍ଗରାଜ ଓ ସଂକୀର୍ତ୍ତନ ଗାୟକ ବିଶ୍ୱନାଥ ପ୍ରଧାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ବରାଡଙ୍କ ଅନେକ ଶିଷ୍ୟା ଶିଷ୍ୟ ଓ ସ୍ଥାନୀୟ ଗ୍ରାମବାସୀ ଏହି ସମାରୋହରେ ଯୋଗଦେଇଥିଲେ। ତାଙ୍କର ପୁତ୍ର ମାନସ ଚନ୍ଦ୍ର ବରାଡ ଓ ନରେଶ ଚନ୍ଦ୍ର ବରାଡ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଗାୟକ ଗୋଲକ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଘରେ ପଶି ମୋବାଇଲ ଲୁଟିନେଲେ

ବାରଙ୍ଗ,୧୨।୧୦(ଡି.ଏନ୍.ଏ.)

ନନ୍ଦନକାନନ ଥାନା ରଘୁନାଥପୁର ବସଷ୍ଟାଣ୍ଡ ପାଖ ବସ୍ତିରେ ରହୁଥିବା ଜଣେ ମହିଳାଙ୍କ ଘରେ ପଶି ଜଣେ ଦୁର୍ବୃତ୍ତ ଏକ ଦାମୀ ମୋବାଇଲ ଫୋନ ଚୋରି କରି ନେଇଥିବା ବୁଧବାର ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ଉମା ବେହେରା ମଙ୍ଗଳବାର ରାତିରେ ଘରେ ଶୋଇଥିବାବେଳେ ସେହି ବସ୍ତିର ଜଣେ ଯୁବକ ଘରେ ପଶି ଏକ ଦାମୀ ମୋବାଇଲ ଫୋନ ନେଇ ପଳାଉଥିବାବେଳେ ଉମା ଉଠିପଡିଥିଲେ। ଯୁବକ ଉମାଙ୍କୁ ଧକ୍କାଦେଇ ଫୋନ ନେଇ ଦୌଡି ପଳାଇଥିଲେ।

# ୭ ଦିନରେ ନ୍ୟାୟ ନ ମିଳିଲେ ଆତ୍ମାହୁତି

ଖୋର୍ଦ୍ଧା ଅଫିସ,୧୨।୧୦

- ପୋଲିସ ଉପସ୍ଥିତିରେ ମହିଳାଙ୍କୁ ଆକ୍ରମଣ ଘଟଣା
- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ

ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଓ ବିକାଶ କ୍ଷେତ୍ରରେ ମହିଳାଙ୍କ ସହଭାଗିତାକୁ ଗୁରୁତ୍ୱ ଦେଉଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ଅପରପକ୍ଷରେ ପୋଲିସ ଉପସ୍ଥିତିରେ ତପସ୍ୱିନୀ ଦାସ ନାମ୍ନୀ ଜଣେ ମହିଳା ମରଣାନ୍ତକ ଆକ୍ରମଣର ଶିକାର ହୋଇ ନ୍ୟାୟ ପାଇଁ ବୋଲଗଡ଼ ଥାନାଠାରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେବା ପରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସପ୍ତାହକ ଭିତରେ ନ୍ୟାୟ ନ ମିଳିଲେ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ସେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ତପସ୍ୱିନୀ ଏକ ଫାଇନାନ୍ସ ସଂସ୍ଥାର କର୍ମଚାରୀ ଭାବେ କାମ କରନ୍ତି। ସେ ଗତ ଜୁଲାଇ ୨୦ରେ ବୋଲଗଡ଼ ଥାନା ଅନ୍ତର୍ଗତ ଅସରଳ ଗ୍ରାମକୁ ଟ୍ରାକ୍ଟର ଋଣ ଖିଲାପକାରୀଙ୍କଠାରୁ ପୋଲିସ ସହଯୋଗରେ ଗାଡ଼ି ଜବତ କରିବାକୁ ଯାଇଥିଲେ। ସେଠାରେ ଗାଡ଼ି ମାଲିକ, ତାଙ୍କ ସ୍ୱାମୀ ଏବଂ ଶ୍ୱଶୁର ପୋଲିସ ଉପସ୍ଥିତିରେ ତପସ୍ୱିନୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଙ୍କେଇ ଫାଣ୍ଡି ଏଏସ୍ଆଇ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେ ସେଠାରୁ ଭୁବନେଶ୍ୱର ଏମ୍ସ ଏବଂ କଟକ ଏସ୍‌ସିବିରେ ଚିକିତ୍ସିତ ହୋଇ ଫେରିବା ପରେ ଥାନାରେ ଏନେଇ ଏତଲା ଦେଇଥିଲେ। ତେବେ ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହେବା ପରେ ଗତ ଅଗଷ୍ଟ ଓ ସେପ୍ଟେମ୍ବରରେ ଦୁଇ ଥର ଏସ୍‌ପିଙ୍କୁ ଭେଟି ନ୍ୟାୟ ମାଗିଥିଲେ। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ସତ୍ତ୍ୱେ ଏଯାଏ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ଅଭିଯୁକ୍ତମାନେ ବାହାରେ ବୁଲୁଥିବାବେଳେ ପୋଲିସ ଘଟଣାକୁ ଚାପିଦେବାକୁ ଉଦ୍ୟମ କରୁଛି। ପୋଲିସର ଦାବି ମୁତାବକ ଟଙ୍କା ଦେଇପାରିଲି ନାହିଁ। ତେଣୁ ନ୍ୟାୟ ପାଇବାରୁ ବଞ୍ଚିତ ହେଲି ବୋଲି ତପସ୍ୱିନୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ଉପସ୍ଥିତିରେ ଆକ୍ରମଣ ଓ ଟଙ୍କା ପାଇଁ ଘଟଣା ଚାପିଦେବା ଅଭିଯୋଗ ଭିତ୍ତିହୀନ ବୋଲି ବୋଲଗଡ଼ ଥାନାଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି। ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଓ ଘଟଣାର ତଦନ୍ତ ଜାରି ରହିଛି ବୋଲି ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଘଟଣା ସମ୍ପର୍କରେ ଏସ୍‌ପିଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ତପସ୍ୱିନୀ ଜଣାଇଛନ୍ତି।



# କଳା, ସଂସ୍କୃତିର ବିକାଶ ହେଲେ ଅଞ୍ଚଳର ପ୍ରଗତି

ଜଟଣୀ,୧୨।୧୦(ଡି.ଏନ୍.ଏ.)

ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟଶ୍ରୀ ପକ୍ଷରୁ ଷୋଡ଼ଶ କୁମାର ଉତ୍ସବ -୨୦୨୨ ଏବଂ ନୃତ୍ୟଶ୍ରୀ ସମ୍ମାନ ପ୍ରଦାନ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସହଯୋଗରେ ସ୍ଥାନୀୟ ଟାଉନ ହଲ (ସ୍ରଷ୍ଟା ) ପରିସରରେ ନୃତ୍ୟଶ୍ରୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟ ବରେଣ୍ୟ ଅତିଥିଙ୍କ ମଧ୍ୟରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପୂର୍ବତନ ମୁଖ୍ୟ ପ୍ରଶାସିକା ଡ. ସଙ୍ଗୀତା ଗୋସାଇଁ, ଓଡ଼ିଶୀ ନୃତ୍ୟଶିଳ୍ପୀ ପୁଷ୍ପିତା ମିଶ୍ର ଏବଂ ଲେଲିନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କଳା ଓ ସଂସ୍କୃତିର ବିକାଶ ହେଲେ ଉକ୍ତ ଅଞ୍ଚଳର ସାମାଜିକ ଏବଂ ଆର୍ଥିକ ବିକାଶରେ ସହାୟକ ହୋଇଥାଏ। ତେଣୁ ବର୍ତ୍ତମାନ ସମୟରେ ସମାଜ ଓ ଏକ ଜାତିର ଉନ୍ନତି ଓ ତା'ର ପରିଚୟକୁ ପରିବ୍ୟାପ୍ତ ନିମନ୍ତେ ନୃତ୍ୟଶ୍ରୀ ଅନୁଷ୍ଠାନର ପ୍ରୟାସ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପୁଷ୍ପିତା ମିଶ୍ର ଏବଂ ଉଷାନାଥ ମିଶ୍ରଙ୍କୁ ସେମାନଙ୍କ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୃତ୍ୟଶ୍ରୀ ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତ୍ରିଲୋଚନ ମହାପାତ୍ର ଅଧ୍ୟକ୍ଷତା କରିଥିଲା ବେଳେ ସମ୍ପାଦକ ଚିନ୍ମୟୀ ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ କରିଥଲେ। କୁମାର ଉତ୍ସବ ପରିପ୍ରେକ୍ଷୀରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ବିଦୁସ୍ମିତା ଧନ୍ୟବାଦ ଦେଇଥିଲେ।




ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଯୁବତୀଙ୍କୁ ବ୍ଲାକମେଲିଂ: ଆଲ୍ଲାହାବାଦ ଯୁବକ ଗିରଫ

ନିମାପଡ଼ା,୧୨।୧୦(ଡି.ଏନ୍.ଏ.)- ଫେସ୍‌ବୁକରେ ପ୍ରେମ ପରେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଉଦ୍ୟମ ଚଳାଇବା ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ବୁଧବାର ନିମାପଡ଼ା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉତ୍ତରପ୍ରଦେଶର ଆଲ୍ଲାହାବାଦ ଗିଡଗଞ୍ଜ ଥାନା ଅଞ୍ଚଳର ରାଜୁଲାଲ(୩୧)। ପୋଲିସ ତାଙ୍କଠାରୁ ୨ଟି ମୋବାଇଲ ଏବଂ ଯୁବତୀଙ୍କ ଏକ ମୋବାଇଲ ଜବତ କରିଛି। ସୂଚନା ମୁତାବକ, ନିମାପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଫେସ୍‌ବୁକରେ ରାଜୁଲାଲଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ରାଜୁଲାଲ୍ ଯୁବତୀଙ୍କ ଅଶ୍ଳୀଳ ଫଟୋ, ଭିଡିଓ ଭାଇରାଲ କରି ତାଙ୍କଠାରୁ ମୋଟା ଅଙ୍କର ଅର୍ଥ ଦାବି କରି ବ୍ଲାକମେଲିଂ କରିବାକୁ ଉଦ୍ୟମ ଚଳାଇଥିଲେ। ଏ ସମ୍ପର୍କରେ ଯୁବତୀ ଗତ ଏପ୍ରିଲ ୨୧ରେ ପୁରୀ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବ୍ଲାକମେଲର ରାଜୁଲାଲଙ୍କ ବିରୋଧରେ ଦଫା ୨୯୨, ୪୬୫, ୪୬୯, ୫୦୦, ୫୦୯, ୪୨୦, ୬୬(ସି), ୬୬ (ଇ)/୬୭ ଆଇଟି ଆକ୍ଟରେ ଏକ ମାମଲା (ନଂ. ୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ରାଜୁଲାଲ ଯୁବତୀଙ୍କ ଘର ନିକଟକୁ ଆସିଥିବା ପୋଲିସ ଖବରପାଇ ତାଙ୍କୁ ଗିରଫ କରିଛି।

### ସୂଚନା ଅଧିକାର ଆଇନର ୧୮ବର୍ଷ ପୂର୍ତ୍ତି ପାଳନ

କାକଟପୁର,୧୨।୧୦(ଡି.ଏନ୍.ଏ.)- କାକଟପୁରସ୍ଥ ପ୍ରାଚୀ ପାଠାଗାରରେ ବୁଧବାର ସୂଚନା କର୍ମୀଙ୍କୁ ନେଇ ସୂଚନା ଅଧିକାର ଆଇନର ୧୮ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ସୂଚନା ଅଧିକାର ଆଇନର ସଫଳତା ଉପରେ ଆଲୋଚନା କରାଯାଇଥିଲା। ଜନ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟ ଅବଧି ରହିଛି ହେଲେ ସୂଚନା କମିଶନଙ୍କ ପାଖରେ ଅପିଲରେ ନ୍ୟାୟ ମିଳିବାର କିଛି ଅବଧି ନାହିଁ ଫଳରେ ଲୋକଙ୍କୁ ନ୍ୟାୟ ମିଳିବାକୁ ଅନେକ ବର୍ଷ ଲାଗିଯାଉଛି। ତେଣୁ ସରକାର ଉକ୍ତ ଆଇନରେ ପରିବର୍ତ୍ତନ ଆଣି ଅବଧି ରଖିବାକୁ ଉପସ୍ଥିତ କର୍ମୀମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଆଲୋଚନା ସଭାରେ ସୂଚନା କର୍ମୀ ସର୍ବଶ୍ରୀ ପ୍ରସନ୍ନ ଖୁଣ୍ଟିଆ, ଅକ୍ଷୟ ରାଉତ, କରୁଣା କର ସେନାପତି, ପଦ୍ମନାଭ ବାରିକ, ନରେନ୍ଦ୍ର ପାଇଟାଳ, ସମରେନ୍ଦ୍ର ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ।

### ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ

ଅସ୍ତରଙ୍ଗ/କାକଟପୁର,୧୨।୧୦(ଡି.ଏନ୍.ଏ.) କାକଟପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଥା ବିଆର୍‌ସିସି ପ୍ରସନ୍ନ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କାକଟପୁର ବ୍ଲକ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦେବରାଜ ଦାଶ, ମୁଖ୍ୟବକ୍ତା କାକଟପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରତାପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅତିଥି, ଅଭିଭାବକ କନ୍ୟାଭ୍ରୂଣ ଓ ନାରୀଙ୍କ ସୁରକ୍ଷା ଉପରେ ଶପଥପାଠ କରିଥିଲେ। ନାରୀ ଶିକ୍ଷା ଓ ସମାଜ ଗଠନରେ ନାରୀର ଭୂମିକା ଦିଗରେ ସଭାରେ ଆଲୋଚନା ହୋଇଥିଲା। କାକଟପୁର ବ୍ଲକର ସମସ୍ତ ବିଦ୍ୟାଳୟରୁ ବରିଷ୍ଠ ବର୍ଗର ୧୮ଜଣ ଓ କନିଷ୍ଠ ବର୍ଗର ୧୮ ଜଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। 'ଝିଅ ଆମ ପଢ଼ିବ, ଘର ଖୁସି ବଢ଼ିବ' ସମ୍ପର୍କିତ ପ୍ରବନ୍ଧ, ଏକକ ଅଭିନୟ ଓ ରଙ୍ଗୋଲି ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ବିନ୍ଦାସ ଚିନୁଙ୍କୁ ଜେରା, କାରଣ ଖୋଜୁଛି ପୋଲିସ୍

■ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲା
■ ଧର୍ମେନ୍ଦ୍ରଙ୍କ ସହ ମୋର ପାରିବାରିକ ସମ୍ପର୍କ: ଚିନୁ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ):


ଧର୍ମେନ୍ଦ୍ର ସାହୁ


ବିନ୍ଦାସ ଚିନୁ

ପୁରୀ ଜିଲା ଗୋପ ବ୍ଲକ ୧୧ ନମ୍ବର ଜୋନ ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣା ଦିନକୁ ଦିନ ନୂଆମୋଡ଼ ନେବାରେ ଲାଗିଛି। ଧର୍ମେନ୍ଦ୍ରଙ୍କ ବନ୍ଧୁ ଅକ୍ଷୟ ନାୟକଙ୍କ କଲ ରେକର୍ଡରେ ବିନ୍ଦାସ ଚିନୁଙ୍କ ନାମ ରହିଥିଲା। ଏହି ଲିଙ୍କରେ ବୁଧବାର ଡିସିପି କାର୍ଯ୍ୟାଳୟରେ ଚିନୁଙ୍କୁ ଜେରା କରିଛି କମିଶନରେଟ୍ ପୋଲିସ। ଧର୍ମେନ୍ଦ୍ରଙ୍କ ସହ ତାଙ୍କର ସମ୍ପର୍କ କ'ଣ, କେବେଠାରୁ ଧର୍ମେନ୍ଦ୍ରଙ୍କୁ ଜାଣିଥିଲେ, ଧର୍ମେନ୍ଦ୍ର କାହିଁକି ମାନସିକ ଚାପରେ ଥିଲେ ସେ ନେଇ ପୋଲିସ ପଚରାଉଚରା କରିଥିବା ଜଣାପଡ଼ିଛି। ତେବେ ଗଣମାଧ୍ୟମ ଆଗରେ ଚିନୁ କହିଛନ୍ତି, ଯାହା କହିବା କଥା ପୋଲିସଙ୍କୁ କହିଛି। ଧର୍ମେନ୍ଦ୍ରଙ୍କ ସହ ମୋର ପାରିବାରିକ ସମ୍ପର୍କ। ଦୀର୍ଘ ୨ ବର୍ଷ ଧରି ସମ୍ପର୍କ ରହିଛି। ଏପରିକି ମନ୍ତ୍ରୀ ମୋର ସମ୍ପର୍କୀୟ ମାମୁ। ତାଙ୍କର ସୋସିଆଲ ମିଡିଆ ବୁଝିବା ସହ ଧର୍ମେନ୍ଦ୍ରଙ୍କର ମଧ୍ୟ ବୁଝୁଥିଲି। ତେଣୁ ମାମୁଙ୍କ ଜରିଆରେ ଧର୍ମେନ୍ଦ୍ରଙ୍କୁ ଜାଣିଥିବା କହିଛନ୍ତି। ହେଲେ ସେ କାହିଁକି ମୋ ନା ନେଲେ ମୁଁ ଜାଣିଣି, ଧର୍ମେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ପଚାର ବୋଲି କହିଛନ୍ତି। ସେହିଭଳି ପୂର୍ବରୁ ଅକ୍ଷୟ ନାୟକଙ୍କୁ ମଧ୍ୟ ପଚରାଉଚରା କରିଥିଲା ପୋଲିସ। କଲ୍ ରେକର୍ଡ ଯାଞ୍ଚ କରିବା ଲାଗି ଅକ୍ଷୟଙ୍କ ମୋବାଇଲ୍ ଜବତ କରିଥିଲା। ମୃତ୍ୟୁ ପୂର୍ବରୁ ଧର୍ମେନ୍ଦ୍ର ଟେଲିଫୋନ୍‌ରେ ଅକ୍ଷୟଙ୍କ ସହ କଥା ହୋଇଥିଲେ। ସେହି ଅଡିଓ ଭାଇରାଲ୍ ହୋଇଥିବାବେଳେ ସେଥିରେ ଧର୍ମେନ୍ଦ୍ର ମନ୍ତ୍ରୀଙ୍କ ସମେତ ୭ ଜଣଙ୍କୁ ଦାୟୀ କରିଥିଲେ। ଯେଉଁଥିରେ ଧର୍ମେନ୍ଦ୍ର ଚିନୁଙ୍କ ନାମ ନେଇଥିଲେ। ସେହି ଭିଡିଓ ଆଧାରରେ ପୋଲିସ ଚିନୁଙ୍କ ଡିସିପି ଅଫିସରେ ପଚରାଉଚରା କରିଥିଲା।

ସୂଚନାଯୋଗ୍ୟ ଗତ ସେପ୍ଟେମ୍ବର ୨୪ରେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଝୁଲନ୍ତା ମୃତଦେହ ଭୁବନେଶ୍ୱର ଲକ୍ଷ୍ମୀବିହାର ସ୍ଥିତ ବାସଭବନ ସମ୍ମୁଖରୁ ଧଉଳି ଥାନା ପୋଲିସ ଜବତ କରିଥିଲା। ମୃତ୍ୟୁ ପୂର୍ବରୁ ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରିଥିଲେ। ସେଥିରେ ସେ ଲେଖିଥିଲେ, 'ମୋ ଫୋନ୍ ଦୁଇଟାରେ ସବୁ ଭିଡିଓ ରହିଛି। ତାକୁ ଲୋକଲୋଚନକୁ ଆଣିବେ।' ଏହାସହ ସାମ୍ବାଦିକ ଅକ୍ଷୟ ନାୟକଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ପ୍ରଶ୍ନ ଉଠୁଛି, କାହା ଉଦ୍ଦେଶ୍ୟରେ ସେ ଏଭଳି ଲେଖିଥିଲେ। ଦୁଇ ମୋବାଇଲ୍ ଫୋନରେ ଏମିତି କି ତଥ୍ୟ ରହିଛି, ଯାହାର ସମ୍ପର୍କ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ସହିତ ରହିଛି। ସତରେ ମୋବାଇଲ୍ ଖୋଲିବ କି ତାଙ୍କ ମୃତ୍ୟୁର ରହସ୍ୟ? ଅନ୍ୟପଟେ ଘଟଣା ଦିନ ଧର୍ମେନ୍ଦ୍ରଙ୍କ ଉପର ଘରେ ରହିଥିବା ରେଷେୟା ଓ ତାଙ୍କ ପରିବାର ଲୋକ ଉପସ୍ଥିତ ରହିଥିବାରୁ ପୋଲିସ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହ ପଚରା ଉଚରା କରି ଛାଡି ଦେଇଥିଲା। ଘଟଣାକୁ ୩ ସପ୍ତାହ ବିତିବାକୁ ବସିଥିବାବେଳେ ଏପର୍ଯ୍ୟନ୍ତ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

# କଂଗ୍ରେସ କର୍ମୀଙ୍କ ବିକ୍ଷୋଭ,ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ନିମାପଡ଼ା,୧୨।୧୦(ଡି.ଏନ୍.ଏ.)

ନିମାପଡ଼ା ନିର୍ବାଚନମଣ୍ଡଳୀ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲାରେ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ନିରପେକ୍ଷ ତଦନ୍ତ କରାଯିବା ସହ ମନ୍ତ୍ରୀ ତାଙ୍କ ପଦବୀରୁ ଇସ୍ତଫା ଦିଅନ୍ତୁ। ଏହି ଦାବିରେ ନିମାପଡ଼ା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶତାଧିକ କର୍ମୀ ବୁଧବାର ଦୋଲବେଦୀ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନାରାବାଜି ଦେଇଥିଲେ। ଏହି ଅବସରରେ ଆନ୍ଦୋଳନସ୍ଥଳରେ କଂଗ୍ରେସ କର୍ମୀମାନେ ମନ୍ତ୍ରୀ ଦାଶଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଦୀର୍ଘ ୧ ଘଣ୍ଟା ଧରି ଏହି ଆନ୍ଦୋଳନ ଚାଲିଥିଲା। ପୂର୍ବତନ ମନ୍ତ୍ରୀ ତଥା ଜିଲା କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର ସେଠୀ, ନିମାପଡ଼ା ବ୍ଲକ କଂଗ୍ରେସ କମିଟି ସଭାପତି ଆଇନଜୀବୀ ବିଜୟ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ଡ. ନିରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ଜେନା, ଅଜୟ ମିଶ୍ର, ସୁବାସ ମଲ୍ଲିକ, ବିଷ୍ଣୁ ଭାରତୀ, ରଘୁନାଥ ସ୍ୱାଇଁ, ରାମଚନ୍ଦ୍ର ଜେନା ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୃହ ବିଭାଗର ସଚିବଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପୋଲିସ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା।



ପୁରୀ ଜିଲାର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ମାମଲାରେ ଗଣଶିକ୍ଷାମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗର ତଦନ୍ତ ଦାବି କରି ଭାଜପା ପକ୍ଷରୁ ବୁଧବାର ରାଜଭବନ ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା।

### ଟାଇମ୍ସ ହାୟର ଏଜୁକେଶନ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍-୨୦୨୩
# ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଲା କିଟ୍

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ଟାଇମ୍ସ ହାୟର ଏଜୁକେଶନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍-୨୦୨୩ ବୁଧବାର ପ୍ରକାଶ ପାଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିବା ସହ ଉପରକୁ ଉଠିଛି। ପୂର୍ବବର୍ଷ କିଟ୍ ୮୦୧+ ସ୍ଥାନରେ ରହିଥିବାବେଳେ ଏବର୍ଷ ୨ଶହ ର୍‍ୟାଙ୍କ ଉନ୍ନୀତ ହୋଇ ସମଗ୍ର ବିଶ୍ୱର ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ୬୦୧+ ସ୍ଥାନ ପାଇଛି। ଏଥିସହ ଦେଶର ପୂର୍ବାଞ୍ଚଳ ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କିଟ୍ ପ୍ରଥମ ସ୍ଥାନରେ ରହିଛି। ଶୈକ୍ଷିକ ପରିବେଶ, ଗବେଷଣା, ଆବୃତ୍ତି, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ଇଣ୍ଡଷ୍ଟ୍ରି ଇନ୍‌କମ୍ ଆଦି ମାନଦଣ୍ଡକୁ ନେଇ ଟାଇମ୍ସ ହାୟର ଏଜୁକେଶନ୍ ପକ୍ଷରୁ ବିଶ୍ୱର ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ନେଇ ଏହି ର୍‍ୟାଙ୍କ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ କିଟ୍ ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ସଫଳତା ମିଳିଥିବାରୁ କିଟ୍‌ର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ଖୁସି ଭରିଦେଇଛି। ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମିଳିତ ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନିମାପଡ଼ା,୧୨।୧୦(ଡି.ଏନ୍.ଏ.)

ପୁରୀ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲ୍‌ଫେୟାର ଅର୍ଗାନାଇଜେଶନ(ପିପିଡବ୍ଲ୍ୟୁଓ) ସହାୟତାରେ ଏକ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଆୟୋଜିତ ଶିବିରରେ ଅତିଥି ଭାବେ ବିଡିଓ ବସନ୍ତ ମଲ୍ଲିକ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷା ଅନସୂୟା ମହାନ୍ତି, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ଏନ୍‌ଏସି ଉପାଧକ୍ଷ ସନ୍ତୋଷ ଦାଶ, କାଉନସିଲର ଧନୁର୍ଦ୍ଧର ଦାସ, ପିପିଡବ୍ଲ୍ୟୁଓ ସଭାପତି ଗଗନ ବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଥିଲେ। ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା, ସେମାନଙ୍କୁ ପ୍ରତ୍ୟେକ ବ୍ୟକ୍ତି ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ୨୩୧ଜଣ ଚଳନବାଧିତ, ୫୬ଜଣ ଦୃଷ୍ଟିବାଧିତ, ୬୭ଜଣ ମାନସିକ ଅନଗ୍ରସର, ୫୬ଜଣ ଶ୍ରବଣବାଧିତଙ୍କ ସମେତ ମୋଟ ୪୧୦ଜଣ ଦିବ୍ୟାଙ୍ଗଙ୍କ ଚିହ୍ନଟ ସହ ପଞ୍ଜୀକରଣ ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଚିହ୍ନଟ ଦିବ୍ୟାଙ୍ଗଙ୍କୁ ପ୍ରଶାସନ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହି ଶିବିରରେ ସାନ୍ତା ମେମୋରିଆଲ ରିହାବିଲିଟେଶନ ସେଣ୍ଟର, ଭୁବନେଶ୍ୱରଙ୍କ ସହାୟତାରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୁରୀ ଜିଲା ଓ ନିମାପଡ଼ା ବ୍ଲକ କ୍ଷେତ୍ର କର୍ମଚାରୀଙ୍କ ସହଯୋଗରେ ୧୦୫ଜଣ ଚିହ୍ନଟ ଦିବ୍ୟାଙ୍ଗଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଜିଲା କ୍ଷେତ୍ର ସଂଯୋଜକ ଚିତ୍ତରଞ୍ଜନ ପରିଡା, ନିମାପଡ଼ା ବ୍ଲକ କ୍ଷେତ୍ର ସଂଯୋଜକ ଦିବାକର ନାୟକ, ନିର୍ମଳ ପ୍ରଧାନ, ପ୍ରଦୀପ ଦାସ, ପ୍ରେମାନନ୍ଦ ସାମନ୍ତସିଂହାର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।

# କେବଳ ମା'ବାପା ନୁହଁ, ଓଡ଼ିଶାବାସୀଙ୍କ ସେବା କରିବି: ତାପସ

## ଓସିଏସ୍‌ର ୩୯୧ ର୍‍ୟାଙ୍କରେ ମିଳିଲା ସଫଳତା

ଗୋପ,୧୨।୧୦(ଡି.ଏନ୍.ଏ.): ୨୪ ଘଣ୍ଟାରୁ ପରିବାରର କାର୍ଯ୍ୟ କରିବା ସହ ବାକି ଯାହା କିଛି ସମୟ ମିଳେ, ସେହି ସମୟରେ ପାଠ ପଢ଼ି ଓଡ଼ିଶା ସିଭିଲ ସର୍ଭିସ୍(ଓସିଏସ୍)ରେ ସଫଳତା ହାସଲ କରିଥିବା ତାପସ ଏବେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପ୍ରାତଃରୁ ଉଠି ପ୍ରଥମେ ଶଯ୍ୟାଶାୟୀ ମା' ଶଖୀମଣି, ବୃଦ୍ଧବାପା ଲିଙ୍ଗରାଜଙ୍କ ସେବା ଶୁଶ୍ରୂଷା କରିବା ସହ ପରିବାରର ସମସ୍ତ କାର୍ଯ୍ୟ ଶେଷ କରନ୍ତି। ଏପରିକି ପରିବାର ସଦସ୍ୟଙ୍କ ଲାଗି ତିନିବେଳାର ରୋଷେଇ ପ୍ରସ୍ତୁତ କରି ଖାଇବାକୁ ଦେଇଥାନ୍ତି। ଏହାପରେ ଯାହା ସମୟ ମିଳେ ସେହିସମୟରେ ପାଠପଢ଼ାରେ ମନ ଦେଇଥାନ୍ତି ବୋଲି ଗୋପ ବ୍ଲକ ଅଧୀନ ବେଣୀପୁର ଗ୍ରାମର ତାପସ ରଞ୍ଜନ ମଲ୍ଲିକ କହିଛନ୍ତି। ପ୍ରକାଶ ଯେ, ଓପିଏସ୍‌ସି ଦ୍ୱାରା ପରିଚାଳିତ ଓସିଏସ୍ ପରୀକ୍ଷାରେ ୩୯୧ନମ୍ବର ର୍‍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ତାପସ। ସେ ଦିହୁଡ଼ାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟରୁ ୧୦ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ପୁରୀ ଏସ୍‌ସିଏସ୍ କଲେଜରେ +୨ ଓ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ +୩ ପଢ଼ିଥିଲେ। ପରେ ରୋଜଗାର ନିମନ୍ତେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। ହେଲେ ବାପା ଲିଙ୍ଗରାଜଙ୍କ ଦେହ ଅସୁସ୍ଥ ଓ ମା' ପକ୍ଷାଘାତରେ ପୀଡ଼ିତ ହେବା ପରେ ସେ ଚାକିରି ଛାଡ଼ି ଘରେ ରହି ପିତାମାତାଙ୍କ ସେବା କରିଥିଲେ। ପିତାମାତାଙ୍କ ସେବା ବ୍ୟତୀତ ସେ ପାଠ ପଢ଼ି ଓସିଏସ୍ ପରୀକ୍ଷା ଦେବା ଲାଗି ପ୍ରସ୍ତୁତ ହୋଇଥିଲେ। ଶେଷରେ ଏହି ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଥିଲେ। ଏହି ସଫଳତା ମିଳିବା ପରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଟେଲିଫୋନ୍ ଯୋଗେ ତାପସଙ୍କୁ କୃତଜ୍ଞତା ଜଣାଇଥିବା ସମୟରେ ଗୋପ ପଞ୍ଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକ୍, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ କରୁଣାକର ସାହୁ ପ୍ରମୁଖ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏ ନେଇ ତାପସ କୁହନ୍ତି, ମାଆବାପା ହେଉଛନ୍ତି ଚଳନ୍ତି ଭଗବାନ। ତାଙ୍କର ସେବା, ସାଙ୍ଗସାଥୀଙ୍କ ପ୍ରେରଣା ମୋତେ ଏହି ସଫଳତାର ପାହାଚରେ ଠିଆ କରାଇପାରିଛି। ବର୍ତ୍ତମାନ କେବଳ ମାତାପିତାଙ୍କ ନୁହେଁ, ଓଡ଼ିଶାବାସୀଙ୍କ ସେବା କରିବି ବୋଲି ତାପସ କହିଛନ୍ତି।



ପରିବାର ସଦସ୍ୟ ଏବଂ ଅନ୍ୟମାନଙ୍କ ସହିତ ତାପସ ରଞ୍ଜନ ମଲ୍ଲିକ ।

# ୧୦ ଗ୍ରାମ ବ୍ରାଉନ ସୁଗାର ଜବତ: ୪ ଗିରଫ

ପୁରୀ ଅଫିସ, ୧୨।୧୦

ବ୍ରାଉନ ସୁଗାର କାରବାର ଅଭିଯୋଗରେ ଚନ୍ଦନପୁର ପୋଲିସ ବୁଧବାର ଚନ୍ଦନପୁର ବାଇପାସ୍ ଅଞ୍ଚଳରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ ଜିଲା ରଣପୁର ଅଞ୍ଚଳର ବିଶ୍ୱଜିତ୍ ପ୍ରଧାନ, ଚନ୍ଦନପୁର ଥାନା ଅନ୍ତର୍ଗତ ବାଙ୍ଗୁରବା ଗ୍ରାମର କୌଶସ ଭୋଇ, ଅରୁଣ କୁମାର ମିଶ୍ର ଏବଂ ସଦର ଥାନା ଅନ୍ତର୍ଗତ ମୁକୁନ୍ଦମିଶ୍ର ନଗରର ଗୋପିନାଥପୁରର ପ୍ରିୟବ୍ରତ ପ୍ରଧାନ। ପୋଲିସ ଏମାନଙ୍କ ଠାରୁ ୩ ମୋବାଇଲ, ଦୁଇଟି ବାଇକ, ୧୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏନେଇ କେସ ନଂ. ୨୪୩/୨୨ ରୁଜୁ ହୋଇଛି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଅସ୍ତରଙ୍ଗ,୧୨।୧୦(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ କୋରଣା ଗ୍ରାମପଞ୍ଚାୟତ ବନ୍ତିଲୋର ଶ୍ରୀଜଗନ୍ନାଥ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନମେଳାରେ ମୋଟ ୨୯ ଗୋଟି ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରାରମ୍ଭରେ ଅସ୍ତରଙ୍ଗ ବ୍ଲକ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି, ଖବରଦାତା ଦୁଃଶାସନ ନାୟକ, ଦ୍ୱିଜବର ବାଘ, କମଳା ରାଉତ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୩ ଗୋଟି ପ୍ରକଳ୍ପ ଯଥା ଶୁଭ୍ରାଂଶୁ ମଲ୍ଲିକ, ଆଦିତି ସାହୁ ଓ ସିପ୍ରାସ୍ମିତା ସ୍ୱାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ସିଲ୍ ପ୍ରଦାନ କରିଥିଲେ।

# ଅନିୟମିତତା କାର୍ଯ୍ୟ ସମ୍ପର୍କରେ ଶିବିରରେ ଆଲୋଚନା

## ବ୍ଲକସ୍ତରୀୟ ଜନଶୁଣାଣି

ଡେଲାଙ୍ଗ,୧୨।୧୦(ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍), ସାମାଜିକ ସୁରକ୍ଷା ସହାୟତା, ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନାର ପଞ୍ଚାୟତ ସମିତିସ୍ତରୀୟ ସାମାଜିକ ଜନଶୁଣାଣି ସମାବେଶ ମଙ୍ଗଳବାର ଡେଲାଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଗ୍ରାମ୍ୟ ବିକାଶ ସଂସ୍ଥାର ମୁଖ୍ୟ ନିର୍ବାହୀ ଜ୍ୟୋତିଶଙ୍କର ମହାପାତ୍ର, ଅଧକ୍ଷା ବାସନ୍ତୀ ସାହୁ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଜିଲା ପରିଷଦ ସଭ୍ୟା ପ୍ରଜ୍ଞା ଛୋଟରାୟ ଓ ଦୀପ୍ତିଶ୍ରୀ ରାଉତରାୟ, ଅତିରିକ୍ତ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, ସହକାରୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, ସହକାରୀ ପ୍ରକଳ୍ପ ଅଧିକାରୀ ଏଲସୋମା ଦେଈ, ସାମାଜିକ ସମୀକ୍ଷିକା ପ୍ରସାଦିନୀ ବିଶ୍ୱାଳ, ସହକାରୀ ସୁଜାତା ଭୁଜବଳଙ୍କ ସମେତ ୨୧ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା/ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଶୁଣାଣିରେ ଅଂଶ ଗ୍ରହଣ କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍ ପ୍ରକଳ୍ପ ଅଧୀନ ନଡ଼ିଆ ଚାରାରୋପଣ ସ୍ଥଳରେ କୌଣସି ସୂଚନାଫଳକ ନ ଥିବାରୁ ରେଞ୍ଚ, ସାଉରିଆ ଓ ମୁନିନ୍ଦା ପଞ୍ଚାୟତ ଉତ୍ତରଦାୟୀ କାର୍ଯ୍ୟକର୍ତ୍ତାଙ୍କୁ ୧ ହଜାର ଟଙ୍କା ଲେଖାଏ ଜରିମାନା ଧାର୍ଯ୍ୟ କରାଯାଇଥିଲା। ସେହିପରି ୮୦ ବର୍ଷ ବୟସ୍କଙ୍କୁ ଚିହ୍ନଟ କରାଯାଇ ନ ଥିବା, ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଭୋଟର ତାଲିକା ବୟସ ଓ ପ୍ରମାଣପତ୍ରରେ ତାଳମେଳ ନ ଥିବା, ମୃତ ବ୍ୟକ୍ତିଙ୍କ ନାମରେ ୧ ବର୍ଷ ହେଲା ଭତ୍ତା ଉଠାଣ ହେଉଥିବା, ପଞ୍ଚାୟତ ଜନଶୁଣାଣି ଶିବିରରେ ଦୃଷ୍ଟିକୁ ଆସିଥିବା ବିଭିନ୍ନ ଅନିୟମିତତା ଆଦି ଆଲୋଚନା ହୋଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷର ୬ ମାସ ମଧ୍ୟରେ ୧୨୪୫ ପ୍ରକଳ୍ପ ହାତକୁ ନିଆଯାଇଥିଲା ବେଳେ ୮୦୭ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା । ଏଥିରେ ୫ କୋଟି ୫୧ ଲକ୍ଷ ୫୩ ହଜାର ଟଙ୍କା ଉପଯୋଗ ହୋଇଛି। ୯୬ ଜଣଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯିବା ସହ ୧ ଲକ୍ଷ ୫୪ ହଜାର ୨୭୮ ମାନବ ଦିବସ ଉପଯୋଗ ହୋଇଛି ।

# ଦୁଇ କିଡ୍‌ନୀ ନଷ୍ଟ, ଜୀବନ ସହ ଯୁଝୁଛନ୍ତି ପ୍ରସନ୍ନ

## ବୃକକ ପ୍ରତିରୋପଣ ପାଇଁ ସହାୟତା ମାଗିଲେ ବାପା

କଣାସ, ୧୨।୧୦(ସ୍ୱ.ପ୍ର.)



ଯୁବ ବୟସରେ ଦୁଇ କିଡ୍‌ନୀ ନଷ୍ଟ ହୋଇଯାଇଛି। ଫଳରେ ଏବେ ବଞ୍ଚିବା ପାଇଁ ଜୀବନ ସହିତ ସଂଗ୍ରାମ କରୁଛନ୍ତି କଣାସ ବ୍ଲକ ଅନ୍ତର୍ଗତ ବଡଓରା ଗ୍ରାମର ୨୯ ବର୍ଷୀୟ ପ୍ରସନ୍ନ କୁମାର ସାହୁ। ନିରଞ୍ଜନ ସାହୁଙ୍କ ବଡ଼ପୁଅ ହେଉଛନ୍ତି ପ୍ରସନ୍ନ। ଏକ ବର୍ଷ ତଳେ ପ୍ରସନ୍ନଙ୍କ ପେଟ ଯନ୍ତ୍ରଣା ହେଉଥିଲା। ପ୍ରଥମେ ସେ ଭୁବନେଶ୍ୱର ଏମ୍ସରେ ଡାକ୍ତରଙ୍କୁ ଦେଖାଇଥିଲେ। ପରୀକ୍ଷା ନିରୀକ୍ଷା ପରେ ଡାକ୍ତର କହିଲେ ଦୁଇଟି ଯାକ କିଡ୍‌ନୀ ନଷ୍ଟ ହୋଇ ଯାଇଛି, ଏହା ପ୍ରତିରୋପଣ କରିବାକୁ ପଡ଼ିବ। ଏହି କଥା ଶୁଣି ପିତା ନିରଞ୍ଜନଙ୍କ ମୁଣ୍ଡରେ ଚଡ଼କ ପଡ଼ିଲା। ଏତେ ଟଙ୍କା କେଉଁଠୁ କିପରି ଯୋଗାଡ଼ କରିବେ ଓ ପୁଅର କିଡ୍‌ନୀ ପ୍ରତିରୋପଣ ହେବ ସେଇ ଚିନ୍ତା ତାଙ୍କୁ ଘାରିଛି। ପ୍ରସନ୍ନ ଔଷଧ ଖାଇ ଜୀବନ ସହିତ ସଂଘର୍ଷ କରୁଛନ୍ତି। ଔଷଧ ପାଇଁ ବହୁ ଟଙ୍କା ବ୍ୟୟ କରିବାକୁ ପଡୁଛି। ଏଥିଲାଗି ମଧ୍ୟ ନିରଞ୍ଜନଙ୍କର ଆଉ ସମ୍ବଳ ନାହିଁ। ପ୍ରସନ୍ନଙ୍କ ସ୍ୱାସ୍ଥ୍ୟବସ୍ଥା ଧିରେ ଧିରେ ଗୁରୁତର ହେବାରେ ଲାଗିଛି। ଆପୋଲୋ ହସ୍ପିଟାଲର ଡାକ୍ତର ନିଶିଥ କୁମାର ମହାନ୍ତି କହିଛନ୍ତି, ଶୀଘ୍ର ଦୁଇଟି କିଡ୍‌ନୀ ରୋପଣ କରିବାକୁ ପଡ଼ିବ ଏବଂ ଏଥିଲାଗି ୯ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଅନ୍ୟପକ୍ଷରେ ଏତେ ଟଙ୍କା କେଉଁଠାରୁ ମାତାପିତା ସଂଗ୍ରହ କରିବେ ଓ ପୁଅକୁ ବଞ୍ଚାଇବେ ତାହା ଏବେ ନିରଞ୍ଜନଙ୍କ ପାଇଁ ସବୁଠୁ ବଡ଼ ଚିନ୍ତା ପାଲଟିଛି। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ପୁଅ ଜୀବନ ବଞ୍ଚାଇବା ଲାଗି ସେ ସହୃଦୟ ବ୍ୟକ୍ତିମାନଙ୍କ ସହଯୋଗ କାମନା କରିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇବାକୁ ଚାହାନ୍ତି ତେବେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆକାଉଣ୍ଟ ନଂ- ୩୫୦୦୨୮୧୦୮୨୨, ଆଇ.ଏଫ୍.ସି କୋଡ୍ ନଂ-ଏସ୍‌ବିଆଇଏନ୍ ୦୦୧୩୫୭୦ରେ ଟଙ୍କା ପଠାଇବାକୁ ଅନୁରୋଧ। ଏଥିଲାଗି ମୋବାଇଲ ଫୋନ୍ ନଂ-୭୬୦୯୯୮୩୮୯ରେ ଯୋଗାଯୋଗ ମଧ୍ୟ କରିପାରିବେ।